

ମେସିଙ୍କ ବିଶ୍ୱକପ୍ ରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-05 ♦MONDAY ♦29 JUNE 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୦୫ ♦ସୋମବାର ♦୨୯ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର 30 ଜୁନ 2026 ପର୍ଯ୍ୟନ୍ତ ବୈଧ ଅଟେ । ପଲ୍ସର୍ N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର୍, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444• **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441** • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Brahmagiri MSB BAJAJ 7008198739 Sakhigopal MSB BAJAJ 9124590859** • **Jankia BHARAT BAJAJ 9348768960** •Cuttack: **Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • Rahama MAITREE BAJAJ 9668801781, **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979 • **Chandikhole** TARINI BAJAJ 9937310800, • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781.



## ସ୍କୁଟରକୁ ଘୋଷାରି ନେଲା ଟ୍ରକ୍

ଭୁବନେଶ୍ୱର,୨୯।୬(ସମିସ): ଲକ୍ଷ୍ମୀସାଗର ଛକରେ ରବିବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଟ୍ରକ୍ଟି ସ୍କୁଟରକୁ ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଯାଇଥିଲା। ସ୍କୁଟର ଚାଳକ ନୃସିଂହ ସାହୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତି କରାଯାଇଛି। ଖବର ପାଇ ଲକ୍ଷ୍ମୀସାଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କୌଶଲ୍ୟାଗଙ୍ଗରେ ସିରିଜ୍ ଦୁର୍ଘଟଣା

ଧଉଳି,୨୮।୬(ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ କୌଶଲ୍ୟାଗଙ୍ଗ ଫାଣ୍ଡି ଗୁଡିଆପୋଖରୀ ନିକଟରେ ସିରିଜ୍ ଦୁର୍ଘଟଣା ଘଟିଛି। ପ୍ରଥମେ ଏକ ମହିନ୍ଦ୍ରା କାର ନାଲି ରଙ୍ଗର ସ୍ୱିଫ୍ଟ ଡିଜେୟାର କାରକୁ ଧକ୍କା ଦେବା ସହ ଏକ ବେଟାରୀ ଚାଳିତ କାରକୁ ସାଇଡ ମାରି ବାଳକାଟି ଅଭିମୁଖେ ଆସୁଥିଲା। ଏହି ସମୟରେ ସ୍ୱିଫ୍ଟ ଡିଜେୟାର ଏବଂ ବେଟ୍ରି ଚାଳିତ କାର ଉକ୍ତ ମହିନ୍ଦ୍ରା କାରକୁ ପିଛା କରି କରି ବାଳକାଟି ଭର୍ଗବୀ ବ୍ରିଜ୍ ନିକଟରେ ଅଟକାଇବୁ ଚେଷ୍ଟା କରିବା ବେଳେ ଏକ କଳାରଙ୍ଗର କ୍ରେଟା ଉକ୍ତ ବ୍ୟାଟେରୀ ଚାଳିତ କାରକୁ ଧକ୍କା ଦେଇଥିଲା। ଯାହା ଫଳରେ ୪ ଗାଡି ପରସ୍ପର ମଧ୍ୟରେ ଧକ୍କା ହେବାରୁ ସେତୁ ଉପରେ ଉତ୍ତେଜନା ଦେଖାଦେଇଥିଲା। ୪ ଟି କାର ଚାଳକ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କିଛି ସମୟ ପାଇଁ ସେତୁ ଉପରେ ଟ୍ରାଫିକ ସମସ୍ୟା ଦେଖାଦେବା ସହ ଯାନବାହନ ଯାତାୟାତରେ ସମସ୍ୟା ଦେଖାଦେଇଥିଲା। ଖବରପାଇ ବାଳକାଟି ଫାଣ୍ଡି ପୁଲିସ ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ଦୁର୍ଘଟଣା ଗ୍ରସ୍ତ ୪ ଟି କାରକୁ ଫାଣ୍ଡିକୁ ଆଣିଥିଲେ। ସେଠାରେ ଗାଡି ଚାଳକଙ୍କ ସହ ଆଲୋଚନା କରିବା ସହ ତଦନ୍ତ ଚଳାଇଛି।

### ଯୁବକର ଉନ୍ମତ୍ତ କାଣ୍ଡ

## ଘରେ ପଶି ପୁଅର ତଣ୍ଟି ଚିପିଲା, ଝିଅକୁ ମାଡ଼ ମାରିଲା

ଭୁବନେଶ୍ୱର, ୨୮।୬ (ସମିସ): ରାତି ଅଧରେ ଉନ୍ମତ୍ତ କାଣ୍ଡ ଭିଆଇଛି ଅସାମାଜିକ ଯୁବକ। ଜଣେ ମହିଳାଙ୍କ ଘରେ ପଶି ତାଙ୍କ ପୁଅର ତଣ୍ଟି ଚିପିବା ସହ ଝିଅକୁ ମାଡ଼ ମାରିଛି। ପୋଖରୀପୁଟ ଭୋଇ ସାହି ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭୋଇ ସାହିର ପ୍ରଦୀପ ସାମଲ ଓରଫ୍ ହୁଲା (୩୪)।



ପୁଲିସ ସୂଚନାନୁସାରେ, ଜଣେ ମହିଳା ତାଙ୍କ ପୁଅ ଓ ଝିଅ ସହ ପୋଖରୀପୁଟ ଭୋଇ ସାହିରେ ରହୁଛନ୍ତି। ଗତକାଲି ରାତି ପ୍ରାୟ ୧୦ଟା ୪୦ରେ ହୁଲା ତାଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ମହିଳାଙ୍କ ୧୦ ବର୍ଷର ପୁଅର ତଣ୍ଟି ଚିପି ଧରିବା ସହ ୩ ବର୍ଷର ଝିଅକୁ ଆକ୍ରମଣ କରିଥିଲା। ମହିଳା ଜଣକ ପ୍ରତିବାଦ କରିବାରୁ ତାଙ୍କୁ କାଠ ଫାଳିଆରେ ଆକ୍ରମଣ କରିବା ସହ ଠେଲାପେଲା କରିଥିଲା। ଟଣାଓଟରା କରି ମହିଳାଙ୍କୁ ଦୁର୍ବ୍ୟବହାର କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ମହିଳା ଏନେଇ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ହୁଲାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ମାଲିକ ଘରୁ ଗାଡ଼ି ଚୋରି

## ବାଦାମବାଡ଼ିରୁ ଧରାପଡ଼ିଲା ବିଶ୍ୱାସଘାତକ ଭଡ଼ାଟିଆ



ଭୁବନେଶ୍ୱର, ୨୮।୬ (ସମିସ): ମାଲିକ ଘରୁ ଗାଡ଼ି ଚୋରି କରିଥିବା ଅଭିଯୋଗରେ ଭଡ଼ାଟିଆକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସୁନ୍ଦରପଦା ଆରାଧନା ନଗରରେ ରହୁଥିବା ଭଦ୍ରକ ଚାନ୍ଦବାଲିର ସୌମେନ୍ଦ୍ର ଦାଶ (୪୪)।

ପୁଲିସ ସୂଚନାନୁସାରେ, ସୌମେନ୍ଦ୍ର ସୁନ୍ଦରପଦା ଆରାଧନା ନଗରର ସସ୍ମିତା ସାହୁଙ୍କ ଘରେ ଭଡ଼ାରେ ରହୁଛନ୍ତି। ଗତ ୧୭ ତାରିଖ ଦିନ ସସ୍ମିତାଙ୍କ ବାଇକ୍ ନିଜ ଘର ଗ୍ୟାରେଜରେ ପାର୍କ ହୋଇଥିଲା। ସନ୍ଧ୍ୟା ସମୟରେ ସୌମେନ୍ଦ୍ର ଉକ୍ତ ଗାଡ଼ିଟିକୁ ଚୋରି କରି ନେଇଥିଲା। ବହୁ ଖୋଜାଖୋଜି ସତ୍ତ୍ୱେ ଗାଡ଼ିଟିର ସନ୍ଧାନ ନ ମିଳିବାରୁ ସସ୍ମିତା ପରେ ଏୟାରଫିଲ୍ଡ ଥାନାରେ ଏତଲା ଦେଇଥିଲେ। ଭଡ଼ାଟିଆ ସୌମେନ୍ଦ୍ର ହିଁ ଗାଡ଼ି ଚୋରି କରିଥିବା ପୁଲିସ ସିସିଟିଭି କ୍ୟାମେରା ଫୁଟେଜ ଓ ଅନ୍ୟାନ୍ୟ ବୈଷୟିକ ବିଶ୍ଳେଷଣ ମାଧ୍ୟମରେ ଜାଣିବାକୁ ପାଇଥିଲା। ରବିବାର ବାଦାମବାଡ଼ି ଅଞ୍ଚଳରେ ଚଢ଼ଉ କରି ସୌମେନ୍ଦ୍ରକୁ ଗିରଫ କରିବା ସହ ତା' ଠାରୁ ବାଇକ୍ ଜବତ କରିଥିଲା। ସେ ବାଦାମବାଡ଼ି ଥାନା ଅଞ୍ଚଳରୁ ଆଉ ଏକ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲା। ସୌମେନ୍ଦ୍ର ପୂର୍ବରୁ ବାଦାମବାଡି, ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର, କଟକ ମହିଳା ଥାନାର ୪ଟି ମାମଲାରେ ଜଡ଼ିତ ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ

ଭୁବନେଶ୍ୱର, ୨୮।୬ (ସମିସ):

ରାଜଧାନୀ ଉପକଣ୍ଠରୁ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରି ନେଇଛି। ଖାଲି ଅପହରଣ ନୁହେଁ, ତାଙ୍କୁ ବିଭିନ୍ନ ସ୍ଥାନରେ ରଖି ଜୋରଜବରଦସ୍ତି ଦୁଷ୍କର୍ମ ମଧ କରିଛି। ୯ ଦିନ ପରେ ପୀଡ଼ିତା ଖସି ଆସିଛନ୍ତି। କଣ୍ଟାବାଡ଼ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଳାଶପଲ୍ଲୀ ବସ୍ତିର ସୁପ୍ରିୟ ମହାରଣା (୨୦)।



**ପୁରୀ ଓ ପିପିଲିରେ ନେଇ ରଖିଥିଲା**

**ଅପହରଣର ୯ ଦିନ ପରେ ଖସି ଆସିଥିଲେ ପୀଡ଼ିତା**

ପୁଲିସ ସୂଚନାନୁଯାୟୀ, ପୀଡ଼ିତା କଣ୍ଟାବାଡ଼ ଅଞ୍ଚଳର ହୋଇଥିବା ବେଳେ ଦଶମ ଶ୍ରେଣୀରେ ପଢ଼ୁଛନ୍ତି। ସୁପ୍ରିୟ ଅନେକ ସମୟରେ ତାଙ୍କ ଘର ପାଖକୁ ଯିବାଆସିବା କରୁଥିବାରୁ ପୀଡ଼ିତାଙ୍କ ସହ ପରିଚୟ ଥିଲା। ଗତ ୧୭ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳରେ ରଜ ମହୋତ୍ସବ ହେଉଥିବା ବେଳେ ଛାତ୍ରୀ ଜଣକ ନାଚ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିଲେ। ସୁପ୍ରିୟ ସେଠିଠାରୁ ତାଙ୍କୁ ଅପହରଣ କରି ନେଇଥିଲା। ଅପହରଣ ପରେ ପୁରୀ ନେଇ ପଳାଇଥିଲା। ଦିନକ ପରେ ପୁଣି ପିପିଲି ଅଞ୍ଚଳରେ ଥିବା ତାର ସମ୍ପର୍କୀୟ ଘରକୁ ନେଇଥିଲା। ଅପହରଣ ଠାରୁ ୯ ଦିନ ଧରି ଛାତ୍ରୀଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲା। ଛାତ୍ରୀ ଜଣକ ବିରୋଧ କରିଥିଲେ ମଧ୍ୟ ସୁପ୍ରିୟର କୌଣସି ଫରକ ପଡ଼ିନଥିଲା। ଗତ ୨୫ ତାରିଖ ଦିନ ପୀଡ଼ିତା କୌଶଳ କ୍ରମେ ସୁପ୍ରିୟ କବଳରୁ ଖସି ଆସିଥିଲା।

ଖବରପାଇ ଚନ୍ଦକା ଥାନା ପୁଲିସ ଫରେଷ୍ଟ ପାର୍କ ଅଞ୍ଚଳରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ପ୍ରଥମେ ବିଏନ୍ଏସ୍ଏସ୍ ଧାରା ୧୮୦ ଧାରାରେ ପୀଡ଼ିତା ବୟାନ ରେକର୍ଡ କରିଥିଲା। ପରେ ବିଏନ୍ଏସ୍ଏସ୍ ଧାରା ୧୮୩ ଅନୁଯାୟୀ ମାଜିଷ୍ଟ୍ରେଟଙ୍କ ନିକଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ସହ ଡାକ୍ତରୀ ମାଇନା କରାଯାଇଥିଲା। ଆରମ୍ଭରୁ ଅପହରଣ ମାମଲା ରୁଜୁ କରିଥିବା ପୁଲିସ ନାବାଳିକାର ବୟାନ ପରେ ଦୁଷ୍କର୍ମ ଦଫା ଯୋଡ଼ିଥିଲା। ରବିବାର ସୁପ୍ରିୟକୁ ଗିରଫ କରି ଡାକ୍ତରୀ ମାଇନା କରିଥିଲା। ପ୍ରାଥମିକ ତଦନ୍ତ ପରେ ସୁପ୍ରିୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶ ଥାଉ କି ଗତ ତିନିଦିନ ଧରି ରାଜଧାନୀର ବିଭିନ୍ନ ଥାନାରେ ଲଗାତର ଭାବେ ୪ଟି ଦୁଷ୍କର୍ମ ଅଭିଯୋଗ ହୋଇଛି। ଶନିବାର ଜଣେ ନାବାଳିକା ତଥା ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ତମାଣ୍ଡୋ ଥାନାରେ ଅଭିଯୋଗ ହୋଇଥିବା ବେଳେ ଏହି ଘଟଣାରେ ପୁଲିସ ଚନ୍ଦକା ଥାନା ଅଞ୍ଚଳର ବୈଭବ ରଞ୍ଜନ ଦାସ (୧୯)ଙ୍କୁ ଗିରଫ ମଧ୍ୟ କରିଥିଲା। ସେହିଭଳି ଷ୍ଟୁଡିଓ ଭିତରେ ଯୁକ୍ତ ୩ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଷ୍ଟୁଡିଓ ମାଲିକ ଡେଲାଙ୍ଗ ଥାନା ସିଙ୍ଗି ବ୍ରହ୍ମପୁରର ଲୋକନାଥ ଦାସ (୩୨)ଙ୍କୁ ଶୁକ୍ରବାର ଗିରଫ କରିଥିଲା ଭରତପୁର ଥାନା ପୁଲିସ। ରାଜଧାନୀର ଏକ ହୋଟେଲରେ ରହୁଥିବା ବଙ୍ଗୀୟ ମହିଳା ଦୁଷ୍କର୍ମ ଉଦ୍ୟମର ଶିକାର ହୋଇଥିବା ନେଇ ଶୁକ୍ରବାର ଆଉଏକ ଅଭିଯୋଗ ହୋଇଥିଲା। ଜିଏ କଲୋନୀ ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ହୋଟେଲ କର୍ମଚାରୀକୁ ଗତକାଲି ଗିରଫ କରିଥିଲା ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲେଶ୍ୱର ସୋର ଥାନା ଶିରପୁରର ଜୟନ୍ତ କୁମାର ନାୟକ (୩୮)।

# ଲିଙ୍ଗରାଜ ମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

ଭୁବନେଶ୍ୱର,୨୮।୬(ସମିସ): ଏକାଦଶ ଶତାବ୍ଦୀର ଐତିହାସିକ କୀର୍ତ୍ତିରାଜି ତଥା ସୁରକ୍ଷିତ ସ୍ମାରକୀ ଲିଙ୍ଗରାଜ ମନ୍ଦିର ଉପରେ ବିନା ଅନୁମତିରେ ଡ୍ରୋନ୍ ଉଡାଇବା ଘଟଣାରେ ଲିଙ୍ଗରାଜ ଥାନା ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାରେ ଡ୍ରୋନ୍ ଓ ମୋଟରସାଇକେଲ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁସାରେ, ୨୮ ଜୁନ୍ ୨୦୨୬ ତାରିଖରେ ଲିଙ୍ଗରାଜ ମନ୍ଦିର ସୁରକ୍ଷିତ ପରିସର ଉପରେ କେହି ଜଣେ ବ୍ୟକ୍ତି ବେଆଇନ ଭାବେ ଡ୍ରୋନ୍ ଉଡାଉଥିବା ସମ୍ପର୍କରେ ଖବର ମିଳିଥିଲା। ସୂଚନା ପାଇବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲିଙ୍ଗରାଜ ଥାନା ପୁଲିସ ଏହି ଘଟଣାରେ ଥାନା କେସ୍ ନମ୍ବର ୧୯୬/୨୦୨୬ ରୁଜୁ କରିଛି। ଏହି ମାମଲାରେ ଅଭିଯୁକ୍ତ ଭାବେ ଚିହ୍ନଟ ହୋଇଛନ୍ତି ସମ୍ବିତ କୁମାର କର ଓରଫ କାଳିଆ (୩୫ ବର୍ଷ)। ତାଙ୍କ ପିତାଙ୍କ ନାମ ଉମାକାନ୍ତ କର। ସେ ଖଣ୍ଡଗିରି ଥାନା ଅଧୀନ ଦୁମୁଦୁମା ହାଉସିଂ ବୋର୍ଡ କଲୋନିରେ ରୁହନ୍ତି। ତଦନ୍ତ ସମୟରେ ଅଭିଯୁକ୍ତ ଘଟଣା ଘଟାଇବା ପାଇଁ ବ୍ୟବହାର କରିଥିବା ଡ୍ରୋନ୍ ଓ ଘଟଣାସ୍ଥଳକୁ ଆସିବା ପାଇଁ ବ୍ୟବହୃତ ମୋଟରସାଇକେଲକୁ ପୁଲିସ ଜବତ କରିଛି। ପୁଲିସ ପକ୍ଷରୁ ଅଭିଯୁକ୍ତ ସମ୍ବିତ କୁମାର କରଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୩୫(୩) ଅନୁଯାୟୀ ନୋଟିସ୍ ଜାରି କରାଯାଇଛି। ତାଙ୍କୁ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଡ୍ରୋନ୍ ଜବତ, ଅଭିଯୁକ୍ତ ବିରୋଧରେ ମାମଲା ରୁଜୁ**

ଉଲ୍ଲେଖଯୋଗ୍ୟ ଯେ, ପ୍ରାଚୀନ ସ୍ମାରକୀ ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଓ ଅବଶେଷ ଆଇନ, ୧୯୫୮ ଅନୁଯାୟୀ କୌଣସି ସୁରକ୍ଷିତ ସ୍ମାରକୀ ପରିସରର ୧୦୦ ମିଟର ପରିଧି ମଧ୍ୟରେ ବିନା ଅନୁମତିରେ ଡ୍ରୋନ୍ ଉଡାଣ, ଫଟୋଗ୍ରାଫି ବା ଭିଡିଓଗ୍ରାଫି ସମ୍ପୂର୍ଣ୍ଣ ନିଷେଧ। ଲିଙ୍ଗରାଜ ମନ୍ଦିର ଏକ କେନ୍ଦ୍ରୀୟ ସୁରକ୍ଷିତ ସ୍ମାରକୀ ହୋଇଥିବାରୁ ଏଠାରେ ଏଭଳି କାର୍ଯ୍ୟକଳାପ ଦଣ୍ଡନୀୟ ଅପରାଧ। ଏହାଦ୍ୱାରା ମନ୍ଦିରର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବା ସହ ଧାର୍ମିକ ଭାବନାକୁ ମଧ୍ୟ ଆଘାତ ଲାଗିପାରେ। କମିଶନରେଟ ପୁଲିସ ପକ୍ଷରୁ କୁହାଯାଇଛି ଯେ, ସୁରକ୍ଷିତ ସ୍ମାରକୀ ଓ ଧାର୍ମିକ ସ୍ଥଳଗୁଡିକ ଉପରେ ଡ୍ରୋନ୍ ଉଡାଣ ଉପରେ କଡା ନଜର ରଖାଯାଇଛି। ବିନା ଅନୁମତିରେ ଡ୍ରୋନ୍ ଉଡାଇଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜନସାଧାରଣଙ୍କୁ ଏ ସମ୍ପର୍କରେ ସଚେତନ ରହିବାକୁ ଏବଂ ନିୟମ ଉଲ୍ଲଂଘନ ନ କରିବାକୁ ପୁଲିସ ଅନୁରୋଧ କରିଛି।

ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି। ଅଭିଯୁକ୍ତ କେଉଁ ଉଦ୍ଦେଶ୍ୟରେ ଡ୍ରୋନ୍ ଉଡାଉଥିଲେ, ସେ ଏକାକୀ ଥିଲେ ନା ଆଉ କେହି ସମ୍ପୃକ୍ତ ଅଛନ୍ତି, ସେ ସମ୍ପର୍କରେ ପୁଲିସ ଅନୁସନ୍ଧାନ ଚଳାଇଛି। ଜବତ ଡ୍ରୋନ୍?ର ମେମୋରି କାର୍ଡ ଓ ଫୁଟେଜ୍?କୁ ମଧ୍ୟ ଯାଞ୍ଚ କରାଯାଉଛି।

### ଦେବସ୍ନାନ ପୂର୍ଣ୍ଣିମା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା

## ରାଜଧାନୀ ଜଗିବେ ୭ ସେକ୍ସନ ପୁଲିସ

ଭୁବନେଶ୍ୱର, ୨୮।୬ (ସମିସ): ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାରେ ଦେବସ୍ନାନ ପୂର୍ଣ୍ଣିମାର ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ କମିଶନରେଟ ପୁଲିସ ଭୁବନେଶ୍ୱର-କଟକ ପକ୍ଷରୁ ବ୍ୟାପକ ପୁଲିସ ଓ ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ପ୍ରମୁଖ ଜଗନ୍ନାଥ ମନ୍ଦିରଗୁଡ଼ିକ ଇସ୍କନ ମନ୍ଦିର, କିଟ୍ ଜଗନ୍ନାଥ ମନ୍ଦିର ଓ ବାଳକାଟି ସୁଦର୍ଶନ ଦାରୁପୀଠରେ ମହିଳା ପୁଲିସ କର୍ମଚାରୀଙ୍କ ସମେତ ମୋଟ ୭ ସେକ୍ସନ ପୁଲିସ ଫୋର୍ସ ନିୟୋଜିତ କରାଯାଇଛି। ଏଥିସହ ସମସ୍ତ ଥାନା ଅଧୀନରେ ଥିବା ଜଗନ୍ନାଥ ମନ୍ଦିରଗୁଡ଼ିକରେ ସମ୍ପୃକ୍ତ ଥାନାର ଅଧିକାରୀ ଓ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ଆଇନଶୃଙ୍ଖଳା ରକ୍ଷା ଓ ଭକ୍ତମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବରିଷ୍ଠ ପୁଲିସ ଅଧିକାରୀମାନେ ସମସ୍ତ ବ୍ୟବସ୍ଥାର ତଦାରଖ କରିବେ। ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀକୁ ବହୁ ସଂଖ୍ୟାରେ ତୀର୍ଥଯାତ୍ରୀଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ପୁରୀ ରାସ୍ତାରେ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ବ୍ୟବସ୍ଥା କରାଯାଇଛି। ପିସିଆର ଓ ପୁଲିସ ମୋବାଇଲ ଦ୍ୱାରା ପାଟ୍ରୋଲିଂ କରାଯିବା ସହ ଯାନବାହନ ଚଳାଚଳ ସୁଗମ କରିବା ଓ ଭିଡ଼ ନିୟନ୍ତ୍ରଣ ପାଇଁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଟ୍ରାଫିକ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଭକ୍ତମାନଙ୍କୁ ପୁଲିସକୁ ସହଯୋଗ କରିବା ଟ୍ରାଫିକ ପରାମର୍ଶ ଓ ଘଟଣାସ୍ଥଳରେ ଜାରି ନିର୍ଦ୍ଦେଶାବଳୀ ପାଳନ କରିବା ଏବଂ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ନିକଟସ୍ଥ ପୁଲିସ କର୍ମଚାରୀଙ୍କୁ ତୁରନ୍ତ ଜଣାଇବାକୁ ଅନୁରୋଧ କରାଯାଇଛି।

# 'ଚେଜିଂ ସ୍ୟାଡୋ'ରେ ଆଲୋକ, ଛାୟାର କଳାତ୍ମକ ପରିଚୟ

ବାଲିଅନ୍ତା, ୨୮।୬(ସମିସ): ଶକୁନ୍ତଳା ଆର୍ଟ ଗ୍ୟାଲେରୀ, ଉତ୍ତରା ସାସନ, କୌଶଳଗଙ୍ଗାଠାରେ ଆୟୋଜିତ ପାଞ୍ଚଦିନିଆ ଚିତ୍ରକଳା ପ୍ରଦର୍ଶନୀ 'ଚେଜିଂ ସ୍ୟାଡୋ' ଉଦ୍ଘାଟିତ ହୋଇଛି। ଏହାକୁ ନ୍ୟୁଜ-୭ର ସିନିୟର ଆର୍ଟ ଡାଇରେକ୍ଟର ସଂଗ୍ରାମ ମହାରଣା ଏବଂ ଭିଜୁଆଲ ଆର୍ଟିଷ୍ଟ ମମତା ସାମନ୍ତରାୟ ଯୁଗ୍ମ ଭାବେ ପ୍ରଦର୍ଶନୀର ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶକୁନ୍ତଳା ଆର୍ଟ ଗ୍ୟାଲେରୀର ନିର୍ଦ୍ଦେଶକ ଓ ବରିଷ୍ଠ ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ସମକାଳୀନ ଚିତ୍ରକଳାର ବିଭିନ୍ନ ଭାବଧାରାକୁ ଏକ ମଞ୍ଚରେ ଆଣିବା ସହ ନୂତନ ଓ ପ୍ରତିଷ୍ଠିତ ଶିଳ୍ପୀଙ୍କ ମଧ୍ୟରେ ସୃଜନଶୀଳ ସଂଳାପ ସୃଷ୍ଟି କରିବା ହେଉଛି ଏହି ପ୍ରଦର୍ଶନୀର ମୂଳ ଉଦ୍ଦେଶ୍ୟ। ଉଦ୍ଘାଟକ ଅତିଥି ଶ୍ରୀ ସଙ୍ଗ୍ରାମ ମହାରଣା ତାଙ୍କ ଅଭିଭାଷଣରେ କହିଥିଲେ ଯେ, କଳା କେବଳ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ନୁହେଁ, ଏହା ସମାଜ, ସମୟ ଓ ମାନବୀୟ ଚେତନାର ଦର୍ପଣ। ଶ୍ରୀମତୀ ମମତା ସାମନ୍ତରାୟ ଓଡ଼ିଶାର ଚିତ୍ରକଳା ଜଗତରେ ନୂତନ ପିଢ଼ିର ଶିଳ୍ପୀମାନଙ୍କ ସୃଜନଶୀଳ ଅବଦାନକୁ ପ୍ରଶଂସା କରିବା ସହ ଏପରି ପ୍ରଦର୍ଶନୀ କଳାଚର୍ଚ୍ଚାକୁ ସମୃଦ୍ଧ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। 'ଚେଜିଂ ସ୍ୟାଡୋ' ଶୀର୍ଷକ ଅନୁରୂପ ପ୍ରଦର୍ଶନୀରେ ଆଲୋକ ଓ ଛାୟାର ଦାର୍ଶନିକ ସମ୍ପର୍କ, ପ୍ରକୃତିର ରୂପବୈଚିତ୍ର୍ୟ, ମାନବୀୟ ଅନୁଭୂତି, ସାମାଜିକ ପରିବର୍ତ୍ତନ, ଆଧ୍ୟାତ୍ମିକ ଚେତନା ଏବଂ ଓଡ଼ିଆ ସଂସ୍କୃତିର ବିଭିନ୍ନ ଦିଗକୁ ଚିତ୍ରଭାଷାରେ ଉପସ୍ଥାପନ କରାଯାଇଛି। ବାସ୍ତବବାଦ, ଅର୍ଦ୍ଧ-ଅମୂର୍ତ୍ତ ଓ ସମକାଳୀନ ଶୈଳୀର ଅନେକ କଳାକୃତି ଦର୍ଶକମାନଙ୍କୁ ବିଶେଷ ଭାବରେ ଆକର୍ଷିତ କରୁଛି। ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନେ ହେଲେ,ଅରୁଣ ଜେନା, ଅତସୀ ବସୁ ଜେନା, ବିଜୟ ମଲ୍ଲିକ, ଦୀପକ ବିଶ୍ୱାଳ, ଡ଼. ଦୁର୍ଗା ମାଧବ କର, ଡ଼. ପଞ୍ଚାନନ ସାମଲ, ଜନାର୍ଦ୍ଦନ ପରମଗୁରୁ, ଜ୍ୟୋତ୍ସ୍ନାରାଣୀ ବିଶ୍ୱାଳ, ନମିତା ସାହୁ, ନିରୋଦ ନଳିନୀ ବେହେରା, ପ୍ରଦୀପ କୁମାର ପାଣ୍ଡେ, ପ୍ରିୟଦର୍ଶିନୀ ମହାନ୍ତି, ରାଜେଶ ନାୟକ, ଶିବନାରାୟଣ ମହାପାତ୍ର, ସନ୍ତୋଷ ମହାରଣା ଏବଂ ତେଜସ୍ୱିନୀ ସାମନ୍ତସିଂହାର। ପ୍ରଦର୍ଶନୀଟି ୨୮ ଜୁନରୁ ୨ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। କଳାପ୍ରେମୀ, ସଂଗ୍ରାହକ, ଛାତ୍ରଛାତ୍ରୀ ଓ ସାଧାରଣ ଦର୍ଶକମାନଙ୍କୁ ପ୍ରଦର୍ଶନୀ ପରିଦର୍ଶନ କରିବାକୁ ଆୟୋଜକ ସୁଦର୍ଶନ ପରମଗୁରୁଙ୍କ ପକ୍ଷରୁ ଆମନ୍ତ୍ରଣ ଜଣାଯାଇଛି।



### ତାରକା ହୋଟେଲରେ ଗଣ୍ଡଗୋଳ

# କମାଣ୍ଡାଣ୍ଟଙ୍କ ପୁତୁରା ସମେତ ୩ ଗିରଫ

ଭୁବନେଶ୍ୱର, ୨୮।୬ (ସମିସ):

ଶନିବାର ରାତିରେ ରାଜଧାନୀର ଏକ ତାରକା ହୋଟେଲରେ ଗଣ୍ଡଗୋଳ ହୋଇଛି। ଅଭିଯୋଗ ପାଇବା ପରେ କମାଣ୍ଡାଣ୍ଟଙ୍କ ପୁତୁରା ସମେତ ୩ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କମାଣ୍ଡାଣ୍ଟଙ୍କ ପୁତୁରା ତଥା କାନନ ବିହାରର ପୁଣ୍ୟ ପ୍ରସନ୍ନ ମହାନ୍ତି (୨୨), ଶୈଳଶ୍ରୀବିହାରର ଆଶୀର୍ବାଦ ଧିର (୨୫) ଓ ପଥରଗାଡ଼ିଆର ନିଖିଲ କୁମାର ସାହୁ (୨୩)।

**ମୋବାଇଲରେ ମାରି ମୁଣ୍ଡ ଫଟାଇଥିଲେ**

**ଅଭିଯୁକ୍ତ ନାଁରେ ଡଜନେ ମାମଲା**



ପୁଲିସ ସୂଚନା ଅନୁସାରେ, ପଟିଆର ରାଜ୍ କୁମାର ମେହେର, ତାଙ୍କ ସାଙ୍ଗ ବିଜୟ ଗୋଲ୍ଡର ଓ ଦିନେଶ ପରିଡ଼ା ନୂଆପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ତାରକା ହୋଟେଲରେ ପାର୍ଟି ଟେବୁଲ୍ ବୁକ୍ କରିଥିଲେ। ଅପରାହ୍ନ ୪ଟାରୁ ସେମାନେ ମନୋରଞ୍ଜନ କରୁଥିବା ବେଳେ ରାତି ୮ଟା ପରେ ହଲ୍ ଭିତରେ ଚାଲିଥିବା ନାଚଗୀତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାତି ପ୍ରାୟ ୯ଟା ୩୦ରେ ପୁଣ୍ୟ ପ୍ରସନ୍ନ, ଆଶୀର୍ବାଦ ଓ ନିଖିଲ ମିଶି ରାଜଙ୍କ ଟେବୁଲକୁ ଆସି ଗାଳିଗୁଲଜ କରିଥିଲେ। ହୋଟେଲ କର୍ମଚାରୀ ହସ୍ତକ୍ଷେପ କରି ୩ ଜଣଙ୍କୁ ବାହାରକୁ ନେଇ ଯାଇଥିଲେ।

ରାତି ୧୦ଟା ୪୫ ବେଳକୁ ପୁଣି ସେହି ୩ ଜଣ ଆସି ରାଜଙ୍କୁ ଗାଳିଗୁଲଜ କରିବା ସହ ଧସ୍ତାଧସ୍ତି କରିଥିଲେ। ବିରୋଧ କରିବାରୁ ପୁଣ୍ୟ ପ୍ରସନ୍ନ, ଆଶୀର୍ବାଦ ଓ ନିଖିଲ ମିଶି ରାଜ୍, ବିଜୟ ଓ ଦିନେଶଙ୍କୁ ଆକ୍ରମଣ କରିଥିଲେ। ପୁଣ୍ୟ ପ୍ରସନ୍ନ ମୋବାଇଲରେ ମାରି ରାଜ୍ ଓ ବିଜୟଙ୍କ ମୁଣ୍ଡ ଫଟାଇ ଦେଇଥିଲା। ଘଟଣାରେ ଦିନେଶ ମଧ୍ୟ ଆହତ ହୋଇଥିଲେ। ହୋଟେଲ କର୍ମଚାରୀଙ୍କ ଠାରୁ ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ସେଠାରେ ପହଞ୍ଚିଥିଲା। ଆହତମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ୩ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା। ୩ ଜଣ ଯାକ ଅଭିଯୁକ୍ତ ମଦ୍ୟପାନ କରିଥିବା ବ୍ରେଥ୍ ଆନାଲାଇଜର ପରୀକ୍ଷାରୁ ଜଣାପଡ଼ିଥିଲା। ରାଜଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପୁଣ୍ୟ ପ୍ରସନ୍ନ, ଆଶୀର୍ବାଦ ଓ ନିଖିଲକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ବ୍ୟବହୃତ ମୋବାଇଲ ଫୋନ ଜବତ କରିଛି। ପୂର୍ବରୁ ପୁଣ୍ୟ ନାମରେ ଇନଫୋସିଟି ଥାନାରେ ୧୧ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଶ୍ରୀଲିଙ୍ଗରାଜଙ୍କ ଶୀତଳ ଷଷ୍ଠୀ ପାଇଁ ନୂତନ କମିଟି ଘୋଷଣା

ଭୁବନେଶ୍ୱର, ୨୮।୬(ସମିସ): ଆସନ୍ତା ୧୨ବର୍ଷ ପାଇଁ ଶ୍ରୀ ଲିଙ୍ଗରାଜଙ୍କ ଶୀତଳ ଷଷ୍ଠୀ କମିଟିର ନୂତନ କମିଟି ଘୋଷଣା କରାଯାଇଛି। ଶୀତଳ ଷଷ୍ଠୀ କମିଟିର ଅଧ୍ୟକ୍ଷ ଭାବେ ସୁରେଶ କୁମାର ରାଉତରାୟ, ଉପାଧ୍ୟକ୍ଷ ବିଧାୟକ ବାବୁ ସିଂ, ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ସନତ ମିଶ୍ର, ଅର୍ଥ ସମ୍ପାଦକ ନାରାୟଣ ମହାପାତ୍ର, ସମ୍ପାଦକ ପୃଥୀବିକାନ୍ତ ମହାପାତ୍ର, ମୁଖପାତ୍ର ଭାବେ ଲିଙ୍ଗରାଜ ସାହୁ, ଯୁଗ୍ମ ସମ୍ପାଦକ ହେମାଦ୍ରୀ ମହାପାତ୍ର, ଉପସଭାପତି ବିରଞ୍ଚି ନାରାୟଣ ମହାସୁପକାର, ଶିବ ପ୍ରସାଦ ବେହେରା, ଚନ୍ଦ୍ର ଶେଖର ମଲିଆ, ଦେବବ୍ରତ ନାୟକ, ସହ ସମ୍ପାଦକ ବାବନ ଚନ୍ଦ୍ର ମହାପାତ୍ର, ଅଫିସ ସମ୍ପାଦକ ଜିତେନ୍ଦ୍ର ଦାସ, ସେହିପରି ଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ, ୬ ନିଯୋଗ ସଭାପତି ସମ୍ପାଦକ, ଲିଙ୍ଗରାଜ ଥାନା ଅଧିକାରୀ, ସମୀର ମହାନ୍ତି, ଅମୀୟ ଦାସ, ଶିବାନନ୍ଦ ରାୟ, ସନ୍ତୋଷ ମହାନ୍ତି, ରଶ୍ମି ମହାପାତ୍ର, ଶୁକାନ୍ତ ପଣ୍ଡା, ପ୍ରୀୟଦର୍ଶୀ ମିଶ୍ର, ମନ୍ମଥ ରାଉତରାୟ, ଜଗନ୍ନାଥ ପ୍ରଧାନ, ତୋଫାନ ସାମନ୍ତରାୟ, ରାଜେନ୍ଦ୍ର ସମର୍ଥା, ଗୋପବନ୍ଧୁ ଦାଶ, ମଦନ ମୋହନ ପ୍ରଧାନ, ଜିତେନ ବଟୁ, ମନୋରଞ୍ଜନ ବଟୁ ଉପଦେଷ୍ଟା ମନୋନିତ ହୋଇଛନ୍ତି। ସେହିପରି ୧୮ ଜଣ ବୋର୍ଡ ନିର୍ଦ୍ଦେଶକ ଭାବେ ଅନିକେତ ବଟୁ, ଶକ୍ତି ପ୍ରସାଦ ସାହୁ, କୃଷ୍ଣଚନ୍ଦ୍ର ବଟୁ, ଶିବ ମହାପାତ୍ର, ମନୋଜ ମହାପାତ୍ର, ମନୋଜ ଦାଶ, ଶରତ ବିଶୋଇ, ସୁସାନ୍ତ ଗରାବଡ୍ଡୁ, ବିଶ୍ୱ ମୋହନ ମହାପାତ୍ର, ମୃତ୍ୟୁଞ୍ଜୟ ପଣ୍ଡା, ବିଜୟ କୁମାର ମହାପାତ୍ର, ସତ୍ୟଜିତ ପତି, ସୋନୁ ପୂଜାପଣ୍ଡା, ପିଣ୍ଟୁ ପୂଜାପଣ୍ଡା, ଅରୁଣ ବଟୁ, ମୁନା ପଣ୍ଡା, କେଦାରନାଥ ମହାପାତ୍ର, ପ୍ରମୋଦ ଦାସ ନିର୍ବାଚିତ ହୋଇଛନ୍ତି।





# ୩୦ରୁ ୪୮୮ ବର୍ଗ ଅନୁଦାନପ୍ରାପ୍ତ କଲେଜ ସଂଘର ବିଶାଳ ବିକ୍ଷୋଭ

ଭୁବନେଶ୍ୱର,୨୮।୬(ସମିସ): ୪୮୮ ବର୍ଗ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଅଧ୍ୟାପକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଜୁନ ୩୦ଠାରୁ ଗାନ୍ଧୀ ମାର୍ଗରେ ବିଶାଳ ବକ୍ଷୋଭ ଓ ଧାରଣା ଚାଲୁ ରଖିବାକୁ ନିଷ୍ପତି ନେଇଛି। ରାଜ୍ୟ ସରକାରଙ୍କର ପ୍ରତିଶୃତିର ଖିଲାପ, ଅଧ୍ୟାପକ କର୍ମଚାରୀଙ୍କର ପେନସନ ଓ ଚାକିରୀ ସର୍ତ୍ତାବଳୀ ଭଳି ନାର୍ଯ୍ୟ ଦାବି ପ୍ରତି ପ୍ରଚଣ୍ଡ ଅବହେଳା ପ୍ରଦର୍ଶନ କରିବା ଏବଂ ନ୍ୟାୟାଳୟର ନିର୍ଦ୍ଦେଶକୁ ବିଭିନ୍ନ ଆଳରେ ଅଣଦେଖା କରିବା ପ୍ରତିବାଦରେ ସଂଘ ଗାନ୍ଧୀ ମାର୍ଗରେ ପ୍ରତିବାଦ ଜାରି



ରଖିବାକୁ ନିଷ୍ପତି ନେଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସଭାପତି ଡ. ପ୍ରଶାନ୍ତ ପ୍ରଧାନ, ବନମାଳୀ ବାରିକ, ପ୍ରିୟ ରଂଜନ ରଥ, ଅଟଳ ବଳ ପ୍ରମୁଖ ଘୋଷଣା କରିଛନ୍ତି। ଅନୁଦାନପ୍ରାପ୍ତ କଲେଜରେ ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀ ଦୀର୍ଘ ୩୦ରୁ ୩୫ ବର୍ଷ ସେବା ପ୍ରଦାନ କଲାପରେ ମଧ ସରକାର ସେମାନଙ୍କୁ ରିକ୍ତ ହସ୍ତରେ ଅବସର ଦେଉଛନ୍ତି। ବିଗତ ଶୀତ ଅଧିବେଶନରେ ବିଧାନସଭାର ଗୃହରେ ଶିକ୍ଷକ ମାନଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଏକ କମିଟି ଘୋଷଣା କଲେ ଓ କମିଟି ତଦନୁଯାୟୀ ରିପୋର୍ଟ ପ୍ରଦାନ କରିଥିଲେ ମଧ ସରକାର ଏ ବାବଦରେ ସଂଘ ସହ ଆଲୋଚନା କଲେନାହିଁ କିମ୍ବା କୌଣସି ନିଷ୍ପତି ନନେଇ ନିଦାବିଷ୍ଟୁ ସାଜି ଚୁପ ରହିଲେ। ଅନ୍ୟପକ୍ଷରେ ଅବସରପରେ ଶିକ୍ଷକ କର୍ମଚାରୀମାନେ ଉଚ୍ଚ ନାୟାଳୟର ଆଶ୍ରୟ ନେଇ ଜଣକିଆ ଖଣ୍ଡପୀଠଙ୍କ ଆଦେଶ ବଳରେ ଆଶା ବାନ୍ଧି ବସିଥିବା ବେଳେ ସରକାର ଦୁଇଜଣିଆ ଖଣ୍ଡପୀଠଙ୍କଠାରେ ଆବେଦନ କରି ଦୁଇବର୍ଷରୁ ଅଧିକ କେବଳ ତାରିଖ ନେବାରେ ବସିଛନ୍ତି। ଜୁନ ୩୦ ଓ ଜୁଲାଇ ୧ ତାରିଖ ଧାରଣାରେ କୌଣସି ସୁଫଳ ନମିଳିଲେ ତାପରଠାରୁ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ଭାବେ ଆନ୍ଦୋଳନକୁ ଗ୍ରାମାଞ୍ଚଳକୁ ନେବା ସହିତ ଛାତ୍ରଛାତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀଙ୍କୁ ନେଇ ଦାବି ପୂରଣ ପର୍ଯ୍ୟନ୍ତ ଦୁର୍ବାର ଗଣଆନ୍ଦୋଳନରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଅଛି।

## ହରିହର ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଷ୍ଠାନ ଆନୁକୂଲ୍ୟରେ 'ଅରୁଣୋଦୟ'

ଭୁବନେଶ୍ୱର, ୨୮।୬(ସମିସ): ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ଅଗ୍ରଣୀ ଅନୁଷ୍ଠାନ ହରିହର ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଷ୍ଠାନ ଆନୁକୂଲ୍ୟରେ ରାଗମାନଙ୍କର ପ୍ରସ୍ତୁତିକୁ ନେଇ



'ଅରୁଣୋଦୟ' କାର୍ଯ୍ୟକ୍ରମ ଟଙ୍କପାଣି ରୋଡ଼ ସ୍ଥିତ ଅନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସଚ୍ଚିଦାନନ୍ଦ ମିଶ୍ର, ଅଧିକାରୀ ରତ୍ନାକର ପୃଷ୍ଟି, ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ଗୁରୁ ଗୁରୁଶ୍ରୀ ପଣ୍ଡିତ ହରିହର ରଥଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିଷ୍ୟଶିଷ୍ୟ ମାନେ ଏହି କାର୍ଯ୍ୟକ୍ରମରେ ଭିନ୍ନ ଭିନ୍ନ ରାଗି ମାନ ପରିବେଷଣ କରିଥିଲେ। ଆଦ୍ୟାଶ ସିଂହ ସାମନ୍ତ ରାଗ ଭୈରବ, ସ୍ୱସ୍ତିକ ବିଶ୍ୱାଳ ମଙ୍ଗଳ ଭୈରବ ପ୍ରମୁଖ ସୁନ୍ଦର ଭାବରେ ପରିବେଷଣ କରିଥିଲେ। ଏଥିସହ ଅନୁଷ୍ଠାନର ମୁଖ୍ୟ ଗୁରୁ ପଣ୍ଡିତ ହରିହର ରଥ ରାଗି ଭଟିୟାର ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ ଶିଳ୍ପୀ ଭାବେ ତବଲାରେ ଗୁରୁଶ୍ରୀ ସୁଶାନ୍ତ କୁମାର ଜେନା, ଗୁରୁଶ୍ରୀ ଚିତ୍ତରଞ୍ଜନ ମହାପାତ୍ର, ଗୁରୁଶ୍ରୀ ସୀତାଂଶୁ ଶେଖର ଷଡ଼ଙ୍ଗୀ ସହଯୋଗ କରିଥିଲେ। ହାରମୋନିୟମରେ ପରମେଶ୍ୱର ଦାସ, ଡିଜିଟାଲ୍ ସାରଙ୍ଗୀରେ ଗୁରୁଶ୍ରୀ ଅମିତ କୁମାର ରଥ ସହଯୋଗ କରିଥିଲେ। ଉକ୍ତ ଅରୁଣୋଦୟ କାର୍ଯ୍ୟକ୍ରମରେ ବହୁ ପ୍ରତିଷ୍ଠିତ ବରିଷ୍ଠ ନାଗରିକ, ସଙ୍ଗୀତ ଜଗତର ଗୁରୁମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ରେସର୍ସ ଆଣ୍ଡ ରନର୍ସ କ୍ଲବ୍ ପକ୍ଷରୁ 'ଟ୍ୱାଇଲାଇଟ୍ ଟୁର୍-୪'



ଭୁବନେଶ୍ୱର, ୨୮।୬(ସମିସ): ପରିବେଶ ସୁରକ୍ଷା, ସୁସ୍ଥ ଜୀବନଶୈଳୀ ଓ ପର୍ଯ୍ୟଟନର ପ୍ରସାରକୁ ନେଇ ଏକ ଅଭିନବ ପ୍ରୟାସରେ "ରେସର୍ସ ଆଣ୍ଡ ରନର୍ସ କ୍ଲବ୍' ପକ୍ଷରୁ "ଟ୍ୱାଇଲାଇଟ୍ ଟୁର୍-୪' ନାମରେ ଏକ ରାତ୍ରିକାଳୀନ ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସାଇକେଲ ଯାତ୍ରା କ୍ରାଉନ୍ ବସ୍ ଷ୍ଟପ୍‌ରୁ ଆରମ୍ଭ ହୋଇ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ପରେ ସମୁଦ୍ରକୂଳ ମାର୍ଗ ଦେଇ ସାଇକେଲ ଆରୋହୀମାନେ ପୁନର୍ବାର ଭୁବନେଶ୍ୱରକୁ ଫେରିଥିଲେ। ଆୟକର ବିଭାଗର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ରାତ୍ରି ଯାତ୍ରାରେ ପ୍ରାୟ ୩୦ ଜଣ ସାଇକେଲ ଆରୋହୀ ଅଂଶଗ୍ରହଣ କରିଥିଲେ। ସାଇକେଲ କେବଳ ଏକ ଯାତାୟାତ ମାଧ୍ୟମ ନୁହେଁ ବରଂ ଏହା ସୁସ୍ଥ ଜୀବନ, ପରିବେଶ ସୁରକ୍ଷା ଓ ସ୍ଥାୟୀ ପର୍ଯ୍ୟଟନର ଏକ ପ୍ରଭାବଶାଳୀ ଉପାୟ। ସାଇକେଲ ବ୍ୟବହାର ଦ୍ୱାରା କାର୍ବନ ନିର୍ଗମନ ହ୍ରାସ ପାଇବା ସହ ଶାରୀରିକ ସୁସ୍ଥତା ବୃଦ୍ଧି ପାଇଥାଏ ଏବଂ ରାଜ୍ୟର ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ପ୍ରକୃତି ସହ ଉପଭୋଗ କରିବାର ସୁଯୋଗ ମିଳିଥାଏ ବୋଲି ଏହି ସାଇକେଲ ଅଭିଯାନର ମୂଳ ଉଦ୍ଦେଶ୍ୟ ରହିଥିଲା। ରେସର୍ସ ଆଣ୍ଡ ରନର୍ସ କ୍ଲବ୍ ପକ୍ଷରୁ ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ନେଇ ଏଭଳି ସଚେତନତାମୂଳକ ସାଇକେଲ ଅଭିଯାନ ଆୟୋଜନ କରିବାକୁ ଯୋଜନା ରହିଛି। ପରିବେଶ ଅନୁକୂଳ ଯାତାୟାତ ଓ ସୁସ୍ଥ ଜୀବନଶୈଳୀ ପ୍ରତି ସାଧାରଣ ଲୋକଙ୍କୁ ଆକର୍ଷିତ କରିବା ଦିଗରେ ଏଭଳି ପଦକ୍ଷେପ ନିଶ୍ଚିତ ଭାବେ ଏକ ସକାରାତ୍ମକ ସାମାଜିକ ଆନ୍ଦୋଳନର ରୂପ ନେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ନାଟକ 'ଦ ଚେୟାର୍ସ' ମଞ୍ଚସ୍ଥ



ଭୁବନେଶ୍ୱର,୨୮।୬(ସମିସ): 'ଦ ଚେୟାର୍ସ' ଏକ କକ୍ଷରେ ଏମିତି ଆରମ୍ଭ ହୁଏ, ଯାହା ଧୀରେ ଧୀରେ ପୁରି ଯାଉଛି। ଚେୟାରରେ, ଅପେକ୍ଷାରେ ଏବଂ ଅସ୍ପଷ୍ଟ ସ୍ୱର ମାନଙ୍କରେ। ଯାହା ଏକ ସରଳ ପ୍ରସ୍ତୁତିରୁ ଆରମ୍ଭ ହୁଏ, ଅଥଚ ଧୀରେ ଧୀରେ ଏକ ବିସ୍ତୃତ ଘଟଣାରେ ପରିଣତ ହୁଏ। ଯେଉଁଠାରେ ଆଗମନର ଦୃଶ୍ୟ ବିନା ମଧ ଉପସ୍ଥିତିର ଅନୁଭବ ସୃଷ୍ଟି ହୁଏ। ଉଭଟ ନାଟ୍ୟ ପରମ୍ପରାରେ ରଚିତ ଏହି ନାଟକ 'ଦ ଚେୟାର୍ସ' କୌଣସି ଦ୍ୱନ୍ଦ କିମ୍ବା ସମସ୍ୟା ଦେଖାଇ ଏହାର ସମାଧାନ ଦିଗ ଦେଖାଇ ନାହିଁ। ବରଂ ଜୀବନର ସତ୍ୟକୁ କୋଳେଇନେବାର ଦିଗକୁ ଆଗେଇ ନେଇଛି। ସମାଜର ମୂଳ ପରମାଣୁ ଭାବେ ଏକ ସ୍ୱାମୀ, ସ୍ତ୍ରୀ ଥିବା ପରିବାର ବୋଲି ଗଣି, ସେମାନଙ୍କ ଚାରିପାଖେ ତାଙ୍କ ନିମନ୍ତ୍ରଣରେ ଆସିଥିବା ଅତିଥି ମାନଙ୍କ ଘୋଷଣା ହୁଏ, ସେମାନଙ୍କ ଲାଗି ଚେୟାର ସଂଖ୍ୟା ବଢିଯାଏ। ହୁଏତ ସେମାନେ ଆସିଥିବେ କିଛି ସମ୍ବାଦ ଶୁଣିବାକୁ , କିନ୍ତୁ ତାହାବି ସ୍ପଷ୍ଟ ହୁଏ ନାହିଁ। ଭାଷା ଅସ୍ଥିର ହୁଏ, ଅର୍ଥ ହାତଛଡା ହୁଏ। ତଥାପି ଏହା କେବଳ ନିରାଶାର ଶୂନ୍ୟତା ନୁହେଁ। ଏହି ଚୌକି ଦୌଡରେ ରହିଛି ଖେଳୁଆଡ ମନ, ମନର ଆଦ୍ରତା ଓ ସମ୍ବେଦନଶୀଳତା ଏବଂ ଏକ ଅଜଣା ଉତ୍ସବମୟ ଉତ୍ସାହ। ଏହିପରି ଏକ କାହାଣୀକୁ ନେଇ ରବିନ୍ଦ୍ର ମଣ୍ଡପଠାରେ ସ୍ପେସ ଏକାଡେମୀ ପକ୍ଷରୁ ମଞ୍ଚସ୍ଥ ହୋଇଛି 'ଦ ଚେୟାର୍ସ'। ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ସତ୍ୟବ୍ରତ ରାଉତ।

## ସୁଦର୍ଶନ ଦାରୁପୀଠରେ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲିଅନ୍ତା,୨୮।୬(ସମିସ): ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ପବିତ୍ର ସୁଦର୍ଶନ ଦାରୁ ପୀଠରେ ଆୟୁଷ କ୍ୟାରେଟ ଏକାଡେମୀ ଅଫ ଇଣ୍ଡିଆ ଦ୍ୱାରା ଆୟୋଜିତ ଜାତୀୟସ୍ତରୀୟ ଇ-କରାଟେ ପ୍ରତିଯୋଗିତାରେ ବିଜେତା ହୋଇଥିବା ଛତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ସହ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଛି। ଏକ ଭବ୍ୟ ସମାରୋହରେ ଅତିଥି ରୂପେ ଯୋଗଦେଇ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ସମାଜସେବୀ ରଞ୍ଜନ କୁମାର ମହାପାତ୍ର, ପ୍ରକୁତିବନ୍ଧୁ ଦିନବନ୍ଧୁ ଭୋଇ, ପ୍ରିୟବ୍ରତ ପାତ୍ର, ବ୍ରଜକିଶୋର ଠକ୍କର, ଅନିଲ ସ୍ୱାଇଁ, ରଞ୍ଜିତ ମହାରଣା ଓ ଲକ୍ଷ୍ମଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ଉମାକାନ୍ତ ବେହେରା ଦ୍ୱାରା ପରିଚାଳନା କରାଯାଇଥିଲା।

## ବିଏମ୍‌ସି ଦ୍ୱାରା ନେକ୍ସସ ଏସ୍‌ପ୍ଲାନେଡ୍ ସମ୍ମାନିତ



ଭୁବନେଶ୍ୱର,୨୮।୬(ଏଜେନ୍ସି): ଓଡ଼ିଶା ସରକାରଙ୍କ ରାଜ୍ୟବ୍ୟାପୀ ଜନସମ୍ପର୍କ ଓ ନାଗରିକ ସଚେତନତା କାର୍ଯ୍ୟକ୍ରମ 'ବିକାଶର ଧାରା, ଓଡ଼ିଶା ସାରା' ଅବସରରେ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ପ୍ରତି ପ୍ରତିବଦ୍ଧତା ଏବଂ ସହରୀ ବିକାଶ ଓ ଗୋଷ୍ଠୀ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ନେକ୍ସସ ଏସ୍‌ପ୍ଲାନେଡ୍‌କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଦାୟିତ୍ୱବାନ ଭାବରେ ବହୁଳ ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତି ଆପଣେଇବା ଏବଂ ଏକ ସ୍ୱଚ୍ଛ, ସବୁଜ ଓ ଅଧିକ ସ୍ଥାୟୀ ଭୁବନେଶ୍ୱର ଗଠନରେ ସହାୟକ ହେଉଥିବା ବିଭିନ୍ନ ପଦକ୍ଷେପକୁ ସମର୍ଥନ କରିବା ଦିଗରେ ନେକ୍ସସ ଏସ୍‌ପ୍ଲାନେଡ୍‌ର ନିରନ୍ତର ପ୍ରୟାସକୁ ସମ୍ମାନିତ କରାଯାଇଛି। ସ୍ଥାୟୀତ୍ୱ ପଦକ୍ଷେପର ଏକ ଅଂଶ ସ୍ୱରୂପ ମଲ୍ ପକ୍ଷରୁ ପରିବେଶ ଅନୁକୂଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ପରିବେଶ ଉପରେ ପଡୁଥିବା ପ୍ରଭାବକୁ ହ୍ରାସ କରିବା ସହିତ ଉତ୍ତମ ସମ୍ବଳ ପରିଚାଳନା ଏବଂ ନାଗରିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା। ଓଡ଼ିଶାର ଏକମାତ୍ର ସପିଙ୍ଗ ମଲ ଭାବରେ ନେକ୍ସସ ଏସ୍‌ପ୍ଲାନେଡ୍ ଏହି ଗୌରବଜନକ ସ୍ୱୀକୃତି ଲାଭ କରିଛି, ଯାହା ସହର ଏବଂ ସେବା ଯୋଗାଉଥିବା ସମାଜ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବା ସହ ଦାୟିତ୍ୱବାନ ଭାବେ କାର୍ଯ୍ୟ କରିବା ପାଇଁ ଏହାର ସଂକଳ୍ପକୁ ପୁନଃପ୍ରତିପାଦିତ କରୁଛି।

### ବୋଉ ଫାଉଣ୍ଡେସନ 'ପ୍ରୋଜେକ୍ଟ ରାହା'

# ସହଜ ନୁହେଁ ବୟସ୍କଙ୍କ ମନ ବୁଝିବା, ବୁଝେଇବା

ଭୁବନେଶ୍ୱର, ୨୮।୬(ସମିସ):

ବୋଉ ଫାଉଣ୍ଡେସନର ଆଗାମୀ ପ୍ରମୁଖ କାର୍ଯ୍ୟକ୍ରମ "ପ୍ରୋଜେକ୍ଟ ରାହା' ର ଜନସମ୍ପର୍କ ଟିମ୍ ମଧ୍ୟରେ ବୟସ୍କଙ୍କ ମନ ବୁଝିବା, ତାଙ୍କ ସହିତ ଆବେଗପୂର୍ଣ୍ଣ ସମ୍ପର୍କ ସ୍ଥାପନ ଏବଂ ପ୍ରଭାବଶାଳୀ ଯୋଗାଯୋଗ ଶୈଳୀ ବିକଶିତ କରିବା ଲକ୍ଷ୍ୟରେ ରବିବାର ବୋଉ ଫାଉଣ୍ଡେସନ ପରିସର, ବରମୁଣ୍ଡା ଠାରେ ଏକ ବିଶେଷ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହଜ ନୁହେଁ ବୟସ୍କଙ୍କ ମନ ଭେଦିବା ତାଙ୍କୁ ବୁଝିବା, ତାଙ୍କୁ ବୁଝେଇବା' ଶୀର୍ଷକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୟସ୍କଙ୍କ ସହିତ ଯୋଗାଯୋଗକୁ କେବଳ ଏକ ଯାନ୍ତ୍ରିକ ପ୍ରକ୍ରିୟା ଭାବେ ନୁହେଁ ବରଂ ଏକ



କଳାତ୍ମକ, ଚିନ୍ତାପୂର୍ଣ୍ଣ, ଭାବପୂର୍ଣ୍ଣ ଏବଂ ମାନବୀୟ ପ୍ରକ୍ରିୟା ବୋଲି ବିଶେଷ ଗୁରୁତ୍ୱ ଦିଆଯାଇଛି।

ଏହି ଆଲୋଚନା ମାଧ୍ୟମରେ ବୋଉ ଫାଉଣ୍ଡେସନର ଜନସମ୍ପର୍କ ଟିମ୍‌କୁ ଆହୁରି ଶକ୍ତିଶାଳୀ କରି ଭୁବନେଶ୍ୱର ନଗରୀକୁ ଏକ ପ୍ରକୃତ ବୟସ୍କ-ବନ୍ଧୁଭାବାପନ୍ନ ସହର ରୂପେ ଗଢ଼ି ତୋଳିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବୟସ୍କମାନେ ଆମ ସମାଜର ମୂଲ୍ୟବୋଧ, ଜ୍ଞାନ ଓ ଐତିହ୍ୟର ଜୀବନ୍ତ ସ୍ତମ୍ଭ। ସେମାନଙ୍କ ସହିତ ସତ୍ୟ ଅର୍ଥରେ ଯୋଗାଯୋଗ ସ୍ଥାପନ କରିବା ପାଇଁ ଧୈର୍ଯ୍ୟ, ସହାନୁଭୂତି ଓ ଆବେଗୀୟ ବୁଦ୍ଧିମତ୍ତା ଆବଶ୍ୟକ।

ପ୍ରୋଜେକ୍ଟ ରାହା ମାଧ୍ୟମରେ ଭୁବନେଶ୍ୱରକୁ ଏକ ପ୍ରକୃତ ବୟସ୍କ-ବନ୍ଧୁ ନଗରୀ କରିବା ଦିଗରେ 'ପ୍ରୋଜେକ୍ଟ ରାହା' ଜନସମ୍ପର୍କ ଟିମ୍ ର କ୍ଷମତା ଓ ଯୋଗାଯୋଗ ଶୈଳୀକୁ ଆହୁରି ଶକ୍ତିଶାଳୀ କରିବା ଏହି ଆଲୋଚନାର ମୁଖ୍ୟ ଏବଂ ମୂଳ ଉଦ୍ଦେଶ୍ୟ ଥିଲା। ଏହା ମାଧ୍ୟମରେ ଆମେ ସମଗ୍ର ସମାଜରେ ବୟସ୍କଙ୍କ ପ୍ରତି ସମ୍ମାନ, ଯତ୍ନ ଓ ସହଯୋଗର ଏକ ନୂତନ ପରିବେଶ ସୃଷ୍ଟି କରିବାକୁ ବୋଉ ଫାଉଣ୍ଡେସନର ଲକ୍ଷ୍ୟ। ଏହି ଆଲୋଚନାରେ ମୁଖ୍ୟ ଆଲୋଚକ ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ, ଦାଶ ବେନହୁର, ବୈଷ୍ଣବ ଚରଣ ମହାନ୍ତି, କନକମଞ୍ଜରୀ ସାହୁ, ଏବଂ ବୋଉ ଫାଉଣ୍ଡେସନ ଜନସମ୍ପର୍କ ଟିମ୍‌ର ସଦସ୍ୟମାନେ ଯୋଗ ଦେଇଥିଲେ।

## ସେଣ୍ଟ୍ରାଲ ଭୁବନେଶ୍ୱର ଟିମ୍ ଫର୍ ସୋସିଆଲ୍ ୱାର୍କ ପକ୍ଷରୁ କେଦାରପଲ୍ଲୀ ବସ୍ତି ପରିଦର୍ଶନ

ଭୁବନେଶ୍ୱର,୨୮।୬(ସମିସ): ସେଣ୍ଟ୍ରାଲ ଭୁବନେଶ୍ୱର ଟିମ୍ ଫର୍ ସୋସିଆଲ୍ ୱାର୍କ ସକାଳେ ବାପୁଜୀ ନଗରର ୪୧ ନମ୍ବର ୱାର୍ଡ ଅନ୍ତର୍ଗତ କେଦାରପଲ୍ଲୀ ବସ୍ତି ପରିଦର୍ଶନ କରିଥିଲେ। ବସ୍ତିବାସିନ୍ଦାଙ୍କ ଗହଣରେ କିଛି ସମୟ ବିତାଇବା ସହ ସେମାନେ ନିୟମିତ ଭାବେ ସମ୍ମୁଖୀନ ହେଉଥିବା ସାମାଜିକ ଓ ସାଂସ୍କୃତିକ ସମସ୍ୟାଗୁଡ଼ିକୁ ବୁଝିବା ପାଇଁ ଦଳର ସଦସ୍ୟମାନେ ସେଠାକୁ ଯାଇଥିଲେ। ଅଧିକାଂଶ ଲୋକ ସେମାନଙ୍କ ମତାମତ ଏବଂ ସମସ୍ୟା ବିଷୟରେ ଜଣାଇଥିଲେ। ଦଳର ସଦସ୍ୟମାନେ ସେମାନଙ୍କ ସହ ଆଲୋଚନା କରିଥିଲେ। ବସ୍ତିବାସିନ୍ଦାମାନେ ଦୈନନ୍ଦିନ ସମ୍ମୁଖୀନ ହେଉଥିବା ଦୀର୍ଘଦିନର ଅମୀମାଂସିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ପ୍ରମୁଖ ସଦସ୍ୟମାନେ ହେଲେ ୱାର୍ଡ ୪୦ର କିଶଳୟ ଘୋଷ, କୁଞ୍ଜ ବିହାରୀ ବେହେରା, ଆଲୋକ ଶର୍ମା, ଅନିରୁଦ୍ଧ ଦାସ, ବାସୁଦେବ ମହାରଣା, ମନ୍ଦାକିନୀ ମହାରଣା, ମାନୀ ପଣ୍ଡା, ରବି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଦର୍ଶନ ଦାରୁ ପୀଠରେ ରଥ କାରିଗରଙ୍କୁ ସମ୍ବର୍ଦ୍ଧନା



ବାଲିଅନ୍ତା, ୨୮।୬(ସମିସ): ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ପବିତ୍ର ସୁଦର୍ଶନ ଦାରୁ ପୀଠରେ ନିର୍ମାଣାଧୀନ ରଥରେ ଦିନରାତି ପରିଶ୍ରମ କରୁଥିବା ବିଶ୍ୱକର୍ମା କାରିଗରମାନଙ୍କୁ ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ଏହି ଦିବ୍ୟ ରଥର ନିର୍ମାଣରେ ନିୟୋଜିତ ମହାରଣା ସେବାୟତମାନଙ୍କ ନିଷ୍ଠା ଓ କଳାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାଞ୍ଚନ ଫାଉଣ୍ଡେସନ ସଭାପତି ରଞ୍ଜନ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ରଥ କାରିଗରଙ୍କୁ ଉତ୍ତରୀୟ, ଥଣ୍ଡାପାନୀୟ ଓ ସ୍ନାକ୍ସ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶ୍ରୀ ଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଆଜୀବନ ଟ୍ରଷ୍ଟି ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ଚକ୍ରଧର ନାୟକ, ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ସହଦେବ ସାହୁ, ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରା, ବ୍ରଜବନ୍ଧୁ ଠାକୁର ଓ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅଥିତି ମାନେ ଯୋଗଦେଇ "ମହାପ୍ରଭୁଙ୍କ ରଥ ନିର୍ମାଣ କେବଳ କାଠ ଓ ଲୁହାର କାମ ନୁହେଁ, ଏହା ଭକ୍ତି, ପରମ୍ପରା ଓ ଶିଳ୍ପ କୌଶଳର ସମନ୍ୱୟ। ଏହି ନୀରବ ସାଧକମାନେ ହିଁ ରଥଯାତ୍ରାର ପ୍ରକୃତ ନାୟକ। ସେମାନଙ୍କ ଝାଳବୁହା ପରିଶ୍ରମ ବିନା ଜଗନ୍ନାଥ ସଂସ୍କୃତି ଅଧୁରା।

## ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକ ମହୋତ୍ସବ



ଭୁବନେଶ୍ୱର,୨୮।୬(ସମିସ): ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷକ, ସାରସ୍ୱତ ସାଧକ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକ ମହୋତ୍ସବ ରବିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋ ଇଛି। ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଆଜୀବନ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ମହାସମାରୋହରେ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ସନ୍ଥ ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟତମ ସଂରକ୍ଷକ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତାଙ୍କ ସ୍ମୃତିରେ 'ଗାନ୍ଧୀ ଗୌରବ ସମ୍ମାନ' ଚଳିତବର୍ଷ ପାଇଁ ସମାଜସେବୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସୁଆର ଓ ଅନୁଷ୍ଠାନ ଶ୍ରୀରାମକୃଷ୍ଣ ଆଶ୍ରମ ମ.ରାମପୁର, କଳାହାଣ୍ଡିକୁ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଅତିଥି ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସ୍ୱର୍ଗତ ପ୍ରଧାନଙ୍କୁ ଜଣେ ସାର୍ଥକ ମଣିଷ ବୋଲି କହିଥିଲେ। ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ମହାନଗର ନିଗମର ମେୟର ସୁବାସ ସିଂ, ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳଚନ୍ଦ୍ର ପତି, ମୁଖ୍ୟବକ୍ତା ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ସଂଗ୍ରାମୀ ଶ୍ରୀ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ସ୍ୱାଗତ ଭାଷଣ ଓ ଟ୍ରଷ୍ଟି ତଥା ତାଙ୍କ ସୁପୁତ୍ର ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଦେବସ୍ନାନ ପୂର୍ଣ୍ଣିମାରେ ଧଉଳି ପାଦଦେଶରେ ବୋଧିଦ୍ରୁମ ଆଳତି

ଭୁବନେଶ୍ୱର,୨୮।୬(ସମିସ): ପ୍ରତିମାସ ଭଳି ଏମାସ ପୂର୍ଣ୍ଣିମା ତଥା ଦେବସ୍ନାନ ପୂର୍ଣ୍ଣିମା ସୋମବାର ଦିନ ଧଉଳିଗିରି ପାଦଦେଶରେ ଥିବା ବୋଧିଦ୍ରୁମ ମୂଳରେ ଓଡିଶା ଇଣ୍ଟରନେସନାଲ ସେଣ୍ଟର ତରଫରୁ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଲ୍ଲେଖ ଯୋଗ୍ୟ ୨୦୧୬ ମସିହାରେ ଓଆଇସିର ପ୍ରତିଷ୍ଠାତା ସ୍ୱର୍ଗତଃ ପରେଶ ନାୟକ ସୁଦୂର ଶ୍ରୀଲଙ୍କାର ଅନୁରାଧାପୁରରୁ ସଂଗ୍ରହ କରି ଆଣିଥିବା ବୋଧିଦ୍ରୁମ ଚାରା ଐତିହାସିକ ଧଉଳି ଶାନ୍ତିସ୍ତୂପର ପାଦଦେଶରେ ପୂର୍ଣ୍ଣିମା ଦିନ ରୋପଣ କରି



ପାରମ୍ପରିକ ରୀତିରେ ଆରତୀର ଶୁଭାରମ୍ଭ କରିଥିଲେ। କାରଣ କଥିତ ଅଛି ପୂର୍ଣ୍ଣିମା ଦିନ ଅଶ୍ୱତଥ ବୃକ୍ଷରେ "ମା ଲକ୍ଷ୍ମୀ' ଅବସ୍ଥାନ କରିଥାନ୍ତି। ଇତିମଧ୍ୟରେ ସେଠାରେ ତିନୋଟି ପ୍ରସ୍ତରର ବୁଦ୍ଧ ମୂର୍ତ୍ତି ସ୍ଥାପନା କରାଯାଇ ପୂର୍ଣ୍ଣିମା ଦିନ ମଧ୍ୟ ପୂଜାର୍ଚ୍ଚନା କରାଯାଉଛି। ଏହାଛଡ଼ା ଓଆଇସି ତରଫରୁ ସେହିସ୍ଥାନରେ କିଛି ବୃକ୍ଷ ରୋପଣ କରାଯାଇ ରକ୍ଷାଣାବେକ୍ଷଣ ମଧ କରାଯାଉଅଛି। ଏଣୁ ଓଆଇସିର ସମସ୍ତ ବନ୍ଧୁ, ଉପଦେଷ୍ଟା ଏବଂ ସଭ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ୯୬ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଟିକାଦାନ ଲକ୍ଷ୍ୟ

ଜଗତସିଂହପୁର,୨୮।୬(ସମିସ)




ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ତିନିଦିନିଆ ଜାତୀୟ ପଲ୍ସ ପୋଲିଓ ଟିକାଦାନ କାର୍ଯ୍ୟକ୍ରମ (ଆଇପିପିଆଇ-୨୦୨୬) ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସ୍ନିଗ୍ଧାମୟୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଆଜିଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାକୁ ସମ୍ପୂର୍ଣ୍ଣ ପୋଲିଓ ମୁକ୍ତ କରିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାରେ ଜନ୍ମରୁ ୫ ବର୍ଷ ବୟସର ସମୁଦାୟ ୯୬,୬୭୮ ଜଣ ଶିଶୁଙ୍କୁ ପୋଲିଓ ଟିକା ଖୁଆଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜିଲ୍ଲାରେ ମୋଟ ୨,୫୩,୩୩୯ଟି ଘରକୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୫୫୫ଟି ବୁଥ୍ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ତୁଲାଇବା ପାଇଁ ୨୨୨୦ ଜଣ ଟିମ୍ ସଦସ୍ୟ (ଟିକା ପ୍ରଦାନକାରୀ), ୧୧୪ ଜଣ ସୁପରଭାଇଜର, ୩୪ଟି ଟ୍ରାଞ୍ଜିଟ୍ ପଏଣ୍ଟ ଏବଂ ୨୧ଟି ମୋବାଇଲ୍ ଟିମ୍ ଗଠନ କରାଯାଇଛି। ଅଭିଯାନର ପ୍ରଥମ ଦିନରେ କେବଳ ବୁଥ୍ ଗୁଡ଼ିକରେ ଟିକାଦାନ କରାଯାଉଥିବା ବେଳେ, ଦ୍ୱିତୀୟ ଓ ତୃତୀୟ ଦିନ (୨୯ ଓ ୩୦ ତାରିଖ) ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ବାଦ୍ ପଡ଼ିଥିବା ଶିଶୁମାନଙ୍କୁ ଚିହ୍ନଟ କରି ପୋଲିଓ ବୁନ୍ଦା ଖୁଆଇବେ। ଏହି ଅଭିଯାନକୁ ସଫଳ କରିବା ପାଇଁ ପୂର୍ବରୁ ସମସ୍ତ ସୁପରଭାଇଜର ଏବଂ ଟିକା ପ୍ରଦାନକାରୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇଥିଲା। ଗତ ଜୁନ୍ ୨୫ ତାରିଖ ଦିନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ଶତପ୍ରତିଶତ ଟିକାଦାନ କରାଇବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନସାଧାରଣଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ। ଆଜିର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ସରୋଜ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ, ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ, ଡେପୁଟି ମ୍ୟାନେଜର (ଆରସିଏଚ) ସନ୍ଧ୍ୟାରାଣୀ ପଣ୍ଡା, ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର, ହସ୍ପିଟାଲ ମ୍ୟାନେଜର ସସ୍ମିତା ସାହୁ, ଆଶା ମ୍ୟାନେଜର ନାରାୟଣ ମଲ୍ଲିକ, ଜିଲ୍ଲା ଟିକା ପରିଚାଳକ ପାର୍ଥ ସାରଥୀ କରଶର୍ମା, ସିସିଟି ମନୋରଞ୍ଜନ ମହାପାତ୍ର ଆଇସିଏ ରାଜେଶ କୁମାର ପତି ଏବଂ ରାଜ୍ୟ ପରାମର୍ଶଦାତା (ଷ୍ଟେଟ୍ କନସଲଟାଣ୍ଟ) ବିଜୟରାମ ଦାଶ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚୋରା ମଦ ଜବତ



ପାରାଦୀପ,୨୮।୬(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ଜିନ୍ଦଲ ପାଟଣା ଗେଟ ନିକଟରୁ ଜଣେ ମଦ ବେପାରିକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ତାର ଘର ଢିଙ୍କିଆ ଗ୍ରାମରେ ହୋଇଥିବା ବେଳେ ତାର ନାମ ସଚ୍ଚିଦାନନ୍ଦ ସ୍ୱାଇଁ (୫୫)। ତା' ନିକଟରୁ ୧୮ ଲିଟର ଦେଶୀ ମଦ ଜବତ କରାଯାଇଛି। ତେବେ ଏସଆଇ ଉତ୍କଳ କେଶରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ପେଟ୍ରୋଲିଂ କରୁଥିବା ବେଳେ ଉକ୍ତ ମଦ ବ୍ୟବସାୟୀ ଜିନ୍ଦଲ ପାଟଣା ଗେଟ ନିକଟରେ ଚୋରା ମଦ ବ୍ୟବସାୟ କରୁଥିବା ନଜରକୁ ଆସିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ପାରାଦୀପରେ ପୋଲିଓ ଟିକାକରଣ

ପାରାଦୀପ,୨୮।୬(ସମିସ): ସମଗ୍ର ଦେଶକୁ ପୋଲିଓ ମୁକ୍ତ କରିବାକୁ ଭାରତ ସରକାର ପ୍ରୟାସ ଜାରି ରଖିଛନ୍ତି। ଏନେଇ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ସବୁଆଡେ ଏହି ବ୍ୟବସ୍ଥା ଜାରି ରହିଛି। ପୋଲିଓ ମୁକ୍ତ ଭାରତ ଗଠନର ଲକ୍ଷ୍ୟ ନେଇ ଆଜି ରବିବାର ବନ୍ଦର ଚିକିତ୍ସାଳୟରେ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପାରାଦୀପ ବନ୍ଦର ଚିକିତ୍ସାଳୟରେ ଏହି ଟିକାକରଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ହରନାଦ ପିଲାମାନଙ୍କୁ ପୋଲିଓ ଦୁଇ ବୁନ୍ଦା ଖୁଆଇ ସୁସ୍ଥ ଭାରତ, ପୋଲିଓ ମୁକ୍ତ ଭାରତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ଜନ୍ମ ଠାରୁ ୫ବର୍ଷ ପର୍ଯ୍ୟନ୍ତ ପିଲାମାନେ ଏଠାରେ ପହଂଚି ପୋଲିଓ ଦୁଇ ବୁନ୍ଦା ଖାଇଥିଲେ। କାର୍ଯ୍ୟକ୍ରମରେ ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ବନ୍ଦର ଚିକିତ୍ସାଳୟର ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀ, ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।



## ସାମ୍ବାଦିକ ସୁଶିଲ ମହାନ୍ତିଙ୍କ ସ୍ମୃତିସଭା




ଏରସମା,୨୮।୬(ସମିସ): ବିଶିଷ୍ଟ ସାମ୍ବାଦିକ ସୁଶିଲ କୁମାର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି। ଏହି ସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ, ସାହିତ୍ୟିକ ଓ ସମାଜସେବୀମାନେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଜୀବନ, କର୍ମ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ବରିଷ୍ଠ ସାହିତ୍ୟିକ ହେମନ୍ତ କୁମାର ନାୟକଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଶିଭୂଷଣ ସ୍ୱାଇଁ ମୁଖ୍ୟଅତିଥି ଏବଂ ମା' ଶାରଳାଙ୍କ ପ୍ରଚାରକ ରମାକାନ୍ତ ରାଉଳ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ।

ସ୍ମୃତିଚାରଣ ଅବସରରେ ବକ୍ତାମାନେ କହିଥିଲେ ଯେ, ସ୍ୱର୍ଗତ ସୁଶିଲ ମହାନ୍ତି ଜଣେ ନିର୍ଭୀକ, ନିଷ୍ଠାବାନ ଓ ଜନମୁଖୀ ସାମ୍ବାଦିକ ଥିଲେ। ସାମ୍ବାଦିକତାକୁ ସେ କେବଳ ପେଶା ନୁହେଁ, ସମାଜସେବାର ଏକ ମାଧ୍ୟମ ଭାବେ ଗ୍ରହଣ କରିଥିଲେ। ସାଧାରଣ ଲୋକଙ୍କ ସମସ୍ୟାକୁ ନିର୍ଭୀକ ଭାବେ ଗଣମାଧ୍ୟମରେ ଉପସ୍ଥାପନ କରିବାରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ତାଙ୍କର ସରଳ ଜୀବନଶୈଳୀ, କର୍ତ୍ତବ୍ୟନିଷ୍ଠା ଓ ନୈତିକତା ଆଜିର ସାମ୍ବାଦିକ ସମାଜ ପାଇଁ ପ୍ରେରଣାଦାୟକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଅରୂପାନନ୍ଦ ସ୍ୱାଇଁ, ହୃଷୀକେଶ ଜେନା, ପ୍ରେମଚରଣ ରାଉତ, ସାମ୍ବାଦିକ ଅରୁଣ କୁମାର ବେହେରା, ଚନ୍ଦ୍ରଜିତ ଦାସ, ବୈଦ୍ୟନାଥ ସାହୁ, ପ୍ରଶାନ୍ତ କୁମାର ସେଠୀ, ଯଯାତି ସାମନ୍ତରାୟ, କିଶୋର ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ସହ ବିତାଇଥିବା ସ୍ମୃତିକୁ ବାଣ୍ଟିବା ସହ ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ। ତାଙ୍କ ମଧ୍ୟମ ପୁଅ ତଥା ଏରସମା ସମ୍ବାଦ ପ୍ରତିନିଧି ତୃପ୍ତି ରଂଜନ ମହାନ୍ତି ଧନ୍ୟବାଦ ଦେବା ସହିତ ଶେଷରେ ସ୍ୱର୍ଗତ ସୁଶିଲ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସମସ୍ତେ ନୀରବ ପ୍ରାର୍ଥନା କରିଥିଲେ।

## ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ନାଉଗାଁ,୨୮।୬(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁ ଗାଁ ପଞ୍ଚାୟତ ସ୍ଥିତ କଣ୍ଟୁଣିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଉକ୍ତ ବିଦ୍ୟାଳୟର ୧୯୮୨ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ, ଛାତ୍ର ସହଦେବ ସାହୁ, ପ୍ରତାପ ସ୍ୱାଇଁ, ଅଜୟ ମହାନ୍ତି, ଈଶ୍ୱର ସ୍ୱାଇଁ, ଅରୁଣ ସାହୁ, ସୁରେଶ ସାହୁ, ଅଶୋକ ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ଲଲାଟେନ୍ଦୁ ପରୀଡା, ଛାତ୍ରୀ ମନୋରମା ରାଉତ ଓ ଟୁକୁନୀ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୪ ବର୍ଷ ପରେ ପ୍ରଥମ କରି ଏହି ବନ୍ଧୁମିଳନ ଉକ୍ତ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଉଥିବା ବେଳେ ଏଥିରେ ୧୯୮୨ ମସିହା ବ୍ୟାଚର ୧ସହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବନ୍ଧୁ ମିଳନର ପ୍ରଥମ କାର୍ଯ୍ୟକ୍ରମରେ, ଆରପାରିକୁ ଚାଲିଯାଇଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କିଛି ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟି ନିରବ ପ୍ରାର୍ଥନା କରାଯିବା ପରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରଥମେ ବନ୍ଧୁମିଳନରେ ଯୋଗଦେଇଥିବା ଅବସରପ୍ରାପ୍ତଗୁରୁ ପରମାନନ୍ଦ ମହାପାତ୍ର, କମଳାକାନ୍ତ ସାହୁ, ଦାମୋଦର ଭୋଳ, ସାଧୁ ଚରଣ ଲେଙ୍କା, ନିଳୁରାମ ମହାନ୍ତି, ଧ୍ରୁବ ଭୋଳଓସର୍ବେଶ୍ୱରପରିଡ଼ାଙ୍କୁଛାତ୍ରଛାତ୍ରୀଙ୍କତରଫରୁସମ୍ବର୍ଦ୍ଧନାପ୍ରଦାନକରାଯାଇଥିଲା।

## ଷଣ୍ଢକୁଦ ଅଞ୍ଚଳରେ ଚାଲିଛି ବେଆଇନ ଘର ତିଆରି

ପାରାଦୀପ,୨୮।୬(ସମିସ): ପାରାଦୀପ ଷଣ୍ଢକୁଦ ଅଞ୍ଚଳରେ ବେଆଇନ ଘର ନିର୍ମାଣ ଦିନକୁ ଦିନ ବଢି ଚାଲିଛି। ତେବେ ଏହି ବେଆଇନ ଘର ନିର୍ମାଣ କିଏ କରୁଛି, ନିର୍ମାଣରେ କାହାର ହାତ ରହିଛି, କିଏ ଏହି ଘର ନିର୍ମାଣ ପାଇଁ ଅନୁମତି ଦେଉଛି ତାହା ବୁଝିବା ମୁସ୍କିଲ ହୋଇ ପଡିଛି। ନୂତନ ଘର ନିର୍ମାଣ ସମ୍ପର୍କରେ ପାରାଦୀପ ବନ୍ଦର ଇଷ୍ଟେଟ ବିଭାଗରେ ଖବର ରହିବା କଥା। ହେଲେ କିପରି ଇଷ୍ଟେଟ ବିଭାଗ ଜାଣି ପାରୁନି ତାକୁ ନେଇ ସାଧାରଣ ରେ ଆଲୋଚନା ହେଉଛି। ଇଷ୍ଟେଟ ବିଭାଗର ଅଜାଣତରେ ଘର ତୋଳିବା ତ ଦୂରର କଥା ଟୋକେ ମାଟି ବି ପଡି ପରିବା କଥା ନୁହେଁ, ହେଲେ ଲୋକେ ଦିନ ଦ୍ୱିପ୍ରହରରେ ଛାତ କିଭଳି ପକାଉଛନ୍ତି। ତାହା ଏବେ ଆଶ୍ଚର୍ଯ୍ୟର ବିଷୟ ହୋଇଛି। ଷଣ୍ଢକୁଦ ଶେଷ ଆଡକୁ ଥିବା ସର୍ଭିସିଂ ସେଣ୍ଟର ନିକଟରେ ଏହି ବେଆଇନ ଘର ତିଆରି ଚାଲିଥିବାର ଦୃଶ୍ୟ ଏବେ ସାମ୍ନାକୁ ଆସିଛି। ଯାହା ସ୍ଥାନୀୟବାସିନ୍ଦା ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି। ବେଆଇନ ଘର ନିର୍ମାଣରେ ବିଭାଗୀୟ ଅଧିକାରୀଙ୍କ ହାତ ଥାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ତେବେ ଖବର ବାଜିବା ପରେ ଘର ମାଲିକଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା।



### ■ ପାରାଦୀପ ଟ୍ରେଲର ମାଲିକ ସଂଘ କର୍ମକର୍ତ୍ତା ଚୟନ

## ପ୍ରକାଶ ଜେନା ସଭାପତି, ନଗେନ୍ଦ୍ର ରାଉତ ସମ୍ପାଦକ





ପାରାଦୀପ,୨୮।୬(ସମିସ): ପାରାଦୀପ ଟ୍ରେଲର ଓ ଗ୍ୟାସ୍ ଟ୍ୟାଙ୍କର ମାଲିକ ସଂଘର କର୍ମକର୍ତ୍ତା ଚୟନ ହୋଇଯାଇଛି। ଏନେଇ ଆଜି ସଂଘ ପକ୍ଷର ମିଳିତ ଟ୍ରେଲର ସମନ୍ୱୟ କମିଟିର ଅଧ୍ୟକ୍ଷ ପ୍ରକାଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ସଂଘର ନୂତନ କର୍ମକର୍ତ୍ତାଙ୍କ ନାମ ବିଧିବଧ ଭାବେ ଘୋଷଣା କରାଯାଇଥିଲା। ତେବେ ସଭାପତି ଭାବେ ପ୍ରକାଶ କୁମାର ଜେନା ଓ ସମ୍ପାଦକ ଭାବେ ନଗେନ୍ଦ୍ର ରାଉତଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ କର୍ମେଶ୍ୱର ସ୍ୱାଇଁ, ଉପସଭାପତି ଭାବେ ଆଶୁତୋଷ ସ୍ୱାଇଁ, ସହ ସମ୍ପାଦକ ଭାବେ ସତ୍ୟଜିତ ପ୍ରଧାନ, ଯୁଗ୍ମ ସମ୍ପାଦକ ଭାବେ ମନମୋହନ ନାୟକ ଓ କୋଷାଧ୍ୟକ୍ଷ ଭାବେ ତୃପ୍ତିରଞ୍ଜନ ପୃଷ୍ଟିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇ ସପଥପାଠ କରାଯାଇଥିଲା। ତେବେ ଗତ ଜୁନ ୧୨ ତାରିଖରେ ତିନୋଟି ଟ୍ରେଲର ସଂଘକୁ ନେଇ ମିଳିତ ସମନ୍ୱୟ କମିଟିରେ ଆସନ୍ତା ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ତିନୋଟି ଯାକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶେଷ କରିବାକୁ କମିଟିର ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ପ୍ରସ୍ତାବ ଦେଇଥିଲେ। ଆଗାମୀ ଦିନରେ ପାରାଦୀପ ବନ୍ଦରରେ କଣ୍ଟେନର ଦ୍ୱାରା ପଣ୍ୟ ପରିବହନ କରିବାକୁ ବନ୍ଦର ପ୍ରାଧିକରଣ ନିଷ୍ପତି ନେଇଥିବାରୁ ଟ୍ରେଲର ମାଧ୍ୟମରେ କଣ୍ଟେନର ଗୁଡିକୁ ପରିବହନ କରାଯିବ। ଏଥିପାଇଁ ଆଗାମୀ ଦିନରେ ପାରାଦୀପରେ ବହୁ ଟ୍ରେଲରର ଆବଶ୍ୟକତା ପଡିବ। ପାରାଦୀପରେ ଟ୍ରେଲର ସଂଖ୍ୟା କମ୍ ଥିବାରୁ ଏବଂ ଅଧିକ ଟ୍ରେଲରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟୀ ମାନଙ୍କୁ ନୂଆ ଟ୍ରେଲର କରିବା ପାଇଁ କମିଟି ତରଫରୁ ନୂତନ ସଭ୍ୟ ସଂଗ୍ରହ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା। ଶୃଙ୍ଖଳିତ ଭାବେ ଏହି ଟ୍ରେଲର ବ୍ୟବସାୟ କିଭଳି ପାରାଦୀପ ଭଳି ବନ୍ଦର ସହରରେ ଚାଲିପାରିବ, ଟ୍ରେଲର ମାଲିକ ମାନେ ଦି ପଇସା ରୋଜଗାର କରି ପାରିବେ ସେନେଇ ନୂତନ ଭାବେ ସଭାପତି ଦାୟିତ୍ୱ ନେଇଥିବା ଶ୍ରୀ ଜେନା ତାଙ୍କର ଚେଷ୍ଟା ଜାରି ରହିବ ବୋଲି ଗଣମାଧ୍ୟମ କୁ ସୂଚନା ଦେଇଥିଲେ।

## ଉଦ୍ୟମୀ ଓଡିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଜଗତସିଂହପୁର,୨୮।୬(ସମିସ): ଜଗତସିଂହପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମଇ ଦିବସ ଉପଲକ୍ଷେ ଜିଲ୍ଲା ଶିଳ୍ପ କେନ୍ଦ୍ର, ଜଗତସିଂହପୁର ତରଫରୁ ୪ ଦିବସୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀ ୨୦୨୬ ସାଂସଦ ବିଭୁପ୍ରସାଦ ତରାଇଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର, ଜଗତସିଂହପୁରର ସାଧାରଣ ପରିଚାଳକ ମନୋରଞ୍ଜନ ବିଷୋୟୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ତଥା ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ବରିଷ୍ଠ ପୁଲିସ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ଅତିରିକ୍ତ ନିର୍ଦ୍ଦେଶକ ହସ୍ତଶିଳ୍ପ ଅଜିତ ପ୍ରସାଦ ଭୋଇ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି। ମୁଖ୍ୟଅତିଥି ସାଂସଦ ବିଭୁ ପ୍ରସାଦ ତରାଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଆଶାୟୀ ଉଦ୍ୟୋଗୀ ମାନଙ୍କୁ ସରକାରଙ୍କ ପ୍ରଦତ୍ତ ସମସ୍ତ ଯୋଜନାର ଲାଭ ଉଠାଇବା ପାଇଁ ପ୍ରେରଣା ଦେଇଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ର, ଜଗତସିଂହପୁରର ସାଧାରଣ ପରିଚାଳକ ମନୋରଞ୍ଜନ ବିଷୋୟୀ ଯୁବକ ଯୁବତୀମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଉଦ୍ୟୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ମଞ୍ଚରେ ଜିଲ୍ଲାର ବିଶିଷ୍ଟ ଉଦ୍ୟମୀ ମନୀନ୍ଦ୍ର ନାଥ ପରିଡା, ଚିତ୍ତରଞ୍ଜନ ସ୍ୱାଇଁ, ମନୋଜ କୁମାର ମହାପାତ୍ର, ସତ୍ୟବ୍ରତ ମହାନ୍ତିଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଏହା ବ୍ୟତୀତ ସମାଜସେବା ପାଇଁ ଗୋବିନ୍ଦ ଓଝା, ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥାର ପ୍ରୀତିଶ ଭାରତ ଦାସ, ପାର୍ଥ ପ୍ରତିମ ଷଡ଼ଙ୍ଗୀ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟଙ୍କୁ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସଦ ସମସ୍ତ ଷ୍ଟଲ ପରିଦର୍ଶନ କରି ଉଦ୍ୟମୀମାନଙ୍କ ସହ ମତବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପାଳନ କରିବା ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର, ଜଗତସିଂହପୁରର ସହକାରୀ ଶିଳ୍ପ ଅଧିକାରୀ ତ୍ରିବିକ୍ରମ ଭୋଇ, ସ୍ୱର୍ଣ୍ଣ ସାରିକା ପଟ୍ଟନାୟକ, ଲଭଲିକାନ୍ତ ମଲ୍ଲିକ, ଅନନ୍ୟା ଅନୁଷ୍କା ଓ ଜିଲ୍ଲା ଶିଳ୍ପ କେନ୍ଦ୍ର, ଜଗତସିଂହପୁରର ସମସ୍ତ କର୍ମଚାରୀ ସହାୟତା କରିଥିଲେ।



### ▸▸ ଏନ୍‌ସିସି ଆଲମ୍‌ନି ଆସୋସିଏସନ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

## ପାରାଦୀପ ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ



ପାରାଦୀପ,୨୮।୬(ସମିସ): ପାରାଦୀପ କଲେଜ ଏନ୍‌ସିସି ଆଲୁମ୍‌ନି ଆସୋସିଏସନ୍ ପକ୍ଷରୁ ଆଜି ପାରାଦୀପ ସମୁଦ୍ର ବେଳାଭୂମିରେ ୧୦୧ତମ ସ୍ୱଚ୍ଛତା ଅଭିଯାନ ସଫଳତାର ସହ ଆୟୋଜିତ ହୋଇଥିଲା। ସଂଘର ସଦସ୍ୟମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବେଳାଭୂମିକୁ ସଫା କରିଥିଲେ। ଏହି ସଫେଇ ଅବସରରେ ସଂଘର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଥିଲେ ଯେ, ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତ୍ୟେକ ରବିବାର ଏହି ସ୍ୱଚ୍ଛତା ଅଭିଯାନ ଚାଲିଆସୁଛି। ଆଜିର ଅଭିଯାନରେ ବେଳାଭୂମିରୁ ବହୁ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା, ମଦ ବୋତଲ ଏବଂ ଭଙ୍ଗା କାଚ ବୋତଲ ସଂଗ୍ରହ କରାଯାଇଥିଲା। ସେ ସମସ୍ତ ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ପ୍ଲାଷ୍ଟିକ୍, ମଦ ବୋତଲ ଓ ଅନ୍ୟାନ୍ୟ ଆବର୍ଜନା ଏଣେତେଣେ ନ ଫିଙ୍ଗି ଡଷ୍ଟବିନ୍‌ରେ ପକାଇବାକୁ ଅନୁରୋଧ କରିଥିଲେ। ପ୍ଲାଷ୍ଟିକକୁ ଠିକ୍ ଭାବେ ନିଷ୍କାସନ କଲେ ତାହାର ପୁନଃ ବ୍ୟବହାର (ରିସାଇକ୍ଲିଂ) ସମ୍ଭବ ବୋଲି ସେ କହିଥିଲେ। ଏହାସହ ସେ ସମ୍ପୃକ୍ତ ସରକାରୀ ଅଧିକାରୀମାନଙ୍କୁ ପାରାଦୀପ ସମୁଦ୍ର ବେଳାଭୂମି ପରିଦର୍ଶନ କରି ପ୍ରକୃତ ସ୍ଥିତି ଅନୁଭବ କରିବା ସହ ସ୍ୱଚ୍ଛତା ଓ ବର୍ଜ୍ୟ ପରିଚାଳନା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ବେଳାଭୂମିରେ ଅସାମାଜିକ ଯୁବକ ହୁଅନ୍ତୁ କିମ୍ବା ପର୍ଯ୍ୟଟକ ହୁଅନ୍ତୁ, ସେମାନଙ୍କୁ ଏହି ବେଳାଭୂମି ଅଞ୍ଚଳରେ ନିଶା ସେବନ ଉପରେ ରୋକ ଲଗାଇବାକୁ ପୁଲିସ ପ୍ରଶାସନକୁ ଅନୁରୋଧ କରିଥିଲେ। ରୀତିମତ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବାକୁ ସଭାପତି ଶ୍ରୀ ମହାପାତ୍ର ଅନୁରୋଧ ଜଣାଇଥିଲେ। ତେବେ ବିଭିନ୍ନ ପ୍ରକାର ବୋତଲ, ଗ୍ଲାସ ଓ କୌଣସି ପ୍ୟାକେଟ ଜରି ଗୁଡିକୁ ଚିରି ଏଣେତେଣେ ନପକାଇ ସେଠାରେ ଥିବା ଡଷ୍ଟବିନ ରେ ପକାନ୍ତୁ। ଶେଷରେ ସମସ୍ତଙ୍କୁ ସ୍ୱଚ୍ଛ ପରିବେଶ ଗଠନରେ ସହଯୋଗ କରିବା ଓ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ଆହ୍ୱାନ ଜଣାଯାଇଥିଲା।

## ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ବର୍ଷା ସାହିତ୍ୟ ଆସର

ଜଗତସିଂହପୁର,୨୮।୬(ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଅଳକା ଆଶ୍ରମ, ଚାଟରା, ଜଗତସିଂହପୁରଠାରେ ବର୍ଷା ସାହିତ୍ୟ ଆସର ପରିଷଦର ସଭାପତି ତଥା ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସମ୍ମାନନୀୟ ଅତିଥି ରୂପେ ନବକାକଳିର ପ୍ରତିଷ୍ଠାତା ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, କବି ଅଜୟ କୁମାର ବେହେରା, ଗୀତିକବି ଉମାକାନ୍ତ ନାୟକ, ଗାଳ୍ପିକ ପୂର୍ଣ୍ଣ ମିଶ୍ର, ଶୀତାଂଶୁ ଜେନା ପ୍ରମୁଖ ଯୋଗଦେଇ ଯୁବ ସାହିତ୍ୟିକମାନଙ୍କ କୃତି ଉପରେ ଆଲୋଚନା କରିଥିଲେ। ପରେ କବି ସୌମେନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ କବି ଗଣେଶ ମହାନ୍ତି, ମନୋରମା ଶତପଥୀ, ପରୀକ୍ଷିତ ମହାନ୍ତି, ଗୀତା ଦାସ, ଶେଷଦେବ ଛୋଟରାୟ, ରବୀନ୍ଦ୍ରନାଥ ବେହେରା, ହେମନ୍ତ କୁମାର ବାରିକ, ପଞ୍ଚାନନ ପୋଲାଇ, ତିଳୋତ୍ତମା ଦାଶ, ସନ୍ତୋଷ ଦାସ, ଅଜୟ ବାରିକ, କୈଳାସ ମଲ୍ଲିକ, ମନୋରମା ଦାଶ, ଅର୍ଚ୍ଚନା ଦାସ, ଶ୍ରୁତିରୂପା ରାୟ, ସରୋଜ ମହାପାତ୍ର, କୃଷ୍ଣ ଚନ୍ଦ୍ର ଦାସ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଯୁବ କବି ସବ୍ୟସାଚୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଯୁବ କବି ମୋନାଲିସା ମୁଦୁଲି, ସରୋଜ ମହାପାତ୍ର, ଅର୍ଚ୍ଚନା ଦାସ, ସନ୍ତୋଷ ଦାସ, ପ୍ରମୁଖ ନବସର୍ଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସମ୍ପାଦକ ଉମାକାନ୍ତ ନାୟକ ସୂଚନା ପ୍ରଦାନ କରିଥିବା ବେଳେ ପରିଶେଷରେ ଶ୍ରୁତିରୂପା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।




# ବେଆଇନ ଗଚ୍ଛିତ ୫୦୦ ଟ୍ରିପ୍ ବାଲି ଜବତ

ଜଗତସିଂହପୁର,୨୮।୬(ସମିସ):



- ■ ନିଲାମ ପାଇଁ ଖଣି ବିଭାଗକୁ ହସ୍ତାନ୍ତର
- ■ ଘଟଣା ସ୍ଥଳରେ ୧୬୩ ଧାରା ଜାରି

ଜଗତସିଂହପୁର ଜିଲ୍ଲା ବିରିଡ଼ି ତହସିଲ ଅନ୍ତର୍ଗତ ପାରିଶଙ୍ଖାରିସାହି ନିକଟ ଏକ ମନ୍ଦିର ପାଶ୍ୱର୍ରେ ଥିବା ସରକାରୀ ଜମିରେ ଗଦା ହୋଇଥିବା ୫ ଶହରୁ ଅଧିକ ଟ୍ରିପ୍ ବେଆଇନ ବାଲିକୁ ଜବତ କରିଛି ପ୍ରଶାସନ। ଏହି ଠୁଳ କରାଯାଇଥିବା ବାଲି ଜିଲ୍ଲା ତଥା ରାଜ୍ୟ ବାହାରକୁ ଚୋରା ଚାଲାଣ ହେଉଥିବା ସନ୍ଦେହ ବଢିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗତ ଶନିବାର ଜଗତସିଂହପୁର ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିରିଡି ତହସିଲଦାର ପ୍ରିଙ୍କଲ ପରିଡା ଓ ବିରିଡ଼ି ଥାନା ଏସଆଇ ମାନସିଂହ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ବେଆଇନ ଠୁଳ ହୋଇଥିବା ବାଲିକୁ ଜବତ କରିଥିଲେ। ପରେ ଏହି ବେଆଇନ ଭାବେ ଗଚ୍ଛିତ ବାଲିକୁ ଜିଲ୍ଲା ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ଆଗାମୀ ଦିନରେ ଏହି ଚୋରା ବାଲିକୁ ନିଲାମ କରାଯିବ ବୋଲି ଉପ ଜିଲ୍ଲାପାଳ ଶ୍ରୀ ତରାଇ ସୂଚନା ଦେଇଛନ୍ତି। ଏଥି ସହିତ ଉକ୍ତ ସ୍ଥାନରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୬୩ ଲାଗୁ କରାଯାଇଛି। ତେବେ ବିରିଡ଼ି ତହସିଲ ଅଞ୍ଚଳରେ ପାରିଶଙ୍ଖାରିସାହି ଠାରେ ଦେବୀନଦୀର ଗୋଟିଏ ଘାଟ ନିଲାମ ଦିଆଯାଇଥିବା ବେଳେ ଏହି ବାଲି ଘାଟରୁ ଶହ ଶହ ବେଆଇନ ବାଲି ଟ୍ରିପ ରାତି ୧୨ଟାରୁ ସକାଳ ଭୋର୍ ସମୟ ପର୍ଯ୍ୟନ୍ତ ଚୋରା ଚାଲାଣ କରାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ବିଭିନ୍ନ ସମୟରେ ଜିଲ୍ଲାପାଳ ଓ ତହସିଲ ପ୍ରଶାସନକୁ ଅଭିଯୋଗ କରି ଆସୁଛନ୍ତି। ହେଲେ ଚୋରା ବାଲି ମାଫିଆମାନେ ସକ୍ରିୟ ହୋଇ ଉଠିଥିବା ବେଳେ ପ୍ରଶାସନର ନୀରବତା ସେମାନଙ୍କ ପାଇଁ ଆଶୀର୍ବାଦ ପାଲଟିଥିବା ସାଧାରଣରେ ଅଭିଯୋଗ ହେଉଛି। ଏତେ ପରିମାଣରେ ବାଲି ପୁଣି ସରକାରୀ ଜାଗାରେ କିଏ ଗଚ୍ଛିତ କରି ରଖିଥିଲା ଏବଂ ବିରିଡି ତହସିଲ ତଥା ଜଗତସିଂହପୁର ଜିଲ୍ଲା ପ୍ରଶାସନ କେମିତି ଏହା ଜାଣି ପାରିଲେ ନାହିଁ ତାହା ପ୍ରଶାସନର ପାରିବା ପଣିଆ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି।

● କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଦିନିକିଆ ଗସ୍ତ

## କେନ୍ଦ୍ରାପଡ଼ାରେ ଶିଳ୍ପ ବିକାଶର ଆବଶ୍ୟକତା ରହିଛି

କେନ୍ଦ୍ରାପଡ଼ା,୨୮।୬(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ବିଭିନ୍ନ ସାମାଜିକ ଓ ସାଂଗଠନିକ କାର୍ଯ୍ୟକ୍ରମରେ ଯୋଗଦେବା ସହ କେନ୍ଦ୍ରାପଡ଼ାର ଶିଳ୍ପ ଓ ଦକ୍ଷତା ବିକାଶକୁ ନେଇ ଗୁରୁତ୍ୱାରୋପ କରିଛନ୍ତି। କୃଷି ପ୍ରଧାନ ଜିଲ୍ଲା ହୋଇଥିଲେ ମଧ୍ୟ ଏଠାରେ ଶିଳ୍ପର ବ୍ୟାପକ ସମ୍ଭାବନା ରହିଛି। ସ୍ଥାନୀୟ କାରିଗରଙ୍କ



ଦକ୍ଷତାକୁ ରୋଜଗାର ସହ ଯୋଡ଼ିବା ଆବଶ୍ୟକ ବୋଲି ସେ କହିଛନ୍ତି। ପୂର୍ବାହ୍ନରେ ଦୁହୁରିଆ ଛକରେ ପହଞ୍ଚିବା ପରେ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ପରେ ସେ ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ମନ୍ଦିର ପରିସରରେ ସହଯୋଗୀଙ୍କ ସହ ପ୍ରସିଦ୍ଧ ରସାବଳୀର ସ୍ୱାଦ ମଧ୍ୟ ଆସ୍ୱାଦନ କରିଥିଲେ। ଅପରାହ୍ନରେ ଗୋପଛକସ୍ଥ କମଳ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ବୁଦ୍ଧିଜୀବୀ, ସାହିତ୍ୟିକ, ଛାତ୍ରଛାତ୍ରୀ ଓ ଦଳର ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ସହ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିଥିଲେ। ଜିଲ୍ଲାର ବିକାଶ, ଶିକ୍ଷା, ଦକ୍ଷତା ବିକାଶ ଓ ସାମ୍ପ୍ରତିକ ପ୍ରସଙ୍ଗ ଉପରେ ମତ ବିନିମୟ ହୋଇଥିଲା। ଗଣମାଧ୍ୟମ ସହ ଆଲୋଚନାବେଳେ ଧର୍ମେନ୍ଦ୍ର କହିଥିଲେ, କେନ୍ଦ୍ରାପଡ଼ାର କୁଶଳୀ କାରିଗରଙ୍କ ବିଶ୍ୱସ୍ତରରେ ପରିଚୟ ରହିଛି। ବିଶେଷକରି ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ଲମ୍ବର କାରିଗର ଦେଶ ଓ ବିଦେଶରେ ନିଜ ଦକ୍ଷତାର ପରିଚୟ ସୃଷ୍ଟି କରିଛନ୍ତି। ସେମାନଙ୍କ ଏହି କୌଶଳକୁ ଆଧୁନିକ ପ୍ରଶିକ୍ଷଣ ଓ ରୋଜଗାର ସହ ଯୋଡ଼ିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବିଜେପି ପ୍ରବକ୍ତା ତେଜେଶ୍ୱର ପରିଡ଼ା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ଦୁର୍ଯ୍ୟୋଧନ ସାହୁ, ପୂର୍ବତନ ବିଧାୟକ ଅଲେଖ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମେନ୍ଦ୍ରଙ୍କୁ କଂଗ୍ରେସର କଳାପତାକା ପ୍ରଦର୍ଶନ

କେନ୍ଦ୍ରାପଡ଼ା,୨୮।୬(ସମିସ): ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗକୁ ନେଇ ରବିବାର କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜିଲ୍ଲା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ମହିଳା କଂଗ୍ରେସ ପକ୍ଷରୁ କଳାପତାକା ପ୍ରଦର୍ଶନ କରାଯାଇଛି। ଦୁହୁରିଆ ଛକରେ କଂଗ୍ରେସ କର୍ମୀ ଏକତ୍ରିତ ହୋଇ କଳାପତାକା ଓ କଳା ବେଲୁନ୍ ପ୍ରଦର୍ଶନ



କରିବା ସହ "ଧର୍ମେନ୍ଦ୍ର ପ୍ରଧାନ ଗୋବ୍ୟାକ୍" ସ୍ଲୋଗାନ ଦେଇ ବିକ୍ଷୋଭ କରିଥିଲେ। କେନ୍ଦ୍ରମନ୍ତ୍ରୀ କେନ୍ଦ୍ରାପଡ଼ା ବ୍ଲକ ପାଳକଣା ଗ୍ରାମରେ ଏକ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଜିଲ୍ଲାକୁ ଆସୁଥିବା ଖବର ପାଇ କଂଗ୍ରେସ କର୍ମୀ ପୂର୍ବରୁ ଦୁହୁରିଆରେ ଅପେକ୍ଷା କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଗାଡ଼ି ପହଞ୍ଚିବା ମାତ୍ରେ ବିକ୍ଷୋଭ ଆରମ୍ଭ ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ତୁରନ୍ତ ହସ୍ତକ୍ଷେପ କରି ବିକ୍ଷୋଭକାରୀଙ୍କୁ ଅଟକାଇଥିଲା। ଫଳରେ କୌଣସି ଅପ୍ରୀତିକର ଘଟଣା ଘଟି ନ ଥିଲା। ବିକ୍ଷୋଭ ସମୟରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ କହିଥିଲେ, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରଭାବିତ କରିଛି। ଏପରି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ ରହିଥିବା ସତ୍ତ୍ୱେ ସେ ପଦକ୍ଷେପ ନେଇ ନ ଥିବାରୁ ତାଙ୍କ ବିରୋଧରେ ପ୍ରତିବାଦ କରାଯାଉଛି। ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡା. ଦେବସ୍ମିତା ଶର୍ମା କହିଥିଲେ, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନୈତିକତା ଆଧାରରେ ଇସ୍ତଫା ଦେବା ଉଚିତ ଥିଲା। ଦେଶର ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରାଯାଉଥିବାରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରଭାବିତ ହେଉଛି। ଏହି ବିକ୍ଷୋଭରେ ରତିକାନ୍ତ କାନୁନଗୋ, ଦର୍ପ ସାହୁ, ମାନଗୋବିନ୍ଦ ଦାସ, ଛାତ୍ର କଂଗ୍ରେସ ସଭାପତି ଦିବ୍ୟରଞ୍ଜନ ରାଉତ, ଶୈଳେନ୍ଦ୍ର ମଲ୍ଲିକଙ୍କ ସମେତ ଜିଲ୍ଲାର ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ ଥିଲେ।

## ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ,୨୮।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ପଞ୍ଚାୟତର ଯୁବ ସରପଞ୍ଚ ସ୍ୱର୍ଗତ ଜ୍ଞାନରଞ୍ଜନ ଖଣ୍ଡାୟୀ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସମାଜସେବୀ ଶାନ୍ତନୁ ପରିଡାଙ୍କ ସଂଯୋଜନାରେ ଗୋବିନ୍ଦପୁରରେ ଆୟୋଜିତ



ଶ୍ରାଦ୍ଧବାର୍ଷିକୀ ସମାରୋହରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି ଓ ପ୍ରିୟଦର୍ଶିନୀ ତରାଇ, କେନ୍ଦ୍ରାପଡ଼ା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ଗାଙ୍ଗପଡ଼ା ସରପଞ୍ଚ ଅଶ୍ୱିନୀ ପାତ୍ର, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ସମିତି ସଭ୍ୟ ଅଭୟ ସ୍ୱାଇଁ, କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ, ଦେବାଶିଷ ମହାନ୍ତି, ବିମଳ ଖଣ୍ଡାୟୀ ପ୍ରମୁଖ ଯୋଗଦେଇ ନୀଳକଣ୍ଠପୁର ପଞ୍ଚାୟତ ବିକାଶରେ ଦିବଂଗତ ସରପଞ୍ଚ ଜ୍ଞାନରଞ୍ଜନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ଆତ୍ମାର ସଦଗତି ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରମୋଦ ଖଣ୍ଡାୟୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରସନ୍ନ ଖଣ୍ଡାୟୀ, ବିମଳ ଖଣ୍ଡାୟୀ, ରମାକାନ୍ତ ଖଣ୍ଡାୟୀ ପ୍ରମୁଖ ପରିଚାଳନା କରିଥିଲେ।

### ମହାକାଳପଡ଼ା ବ୍ଲକ୍‌ରେ କାର୍ଯ୍ୟକାରୀ ହେଉନି ବଦଳି ନିୟମ

# ୩ ବର୍ଷରୁ ଅଧିକ ଗାଦି ମାଡ଼ିବସିଛନ୍ତି ଅଧିକାରୀ

ମହାକାଳପଡ଼ା, ୨୮।୬ (ସମିସ)

ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ କୌଣସି ସରକାରୀ କର୍ମଚାରୀ ୩ ବର୍ଷରୁ ଅଧିକ ଦିନ ରହିପାରିବେ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକରେ ସରକାରଙ୍କ ଏହି ବଦଳି ନୀତିକୁ ଜଳାଞ୍ଜଳି ଦିଆଯାଇଥିବା ଦେଖିବାକୁ ମିଳିଛି। ଜଣେ ଜଣେ ଅଧିକାରୀ ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ଗାଦି ମାଡ଼ି ବସି ରହିଛନ୍ତି। ଫଳରେ ସରକାରଙ୍କ ନିର୍ଦ୍ଦେଶନାମାର ଧଜିୟା ଉଡୁଛି। ଏମିତି ତଥ୍ୟ ସୂଚନା ଅଧିକାର ଆଇନ ବଳରେ ମିଳିବା ପରେ ବ୍ଲକ୍‌ରେ ଗାଦିମଡା ଅଧିକାରୀଙ୍କ ଚିଠା ଏବେ ସାମ୍ନାକୁ ଆସିଛି। ମିଳିଥିବା ତଥ୍ୟ କହୁଛି ବ୍ଲକର ଅନେକ କର୍ମଚାରୀ ୩ ବର୍ଷରୁ ଅଧିକ ଦିନ ଧରି ଗୋଟିଏ ଜାଗାରେ ରହି କାର୍ଯ୍ୟ କରୁଛନ୍ତି। ଯାହା ପ୍ରଶାସନିକ ସ୍ୱଚ୍ଛତା ଓ ଦୁର୍ନୀତି ନିବାରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ସୂଚନା ମୁତାବକ, ଯନ୍ତ୍ରୀ ମନୋଜ କୁମାର ଜେନା ୨୦୧୭ ଜୁନ୍ ୧୯ରୁ ଅର୍ଥାତ୍ ଦୀର୍ଘ ଆଠବର୍ଷରୁ ଅଧିକ, ଯନ୍ତ୍ରୀ ବିଭୂତି ଚରଣ ବେହେରା ୨୦୧୯ ନଭେମ୍ବର ୩୦ରୁ ପ୍ରାୟ ୭ ବର୍ଷ, ଯନ୍ତ୍ରୀ ଗୋପାଳ ଚନ୍ଦ୍ର ଦାସ ୨୦୨୧ ଜୁନ୍ ୩୦ରୁ ୪ ବର୍ଷରୁ ଅଧିକ, କମ୍ପ୍ୟୁଟର ପ୍ରୋଗ୍ରାମର ହିମାଂଶୁ ଶେଖର ଦାଶ ୨୦୨୧ ମାର୍ଚ୍ଚ ୩୦ରୁ ୪ ବର୍ଷରୁ ଅଧିକ, ଖଲାସି ଭାବେ କାର୍ଯ୍ୟ କରୁଥିବା ଶୁଭେନ୍ଦୁ ନାରାୟଣ ଦାସ ୨୦୧୯ ଜୁନ୍ ୧ ତାରିଖରୁ ପ୍ରାୟ ୬ ବର୍ଷରୁ ଅଧିକ, ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ସୁବ୍ରତ କୁମାର ସାହୁ ୨୦୨୧ ଡିସେମ୍ବର ୨୭ ତାରିଖରୁ ପ୍ରାୟ ସାଢ଼େ ୪ ବର୍ଷ ଧରି ମହାକାଳପଡ଼ା ବ୍ଲକ୍‌ରେ ରହିଛନ୍ତି। ଏହାବ୍ୟତୀତ ଟିସି,ଏସଏସଏ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଅତନୁ କୁମାର ଦାଶ ୨୦୨୨ ଜୁଲାଇ ୨୬ରୁ ପ୍ରାୟ ୩ ବର୍ଷରୁ ଅଧିକ ସମୟ ଧରି ଏଠାରେ କାର୍ଯ୍ୟରତ ଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଛି। ସବୁଠାରୁ ବଡ଼ କଥା ହେଲା ୱାଚ୍‌ମ୍ୟାନ ଭାବେ ନିରଞ୍ଜନ ଲେଙ୍କା ୧୯୯୪ ଅକ୍ଟୋବର ୧ରେ ଯୋଗଦାନ କରିଛନ୍ତି ବୋଲି ସୂଚନାରେ ଉଲ୍ଲେଖ ହୋଇଛି। ଯାହାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କାହିଁକି ମହାକାଳପଡ଼ା ବ୍ଲକ୍‌ରେ ଏହି ଅଧିକାରୀମାନେ ଗାଦି ମାଡ଼ି ବସିଛନ୍ତି? ଏମାନଙ୍କୁ ବଦଳି ନ କରାଇ ଏମାନଙ୍କ ଗାଦିକୁ ସୁରକ୍ଷିତ କରୁଛି କିଏ? ସରକାରଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିବା ପାଇଁ ବ୍ଲକ୍‌ର କେଉଁ ଅଧିକାରୀ ଚାହୁଁଛନ୍ତି? ତେବେ ସରକାର ସ୍ୱଚ୍ଛ ପ୍ରଶାସନିକ ଶାସନ ଓ ଦୁର୍ନୀତିମୁକ୍ତ ପାଇଁ ଏହି ବଦଳି ନୀତିକୁ ମହାକାଳପଡ଼ା ବ୍ଲକ୍‌ରେ କାହିଁକି କାର୍ଯ୍ୟକାରୀ କରାଯାଉନି ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ରହିଥିବା କର୍ମଚାରୀଙ୍କୁ ନିୟମ ଅନୁସାରେ ଅନ୍ୟତ୍ର ବଦଳି କରିବାକୁ ସୂଚନା ଅଧିକାର କର୍ମୀ ଓ ସଚେତନ ନାଗରିକ ଦାବି କରିଛନ୍ତି।

## ବ୍ଲକ କାର୍ଯ୍ୟାଳୟରେ ପଶି ଆକ୍ରମଣ ଘଟଣାରେ ଦୁଇ ଯୁବକ କୋର୍ଟ ଚାଲାଣ

ଆଳି,୨୮।୬(ସମିସ): ଗତକାଲି ସନ୍ଧ୍ୟାରେ ଆଳି ନୂଆବଜାର ଓ ବ୍ଲକ୍ କାର୍ଯ୍ୟାଳୟରେ ପଶି ୨ରୁ ୩ ଜଣ ଦୁର୍ବୃତ୍ତ ଉନ୍ମତ୍ତକାଣ୍ଡ ଘଟାଇଥିଲେ। ଦୁର୍ବୃତ୍ତମାନେ ବ୍ଲକ୍ କର୍ମଚାରୀ, ବ୍ୟବସାୟୀ ଓ ରାସ୍ତାରେ ଯାଉଥିବା ଲୋକଙ୍କୁ ନିସ୍ତୁକ ପିଟିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଜାରି ରହିଥିବାବେଳେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପ୍ରତିବାଦରେ ୩୦୦ରୁ ଅଧିକ ଉତ୍ୟକ୍ତ ଲୋକ ଓ ବ୍ୟବସାୟୀ ଆଳି ମେଡିକାଲ ସମ୍ମୁଖ କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଥିଲେ। ଆଳି ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ପୁଲିସ ଟିମ୍ ସହ ପହଞ୍ଚି କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଘଟଣାସ୍ଥଳରୁ ଅଟକ ରଖିଥିବା ଦୁଇଜଣ ଯୁବକଙ୍କୁ ଆଜି ପୁଲିସ କୋର୍ଟ ଚାଲାଣ କରିଛି। ଗତକାଲି ସନ୍ଧ୍ୟାରେ ହଠାତ୍ କିଛି ଦୁର୍ବୃତ୍ତ ହଠାତ୍ ମେଡିକାଲ ରାସ୍ତା ଓ ବଜାରରେ ବ୍ୟବସାୟୀଙ୍କ ଆସବାବପତ୍ର, ବିକ୍ରୟ ସାମଗ୍ରୀ ଫିଙ୍ଗା ଫୋପଡ଼ା କରିବା ସହିତ ଦୋକାନୀଙ୍କୁ ନିସ୍ତୁକ ପିଟିଥିଲେ। ପରେ ବ୍ଲକ୍ କାର୍ଯ୍ୟାଳୟରେ ପଶି କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ବଜାର ଦେଇ ଯାଉଥିବା କାର୍, ବସ୍ ଯାତ୍ରୀ, ସାଧାରଣ ଲୋକ ମଧ୍ୟ ନିସ୍ତାର ପାଇ ନ ଥିଲେ। ବ୍ଲକ୍ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ଶେଖ୍ ସଫିଉଦ୍ଦିନ୍, ପିଅନ ବୁଦ୍ଧିରାମ ହାଁସଦାଙ୍କ ସମେତ ବ୍ୟବସାୟୀ ବିଜୟ ରାୟ, ମୁଜାହିଦ ଖାନ୍, ଅଜଗର ଖାନ୍, ଜାବିଦ ଖାନ୍ ପ୍ରମୁଖ ୬ ଜଣ ଆହତ ହୋଇଥିଲେ। ବ୍ଲକ୍ କର୍ମଚାରୀ ସଫିଉଦ୍ଦିନ୍‌ଙ୍କ ଗଳା, ହାତ କଟିଥିବାବେଳେ ପିଅନ ବୁଦ୍ଧିରାମଙ୍କ ଜଂଘରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ସେହିପରି ଶେଖ୍ ଜାବିଦଙ୍କ ମୁଣ୍ଡ, ଛାତିରେ ଆଘାତ ଲାଗି ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ତାଙ୍କୁ କେନ୍ଦ୍ରାପଡ଼ା ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ବ୍ଲକ୍ ଆସିଷ୍ଟାଣ୍ଟ ଇଲେକ୍ଟ୍ରୋରାଲ୍ ରେଜିଷ୍ଟ୍ରେସନ୍ ଅଫିସର୍ ଓ ଆହତ ମୁଜାହିଦ୍ ଖାନ୍‌ଙ୍କ ପକ୍ଷରୁ ଥାନାରେ ପୃଥକ୍ ଏତଲା ଦିଆଯାଇଛି। ଅପରପକ୍ଷରେ ବଜାର ଓ ବ୍ଲକ୍ କାର୍ଯ୍ୟାଳୟରେ ଆତଙ୍କ ଖେଳାଇ ବାଇକ୍‌ରେ ଫେରାର ହେବାକୁ ଉଦ୍ୟମ କରୁଥିବା ଦୁଇ ଦୁର୍ବୃତ୍ତଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିଲା। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଥିବା ଆଳି ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି।

## କୁକୁଡ଼ା ଫାର୍ମକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ

ଡେରାବିଶ, ୨୮।୬(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମରୁ ବାହାରୁଥିବା ଦୁର୍ଗନ୍ଧ ପାଇଁ ଗ୍ରାମର ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ନିକିରାଇ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଗ୍ରାମର ସୁଶାନ୍ତ ରାଉତ ନାମକ ଜଣେ ବ୍ୟକ୍ତି ଏକ କୁକୁଡ଼ା ଫାର୍ମ କରିଛନ୍ତି। ଏହି ଫାର୍ମରୁ ଦୁର୍ଗନ୍ଧ ବାହାରୁଥବାରୁ ଗ୍ରାମର ଜ୍ଞାନରଞ୍ଜନ ଜେନା ଏ ନେଇ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ସ୍ଥାନୀୟ ତହସିଲଦାର, ନିକିରାଇ ଥାନାରେ ବାରମ୍ବାର ଅଭିଯୋଗ କରିଆସୁଥିବା ନେଇ ଜ୍ଞାନରଞ୍ଜନଙ୍କ ସ୍ତ୍ରୀ ସ୍ୱାଧୀନବାଳା ସୂଚନା ଦେଇଛନ୍ତି। ଶୁକ୍ରବାର ଫାର୍ମରେ ଥିବା କୁକୁଡ଼ାଙ୍କ ମଳ ଜ୍ଞାନରଞ୍ଜନଙ୍କ ଘର ସମ୍ମୁଖରେ ସୁଶାନ୍ତ ଗଦା କରିବାରୁ ସ୍ୱାଧୀନବାଳା ଏହାର ପ୍ରତିବାଦ କରିଥିଲେ। ମାତ୍ର ସୁଶାନ୍ତ ଅଶ୍ଳୀଳ ଭାଷାରେ ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସ୍ୱାମୀ ଜ୍ଞାନରଞ୍ଜନଙ୍କୁ ଏକ ବାଡ଼ିରେ ପିଟିଥିଲେ। ଜ୍ଞାନ ଜଣେ କର୍କଟ ପୀଡ଼ିତ ରୋଗୀ ହୋଇଥିବାରୁ ତାଙ୍କ ଛାତିରେ ଅସ୍ତ୍ରୋପଚାର କରାଯାଇଥିଲା ଓ ସୁଶାନ୍ତଙ୍କ ଆକ୍ରମଣରେ ସେ ଗୁରୁତର ହୋଇ ପ୍ରଥମେ ଇନ୍ଦୁପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସ୍ୱାଧୀନବାଳା କହିଛନ୍ତି। ଏ ନେଇ ସ୍ୱାଧୀନବାଳାଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଭିତ୍ତି କରି ଥାନାରେ ୨୨୮/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ସୁଶାନ୍ତଙ୍କୁ ଜ୍ଞାନରଞ୍ଜନଙ୍କ ପରିବାର ଆକ୍ରମଣ କରିଥିବା ନେଇ ସୁଶାନ୍ତଙ୍କ ପକ୍ଷରୁ କରାଯାଇଥିବା ଅନ୍ୟଏକ ଅଭିଯୋଗକୁ ଭିତ୍ତି କରି ଥାନାରେ ୨୨୭/୨୬ରେ ଅନ୍ୟଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବିମଳ ମଲିକ ସୂଚନା ଦେଇଛନ୍ତି।

## ରାଜନଗରରେ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ

ରାଜନଗର,୨୮।୬(ସମିସ): ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ ପୋଲିଓ ଦିବସ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ବିଭିନ୍ନ ବୁଥରେ ପାଳନ କରାଯାଇଛି। ଶିଶୁକୁ ଦିଆଯାଉଥିବା ଏହି ପୋଲିଓ ବୁନ୍ଦା କାର୍ଯ୍ୟକ୍ରମ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା ରଶ୍ମିରଞ୍ଜନ ମହାନ୍ତି କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



ପରିସରରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଓ ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ। ୦ ରୁ ୫ ବର୍ଷ ବୟସର ୧,୨୧୩୭ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବା ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିପାଇଁ ବ୍ଲକ୍‌ରେ ୮୧ଟି ପୋଲିଓ ବୁଥ ଓ ୭ଟି ଟ୍ରାନ୍‌ଜିଟ ମୋବାଇଲ ଟିମ ଗଠନ କରାଯାଇଛି। ଆଜି ପ୍ରଥମ ଦିନରେ ୧୧୮୩୪ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଯାଇଛି। ବୁଥ ରେ ୧୧୫୨୪ ଓ ଟ୍ରାନ୍‌ଜିଟ ପଏଣ୍ଟରେ ୩୧୦ ଜଣ ଶିଶୁ ପୋଲିଓ ବୁନ୍ଦା ଖାଇଥିବା ଡା ମହାନ୍ତି ସୂଚନା ଦେଇଛନ୍ତି। ଆସନ୍ତାକାଲି ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନବାଡି କର୍ମୀ ଘରକୁ ଘର ବୁଲି ରହିଯାଇଥିବା ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବେ। ଏହି କାର୍ଯ୍ୟକ୍ରମରେ ୪୦୦ କର୍ମୀଙ୍କୁ ନିୟୋଜିତ କରାଯାଇଛି।

## ଚାନ୍ଦୋଳରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସ୍ୱାଗତ

ଡେରାବିଶ,୨୮।୬(ସମିସ): ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପାଟକୁରା ବିଜେପି ପକ୍ଷରୁ ସ୍ୱାଗତ କରାଯାଇଥିଲା। ପାଟକୁରା ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ହାଜର ହାଜର କର୍ମୀ ଚାନ୍ଦୋଳ ବିଜେପି କାର୍ଯ୍ୟାଳୟ ନିକଟରେ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରି କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ଏ ଅବସରରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ ବନ୍ଦାପନା କରାଯାଇଥିଲା। ପଦ୍ମନାଭ ତ୍ରିପାଠୀ, ବିଜୟ ଜେନା, ଅଞ୍ଜନ ଦେବତା, ତୁଷାର ଘୋଷ, ଚିତ୍ତରଞ୍ଜନ ଚୌଧୁରୀ, ଶରତ ବେହେରା, ସଂଜୟ ଦାସ, ବିଘ୍ନେଶ୍ୱର ନାୟକ, ମୃତ୍ୟୁଞ୍ଜୟ ଲେଙ୍କା, ଶରତ ମଲିକ, ଜିତେନ୍ଦ୍ର ପଣ୍ଡା, ମଦନମୋହନ ସାହୁ, ବିଶ୍ୱମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୧୩୫୫୦ ଶିଶୁ ଖାଇଲେ ପୋଲିଓ ବୁନ୍ଦା

ପଟ୍ଟାମୁଣ୍ଡାଇ,୨୮।୬(ସମିସ): ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପକ୍ଷରୁ ପୋଲିଓ ଟୀକା ଦାନ ଅଭିଯାନ ଆରମ୍ଭ କରାଯାଇଛି। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନିରାକାର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନସିପାଲିଟି



ଅଞ୍ଚଳରେ ୮୩ ବୁଥ୍‌ରେ ପୋଲିଓ ଟୀକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜନ୍ମରୁ ୫ ବର୍ଷର ୧୩୫୫୦ ଜଣ ଶିଶୁ ପୋଲିଓ ବୁନ୍ଦା ଖାଇଥିଲେ। ଏହି କାର୍ଯ୍ୟକ୍ରମକୁ ନୃସିଂହ ଚରଣ ଦାସ, ଚିତ୍ତରଞ୍ଜନ ଚାନ୍ଦ, ସଞ୍ଜୟ କୁମାର ଦାସ, ପ୍ରିୟଦର୍ଶିନୀ ଦୀପ୍ତିମୟୀ ସାହୁ ଓ ସମସ୍ତ ସୁପରଭାଇଜର ପରିଚାଳନା କରିଥିଲେ। ଆସନ୍ତା ଦୁଇଦିନ ଧରି ସମସ୍ତ ଶିଶୁଙ୍କୁ ଘରକୁ ଘର ବୁଲି ଟୀକାଦାନ କରିବା କାର୍ଯ୍ୟକ୍ରମ ରହିଛି।

## ତ୍ରୁଟିପୂର୍ଣ୍ଣ ରାସ୍ତା ଯୋଗୁଁ ଦୁର୍ଘଟଣାରେ ଗଲା ମହିଳାଙ୍କ ଜୀବନ

ରାଜକନିକା,୨୮।୬(ସମିସ): ଠିକାଦାରଙ୍କ ବେପରୁଆ ମନୋଭାବରୁ ଆର୍‌ଡି ବିଭାଗ ରାସ୍ତା ନିର୍ମାଣରେ ତ୍ରୁଟି ହୋଇଛି। ଫଳରେ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ଜୀବନ ଯାଇଛି। ଗୋଟିଏ ଢଳେଇରୁ ଆଉ ଗୋଟିଏ ଢଳେଇ ଯୋଡିବା ସ୍ଥାନରେ ୮ ଇଞ୍ଚ ଉଚ୍ଚ ଥିବାରୁ ଦୈନିକ ଦୁର୍ଘଟଣା ଘଟି ଆହତ ହେଉଥିବାବେଳେ ଆଜି ଜଣେ ମହିଳାଙ୍କ ଜୀବନ ଯାଇଛି। ଆରଡି ବିଭାଗର କାଟଣା ଦେଇ ବାଜପୁରକୁ ଯାଇଥିବା ରାସ୍ତାରେ ଠିକାଦାରଙ୍କ ଦ୍ୱାରା କରାଯାଇଥିବା ଢଳେଇ ଉଚ୍ଚଖାଲ ପାଇଁ ରାଜକନିକା ଥାନା ଅନ୍ତର୍ଗତ କାଟଣାବଣିଆ ପଞ୍ଚାୟତର ବିଶାବାଟ ଗାଁର ରମେଶ ବେହେରାଙ୍କ ପତ୍ନୀ ଗୀତାରାଣୀ ବେହେରା (୪୧)ଙ୍କ ଆଜି ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଗତକାଲି ସନ୍ଧ୍ୟାରେ ସ୍ୱାମୀଙ୍କ ବାଇକ୍‌ରେ ନିଜ ନଣନ୍ଦ ଘର ଆୟତନରୁ ଫେରୁଥିବାବେଳେ ଏହି ସ୍ଥାନରେ ବାଇକରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ଗୀତାରାଣୀଙ୍କୁ କଟକ ନିଆଯାଇଥିବାବେଳେ ଆଜି ତାଙ୍କର ମୃତ୍ୟୁ ହୋଇଛି। ମୃତ ଗୀତାରାଣୀଙ୍କ ୧୭ ବର୍ଷର ପୁଅ ଓ ୧୫ ବର୍ଷର ମାଟ୍ରିକ ପଢୁଆ ଝିଅ ଅଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ରାସ୍ତାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ମୃତ ଗୀତାରାଣଙ୍କ ପରିବାରରକୁ ଆରଡି ବିଭାଗ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

## ଲଣ୍ଡା ପଡିଆ ଆଶ୍ରମକୁ ଆସିଲା ସୁଭଦ୍ରା ଓ ବଳଭଦ୍ରଙ୍କ ଦାରୁ



ପଞ୍ଚୁପାଣ୍ଡବ,୨୮।୬(ସମିସ): ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମରେ ଥିବା ଲଣ୍ଡା ପଡ଼ିଆ ଆଶ୍ରମରେ ହେବାକୁ ଥିବା ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ବିଗ୍ରହ ପାଇଁ ରବିବାର ଆଶ୍ରମରେ ସୁଭଦ୍ରା ଓ ବଳଭଦ୍ରଙ୍କ ଦାରୁ ପହଞ୍ଚିଛି। ବାବା ଦୟାନିଧି ଦାସଙ୍କୁ ସ୍ୱର୍ଗତ ବାବା ସନାତନ ଦାସଙ୍କ ସ୍ୱପ୍ନାଦେଶ ଅନୁସାରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ଦାରୁ ବ୍ରହ୍ମ ଚିହ୍ନଟ କରାଯାଇଥିଲା। ଗତ ସପ୍ତାହରେ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଦାରୁ ଚିହ୍ନଟ ପରେ ଦାରୁ ଛେଦନ କରାଯାଇ ଆଶ୍ରମକୁ ନିଆଯାଇଥିଲା। ବାବା ଦୟାନିଧି ଦାସଙ୍କ ତତ୍ତ୍ୱାବଧାନରେ ରବିବାର ଦିନ ଏକ ଯଜ୍ଞ କରାଯାଇ ଶତାଧିକ ଭକ୍ତଙ୍କୁ ନେଇ ପୂଜା କରାଯାଇଥିଲା। ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ଗ୍ରାମରୁ ସୁଭଦ୍ରା ଓ ରଘୁଦେଇପୁର ଗ୍ରାମରୁ ବଳଭଦ୍ରଙ୍କ ଦାରୁ ଛେଦନ କରାଯାଇଥିଲା। ଶତାଧିକ ଭକ୍ତ ନାମ ସଂକୀର୍ତ୍ତନ ଶୋଭାଯାତ୍ରା କରି ଲଣ୍ଡା ପଡ଼ିଆ ଆଶ୍ରମକୁ ଦାରୁ ପହଞ୍ଚାଇଥିଲେ।

## ଅଶୋକ ପ୍ରତିହାରୀ ଓଡ଼ିଶା ଜନତା କଂଗ୍ରେସର ଜିଲ୍ଲା ସଭାପତି



ରାଜନଗର, ୨୮।୬(ସମିସ): ରାଜନଗରର ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ୬ ମାସ ତଳେ କଂଗ୍ରେସ ଛାଡ଼ି ଓଡିଶା ଜନତା କଂଗ୍ରେସ ପାର୍ଟିରେ ଯୋଗ ଦେଇଥିଲେ। ତାଙ୍କର ନେତୃତ୍ୱ ନେବାର ଶୈଳୀ ଯୋଗୁଁ ତାଙ୍କୁ ଦଳ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ନିଯୁକ୍ତ କରିଛି। ଆଜି ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ରାଜ୍ୟ ସଭାପତି ମହମ୍ମଦ ମୋକିମ ଶ୍ରୀ ପ୍ରତିହାରୀଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଭାବେ ଘୋଷଣା କରିଛନ୍ତି। ତାଙ୍କୁ ଜିଲ୍ଲା ସଭାପତି ଭାବେ ଚୟନ କରାଯାଇଥିବାରୁ ଅଶୋକ ରାଜ୍ୟ ସଭାପତି ଶ୍ରୀ ମୋକିମଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଖବର ପାଇବା ପରେ ଅଶୋକଙ୍କ ସମର୍ଥକ ଖୁସି ମନାଇବା ସହ ମିଠା ବାଣ୍ଟି ଅଶୋକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବରିଷ୍ଠ କ୍ରୀଡ଼ାବିତ ଶୁକଦେବ ଗୋଛାୟତଙ୍କ ପରଲୋକ



ଆଳି,୨୮।୬(ସମିସ): ପୂର୍ବତନ କ୍ରୀଡ଼ାବିତ ତଥା ଆଳି ଆଥଲେଟିକ ଆସୋସିଏସନର ବରିଷ୍ଠ କର୍ମକର୍ତ୍ତା ଶୁକଦେବ ଗୋଛାୟତ (୬୧) ପରଲୋକ ଘଟିଛି। ଆଳି ଆଥଲେଟିକ ଆସୋସିଏସନ ଅଧୀନରେ ଷ୍ଟାଡିୟମରେ ଯେକୌଣସି ଖେଳ ହେଉ କିମ୍ବା ଯେକୌଣସି କାର୍ଯ୍ୟକ୍ରମ ହେଉ ପ୍ରଥମେ ଶୁକ ଭାଇଙ୍କ ଖୋଜା ପଡ଼େ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ସମୟାନୁବର୍ତ୍ତୀ ଓ ଖୁସି ମିଜାଜର ଲୋକ ଥିଲେ। ତାଙ୍କ ପରଲୋକରେ ଆଳି ଆଥଲେଟିକ ଆସୋସିଏସନ ସହ ସମଗ୍ର ଆଳି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଳିର ସମସ୍ତ ଯୁବ କ୍ରୀଡ଼ାବିତଙ୍କ ସହ ଆଳି ଆଥଲେଟିକ ଆସୋସିଏସନର ସଭାପତି ପ୍ରତାପ କେଶରୀ ଦେବ, ସମ୍ପାଦକ ବିଜୟ ସେନାପତି, ଆଳି ମହିଳା ଫୁଟବଲ୍ ଦଳର ସହସମ୍ପାଦକ ଡାକ୍ତର ଦେବସ୍ମିତା ଶର୍ମା ଓ ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, କ୍ରୀଡ଼ା ଶିକ୍ଷକ ସୁଶାନ୍ତ ମଲ୍ଲିକଙ୍କ ସହ ଆସୋସିଏସନର ସମସ୍ତ ସଦସ୍ୟ ଶୋକ ପ୍ରକାଶ କରିଛନ୍ତି।

### ଜିଲ୍ଲାରେ ପଲ୍ସ ପୋଲିଓ ଅଭିଯାନ ଆରମ୍ଭ

# ୫ ବର୍ଷରୁ କମ୍ ୧.୧୦ ଲକ୍ଷରୁ ଅଧିକ ଶିଶୁଙ୍କୁ ଦିଆଯିବ ପୋଲିଓ ବୁନ୍ଦା

କେନ୍ଦ୍ରାପଡ଼ା,୨୮।୬(ସମିସ)






ଜିଲ୍ଲାରେ ରବିବାରଠାରୁ ତିନିଦିନିଆ ପଲ୍ସ ପୋଲିଓ ଅଭିଯାନ ଆରମ୍ଭ ହୋଇଛି। ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଜଣେ ଶିଶୁଙ୍କୁ ପୋଲିଓ ପ୍ରତିଷେଧକର ଦୁଇ ବୁନ୍ଦା ପିଆଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଜନ୍ମରୁ ୫ ବର୍ଷ ବୟସର ମୋଟ ୧,୧୦,୬୪୩ ଜଣ ଶିଶୁଙ୍କୁ ପୋଲିଓ ପ୍ରତିଷେଧକର ଦୁଇ ବୁନ୍ଦା ଔଷଧ ପ୍ରଦାନ କରାଯିବ। ପ୍ରଥମ ଦିନ ବିଭିନ୍ନ ପୋଲିଓ ବୁଥରେ ଶିଶୁଙ୍କୁ ଡ୍ରପ୍ ପିଆଯାଇଥିବାବେଳେ ଆସନ୍ତା ୨୯ ଓ ୩୦ ତାରିଖରେ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ଯେଉଁ ଶିଶୁ ଡ୍ରପ୍ ନେଇପାରିନାହାନ୍ତି, ସେମାନଙ୍କୁ ପୋଲିଓ ଔଷଧ ପ୍ରଦାନ କରିବେ।

ଏ ଅବସରରେ ଜିଲ୍ଲାପାଳ ଶ୍ରୀ ଆୟର କହିଥିଲେ, ପଲ୍ସ ପୋଲିଓ ଅଭିଯାନର ସଫଳତା ପାଇଁ ସମସ୍ତ ବିଭାଗ ଓ କ୍ଷେତ୍ରସ୍ତରୀୟ କର୍ମଚାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଆବଶ୍ୟକ। କୌଣସି ଶିଶୁ ଯେପରି ପୋଲିଓ ଡ୍ରପରୁ ବଞ୍ଚିତ ନ ରୁହନ୍ତି, ସେଥିପାଇଁ ଘରକୁ ଘର ଯାଇ ଯାଞ୍ଚ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଅଗ୍ରଗତି ସମୀକ୍ଷା କରି ଶତପ୍ରତିଶତ ଲକ୍ଷ୍ୟ ପୂରଣ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନମିତା ପଟ୍ଟନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରାମର୍ଶଦାତା, ଆଶା ଓ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀ ଓ ଏନଏଚଏମ୍‌ର ଟିମ୍ ବିଭିନ୍ନ ବ୍ଲକର ସ୍ୱାସ୍ଥ୍ୟକେନ୍ଦ୍ର ଓ ପୋଲିଓ ବୁଥ୍ ପରିଦର୍ଶନ କରି ଅଭିଯାନର ତଦାରଖ କରିଥିଲେ।

# ପ୍ରେମ ପାଇଁ ହାପି ମହାକୁଡ଼ ହତ୍ୟା ମାମଲା

# ତଦନ୍ତ ତ୍ୱରାନ୍ୱିତ ପାଇଁ ଘଟଣାସ୍ଥଳରେ ପହଞ୍ଚିଲେ ଏସ୍‌ପି

ଭଦ୍ରକ/ଆରଡ଼ି,୨୮।୬(ସମିସ)

ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା ଘଟଣା ଏବେ ସାରା ଭଦ୍ରକ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପୁଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଯେତିକି ଯେତିକି ଆଗକୁ ବଢୁଛି; ହାପି ମହାକୁଡ଼ଙ୍କ ହତ୍ୟା ତଥ୍ୟ ପୁଲିସ ହାତରେ ବଢ଼ିବାରେ ଲାଗିଛି। ଏପରିକି ତଦନ୍ତ କିପରି ଚାଲିଛି ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ପ୍ରଥମେ ଧୂଷୁରୀ ଥାନାରେ ପହଞ୍ଚି ସ୍ଥିତି ପରଖିବା ସହ ଧାମନଗର ଏସ୍‌ଡିପିଓ ବିଷ୍ଣୁ ଚରଣ ବାରିକ ଓ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ସହ ଆଲୋଚନା କରିଥିଲେ। ପରେ ମୃତ ହାପି ମହାକୁଡ଼ ଗାଁ ଷାଠିବାଙ୍କୁଡ଼ାରେ ପହଞ୍ଚି ହାପିଙ୍କ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନକୁ ଯାଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ଜବତ ହୋଇଥିବା ଜିନିଷ ଓ ସ୍ଥାନ ବୁଲି ଯାଞ୍ଚ କରିଛନ୍ତି। ଏହା ସହ ହାପିଙ୍କ ମୃତଦେହ ଉଦ୍ଧାର ସମୟରେ ପ୍ରତ୍ୟକ୍ଷଦର୍ଶୀ ଓ ହାପିଙ୍କ ଭାଇର ବୟାନ ନେଇ ଫେରିଥିଲେ। ଶନିବାର ହାପି ହତ୍ୟାକାଣ୍ଡର ସନ୍ଦେହ ଘେରକୁ ଆସିଥିବା ଛୁଞ୍ଚା ପଲାଇ, ମୁନା ପଲାଇ, ସ୍ୱୟମ୍ ପଲାଇଙ୍କୁ ଧୂଷୁରୀ ଥାନା ପୁଲିସ ଘରୁ ଉଠାଇ ନେଇ ଦିନତମାମ ଜେରା କରିବା ପରେ ରବିବାର ଆଉ ୨ ଜଣଙ୍କୁ ଅର୍ଥାତ୍ ଛୁଞ୍ଚା ପଲାଇଙ୍କ ଝିଅ ଓ ସ୍ତ୍ରୀକୁ ଯାଜପୁର ଅଞ୍ଚଳରୁ ପୁଲିସ ଠାବ କରିବା ସହ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଏହି ତଦନ୍ତ ସମୟରେ ଭଦ୍ରକ ଏସ୍‌ପି ସ୍ଥାନୀୟ ପୁଲିସ ଅର୍ଥାତ୍ ଆରଡ଼ି ଫାଣ୍ଡି ଅଧିକାରୀଙ୍କ ଭୂମିକାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତାହା ସହ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଧୂଷୁରୀ ଥାନା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ଏସ୍‌ପି ଶ୍ରୀ ରାଉତ।



- ଆଜି ଆଉ ୨ ଜଣଙ୍କୁ ଘରୁ ଉଠାଇ ନେଇଛି ପୁଲିସ
- ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ୫ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା
- ସ୍ଥାନୀୟ ପୁଲିସର ଭୂମିକାକୁ ନେଇ ଅସନ୍ତୋଷ

ଅନ୍ୟପଟେ ଥାନାରେ ଜଣ ଜଣ କରି ଜେରା କରିବା ସହ ଦୀର୍ଘ ୫/୬ ଘଣ୍ଟା ଧରି ପଚରାଉଚରା ଜାରି ରଖିଛି ପୁଲିସ। ଏପଟେ ଘଟଣାସ୍ଥଳରେ ପୁଲିସର ଉଚ୍ଚ ପଦାଧିକାରୀ ପହଞ୍ଚି ହାପିଙ୍କ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ବୁଲି ଦେଖିବା ସହ ଗାଁ ଲୋକଙ୍କଠାରୁ ଘଟଣା ବାବଦରେ ପଚାରି ବୁଝିଥିଲେ। ପରେ ଆଉ ୨ଜଣ ସମ୍ପୃକ୍ତ ଥିବାବେଳେ ଘର ଛାଡ଼ି ଯାଜପୁର ଅଞ୍ଚଳରେ ଲୁଚି ରହିଥିବାରୁ ପୁଲିସ୍ ବିଶେଷ ସୂତ୍ରରୁ ଖବର ପାଇ ମାଆ ଓ ଝିଅକୁ ଥାନାରେ ଅଟକ ରଖି ଜେରା ଚଳାଇଛି। ଗତ ଶନିବାର ହାପିଙ୍କ ୨ ଭଉଣୀଙ୍କର ଜମାନବନ୍ଦୀ ପାଇଁ ପୁଲିସ ଥାନାକୁ ନେଇଥିବା ହାପିଙ୍କ ମାଆ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଭଦ୍ରକ ଏସ୍‌ପି ଶ୍ରୀ ରାଉତ କହିଛନ୍ତି, ହାପି ମୃତ୍ୟୁରେ ବ୍ୟବହୃତ ହୋଇଥିବା ଅନେକ ସାମଗ୍ରୀକୁ ପରିବାର ଲୋକ ପୋଡ଼ି ଦେଇଥିବାବେଳେ ଆରମ୍ଭରୁ ପୁଲିସକୁ ନ ଜଣାଇବା, ତାହା ସହ ମେଡିକାଲ ରିପୋର୍ଟ ନ ଥିବାରୁ ବହୁ ତଥ୍ୟ ଖୋଜି ବାହାର କରିବାକୁ ପଡ଼ିବ। ତେଣୁ ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରାଯିବ।

## ତିହିଡ଼ି ପୁଲିସକୁ ଖାତିର୍ କରୁନାହାନ୍ତି ଦୁର୍ବୃତ୍ତ

ଦୋଳସାହି,୨୮।୬(ସମିସ): ତିହିଡ଼ି ଥାନା ଅଞ୍ଚଳରେ ଗତ କିଛି ଦିନ ଧରି ଚୋରା ନିଶା ବେପାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହେଉଥିଲାବେଳେ ଜମିଜମା ବିବାଦ, ଚୋରି ଓ ଅନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଥାନା ଅଞ୍ଚଳରେ ଅପ୍ରାପ୍ତ ବୟସ୍କ ପୁଅ ଓ ଝିଅମାନେ ଦ୍ରୁତଗତିରେ ବାଇକ୍ ଚଳାଇବା ସହ ଅନେକ ସମୟରେ ଦୁର୍ଘଟଣା ଘଟାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ଥାନାରେ କିଛି ବ୍ୟକ୍ତିଙ୍କ ନାମରେ ଅଭିଯୋଗ ହୋଇଥିଲାବେଳେ ତିହିଡ଼ି ପୁଲିସ ପକ୍ଷରୁ ଏହି ବ୍ୟକ୍ତିଙ୍କୁ ଏକାଧିକବାର ଡକରାଯାଇଥିବା ବେଳେ ଏହି ବ୍ୟକ୍ତିମାନେ ଥାନାରେ ହାଜର ନ ହେବା ନେଇ ସାଧାରଣରେ ଆଲୋଚନା ହେଉଛି। ତେଣୁ ତିହିଡ଼ି ପୁଲିସକୁ ଖାତିର୍ କରୁନାହାନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ଏହି ଥାନା ଅଞ୍ଚଳରେ ପରକୀୟା ପ୍ରୀତି ଜନିତ ମାମଲା ବୃଦ୍ଧି ପାଇବାରେ ଲାଗିଛି।

## ଦୁଇ ବାଇକ୍ ଦୁର୍ଘଟଣା; ୩ ଆହତ

ବାରିକପୁର,୨୮।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଳଦାବାଙ୍କ ନିକଟସ୍ଥ ଚକବନ୍ଦୀ ଛକରେ ଦୁଇଟି ବାଇକ୍ ପରସ୍ପର ମଧ୍ୟରେ ଧକ୍କା ହେବାରୁ ଏଥିରେ ୩ ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ, ରବିବାର ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ୍ ସମୟରେ ଏହି ଦୁର୍ଘଟଣା ଘଟିଛି। ଭଦ୍ରକପଟୁ ଏକ ବାଇକ୍‌ରେ ଧାମନଗର ଅଞ୍ଚଳର ଜଣେ ବ୍ୟକ୍ତି ଭଣ୍ଡାରିପୋଖରୀ ଆସୁଥିବାବେଳେ ପଛପଟୁ ଅନ୍ୟ ଏକ ବାଇକ୍ ଧକ୍କା ଦେଇଥିଲା। ବିପଦସଙ୍କୁଳ ସ୍ଥାନ କୁହାଯାଉଥିବା ଚକବନ୍ଦୀ ଛକରେ ପ୍ରଥମ ବାଇକ୍ ଆରୋହୀ ଜଣକ ଅପରପାର୍ଶ୍ୱକୁ ଅତିକ୍ରମ କରୁଥିବାବେଳେ ଦ୍ୱିତୀୟ ବାଇକ୍ ଧକ୍କା ଦେଇଥିଲା। ଏଥିରେ ତିନି ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଜନସାଧାରଣ ଓ ପଥଚାରୀମାନେ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି। ଏଠାରେ ସୂଚିତ ଚକବନ୍ଦୀ ଛକଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାବେଳେ ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର ପାଇଁ କୌଣସି ବ୍ୟବସ୍ଥା ହେଉନାହିଁ। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ବାଲି ବୋଝେଇ ହାଇୱା ଜବତ




ଦୋବଲ,୨୮।୬(ସମିସ): ଧାମନଗର ପୁଲିସ ପୁଣି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ରବିବାରସକାଳେକ୍ଷେଣ୍ଟପୁର-ଧାମନଗରମୁଖ୍ୟରାସ୍ତାରେପୁଲିସପକ୍ଷରୁଯାଞ୍ଚକରାଯାଇ ବାଲି ବୋଝେଇ କରି ଯାଉଥିବା ଗୋଟିଏ ୧୨ ଚକିଆ ହାଇୱା ଅଟକାଯାଇଥିଲା। ଗାଡ଼ି ଓଭରଲୋର୍ଡ ଥିବା ସହ ଯାଞ୍ଚ ବେଳେ ଗାଡ଼ି ଚାଳକ ବାଲି ପରିବହନ ସମ୍ପର୍କିତ ବୈଧ କାଗଜପତ୍ର ଦେଖାଇପାରି ନ ଥିବାରୁ ଗାଡ଼ିକୁ ଜବତ କରାଯାଇ ଧାମନଗର ଥାନାରେ ଅଟକ ରଖାଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ବୈତରଣୀ ଓ ଗେଙ୍ଗୁଟି ନଦୀର ବିଭିନ୍ନ ବାଲିଘାଟର ନିଲାମ ନ ଥିବା ସତ୍ତ୍ୱେ ଦୀର୍ଘଦିନ ଧରି ବେଆଇନ ଭାବେ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ହେଉଥିବା ଅଭିଯୋଗ ଉଠିଆସୁଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ରବିବାର ଏହି କାର୍ଯ୍ୟାନୁଷ୍ଠାନ ପରେ ବେଆଇନ ବାଲି କାରବାର ଉପରେ ପ୍ରଶାସନ ଆହୁରି କଡ଼ା ନଜର ରଖିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

## କବି, ଅଭିନେତା ବିଜୟ ବହଲୀଙ୍କୁ 'ଶୈଳବାଳା ପ୍ରତିଭା ସମ୍ମାନ'



ଭଦ୍ରକ,୨୮।୬(ସମିସ): ଭୁବନେଶ୍ୱର ଜୟଦୁର୍ଗା ନଗର ଶୈଳବାଳା ସାହିତ୍ୟ ସଂସଦ ଦ୍ୱାରା ଭୁବନେଶ୍ୱର ୟୁନିଟ୍- ୯ ସ୍ଥିତ ବୁଦ୍ଧ ମନ୍ଦିରରେ ଅନୁଷ୍ଠାନର ରାଜ୍ୟସ୍ତରୀୟ ୧୦ମ ବାର୍ଷିକ ସାରସ୍ୱତ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ମହାରଥୀଙ୍କୁ ଶୈଳବାଳା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା ବେଳେ ଭଦ୍ରକରୁ କବି ଓ ଅଭିନେତା ବିଜୟ ବହଲୀଙ୍କୁ 'ଶୈଳବାଳା ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଗୌରଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ, ସମ୍ମାନିତ ବକ୍ତା ଭାବେ ଡ. ପ୍ରତିଭା ମହାରଥୀ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଦେବାଶିଷ ମହାପାତ୍ର ମଞ୍ଚରେ କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ କବି ସ୍ମିତା ରଥ ଓ ପୂର୍ଣ୍ଣାନନ୍ଦ ମହାନ୍ତି ସଞ୍ଚାଳନ କରିଥିଲେ।

■ ଭଦ୍ରକରେ ୩ ଦିନିଆ ପୋଲିଓ ଟିକାକରଣର ଶୁଭାରମ୍ଭ

## ୧.୪୧ ଲକ୍ଷ ଶିଶୁଙ୍କୁ ଦିଆଯିବ ପୋଲିଓ ବୁନ୍ଦା



ଭଦ୍ରକ,୨୮।୬(ସମିସ): ଭଦ୍ରକ ଜିଲ୍ଲାରେ ରବିବାରଠାରୁ ବାର୍ଷିକ ୩ ଦିନିଆ ପଲ୍‌ସ ପୋଲିଓ ଅଭିଯାନର ଶୁଭାରମ୍ଭ ହୋଇଛି। ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏହି ଅଭିଯାନର ଉଦ୍‌ଘାଟନ କରି ଶିଶୁମାନଙ୍କୁ ପୋଲିଓ ଟିକାର ବୁନ୍ଦା ପିଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନରେ ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ବୁନ୍ଦା ପ୍ରଦାନ କରାଯିବ। ପ୍ରଥମ ଦିନ ଅର୍ଥାତ୍ ୨୮ ଜୁନ୍‌ରେ ଜିଲ୍ଲାର ୮୨୦ଟି ବୁଥ୍‌ରେ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଟିକାକରଣ କାର୍ଯ୍ୟକ୍ରମ ଚାଲିଥିଲା। ପରବର୍ତ୍ତୀ ୨ଦିନ, ଅର୍ଥାତ୍ ୨୯ ଓ ୩୦ ତାରିଖରେ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଜିଲ୍ଲାର ପ୍ରାୟ ୩ ଲକ୍ଷ ୭ ହଜାର ୪୩୧ଟି ପରିବାରକୁ ଘରକୁ ଘର ବୁଲି ବୁଥ୍‌କୁ ଆସିପାରି ନ ଥିବା ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ। ଚଳିତ ବର୍ଷ ଏହି ଅଭିଯାନରେ ଜିଲ୍ଲାର ମୋଟ୍ ୧ ଲକ୍ଷ ୪୧ ହଜାର ୧୯୦ ଜଣ ଶିଶୁଙ୍କୁ ପୋଲିଓ ଟିକାକରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ ପ୍ରହରାଜ, ଜିଲ୍ଲା ପରିବାର କଲ୍ୟାଣ ଓ ଟିକାକରଣ ଅଧିକାରୀ ଡ. କନକଲତା ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସୁଧୀର ରଞ୍ଜନ ନାୟକ, ଜିଲ୍ଲା ରୋଗ ନିରୀକ୍ଷଣ ଅଧିକାରୀ ଡ. ସଙ୍ଗୀତା ବଳଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ମୁରଲୀଧର ପାଢ଼ୀ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲାପାଳ ସମସ୍ତ ଅଭିଭାବକଙ୍କୁ ୫ ବର୍ଷରୁ କମ୍ ବୟସର ପ୍ରତ୍ୟେକ ଶିଶୁଙ୍କୁ ନିଶ୍ଚିତ ଭାବେ ପୋଲିଓ ବୁନ୍ଦା ଖୁଆଇ ଏହି ଜନସ୍ୱାସ୍ଥ୍ୟ ଅଭିଯାନକୁ ସଫଳ କରିବା ପାଇଁ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି।

## ଯୌତୁକଜନିତ ବଧୂ ହତ୍ୟା ଅଭିଯୋଗ

ବାରିକପୁର,୨୮।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୁରିଗାଁଠାରେ ଜଣେ ବିବାହିତ ମହିଳାଙ୍କୁ ଅଧିକ ଯୌତୁକ ପାଇଁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, କେନ୍ଦୁଝର ଜିଲ୍ଲା ନନ୍ଦୀପଦା ଥାନା ଅନ୍ତର୍ଗତ ଶଙ୍ଖା ଗ୍ରାମର ନରେନ୍ଦ୍ର ଦାସଙ୍କ ଝିଅ (୨୫) କୁରିଗାଁର ହରେକୃଷ୍ଣ ବେହେରାଙ୍କ ପୁଅ ଦେବଙ୍କୁ ବିବାହ କରିଥିଲେ। ବାହାଘର ବେଳେ ଦାବି ମୁତାବକ କନ୍ୟା ଘର ପକ୍ଷରୁ ସମସ୍ତ ଯୌତୁକ ପ୍ରଦାନ କରାଯାଇଥିବା ବେଳେ ଏଥିରେ ବର ଘର ପକ୍ଷ ସନ୍ତୁଷ୍ଟ ନ ଥିଲେ। ତେଣୁ ପରବର୍ତ୍ତୀ ସମୟରେ ଝରଣାଙ୍କୁ ଶାଶୂ, ଶଶୁର, ସ୍ୱାମୀ ଓ ନଣନ୍ଦ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଉଥିଲେ। ରବିବାର ସକାଳୁ ଝରଣାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ଶଶୁର ବାପ ଘରକୁ ଖବର ଦେଇଥିଲେ। ଖବର ପାଇ ବାପା ଘର ଲୋକ ଗ୍ରାମରେ ପହଞ୍ଚିଥିବା ବେଳେ ସନ୍ଦେହଜନକ ଭାବେ ଝିଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ।



ଘଟଣା କ୍ରମକୁ ନେଇ ମୃତ ମହିଳାଙ୍କ ଭାଇ ଶାନ୍ତନୁ ଦାସ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିବାବେଳେ ସ୍ୱାମୀ ଓ ଶଶୁରଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି।

## ୧୦ ଚୋରା ବାଇକ୍ ଉଦ୍ଧାର, ୫ ଗିରଫ





ଭଦ୍ରକ,୨୮।୬(ସମିସ): ଭଦ୍ରକ ଟାଉନ୍ ପୁଲିସ ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ୧୦ଟି ବାଇକ୍‌କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଏହି ବାଇକ୍ ଚୋରି ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନାନୁଯାୟୀ, ସହରର ବିଭିନ୍ନ ସ୍ଥାନରୁ ଏକାଧିକ ବାଇକ୍ ଚୋରି ହୋଇଥିଲା। ଏହି ଘଟଣାରେ ଟାଉନ୍ ପୁଲିସ ଏକ ମାମଲା(ନଂ-୩୯୭/୨୬)ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ସମୟରେ ଏହି ବାଇକ୍ ଚୋରିରେ ସମ୍ପୃକ୍ତ ଭଦ୍ରକ ଅଞ୍ଚଳର ୫ଜଣ ରୋହିତ ମହମ୍ମଦ ଖାନ୍, ରାଜେଶ ମୁଣ୍ଡା, ସେକ୍ ଗୁରଫାନ୍, ସେକ୍ ଅଲତାବ ଓ ସାଗର ଖାଁଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କଠାରୁ ୧୦ଟି ଚୋରି ବାଇକ୍ ଉଦ୍ଧାର କରିଛି। ୫ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ନେଇ ଟାଉନ୍ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

## ଗାଡ଼ି ଧକ୍କାରେ ବାଘ ମୃତ

ତିହିଡ଼ି,୨୮।୬(ସମିସ): ଭଦ୍ରକ-ଚାନ୍ଦବାଲି ମୁଖ୍ୟ ସଡ଼କର ତିହିଡ଼ି ବଜାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ଶନିବାର ସକାଳେ ଏକ ବାଘ ଛୁଆର ମୃତଦେହ ପଡ଼ିଥିବା ଖବର ପ୍ରଚାରିତ ହେବା ପରେ ସୋସିଆଲ ମିଡ଼ିଆରେ ନିଆଁ ଭଳିଆ ବ୍ୟାପିଥିଲା ଘଟଣାସ୍ଥଳରେ ବହୁ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ ଏହାକୁ ଦେଖିବା ପାଇଁ। ଭିଡିଓ ବି କରିଥିଲେ ଖବର ପାଇ ତିହିଡ଼ି ବନାଞ୍ଚଳ କାର୍ଯ୍ୟାଳୟର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଯାଞ୍ଚ ପରେ ବନ ବିଭାଗ ସ୍ପଷ୍ଟ କରିଥିଲା ଯେ, ଏହା ବାଘ ନୁହେଁ ବରଂ ଏକ ବଣଭୁଆ(ଫିସିଂ କ୍ୟାଟ୍)। ପ୍ରାଥମିକ ତଦନ୍ତରୁ ରାତିରେ କୌଣସି ଗାଡ଼ି ଧକ୍କାରେ ଏହାର ମୃତ୍ୟୁ ଘଟିଥିବା ସ୍ପଷ୍ଟ କରାଯାଇଛି। ବନ ବିଭାଗ ପକ୍ଷରୁ ତିହିଡ଼ି ବନାଞ୍ଚଳ କାର୍ଯ୍ୟାଳୟ ତରଫରୁ ଫରେଷ୍ଟର ଅମରେନ୍ଦ୍ର ନାୟକ, ଫରେଷ୍ଟରଗାର୍ଡ ବୁଲ୍‌ବୁଲ୍ ମଲ୍ଲିକ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ କରାଯାଇଛି। ଏହାର ଓଜନ ୧୨ କେଜି। ସୂଚନାଯୋଗ୍ୟ ଯେ, ବଣବୁଆଟି ସାଧାରଣତଃ ଉପକୂଳବର୍ତ୍ତୀ ଲୁଣିଆ ଜଳାଭୂମି, ଖାଡ଼ି, ପୋଖରୀ ଓ ନଦୀକୂଳ ଅଞ୍ଚଳରେ ବାସ କରିଥାଏ। ମାଛ ସହିତ ବେଙ୍ଗ, ସାପ, କଙ୍କଡ଼ା ଓ ଅନ୍ୟାନ୍ୟ ଛୋଟ ଜଳଚର ପ୍ରାଣୀ ଏହାର ପ୍ରମୁଖ ଖାଦ୍ୟ। ଜଳାଭୂମି ନଷ୍ଟ ହେବା ଓ ସଡ଼କ ଦୁର୍ଘଟଣା ଯୋଗୁଁ ମାଛ ବିଲେଇର ସଂଖ୍ୟା ଧୀରେ ଧୀରେ ହ୍ରାସ ପାଉଛି। ୨ବର୍ଷ ଆଗରୁ ସୟା ପଞ୍ଚାୟତର ଲୋକେ ଏମିତି କିଛି ପଶୁ ଦେଖି ବାଘ ଭାବିଥିଲେ।



**ଭଦ୍ରକ ଜିଲ୍ଲାରେ ବଜ୍ରପାତ**

## ୨୫ ବର୍ଷରେ ନେଲାଣି ୧୪୭ ଜୀବନ

### ମୃତକଙ୍କ ପରିବାରକୁ ୭ କୋଟିରୁ ଅଧିକ ଅନୁକମ୍ପା ରାଶି ପ୍ରଦାନ ହୋଇଛି

ଭଦ୍ରକ,୨୮।୬(ଉମାକଲ୍ୟାଣ ମହାପାତ୍ର)



ଭଦ୍ରକ ଜିଲ୍ଲାରେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୫ ବର୍ଷ ମଧ୍ୟରେ ଜିଲ୍ଲାରେ ବଜ୍ରପାତ ୧୪୭ ଜଣଙ୍କର ଜୀବନ ନେଇଥିବା ଜଣାଯାଇଛି। ଆଉ ବଜ୍ରପାତରେ ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୭ କୋଟିରୁ ଅଧିକ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ କରାଯାଇଥିବା ଜଣାଯାଇଛି।


ଭଦ୍ରକ ଜିଲ୍ଲା ଜରୁରୀକାଳୀନ ବିଭାଗ ସୂଚନାନୁଯାୟୀ, ୨୦୧୪ରେ ବଜ୍ରପାତରେ ଭଦ୍ରକରେ ୬ ଜଣଙ୍କର ମୃତ୍ୟୁ ଘଟିଥିଲା। ସେତେବେଳେ ପ୍ରତି ମୃତକଙ୍କ ପରିବାରକୁ ୧ ଲକ୍ଷ ୫୦ ହଜାର ଟଙ୍କା ଅନୁକମ୍ପା ରାଶି (ଏସ୍‌ଗ୍ରେସିଆ) ପ୍ରଦାନ କରାଯାଇଥିଲା। ସେହିପରି ୨୦୧୫ରେ ୧୦ ଜଣ, ୨୦୧୬ରେ ୧୮ ଜଣ, ୨୦୧୭ରେ ୨୬ ଜଣଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାର ୨୦୧୫-୧୬ ମସିହାରେ ବଜ୍ରପାତରେ ମୃତକଙ୍କ ପାଇଁ ଅନୁକମ୍ପା ରାଶିକୁ ଦେଢ଼ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ। ଜିଲ୍ଲାରେ ୨୦୧୮ ମସିହାରେ ୧୪ ଜଣ, ୨୦୧୯ରେ ୧୫ ଜଣ, ୨୦୨୦ରେ ୭ ଜଣ, ୨୦୨୧ରେ ୯ ଜଣ, ୨୦୨୨ରେ ୮ ଜଣ, ୨୦୨୩ରେ ୧୨ ଜଣ, ୨୦୨୪ରେ ୧୧ ଜଣ, ୨୦୨୫ରେ ୭ ଜଣ ଓ ଚଳିତ ବର୍ଷ ଜୁନ୍ ମାସ ସୁଦ୍ଧା ୨ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବଜ୍ରପାତ ଯୋଗୁଁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହାକୁ ରୋକିବା ପାଇଁ ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହେଉଛି। ସେହିପରି ବଜ୍ରପାତରେ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଉଛି ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ କହିଛି। ତେବେ ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ପାଇଁ ଯେଉଁଳି କାର୍ଯ୍ୟକ୍ରମ ହେଉଛି, ତାହାକୁ ଲୋକେ ପାଳନ କରୁ ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

ଅନ୍ୟପକ୍ଷରେ ଏହି ସଚେତନା ବ୍ୟାପକଭାବେ ଉଭୟ ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ କରିବାକୁ ଦାବି ହୋଇଛି। ବଜ୍ରପାତରେ ଅଧିକାଂଶ ଗାଁ ଲୋକଙ୍କର ମୃତ୍ୟୁ ଘଟୁଛି। ବିଲରେ କାମ କରୁଥିବାବେଳେ କିମ୍ବା ଗାଁ ପିଲାମାନେ ପଡ଼ିଆରେ ଖେଳୁଥିବାବେଳେ ବିଶେଷ କରି ବଜ୍ରପାତ ହେଉଛି। ବର୍ଷା କିମ୍ବା ବିଜୁଳି ମାରିବା ସମୟରେ ଗାଁ ଲୋକ ସଚେତନବେଳେ ଏଭଳି ବିପଦ ଟଳିପାରନ୍ତା ବୋଲି ମତପ୍ରକାଶ ପାଇଛି। ଏବେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗୁଡୁଛି ପରିବେଶ। ବିଶ୍ୱରେ ତାପମାତ୍ରା ବୃଦ୍ଧି ଯୋଗୁଁ ଏହାର ପ୍ରଭାବରେ ଗ୍ରୀନ୍‌ଲାଣ୍ଡରୁ ପୂର୍ବାପେକ୍ଷା ଅଧିକ ମାତ୍ରାରେ ବରଫ ତରଳୁଛି। ଯାହାକି ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରଶାନ୍ତ ମହାସାଗରରେ ଜଳବାୟୁ ପ୍ରବାହ ତାପମାତ୍ରା ବୃଦ୍ଧି ପାଇଁ ଦକ୍ଷିଣ ମୌସୁମୀ ଓ ବାୟୁ ଅନିୟମିତତା ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଜ୍ଞାନୀମାନେ ସତର୍କ ସୂଚନା ଦେଇଛନ୍ତି। ଫଳରେ ପୂର୍ବାପେକ୍ଷା କାଳବୈଶାଖୀ ଝଡ଼ ସହ ବଜ୍ରପାତ ଯଥେଷ୍ଟ ବୃଦ୍ଧି ପାଇଛି। ଅପରପକ୍ଷରେ ବାଡ଼ିବଗିଚା, ଖୋଲା ପଡ଼ିଆ, ସରକାରୀ ଜମି, ରାସ୍ତା ପାର୍ଶ୍ୱରେ ତାଳ, ନଡ଼ିଆ, ଖଜୁରୀ ଗଛରୋପଣ କରାଗଲେ ବଜ୍ରପାତଜନିତ ଅଘଟଣ ହଟିବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ପୂର୍ବ ସରକାର ଅମଳରେ ତାଳ ଗେଟମା ରୋପଣକାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେଉ ନଥିବାରୁ ବଜ୍ରପାତର ପ୍ରକୋପ ଅଧିକ କ୍ଷତି କରୁଛି ବୋଲି କୁହାଯାଉଛି। ଏଣୁ ସରକାର ଏ ଦିଗରେ ତୁରନ୍ତ ଗୁରୁତର ସହ ପଦକ୍ଷେପ ନେବାକୁ ପରିବେଶବତ୍‌ମାନେ ଦାବି କରିଛନ୍ତି।

**ପ୍ରଫେଟ ମହମ୍ମଦଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟକୁ ବିରୋଧ**

## ଖାନ୍‌କା ଉର୍ସ କମିଟି ପକ୍ଷରୁ ଥାନାରେ ଏତଲା

ଧାମନଗର,୨୮।୬(ସମିସ): ମୁସ୍‌ଲିମ ସମ୍ପ୍ରଦାୟର ଧର୍ମଗୁରୁ ପ୍ରଫେଟ ମହମ୍ମଦଙ୍କ ଉପରେ ନାଜିଆ ଏଲାହି ଖାନ୍ ନାମକ ଜଣେ ବ୍ୟକ୍ତି ଆପତ୍ତିଜନକ ଏବଂ ବିବାଦୀୟ ମନ୍ତବ୍ୟ ଦେଇଥିବାର ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସାରା ଦେଶରେ ଏହି ବିବାଦୀୟ ମନ୍ତବ୍ୟଗୁଡ଼ିକ ମୁସ୍‌ଲିମ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଗଭୀର ଦୁଃଖ, କ୍ଷୋଭ ଏବଂ ଆକ୍ରୋଶ ସୃଷ୍ଟି କରିଛି। ଯାହାକୁ ନେଇ ଖାନ୍‌କା ଉର୍ସ କମିଟି ତରଫରୁ ଶନିବାର ପ୍ରାୟ ୧ଟା ୪୫ ମିନିଟ୍ ସମୟରେ ଧାମନଗର ଖାନକା ସରିଫ ମତ୍ୱଲ୍ଲି ଏବଂ ସଜ୍ଜାଦା ନସିନ୍ ସୟଦ୍ ହବିବ ରଜା ହବିବିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଥାନାରେ ପହଞ୍ଚି ଆଇଆଇସି ଶୁଭ୍ରଜିତ ଦାଶଙ୍କୁ ନାଜିଆ ଏଲାହି ଖାନଙ୍କ ବିରୋଧରେ କାଯର୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସୟଦ ମୁସ୍ତାଫା ରଜା ହବିବି, ସେକ୍ ଗୋଲାମ ଅଲ୍ଲୀ ହବିବି, ମୌଲାନା ଇଲିୟାସ, ସେକ ଜାଫର ଅଲ୍ଲୀ, ସେକ ହମିଦ, ସେକ କୁରବାନ, ସେକ ଲାଲୋ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



## ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବି

# କ୍ରିୟାନୁଷ୍ଠାନ କମିଟି ବୈଠକରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି

ବାଲେଶ୍ୱର,୨୮ ।୬(ସମିସ)



ଜିଲ୍ଲାର ସରକାରୀ ସ୍ୱାସ୍ଥ୍ୟ ସେବାରେ ବିପର୍ଯ୍ୟୟ ଓ ଏହାର ସମାଧାନ ସମ୍ପର୍କରେ ରବିବାର ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ 'ବିଚାର ବିମର୍ଶ ବୈଠକ' ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ଶେଷ ସପ୍ତାହରେ ବାଲେଶ୍ୱର ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବ୍ଲକ୍ ଓ ପଞ୍ଚାୟତସ୍ତରରେ ଥିବା ସ୍ଥାନୀୟ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦାମାନେ ଗୋଟିଏ ଦିନ ଗଣବିକ୍ଷୋଭ ଓ ଗଣଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ପହିଲା ଦିନ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଏମ୍ସ ସାଟେଲାଇଟ୍ ସେଣ୍ଟର ସମ୍ମୁଖରେ ଜିଲ୍ଲାସ୍ତରୀୟ ଗଣବିକ୍ଷୋଭ ପାଇଁ କ୍ରିୟାନୁଷ୍ଠାନ କମିଟିର ବୈଠକରେ ଆହ୍ୱାନ ଦିଆଯାଇଛି। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର ଓକିଲ ସଂଘ ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସାମାଜିକ, ଗଣସଂଗଠନ ଓ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇ ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡାକ୍ତର, ନର୍ସ ଓ ବିଶେଷଜ୍ଞ ଡାକ୍ତରଙ୍କ ଅଭାବରୁ ଏବଂ ଫକୀରମୋହନ ମେଡିକାଲ୍ କଲେଜରେ ହୃଦ୍‌ରୋଗ, ସ୍ନାୟୁରୋଗ ଓ ମୂତ୍ରାଶୟ ଜନିତ ଗୁରୁତର ରୋଗର ଚିକିତ୍ସା ପାଇଁ ସଂପୃକ୍ତ ବିଭାଗଗୁଡ଼ିକ ନଥିବାରୁ ରୋଗୀମାନଙ୍କୁ କଟକ ଓ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଛି ବୋଲି କହିଥିଲେ। ମେଡିକାଲ୍ କଲେଜରେ ଆବଶ୍ୟକୀୟ ପ୍ରଫେସର, ସହକାରୀ ପ୍ରଫେସର ପ୍ରଭୃତି ବହୁ ପଦ ଖାଲି ପଡ଼ିଛି। ତେଣୁ ଡାକ୍ତରୀ ପାଠ ପଢୁଥିବା ଶିକ୍ଷାର୍ଥୀ ଓ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ସାତବର୍ଷ ପୂର୍ବରୁ ବାଲେଶ୍ୱରରେ ପ୍ରତିଷ୍ଠିତ ଏମ୍ସ ସାଟେଲାଇଟ୍ ସେଣ୍ଟରରେ ସପ୍ତାହକୁ ମାତ୍ର ଦୁଇଦିନ ବହିର୍ବିଭାଗ କାର୍ଯ୍ୟ କରୁଛି। ସେଠାରେ ରୋଗ ନିରୂପଣ ପାଇଁ କୌଣସି ଯନ୍ତ୍ରପତି କିମ୍ବା ବୈଷୟିକ କର୍ମଚାରୀ ନାହାନ୍ତି। ତେଣୁ ରୋଗୀସଂଖ୍ୟା ହ୍ରାସ ପାଉଛି ବୋଲି ସାଧାରଣ ସମ୍ପାଦକ ପ୍ରଦୀପ ଦାସ ବୈଠକରେ ପ୍ରକାଶ କରିଥିଲେ। ତେଣୁ ବାଲେଶ୍ୱର ଜିଲ୍ଲାରେ ଥିବା ଏମ୍ସ ସାଟେଲାଇଟ୍ ସେଣ୍ଟର, ମେଡିକାଲ୍ କଲେଜ୍ ହସ୍‌ପିଟାଲ୍ ଓ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱୟଂ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବାକୁ ବୈଠକରେ ବହୁ ବକ୍ତା ଦାବି କରିବା ସହ ସମ୍ପାଦକ ଗୌରାଙ୍ଗ ପଣିଗ୍ରାହୀ ଆଗାମୀ ଆନ୍ଦୋଳନର ପ୍ରସ୍ତାବ ଆଗତ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ସଭାପତି ଗିରିଶ ଚନ୍ଦ୍ର ଦାଶଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଅନ୍ତର୍ଯ୍ୟାମୀ ପ୍ରଧାନ, ରଘୁନାଥ ଲେଙ୍କା, ବିପ୍ଳବ ମହାନ୍ତି, ଡ. କେଶବ ଚରଣ ପଣ୍ଡା, ଇଂ. ବନମାଳୀ ନାୟକ, ଗଙ୍ଗାଧର ରାଉତ, ଡ. କ୍ଷିତୀଶ୍ୱର ଦାଶ, ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ ଓ ବନ୍ଦନା ବିଶ୍ୱାସ, କଲ୍ୟାଣୀ ନନ୍ଦ, ପୂର୍ବତନ ସରପଞ୍ଚ ବିଧାନ ଚନ୍ଦ୍ର ଗାୟ, କହ୍ନେଇ ଚରଣ ଦାସ, ପ୍ରଦୀପ ବେହେଟା, କହ୍ନେଇ ଚରଣ ବେହେରା, ରାଧାକୃଷ୍ଣ ଜେନା, ବେଣୁଧର ବାରିକ, ଅରୁଣ ଜେନା ବିଭିନ୍ନ ଆଞ୍ଚଳିକ ବ୍ଲକ୍ କମିଟି ପକ୍ଷରୁ ନବକିଶୋର ଦାସ, କୁମୁଦ ରଞ୍ଜନ ଗିରି, ଶତ୍ରୁଘ୍ନ ମଲ୍ଲିକ, ପିତାମ୍ବର ଦାସ, କମଳ ଲୋଚନ ବାରିକ, ତରୁଣ ଦାସ, ମାୟାଧର ନାୟକ, ଶ୍ୟାମସୁନ୍ଦର ଜେନା ଓ ତୁଷାରକାନ୍ତି ମହାପାତ୍ର ପ୍ରମୁଖ ଆଗାମୀ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଜାତୀୟ ରାଜପଥ ଅବରୋଧ, ବିଧାନସଭା ସମ୍ମୁଖରେ ଗଣଧାରଣା ଓ ଜିଲ୍ଲାର ନିର୍ବାଚିତ ବିଧାୟକ ଓ ସାଂସଦଙ୍କ ବାସଭବନ ସମ୍ମୁଖରେ ଗଣଧାରଣା ପ୍ରସ୍ତାବ ଉପରେ ଆଗାମୀ ବୈଠକରେ ନିଷ୍ପତି ନିଆଯିବ ବୋଲି ସଭାପତି ଶ୍ରୀ ପରିଡ଼ା ଘୋଷଣା କରିଥିଲେ। ଦଳମତ ନିର୍ବିଶେଷରେ ଆଗାମୀ ଆନ୍ଦୋଳନରେ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି। ଅତିରିକ୍ତ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପରିଚାଳନାରେ କ୍ରୀଷ୍ଣା ଶାହା, ଯତୀନ୍ ପାତ୍ର ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ସହଯୋଗ କରିଥିଲେ।

## ମନ୍ଦିର ତାଲା ଭାଙ୍ଗି ୭ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଲୁଟ୍

ବାଲେଶ୍ୱର,୨୮ ।୬(ସମିସ): ସଦର ଥାନା ଗୋପିନାଥପୁର ପଞ୍ଚାୟତ ନିଳଦା ଗ୍ରାମରେ ଥିବା ସର୍ବ ମଙ୍ଗଳା ମନ୍ଦିରରେ ଲୁଟ୍ ହେଇଥିବା ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ କିଛି ଦର୍ବୃତ୍ତ ମନ୍ଦିରର ଦାନବାକ୍ସ ଭାଙ୍ଗି ଟଙ୍କା ନେବାସହ ଓ ସୁନା ଅଳଙ୍କାର, ରୂପା ଓ ଅନ୍ୟ ଅଳଙ୍କାର ଲୁଟି ନେଇଛନ୍ତି। ଦର୍ବୃତ୍ତମାନେ ମନ୍ଦିରର ପ୍ରଥମେ ତାଲା ଭାଙ୍ଗି ଭିତରକୁ ପ୍ରବେଶ ପରେ ଲୁଟ କରିଛନ୍ତି। ପ୍ରାୟ ୭ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଲୁଟ ହୋଇଥିବା ଜଣାପଡିଛି। ରବିବାର ସକାଳେ ମନ୍ଦିର ବାହାରେ ଦାନବାକ୍ସ ପଡ଼ିଥିବା ଦେଖି ସ୍ଥାନୀୟଲୋକ ମନ୍ଦିରରୁ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି।

## ଜାତୀୟ ପଲ୍‌ସ ପୋଲିଓ ଟିକାକାରଣ ଦିବସ

ବାଲେଶ୍ୱର,୨୮ ।୬(ସମିସ): ଜିଲ୍ଲା ଟିକାକରଣ କେନ୍ଦ୍ରରେ ଜାତୀୟ ପଲ୍‌ସ ପୋଲିଓ ଟିକାକାରଣ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡା. ଗିରିଜା ଶଙ୍କର ଦାସ ଉପସ୍ଥିତ ପିଲା ଜଣକୁ ପୋଲିଓ ଦୁଇବୁନ୍ଦା ଖୁଆଇ ଶୁଭାରମ୍ଭ କରିଥିଲେ। ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଡାକ୍ତର ସଞ୍ଜୀବ ପ୍ରଧାନ, ଡାକ୍ତର ଅନ୍ନପୂର୍ଣ୍ଣା ଜେନା, ଡାକ୍ତର ସ୍ମୃତିପ୍ରକାଶ ମିଶ୍ର, ଚକ୍ରଧର ଜେନା, ଜିତେନ୍ଦ୍ର ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ରଞ୍ଜନ ମହନ୍ତ, ସାସ୍ୱତୀ ମିଶ୍ର, ନୂତନ ପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଜୁନ୍ ୨୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୮ ତାରିଖରେ ସମଗ୍ର ଜିଲ୍ଲାରେ ୧୯୨୭୬୧ ଜଣ ଜନ୍ମରୁ ୫ ବର୍ଷ ପିଲାଙ୍କୁ ୧୦୬୩ ଟି ଟିକାକରଣ କେନ୍ଦ୍ର, ୪୬ଟି ଦଳ ଏବଂ ୨୩ ଗୋଟି ଭ୍ରାମ୍ୟ ମାଣ ଦଳ ଜରିଆରେ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥି ନିମନ୍ତେ ୪୩୯୦ ଜଣ ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଏବଂ ସ୍ୱେଚ୍ଛାସେବୀ ୨୧୯ ଜଣ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରବର୍ତୀ ଦୁଇଦିନ ଅର୍ଥାତ ଜୁନ ୨୯ ଓ ୩୦ ତାରିଖ ଦିନ ୪୯୮୨୬୩ ଘରକୁ ପରିଦର୍ଶନ କରି ସମସ୍ତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ୍ୟରଖା ଯାଇଛି। ଆଜି ସମଗ୍ର ଜିଲ୍ଲାରେ ୧୪୦୯୫୧ ଜଣ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆ ଯାଇଛି। ଅବଶିଷ୍ଟ ପିଲାଙ୍କୁ ଆସନ୍ତା ଦୁଇ ଦିନରେ ଘରକୁ ଘର ବୁଲି ଦିଆଯିବାର ବ୍ୟବସ୍ଥା ହୋଇଛି।

## ନିଖିଳ ଓଡିଶା ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର



ବାଲେଶ୍ୱର,୨୮ ।୬(ସମିସ): ନିଖିଳ ଓଡିଶା ବୁଦ୍ଧିଜୀବୀ ମଞ୍ଚ ତରଫରୁ ରାଣୀପାଟଣା ସ୍ଥିତ "ଦି ୱେଲଫେୟାର" ଦ୍ୱାରା ପରିଚାଳିତ ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠାନ ସଭାପତି ପ୍ରଫେସର ପାର୍ଥ ସାରଥୀ ଅଜୟ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରର ବରିଷ୍ଠ ଚିକିତ୍ସାବିତ ଡା. ଗୀତ ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦୃଷ୍ଟିହୀନ ବିଦ୍ୟାଳୟ ନିର୍ଦ୍ଦେଶକ ଦିବାକର ସ ପ୍ରାକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୃଷ୍ଟିହୀନ ଛାତ୍ର ବଂଶୀଧର ଦାସ ସର୍ବ ପ୍ରଥମେ ଗୀତା ପଠନ କରିବା ପରେ ମଞ୍ଚସୀନ ଅତିଥିମାନଙ୍କୁ ବିଦ୍ୟାଳୟ ଶିକ୍ଷୟତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ବାସନ୍ତୀ ସିଂହ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ ଉପସଭାପତି ମଦନ ମହାନ୍ତି, ସମ୍ପାଦକ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ମହାପାତ୍ର ସହ ସମ୍ପାଦକ ବିବେକ କୁମାର ଜେନା, ରମେଶ ଚନ୍ଦ୍ର ଦାସ, ଜିତେନ୍ଦ୍ର ବେହେରା ଯୋଗ ଦେବା ସହିତ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜନର କାରଣ ଓ ବିଭିନ୍ନ ସ୍ୱାସ୍ଥ୍ୟଗତ ଯତ୍ନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଡ. ଗୀତା ଗିରି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ନବୀନ ବେହେରା ଓ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲାବେଳେ ଅନୁଷ୍ଠାନ ତରଫର ଶିକ୍ଷକ ଗୌରାଙ୍ଗ ଚରଣପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁବର୍ଣ୍ଣରେଖା ନଦୀରୁ ନାବାଳକର ମୃତଦେହ ଉଦ୍ଧାର

ରାଜଘାଟ,୨୮ ।୬(ସମିସ): ବସ୍ତା ଥାନା ସନ୍ତୋଷପୁର ପଞ୍ଚାୟତ ବେଣାପୁରା ନିକଟ ସୁବର୍ଣ୍ଣରେଖା ନଦୀରୁ ରବିବାର ସନ୍ଧ୍ୟାରେ ଜଣେ ନାବାଳକର ଗଳିତ ମୃତଦେହ ଉଦ୍ଧାର ହୋଇଛି। ଜଳେଶ୍ୱର ଥାନା ମହମ୍ମଦନଗର ପାଟଣା ପଞ୍ଚାୟତ ସେକସରି ଗ୍ରାମର ରମେଶ ମାନ୍ନାଙ୍କ ଅଷ୍ଟମ ଶ୍ରେଣୀର ପୁଅ ଚନ୍ଦନ ମାନ୍ନା(୧୪) ଗତ ଶନିବାର ଅପରାହ୍ନରୁ କୌଣସି କାମରେ ଘରୁ ବାହାରି ଆସିଥିଲେ ମାତ୍ର, ରାତିରେ ଘରକୁ ନ ଫେରିବାରୁ ପରିବାରଲୋକେ ବହୁ ଖୋଜାଖୋଜି କରିଥିଲେ, କିନ୍ତୁ ଚନ୍ଦନର କୌଣସି ପତ୍ତା ପାଇ ନ ଥିଲେ। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଏକ ଗଳିତ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟପରେ ଜଳେଶ୍ୱର ଜିକେ ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତ୍ୟୁରକାରଣ ଅସ୍ପଷ୍ଟ ଥିବାବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**● ବିଷ୍ଣୁମୋହନ କବିଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର**

## 'ଶ୍ରେଷ୍ଠ ପୁରୁଷ ପ୍ଲେ-ବ୍ୟାକ୍ ଗାୟକ' ଭାବେ ସମ୍ମାନିତ




ବାଲେଶ୍ୱର,୨୮ ।୬(ସମିସ): ବାଲେଶ୍ୱର ମାଟିର ପୁଅ ବିଷ୍ଣୁମୋହନ କବି "ଶ୍ରେଷ୍ଠ ପୁରୁଷ ପ୍ଲେ-ବ୍ୟାକ୍ ଗାୟକ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଚଳଚ୍ଚିତ୍ର "ମହର୍ଷି'ର ସୁପରହିଟ୍ ଗୀତକୁ କଣ୍ଠଦାନ କରି ସେ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇ ଓଡ଼ିଶା ତଥା ବାଲେଶ୍ୱର ପାଇଁ ଗୌରବ ଅର୍ଜନ କରିଛନ୍ତି। ସଙ୍ଗୀତ ପ୍ରତି ତାଙ୍କର ଅବିରତ ସାଧନା, ନିଷ୍ଠା ଓ ଅନନ୍ୟ କଣ୍ଠସ୍ୱର ଏହି ସମ୍ମାନକୁ ଯଥାର୍ଥ ମର୍ଯ୍ୟାଦା ଦେଇଛି। ଏହି ସଫଳତା କେବଳ ତାଙ୍କର ବ୍ୟକ୍ତିଗତ କୃତିତ୍ୱ ନୁହେଁ, ଓଡ଼ିଆ ସଙ୍ଗୀତ ଓ ସାଂସ୍କୃତିକ ପରମ୍ପରା ପାଇଁ ମଧ୍ୟ ଏକ ଗର୍ବର ବିଷୟ। ଏହି ସଫଳତା ପାଇଁ ବାଲେଶ୍ୱରବାସୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଜିରିତାଳ ଗ୍ରାମରେ ଜନ୍ମିତ ବିଷ୍ଣୁମୋହନ କବି ଛୋଟବେଳୁ ମାଆ ସ୍ନେହଲତା କବିଙ୍କଠାରୁ ଭଜନ ଶିକ୍ଷା ଆରମ୍ଭ କରିଥିଲେ। ପିତା ମଧୁସୂଦନ କବି। ମାଆ ହିଁ ଥିଲେ ତାଙ୍କର ପ୍ରଥମ ସଙ୍ଗୀତ ଗୁରୁ। ପରେ ସେ ଓଡ଼ିଶୀ ଓ ଶାସ୍ତ୍ରୀୟ ସଙ୍ଗୀତର ଔପଚାରିକ ଶିକ୍ଷା ନେଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଓଡ଼ିଶୀ ସଙ୍ଗୀତରେ ସ୍ନାତକୋତ୍ତର କରିଥିଲେ। ୨୦୦୯ ମସିହାରେ 'ଭଏସ୍ ଅଫ୍ ଓଡ଼ିଶା' ରିଏଲିଟି ଶୋ'ର ବିଜେତା ହେବାପରେ ବିଷ୍ଣୁମୋହନ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଭକ୍ତିମୂଳକ ସଙ୍ଗୀତ, ଜଗନ୍ନାଥ ଭଜନ, ଚଳଚ୍ଚିତ୍ର ଗୀତ ଏବଂ ଆଧୁନିକ ଓଡ଼ିଆ ଆଲବମ୍‌ରେ ତାଙ୍କ କଣ୍ଠର ଯାଦୁ ଶ୍ରୋତାଙ୍କୁ ବାନ୍ଧି ରଖିଛି। ଦେଶ ବିଦେଶର ଅନେକ ମଞ୍ଚରେ ସେ ଓଡ଼ିଆ ସଙ୍ଗୀତର ପତାକା ଉଡ଼ାଇଛନ୍ତି। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ସଙ୍ଗୀତପ୍ରେମୀଙ୍କ ଆଶା, ଆଗାମୀ ଦିନରେ ତାଙ୍କ କଣ୍ଠରୁ ଆହୁରି ଅନେକ ହିଟ୍ ଗୀତ ଶୁଣିବାକୁ ମିଳିବ ଏବଂ ସେ ନିଜର ସଙ୍ଗୀତ ସାଧନା ଦ୍ୱାରା ଓଡ଼ିଆ ସଙ୍ଗୀତକୁ ନୂଆ ଶିଖରରେ ପହଞ୍ଚାଇବେ ବୋଲି ମତବ୍ୟକ୍ତ କରିଛନ୍ତି।

## ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ରକ୍ତଦାନ ଶିବିର

ବାଲେଶ୍ୱର,୨୮ ।୬(ସମିସ): ସଦରବ୍ଲକ୍ ଅଧୀନ ହଳଦୀପଦାସ୍ଥିତ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ହଳଦୀପଦା ଗପଞ୍ଚାୟତ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟଅତିଥି ଭାବେ ସରପଞ୍ଚ ବରେନ୍ଦ୍ର ସେଠୀ, ସମ୍ମାନିତ ଅତିଥି ସରପଞ୍ଚ ଅଜିତ ମହାପାତ୍ର ଓ ରେମୁଣା ତହସିଲର ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଉଦଳା ଉପଖଣ୍ଡସ୍ତରୀୟ ଓଡ଼ିଶା ରକ୍ତକେନ୍ଦ୍ରର ବ୍ଲଡ ବ୍ୟାଙ୍କ ଅଫିସର ଡ଼ା. ଖଗେଶ୍ୱର ସିଂହ, ଲାବୋରେଟୋରୀ ଟେକନିସିଆନ ପ୍ରଦୀପ କୁମାର ଦଳାଇ, ଅଭିନ୍ନ ସୁନ୍ଦର ନାୟକ, ଶ୍ରବଣ କୁମାର ବେହେରା ଏବଂ ସହଯୋଗୀ ମାନସ ରଞ୍ଜନ ମହାନ୍ତି ଓ ଭଗବାନ ବେହେରା ପ୍ରମୁଖ ଯୋଗଦେଇ ୪୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଓଡ଼ିଶା ରକ୍ତଦାତା ସଂଘର ସଭାପତି ଭିକାରୀ ଚରଣ ମିଶ୍ରୀ, ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ବାଲିଆପାଳ ସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ପ୍ରେମାନନ୍ଦ ସେଠୀ ପ୍ରମୁଖ ଶିବିର ପରିଦର୍ଶନରେ ଆସି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ସାହୁ, ସମ୍ପାଦକ ଅନିଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ସଦସ୍ୟ ଓ ସହଯୋଗୀ ଶଙ୍କର ଧଳ, ସୁଶାନ୍ତ ସାହୁ, ମୋନାଲିସା ସାହୁ, ସୁମତି ସାହୁ, ନନ୍ଦନ ବେହେରା, ଗଣେଶ ସାହୁ, ହିତେଶ୍ମା ସାମଲ , ଆଦିତ୍ୟ ସାହୁ, ସାଗର କୁମାର ସାହୁ, ସତ୍ୟବ୍ରତ ସାହୁ, ହିମାଂଶୁ ଶେଖର ସାହୁ, ମନୋଜ କୁମାର ସାହୁ, ରୁଦ୍ର ନାରାୟଣ ଜେନା, ଶୁଭଙ୍କର ସାହୁ, ଆଦିତ୍ୟ ସାହୁ, ସନ୍ତୋଷ ସାହୁ, ସୋହମ ସାହୁ ଓ ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ଅନିଲ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



**୪୩ ୟୁନିଟ୍ ସଂଗ୍ରହ**

## ୬୮ କେଜି ଗଞ୍ଜେଇ ଜବତ; ୪ ଗିରଫ

ରାଜଘାଟ,୨୮ ।୬(ସମିସ): ଗଞ୍ଜେଇ ଚାଲାଣ ଉପରେ କଡ଼ାନଜର ରଖିଥିବା ବସ୍ତା ପୁଲିସକୁ ବଡ଼ ସଫଳତା ମିଳିଛି। ୧୬ ନମ୍ବର ଜାତୀୟ ରାଜପଥରେ ଚଢ଼ଉ କରି ୬୮ କେଜି ଗଞ୍ଜେଇ ଜବତ କରିବା ସହ ୪ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି। ଏଥିସହ ଚାଲାଣରେ ବ୍ୟବହୃତ ଏକ କାର ମଧ୍ୟ ଜବତ କରାଯାଇଛି। ବାଲେଶ୍ୱରରୁ ଜଳେଶ୍ୱର ଆଡକୁ ଏକ ଧଳା ରଙ୍ଗର ହୋଣ୍ଡାସିଟି କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ବସ୍ତା ଥାନା ପୁଲିସ ନିକଟରେ ଗୁପ୍ତ ସୂଚନା ମିଳିଥିଲା। ସେହି ଆଧାରରେ ଥାନା ଅଧିକାରୀ ରଞ୍ଜିତ ସାହୁଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସନ୍ଦୀପ ଖୁନ୍ତୁରଙ୍କ ନେତୃତ୍ୱରେ ବସ୍ତା ବାଇପାସ୍ ନିକଟରେ ନାକାବନ୍ଦି କରାଯାଇଥିଲା। ସନ୍ଦିଗ୍ଧ କାରକୁ ଅଟକାଇ ତଲାସି କରିବା ବେଳେ କାର୍ ସିଟ ତଳେ ଓ ଡିକିରେ ଲୁଚାଇ ରଖାଯାଇଥିବା ୩ଟି ବସ୍ତାରୁ ମୋଟ୍ ୬୮ କେଜି ଶୁଖିଲା ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୬.୮ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ସହ ୩ଟି ମୋବାଇଲ ମଧ୍ୟ ଜବତ କରାଯାଇଛି। ପୁଲିସ ଘଟଣାସ୍ଥଳରୁ କାରରେ ଥିବା ୪ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ବେତନଟି ଥାନା ମଣ୍ଡାପାଳ ଗ୍ରାମର ସୋମନାଥ ବେହେରା(୩୦), ଚନ୍ଦନ ବେହେରା(୨୫), ଦିଲ୍ଲୀପ କୁମାର ବେହେରା(୩୨), ସୁନୀଲ କୁମାର ବେହେରା(୨୫)।


## ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା

ବାଲେଶ୍ୱର,୨୮ ।୬(ସମିସ): ସଦର ବ୍ଲକ୍ ଅଧୀନ ଗେଙ୍ଗୁଟି ପଞ୍ଚାୟତର ଶିକ୍ଷା ଅନୁଷ୍ଠାନ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ ପରିସରରେ ବିଦ୍ୟାଳୟର ଏକ ପଞ୍ଚବିଂଶତମ ପ୍ରତିଷ୍ଠା ଦିବସକୁ ଆଖିଆଗରେ ରଖି ଛାତ୍ର ସଂଗଠନ ପୂରାତନ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପରିଷଦର ସଭାପତି ଜଳଧର ସାମଲ, କବି ପ୍ରଭାକର ସାହୁ, ପରିଷଦର କର୍ମକର୍ତ୍ତା ନବକୁମାର ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ କଥା ରଖିଥିଲେ। ପରିଷଦ ସମ୍ପାଦକ କବି ସୁଧାକର ସେଠୀ ମଞ୍ଚ ପରିଚାଳନା କରିଥିଲେ। ସହ ସମ୍ପାଦକ ସନତ କୁମାର ପରିଡା ମଞ୍ଚ ଆହ୍ୱାନ କରିଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ମନ୍ମଥ କୁମାର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। ଆୟୋଜିତ ଚିତ୍ରାଙ୍କନ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବିଦ୍ୟାଳୟର ମୋଟ ଷାଠିଏରୁ ଊାଠି ପ୍ରତିଯୋଗୀ ଭାଗନେଇଥିବା ବେଳେ ପରିଷଦର ବରିଷ୍ଠ ସଦସ୍ୟ ସଦସ୍ୟା ଅନିଳରଞ୍ଜନ ଜେନା, ବିଶ୍ୱରଞ୍ଜନ ସାମଲ, ସବ୍ୟସାଚୀ ପ୍ରଧାନ, ଜୟଶ୍ରୀ ରାଉତ, ଶୁଭ୍ରାଂଶୁ କୁମାର ରାଉତ, ନିହାର ରଞ୍ଜନ ବେହେରା, ପାର୍ଥ ସାରଥୀ ପ୍ରଧାନ, ରାହୁଲ ବାରିକ, ଲକି ସାମଲ, ଦିବ୍ୟାଶା ଆଚାର୍ଯ୍ୟ, ପ୍ରିୟବ୍ରତ ଆଚାର୍ଯ୍ୟ, ହିମାଂଶୁ ଶେଖର ପରିଡା, ଶିକ୍ଷୟତ୍ରୀ ଚିନ୍ମୟୀ ପାତ୍ର, ମିହିର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା ୭ ତାରିଖରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ବିଜୟୀ ପ୍ରମାଣ ପତ୍ର ପ୍ରଦାନ କରାଯିବ।



## ମହମ୍ମଦାବାଦ ସରକାରୀ ପ୍ରାଥମିକ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବାଲେଶ୍ୱର,୨୮ ।୬(ସମିସ): ଶ୍ରୀଜଙ୍ଗ ପଞ୍ଚାୟତର ମହମ୍ମଦାବାଦ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀର୍ଘ ୩୫ ବର୍ଷରୁ ଅଧିକ ଶିକ୍ଷକତା କରି ଅବସରନେଇଥିବା ଶିକ୍ଷକ ଅଜୟ କୁମାର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଞ୍ଚ ପରିଚାଳନା ରତ୍ନାକର ଗୋଛାୟତ କରିଥିଲେ। ମୁଖ୍ୟଅତିଥି ଏବିଓ ବ୍ରଜକିଶୋର ମୁର୍ମୁ, ମୁଖ୍ୟବକ୍ତା ବିଶ୍ୱନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶ୍ରୀଜଙ୍ଗ ପଞ୍ଚାୟତର ସରପଞ୍ଚ କବିତା ସେଠୀ, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ପାଣିଗ୍ରାହୀ, ଲେମ୍ବୁଧର ହେମ୍ବ୍ରମ, ସମିତିସଭ୍ୟ ଗଣେଶ ଚନ୍ଦ୍ର ମଲିକ, ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅଜିତ କୁମାର ସାହୁ, ୱାଡମେମ୍ବର ଶାନ୍ତିଲତା ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ରାଜ୍ୟ ଏକ୍ସ କେଡର ଶିକ୍ଷକ ମହାସଙ୍ଘର ବିପ୍ଳବୀ ନେତା ଗଙ୍ଗା ନାରାୟଣ ପାଢ଼ୀ ଯୋଗଦେଇ ରାଜ୍ୟରେ ଯେଉଁ ଶିକ୍ଷକମାନେ ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ଠିକା ଓ ସ୍ଥାୟୀ ଚାକିରି କରି ଅବସର ନେଉଥିବା ଶିକ୍ଷକଙ୍କୁ ତୁରନ୍ତ ମାସିକ ୧୦ ହଜାର ଟଙ୍କା ପେନସନ ଦେବାକୁ ଦାବି କରିଥିଲେ। ସଭାରେ ରେମୁଣା ବ୍ଲକ ସଙ୍ଘ ସଭାପତି ସୁଦୀପ୍ତ ସାହୁ, ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଅନୁପମା ବେହେରା, ପ୍ରିୟଙ୍କା ପ୍ରିୟ ଦର୍ଶନୀ ମହାପାତ୍ର, ସବିତା ଲେଙ୍କା ଓ ସୁନିତ ମାହାନ୍ତି ଉପସ୍ଥିତ ଥିଲେ।



# ୭୯ତମ କନ୍‌ହେଇ ଲାଲ୍ ଜୟନ୍ତୀ ସମାରୋହ

ବାଲେଶ୍ୱର,୨୮ ।୬(ସମିସ)



କନ୍‌ହେଇ ଲାଲ ଦାସଥିଲେ ଅଗ୍ରଗାମୀ ଲେଖକ। ତାଙ୍କୁ ସମସାମୟିକ ଲେଖକ ଅନୁସରଣ କରୁଥିଲେ। ଲେଖକ ମରିଯାଏ ସତ, କିନ୍ତୁ ସେ ବଞ୍ଚିରହେ ପାଠକଙ୍କ ଭିତରେ। ଯେମିତି କନ୍‌ହେଇ ଲାଲ ଦାସ ରହିଛନ୍ତି। ଆଗାମୀ ପିଢ଼ି ପାଇଁ କନ୍‌ହେଇଲାଲଙ୍କ ପରି ଲେଖକଙ୍କୁ ପରିଚିତ କରାଇବାର ଆବଶ୍ୟକତା ରହିଛି, ନ ହେଲେ ଆଜିର ଏ ଏଆଇ ଯୁଗରେ ସେପରି ଲେଖକମାନେ ବିସ୍ମୃତ ହୋଇଯିବେ। ପାରମ୍ପରିକ ଚେତନାକୁ ଭାଙ୍ଗିଦେବାର ପ୍ରଚଣ୍ଡ ସାହସ ରଖିଥିଲେ କନ୍‌ହେଇଲାଲ। ତାଙ୍କର ଜୀବନ ଯେମିତି ବିୟୋଗାନ୍ତକ, ତାଙ୍କର ଅଧିକାଂଶ ଗପର ପରିଣତି ପାଠକକୁ ବିଷାଦିତ କରିଦେଇଥାଏ। ଜଣେ ଜଣେ ଲେଖକ ଏମିତି ଥାଆନ୍ତି, ଯିଏ ଜୀବଦ୍ଦଶାରେ ପରିଚିତି ପାଇନଥାନ୍ତି। ସେମିତି ଜଣେ ଥିଲେ କନ୍‌ହେଇଲାଲ। ମାତ୍ର ୨୮ ବର୍ଷର ଜୀବନକାଳ ମଧ୍ୟରେ ସେ ଯେତିକି ପରିଚିତ ହୋଇ ନ ଥିଲେ, ତାଙ୍କ ମୃତଶ୍ୟ ପରେ ସେ ଅଧିକରୁ ଅଧିକ ପରିଚିତ ହୋଇଛନ୍ତି। ଛଳନା ହୀନ ଜୀବନ, ବନ୍ଧନମୁକ୍ତ ମନକୁ ନେଇ କାଳଜୟୀ ସାହିତ୍ୟ ରଚନା କରିଥିବା କନ୍‌ହେଇଲାଲ ଚିରଦିନ ମନେ ରହିବେ ବୋଲି ସ୍ଥାନୀୟଆତିଥ୍ୟଭବନରେକଥାକାର କନ୍‌ହେଇଲାଲ ଦାସଙ୍କ ୭୯ତମ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କନ୍‌ହେଇଲାଲ ଦାସ ସ୍ମୃତି ସଂସଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କଥାକାର ପରେଶ କୁମାର ପଟ୍ଟନାୟକ ଯୋଗଦେଇ ଓଡ଼ିଆ ସାହିତ୍ୟର ସ୍ୱପ୍ନ ସମ୍ରାଟ୍ ହେଉଛନ୍ତି କନ୍‌ହେଇଲାଲ ବୋଲି ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଲେଖଙ୍କର ସ୍ମୃତି ରକ୍ଷା ପାଇଁ ତାଙ୍କର ପୁତ୍ରକନ୍ୟା ହିଁ ଆୟୋଜନ କରୁଥିବା ବେଳେ ଏଭଳି କାର୍ଯ୍ୟକ୍ରମ ବାଲେଶ୍ୱରର ଲେଖକ, ବୁଦ୍ଧିଜୀବୀ, ସାହିତ୍ୟିକ ଆୟୋଜନ କରୁଥିବା ନେଇ ସେ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଭୋଗରାଇ ବିଧାୟକ ତଥା ସ୍ମୃତିସଂସଦର ଆବାହକ ଗୌତମବୁଦ୍ଧ ଦାସ ଯୋଗ ଦେଇ କନ୍‌ହେଇଲାଲ ଯାହା ଲେଖୁଥିଲେ ପ୍ରଭାବ ପକାଉଥିଲା। ସବୁ ଚରିତ୍ରର ସେ ନାମ ଦେଇଛନ୍ତି। ସେ ଗୋଟେ ଧୂମକେତୁ ପରି ଆସିଥିଲେ, ଆମକୁ ସମ୍ମୋହିତ କରି ଫେରିଗଲେ ବୋଲି କହିବା ସହ ତାଙ୍କ ଜୀବନବ୍ୟାପୀ ସାହିତ୍ୟର ସୂକ୍ଷ୍ମାଭିବ୍ୟକ୍ତି ରଖିଥିଲେ। ଏହି ଅବସରରେ ଯୁବ କଥାଶିଳ୍ପୀ ଡ. ରଞ୍ଜନ ପ୍ରଧାନଙ୍କୁ "କନ୍‌ହେଇ କଥା ପୁରସ୍କାର' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ଉତ୍ତରୀୟ, ମାନପତ୍ର ଏବଂ ଦଶ ହଜାର ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ସଂସଦର ଆବାହକ କବି ଶ୍ରୀଦେବ ମଞ୍ଚ ଆହ୍ୱାନ ଓ ପ୍ରାକ୍ ସୂଚନା ରଖିଥିବା ବେଳେ ସଭାପତି ଡ.ସୁବାସ ଚନ୍ଦ୍ର ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଂପାଦକ ଉତ୍ପଳ ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି କୃଷ୍ଣ କୁମାର ମହାନ୍ତି ମାନପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ସଂସଦର ସଦସ୍ୟ ଡକ୍ଟର ଲଳାଟେନ୍ଦୁ ଦାସ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କବି ଶ୍ରୀଦେବ ଏକ ପ୍ରସ୍ତାବ ଆଗତ କରିଥିଲେ। ଯେହେତୁ କନହେଇଲାଲ ଦାସ ଭୁବନେଶ୍ୱରର ପୁରୁଣା ବସଷ୍ଟାଣ୍ଡ ଖଟିରେ ପ୍ରଥମେ ବସୁଥିଲେ ତେଣୁ ଭୁବନେଶ୍ୱର ସାହିତ୍ୟ ଖଟିକୁ 'କନହେଇ ଖଟି' ନାମରେ ନାମିତ କରି ଏକ ମଞ୍ଚ ତିଆରି କରାଯାଉ। ଏହାର ଉତ୍ତରରେ ବିଧାୟକ ଗୌତମ ବୁଦ୍ଧ ଦାସ ଏ ସମ୍ପର୍କରେ ସେ କଥା ହେବେ ବୋଲି ଜଣାଇଥିଲେ। ସହସଂପାଦକ ରାଜେଶ ଗିରି ଧନ୍ୟବାଦ ଦେଇଥିଲେ। ଏହି ସମାରୋହରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ବିଶିଷ୍ଟ ଗାଳ୍ପିକ ସହଦେବ ସାହୁ, ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଚିତ୍ତରଞ୍ଜନ ଚିରଞ୍ଜିତ, ନିବାରଣ ଜେନା, କବି ପ୍ରଶାନ୍ତ ଦାସ, ଗଙ୍ଗାଧର ବିଶ୍ୱାଳ, ଅରୁଣା ରାୟ, କାଳିକିଙ୍କର ଦାସ, ଡ. କାଳିପଦ ପଣ୍ଡା, ଅଞ୍ଜଳି ପଣ୍ଡା, ଅଭୟ ଦାସ, ଦେବଯାନୀ ଦାସ, ଡ. ପ୍ରତୀଚୀ ନନ୍ଦ, ପ୍ରୀତିଲେଖା ଦାସ ଏବଂ ଆହୁରି ଅନେକ ଲେଖକଲେଖିକା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

**ରଞ୍ଜନ ପ୍ରଧାନ ପାଇଲେ 'କନ୍‌ହେଇ କଥା ପୁରସ୍କାର'**

# ଚାଷଜମି କୋଠାମୟ; ଅନାବାଦି, ପତିତ ଜମିକୁ ଘରବାରି ଅନୁମତି

ସାଲେପୁର, ୨୮।୬(ସମିସ)



- ନାଳ ଯୋରକୁ ଅବରୋଧ କରି ବିଲଡର ମାଲା ମାଲ୍
- ଜଳସେଚନ ଅଭାବରୁ ଚାଷଜମି ବିକ୍ରି କରୁଛନ୍ତି ଚାଷୀ
- ଡ୍ରେନେଜ୍ ଅବ୍ୟବସ୍ଥା ପାଇଁ ହେଉଛି ଜଳବନ୍ଦୀ ସମସ୍ୟା

ସାଲେପୁର ସହରାଞ୍ଚଳରେ ଏବେ ଜନବସତି ଚାପ ପାଇଁ ଚାଷଜମିଗୁଡ଼ିକୁ ଘରବାରି କିସମ କରାଯାଉଛି। ଏହି ଧାରା କିଛି ବର୍ଷ ହେଲା ଜାରି ରହିଥିବା ଯୋଗୁଁ ଚାଷଜମି ସବୁ ଏବେ ହେଲାଣି କୋଠାମୟ। ଅନାବାଦି, ପତିତ ଜମିକୁ ରାସ୍ତା ଦେଖାଇ ତହସିଲଦାର ଦେଉଛନ୍ତି ଘରବାରି ଅନୁମତି। ବିଲଡରମାନେ ନାଳ ଯୋରକୁ ଅବରୋଧ କରି ହେଇଛନ୍ତି ମାଲେମାଲ। ସ୍ଥାନୀୟ ଆରଆଇଙ୍କୁ ହାତବାରିସି କରି ଚାଷଜମିଗୁଡ଼ିକୁ ଘରବାଡ଼ି ପଟ୍ଟା କରାଇ ନେଉଛନ୍ତି। ଗ୍ରାମରେ ପଡ଼ିଥିବା, ଗୋଚର, ଶ୍ମଶାନ, ପତିତ, ଅନାବାଦି ଜମିକୁ ବିଲଡରମାନେ ଜୋର୍ ଜବରଦସ୍ତ ମାଡ଼ିବସି ଚାଷ ଜମିକୁ ରାସ୍ତା ଫିଟାଉଛନ୍ତି। ଏପରିକି ବିଲଡରମାନେ କିଣିଥିବା ଜମିକୁ ମନଇଚ୍ଛା ମାପଚୁପ କରି ଚତୁପାର୍ଶ୍ୱରେ ଥିବା ଅନ୍ୟମାନଙ୍କ ଜମିରେ ପାଚେରି ଉଠାଇ ଦେଉଛନ୍ତି। ଫଳରେ ବିଲଡର କିଣିଥିବା ଜମିକୁ ଲାଗି ଥିବା ଅନ୍ୟଚାଷି ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ଅବସ୍ଥାରେ ସାଲେପୁର ଅଞ୍ଚଳରେ ବହୁ ଚାଷ ଜମି ଜଳସେଚିତ ହୋଇ ନପାରି ପଡିଆ ପଡିଛି।

କେତେକ ଚାଷୀ ବର୍ଷା ଜଳ ଉପରେ ନିର୍ଭର କରି ଚାଷକାର୍ଯ୍ୟ କରୁଥିବାବେଳେ ଅନ୍ୟ କେତେକ ଚାଷୀ ଉଠା ଜଳସେଚନର ବ୍ୟବସ୍ଥା ଉପରେ ନିର୍ଭର କରି ଚାଷ କରିଆସୁଥିବାବେଳେ ଏବେ କିଛି ବର୍ଷ ହେବ କାଡା ନାଳଗୁଡିକ ବିଲଡରଙ୍କ ଦ୍ୱାରା ପୋତି ହୋଇଯିବାରୁ ଚାଷ ଜମିର ଶେଷମୁଣ୍ଡରେ ପାଣି ପହଞ୍ଚି ନପାରିବାରୁ ଫଳରେ ଏବେ ସାଲେପୁର ସଦର ମହକୁମାରେ ବହୁ ଚାଷ ଜମି ଜଳ ଅଭାବରୁ ପଡିଆ ପଡିଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ ଚନ୍ଦ୍ରାଦେଇପୁର, ବାଲିସାହି, ରୋଧପୁର, ମାଛୁଆତି ସିଶୁଆ, ପାଗା, ମହାଜନପୁର, କୋଲିନ୍ଦ, କିଶିନାପୁର ଅଞ୍ଚଳରେ ପୂର୍ବରୁ ସମସ୍ତ ଜମିରେ ଧାନ ଫସଲଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଫସଲ ଚାଷୀମାନେ କରୁଥିଲେ। ଏହି ଅଞ୍ଚଳର ଚାଷଜମିଗୁଡ଼ିକୁ ଜଳସେଚନ ନିମନ୍ତେ ସରକାରଙ୍କ ପକ୍ଷରୁ କାଡା କେନାଲ ମଧ୍ୟ କରାଯାଇଥିଲା। ଏହି କାଡା କେନାଲ ମାଧ୍ୟମରେ ମୁଖ୍ୟ କେନାଲରୁ ପାଣିଯାଇ ଚାଷ ଜମିରେ ଜଳସେଚିତ ହୋଇଥାଏ; କିନ୍ତୁ ଆସ୍ତେ ଆସ୍ତେ ଏହି କାଡା କେନାଲଗୁଡିକ ପୋତି ହୋଇଯିବାରୁ ଚାଷ ଜମିରେ ଜଳସେଚିତ ହୋଇପାରୁନାହିଁ। ଅପରପକ୍ଷରେ ଚାଷୀମାନେ ଚାଷକାର୍ଯ୍ୟ ନକରିପାରି ବାଧ ହୋଇ ଚାଷଜମିକୁ ବିକ୍ରୟ କରିଦେଉଛନ୍ତି। କେତେକ ବ୍ୟକ୍ତି ଏହି ଚାଷ ଜମିକୁ ଘରବାରି କିସମ କରି ଗୃହ ନିର୍ମାଣ କରିବା ସହ କାଡା କେନାଲକୁ ପୋତି ନିଜ ଅକ୍ତିଆରରେ ରଖୁଥିବା ଦେଖିବାକୁ ମିଳିଛି। ରୋଧପୁର ଗ୍ରାମର ୬ନଂ କେନାଲ ପୋଲ ନିକଟରୁ ବାହାରିଥିବା କାଡା କେନାଲ ଏବେ ସଂପୂର୍ଣ୍ଣ ପୋତି ହୋଇଯାଇଥିବାବେଳେ କେତେକ ବ୍ୟକ୍ତି ଗୃହ ନିର୍ମାଣ କରି କାଡା କେନାଲକୁ ହାଣି ନିଜ ଜମି ସହ ମିଶାଇ ଦେଇଛନ୍ତି। ସେହିପରି ୬ନଂ କେନାଲର ଜାଗୁଲାଇ କ୍ଲବ୍ ନିକଟରୁ ବାହାରିଥିବା କାଡା କେନାଲ ସାଲେପୁର ତହସିଲ କାର୍ଯ୍ୟାଳୟ ଦେଇ ଚନ୍ଦ୍ରାଦେଇପୁର ଅଞ୍ଚଳର ଚାଷ ଜମିର ଶେଷ ମୁଣ୍ଡ ପର୍ଯ୍ୟନ୍ତ ରହିଛି। କାଳକ୍ରମେ ଏହି କେନାଲ ପୋତି ହୋଇଯିବାରୁ ଏଥିରେ ମୁଖ୍ୟ କେନାଲରୁ ପାଣି ଯାଇ ନପାରି ଏହି ଅଞ୍ଚଳରେ ଥିବା ଅଧିକାଂଶ ଚାଷ ଜମି ଜଳସେଚିତ ହୋଇ ନପାରିବାରୁ ଚାଷ ଜମି ପଡିଆ ପଡିଛି। ଫଳରେ କେତେକ ଚାଷୀ ନିଜର ଚାଷ ଜମିକୁ ବିକ୍ରୟ କରିବାକୁ ବାଧ ହେଉଛନ୍ତି। ତେବେ, ଜଳସେଚନ ସମସ୍ୟା ପାଇଁ ଚାଷୀମାନେ ନିଜର ଚାଷ ଜମିକୁ ବିକ୍ରୟ କରିବାକୁ ବାଧ ହେଉଛନ୍ତି। ସରକାର କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବାବେଳେ ପୂର୍ବରୁ ଥିବା କାଡା କେନାଲଗୁଡିକ ପୁନରୁଦ୍ଧାର କରାଯାଉନାହିଁ କିମ୍ବା ଜବରଦଖଲ ମୁକ୍ତ କରା ନଯିବାରୁ ଚାଷ ଜମି ଜଳସେଚିତ ହୋଇପାରୁନାହିଁ। ଫଳରେ ଚାଷୀମାନେ ବାଧ ହୋଇ ଜମିକୁ ବିକ୍ରୟ କରୁଛନ୍ତି। ଫଳରେ ସାଲେପୁର ଅଞ୍ଚଳରେ ଚାଷଜମି ଆସ୍ତେ ଆସ୍ତେ ହ୍ରାସ ପାଇବାକୁ ବସିଲାଣି। ସେହିପରି ମାଛୁଆତି ଅଞ୍ଚଳର ବହୁ ଚାଷ ଜମିରେ ବଡ ବଡ ଅଟ୍ଟାଳିକାମାନ ଛିଡା ହୋଇଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ବର୍ଷାଜଳ ନିଷ୍କାସନର ସମସ୍ୟା ରହୁଥିବା ଏବଂ ବିଶେଷ କରି, ଡ୍ରେନେଜ୍ ଅବ୍ୟବସ୍ଥା ଭଳି ସମସ୍ୟା ଯୋଗୁଁ ଜଳମଗ୍ନ ପରିସ୍ଥିତି ସୃଷ୍ଟି ହେଉଛି। ପ୍ରଶାସନ ପୂର୍ବରୁ ଥିବା କାଡା କେନାଲର ପୁନରୁଦ୍ଧାର କରି ଏହାକୁ ଜଳସେଚନ ଉପଯୋଗୀ କରାଗଲେ ଏହି ଅଞ୍ଚଳରେ ବାକିଥିବା ଚାଷ ଜମିଗୁଡିକରେ ସୁଚାରୁରୂପେ ଚାଷ କାର୍ଯ୍ୟ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

## ହରିଅନ୍ତାରେ ବିଜେଡିର କର୍ମୀ ସମାବେଶ




ଟାଙ୍ଗୀ,୨୮।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ବ୍ରାହ୍ମଣଭୋଗ ଗ୍ରାମରେ ଥିବା କଲ୍ୟାଣ ମଣ୍ଡପରେ ବିଜେଡିର କର୍ମୀ ସମାବେଶ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଧିରେନ୍ଦ୍ର କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତ କର୍ମୀ ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ସ୍ଥାନୀୟ ସରପଞ୍ଚ ସୋଫିଆ ବିବି, ସମିତି ସଭ୍ୟ ଶ୍ରୀମନ୍ତ ଜେନା, ପଞ୍ଚାୟତ ପ୍ରାକ୍ତନ ସଭାପତି ନରେନ୍ଦ୍ର କୁମାର ରାଉତରାୟ, ବିଜେଡି ସଂଗଠକ ଜନ୍ମେଜୟ ଖିଲାର, ସୁବୋଧ କୁମାର ସାମଲ, ଗୋବିନ୍ଦଚନ୍ଦ୍ର ଦାସ, ସ୍ୱାଧୀନ କିଶୋର ମହାନ୍ତି ଓ ଗନ୍ଧର୍ବ ସାହୁ ଓ ମନୋଜ ପ୍ରତାପ ଏକତା ବଜାୟ ରଖିବାକୁ କହିଥିଲେ। ଗୋପାଳଚନ୍ଦ୍ର ଲେଙ୍କା ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତର ଆଗଧାଡ଼ିର କର୍ମୀ ଯୋଗ ଦେଇଥିଲେ।

## ବିୟର ବୋତଲରେ ଆକ୍ରମଣ; ୨ ଗିରଫ

ଭଦ୍ରେଶ୍ୱର, ୨୮।୬(ସମିସ): ଭଦ୍ରେଶ୍ୱର ଥାନା ମାଟିପାରିଲୋ ଗ୍ରାମରେ ତାସ ଖେଳକୁ କେନ୍ଦ୍ରକରି ମହାଭାରତ ସୃଷ୍ଟି ହୋଇଛି। ବିୟର ବୋତଲ ଆକ୍ରମଣରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ମାଟିପାରିଲୋ ଗ୍ରାମର କିଛି ଲୋକ ସନ୍ଧ୍ୟାରେ ଗାଁ ଛକରେ ତାସ ଖେଳୁଥିଲେ। ଏହି ତାସ ଖେଳକୁ ଶ୍ରୀନାଥ ସାମଲ ବସି ଦେଖୁଥିଲେ। ତାସ ପତା ପକାଇବାକୁ ନେଇ କୌଣସି କାରଣରୁ ସେହି ଗ୍ରାମର ଜୟନ୍ତ ସାମଲଙ୍କ ସହ ଶ୍ରୀନାଥଙ୍କ ବଚସା ହୋଇଥିଲା। ଘଟଣା ସମ୍ପର୍କରେ ଶ୍ରୀନାଥଙ୍କ ବାପା ସୁବାସ ସାମଲ ଗାଁ ଛକରେ ପଚାରି ବୁଝିବାରୁ ଜୟନ୍ତ ଏହାର ବିରୋଧ କରିଥିଲା। ସେହିଦିନ ରାତିରେ ସୁବାସ ଫେରୁଥିଲା ବେଳେ ଜୟନ୍ତର ବାପା ଅନାମ ପଛପଟୁ ମାଡି ବସିଥିଲା ବେଳେ ପୁଅ ଜୟନ୍ତ ଏକ ବିୟର ବୋତଲରେ ମରଣାନ୍ତକ ଆକ୍ରମଣ କରିଥିଲା। ଜୟନ୍ତର ଭାଇ ଏଇ ବିୟର ବୋତଲ ଆଣି ସୁବାସଙ୍କ ଛାତିରେ ପୁରାଇ ଦେଇଥିଲା। ଏ ସମ୍ପର୍କରେ ଭଦ୍ରେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଅନାମ ଓ ତା'ର ପୁଅ ଯଶୋବନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ମୁଖ୍ୟ ଅଭିଯୁକ୍ତ ଜୟନ୍ତ ଫେରାର ଅଛି।

## ଗାଡ଼ିରୁ ଘନ ଘନ ବ୍ୟାଟେରୀ ଚୋରି

ଚୌଦ୍ୱାର, ୨୮।୬(ସମିସ): କିଛି ଦିନ ଧରି ଚୌଦ୍ୱାର ଥାନାଞ୍ଚଳରେ ଗାଡିରୁ ବ୍ୟାଟେରୀ ଚୋରି ବଢୁଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧୪ ତାରିଖ ସ୍ଥାନୀୟ ନୁନଟିକିରି ହନୁମାନ ମନ୍ଦିର ସମ୍ମୁଖରେ ରାଜପଥ ପାଶ୍ୱର୍ରେ ଓଆର ୦୪ ଏମ ୫୨୧୧ନମ୍ବର ବିଶିଷ୍ଟ ୧୨ ଚକିଆ ଟ୍ରକ ଥୁଆ ହୋଇଥିବାବେଳେ କିଛି ଦୁର୍ବୃତ୍ତ ବ୍ୟାଟେରୀ ଚୋରି କରି ନେଇଥିବା ଗାଡିମାଲିକ ବିପିନ ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ଗତ ୨୬ ତାରିଖ ଅପରାହ୍ନ ସମୟରେ ୧୨ ନମ୍ବର ୱାର୍ଡ ବୁଢ଼ାଲିଙ୍ଗ ଅଞ୍ଚଳର ସୁଶୀଳ ବେହେରା ଅଭିଯୋଗ କରିଛନ୍ତି ଯେ ତାଙ୍କ ଓଡି୦୫ ଜେଡ ୭୩୩୮ ନମ୍ବର ବିଶିଷ୍ଟ ମହିନ୍ଦ୍ରା ଟିପରରୁ ଚାମ୍ବର ଭାଙ୍ଗି ଚୋର ବ୍ୟାଟେରୀ ଚୋରି କରି ନେଇଛନ୍ତି। ପୁନଶ୍ଚ ସେହି ସ୍ଥାନରୁ ପାରାଦୀପ ଯାଉଥିବା ଏକ ଟ୍ରକରୁ ତେଲ ମଧ୍ୟ ଚୋରି ହୋଇଛି।

## ଯୁବତୀଙ୍କ ଅସ୍ୱାଭାବିକ ମୃତ୍ୟୁ

ସାଲେପୁର,୨୮।୬(ସମିସ): ଶୋଇବା ଘରେ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସାଲେପୁର ଥାନା ଅନ୍ତର୍ଗତ ତେନ୍ତୋଳ ଗ୍ରାମର ସୁକୁଟା ସାମଲଙ୍କ ଝିଅ ସୁଚନୀ ସାମଲ(୨୩) ୨୬ତାରିଖ ଭୋର ସମୟରେ ଘରୁ ଫୁଲ ତୋଳିବାକୁ କହି ଯାଇଥିଲେ। କିଛି ସମୟ ପରେ ତାଙ୍କ ପରିବାର ଲୋକ ଦେଖିଲେ ଯେ ତାଙ୍କ ଘର ନିକଟରେ ଥିବା ଅନ୍ୟ ଏକ ଘରେ ସୁଚନୀ ମରି ପଡ଼ିଛନ୍ତି। ପରେ ଖବର ପାଇ ସାଲେପୁର ପୁଲିସ ମେଡିକାଲରେ ପହଞ୍ଚି ସୁଚନୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିବା ସହ ମୃତଦେହକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲା। ସାଲେପୁର ଆଇଆଇସି ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ପୁଲିସ ସୁଚନୀ ମୃତ୍ୟୁବରଣ କରିଥିବା ଜାଗାରେ ନମୁନା ସଂଗ୍ରହ କରି ଫେରିଛି। କେହି ସୁଚନୀକୁ ହତ୍ୟାକରି ତାକୁ ଆଣି ଶୋଇଦେଇଥିବା କୁହାଯାଉଥିବାବେଳେ ସୁଚନୀର ନାକରୁ ରକ୍ତ ବାହାରୁଥିବାରୁ ତାହାର ମୃତ୍ୟୁକୁ ନେଇ ଏକ ପ୍ରକାର ସନ୍ଦେହ ସୃଷ୍ଟି ହୋଇଛି।

## ସାମନ୍ତରାୟପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଟାଙ୍ଗୀ,୨୮।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ ସାମନ୍ତରାପୁର ନାରାୟଣ ନାଟ୍ୟକଳା ପରିଷଦ ଆନୁକୂଲ୍ୟରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ମୁଖ୍ୟବକ୍ତା ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ କୁମାର ବେଉରା ଓ ଯୁବ ସଂଗଠକ ବିଶ୍ୱଜିତ ଆଞ୍ଚଲ ପ୍ରମୁଖ ଗ୍ରାମର ବିକାଶରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି କହିଥିଲେ। କଳା ପରିଷଦର ସଦସ୍ୟଙ୍କ ଦ୍ୱାରା ଦୁଇ ଦିନରେ ଗୁପ୍ତ ସମ୍ପର୍କ ଓ ଆସିଛି ଏକା ଯିବି ମୁଁ ଏକା ନାଟକ ପରିବେଷଣ ହେବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମକୁ କଳା ପରିଷଦର ସମସ୍ତ ସଦସ୍ୟଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



## ପ୍ରଥମ ଦିନରେ ୫୩୯୦ ଜଣ ଶିଶୁ ଖାଇଲେ ପୋଲିଓ ବୁନ୍ଦା

ତିଗିରିଆ, ୨୮।୬ (ସମିସ): ତିଗିରିଆ ବ୍ଲକରେ ରବିବାର ପୋଲିଓ ଅଭିଯାନର ପ୍ରଥମ ଦିବସରେ ମୋଟ ୫୩୯୦ ଜଣ ନବଜାତରୁ ୫ ବର୍ଷ ମଧ୍ୟରେ ବୟସର ଶିଶୁ ଏହି ପୋଲିଓ ବୁନ୍ଦା ଖାଇଥିବା ସୂଚନା ମିଳିଛି। ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ବ୍ଲକର ମୋଟ ୪୮ଟି ଗ୍ରାମରେ ଅନୁଷ୍ଠିତ ୪୮ଟି ବୁଥରେ ଶିଶୁମାନେ ଏହି ପୋଲିଓ ବୁନ୍ଦା ଖାଇଥିବା ଜଣାପଡିଛି। ବିନ୍ଧାଣିମା ସ୍ୱାସ୍ଥ୍ୟକେନ୍ଦ୍ର ପରିସଂଖ୍ୟାନ ସହାୟକ ମନମୋହନ ଦାଶ ବାଲିପୁଟ ପଞ୍ଚାୟତସ୍ଥିତ ବାଣେଶ୍ୱରପଡା ଗ୍ରାମରେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଆସନ୍ତାକାଲି ଓ ୩୦ ତାରିଖ ଦୁଇଦିନ ବ୍ଲକ ଆଶା, ଅଙ୍ଗନବାଡି କର୍ମୀଙ୍କ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ସମସ୍ତ ଗ୍ରାମର ଘରକୁ ଘର ବୁଲି ଆଜି ପୋଲିଓ ବୁନ୍ଦା ଖାଇବାରୁ ବଞ୍ଚିତ ଶିଶୁଙ୍କୁ ଖୋଜି ବାହାର କରି ସେମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବାର କାର୍ଯ୍ୟକ୍ରମ ରହିଛି। ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ତିନିଦିନରେ ପ୍ରାୟ ୬୫୦୦ ଶିଶୁ ଏହି ବୁନ୍ଦା ଖାଇବା ନେଇ ଆକଳନ କରାଯାଇଛି। ଜିଲ୍ଲା ଡିପିଏମ ଟିଏନ ରାଓ, ଡିପିଏଚଓ ମନ୍ଦାକିନୀ ବେହେରା, ଡାକ୍ତର ପ୍ରିୟଦର୍ଶିନୀ ଷଡଙ୍ଗୀ, ପିଏଚଇଓ ବିଦ୍ୟୁତପ୍ରଭା ନନ୍ଦ, ସ୍ୱାସ୍ଥ୍ୟ କର୍ମଚାରୀ ରଶ୍ମିରଞ୍ଜନ ସ୍ୱାଇଁ, ଶାଶ୍ୱତ ସେଠ, ଲିଲି ସୁତାର, ରାଧାରାଣୀ ଦଳେଇଙ୍କ ସମେତ ୧୯୨ ଜଣ ଆଶା ଓ ଅଙ୍ଗନବାଡି କର୍ମଚାରୀଙ୍କ ସହ ୯ ଜଣ ସୁପରଭାଇଜର ସହଯୋଗ କରିଥିଲେ।



## ଯୁବ ସାମ୍ବାଦିକଙ୍କ ସ୍ମୃତିସଭା



ଭଦ୍ରେଶ୍ୱର, ୨୮।୬(ସମିସ): ମାହାଙ୍ଗା ପ୍ରେସ କ୍ଲବ ତଥା ଦୀପକ ସାହୁ ସ୍ମୃତି କମିଟି ଆନୁକୂଲ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସାମ୍ବାଦିକ ଦୀପକ କୁମାର ସାହୁଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସାମ୍ବାଦିକ ଅଖିଳେଶପଦ ମହାନ୍ତି ସଭାପତିତ୍ୱ କରିଥିଲେ। ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦାନ କରି ପ୍ରତ୍ୟେକ ମଣିଷ ଜୀବନରେ ସତ୍ୟନିଷ୍ଠ ନିର୍ଭୀକ ହେବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ସାମ୍ବାଦିକମାନେ ସବୁବେଳେ ସମାଜରେ ବଡ଼ ପରିବର୍ତ୍ତନ ଆଣିବାକୁ ପ୍ରମୁଖ ଭୂମିକା ନିର୍ବାହ କରନ୍ତି ଏବଂ ଦୀପକ ସାହୁଙ୍କ ଭଳି ନିର୍ଭୀକ ସାମ୍ବାଦିକ ସବୁବେଳେ ମନେ ରହିବ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ଡ. ଯୁଧିଷ୍ଠିର ଖଟୁଆ, ଡ. ଜନାର୍ଦ୍ଦନ ରାଉତ, ଡ. ଭାବଗ୍ରାହୀ ରାଉତ, ଡ. ଭାଗ୍ୟଧର ସାହୁ, ଶିକ୍ଷାବିତ ଲାଲବିହାରୀ ଜେନା, ସାମ୍ବାଦିକ ଅକ୍ଷୟ କୁମାର ଦାଶ, ଡ. ଏକାଦଶୀ ପ୍ରଧାନ, ପ୍ରାଧ୍ୟାପକ ଜତିନ୍ଦ୍ରନାଥ ରାଉତ, ସାହିତ୍ୟିକ ହେମନ୍ତ ଜେନା, ସଂସ୍କୃତି ଗବେଷକ ଶୁଭେନ୍ଦୁ ଭୂୟାଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟନ୍ତ ମହାପାତ୍ର, ଯାଜପୁର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, କଂଗ୍ରେସ ନେତା ସକେ ମାସୁଦ ଅଲ୍ଲୀ, ସାମ୍ବାଦିକ ପ୍ରଫୁଲ୍ଲ ଦାଶ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ସାମ୍ବାଦିକ ମନୋଜ ଆଚାର୍ଯ୍ୟ, ଆଶିଷ ପଣ୍ଡା, ଧନେଶ୍ୱର ସେଠୀ ପ୍ରମୁଖ ଯୋଗଦାନ କରିଥିଲେ। ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ଭକ୍ତଚରଣ ସାହୁ, ରଜତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦ୍ରାପଡ଼ା ସାଂସଦ ଓ କେନ୍ଦ୍ରମନ୍ତ୍ରୀଙ୍କ ଦିନିକିଆ ଗସ୍ତ

ସାଲେପୁର,୨୮।୬(ସମିସ): କେନ୍ଦ୍ରାପଡା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଦିନିକିଆ ଦ୍ୱୀପାଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭ ଉଦ୍‌ଘାଟନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୫ତମ ମନ୍‌କି ବାତ୍ କାର୍ଯ୍ୟକ୍ରମରେ ଭାଗନେଇଥିଲେ। ସକାଳ ପ୍ରାୟ ୧୦.୩୦ମି. ସମୟରେ ସାଲେପୁର ବ୍ଲକ୍‌ର ପୁରୁଣାହାଟ ପଞ୍ଚାୟତରେ ପହଞ୍ଚି ପ୍ରଥମେ ବିଜେପି କର୍ମୀଙ୍କ ସହ ସାଂଗଠନିକ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା ଦ୍ୱୀପାଞ୍ଚଳର ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧିତ କରିବା ସହ ସୋଗଲଠାରେ ଆର.ଡି. ରାସ୍ତାର ଉଦ୍‌ଘାଟନ ଓ ପୁରୁଣାହାଟ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରର ଉଦ୍‌ଘାଟନ କରିଥିଲେ। ସାଲେପୁର ବିଜେପି ନେତା ଅରିନ୍ଦମ ରାୟ, କଟକ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମନାରାୟଣ ମହାନ୍ତି, ଉପସଭାପତି ହିମାଂଶୁ ମହାନ୍ତି, ଯୁବ ବିଜେପି ନେତା ସତ୍ୟବାଦୀ ଚଇନି, ବିଜେପି ସଂଗଠକ ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଯଶୋବନ୍ତ ରାଉତ, ଚିତ୍ତରଂଜନ ଶତପଥି, ଉପେନ୍ଦ୍ର ଦାଶ, ମନ୍ମଥ ଦାସ, ଅମିତ୍ ମହାନ୍ତି, ଅଜୟ ଜେନା, ମଣ୍ଡଳ ସଭାପତି ହେମନ୍ତ ସ୍ୱାଇଁ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ ଅବସରରେ ସାଲେପୁର ବିଜେପି ପକ୍ଷରୁ ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ସାଲେପୁର ବିଜେପି କାର୍ଯ୍ୟାଳୟ ନିକଟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୁଳିଆଠାରେ ଏକ ବୈଠକରେ ଅମିତା ସାହାଣୀ, ଅଶୋକ ବେହେରା, ପୂର୍ଣ୍ଣିମା ମିଶ୍ର, ଯଶୋବନ୍ତ ରାଉତ, ସତ୍ୟଶିବ ସୁନ୍ଦର କରଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଅଟ୍ଟାଳୀ ଜଗନ୍ନାଥ ଦେବଙ୍କ ରଥଯାତ୍ରାରେ ହେବ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ

ତିଗିରିଆ/ଆଠଗଡ଼, ୨୮।୬ (ସମିସ): ଆଠଗଡ଼ର ଆରାଧ୍ୟ ଶ୍ରୀଅଟ୍ଟାଳୀ ଜଗନ୍ନାଥଦେବଙ୍କ ଚଳିତବର୍ଷର ରଥଯାତ୍ରାରେ ଜୁଲାଇ ୧୬ ତାରିଖରୁ ୨୪ ପର୍ଯ୍ୟନ୍ତ ୭ ଦିନ ଭଜନ ସମାରୋହ ଓ ଗୋଟିଏ ଦିନ ପ୍ରବଚନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଆଠଗଡ଼ର ଅନ୍ୟତମ ସାଂସ୍କୃତିକ, ଆଧ୍ୟାତ୍ମିକ ସଂଗଠନ ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ଅସ୍ଥାୟୀ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ସୂଚନା ପ୍ରଦାନ କରାଯାଇଛି। ସଂସ୍ଥା ସଭାପତି ତଥା ପୂର୍ବତନ ଆଠଗଡ ଏନ୍‌ଏସି ଅଧ୍ୟକ୍ଷ ପର୍ଶୁରାମ ସାହୁ ଆହ୍ୱାନରେ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ତଥା ପୂର୍ବତନ କାଉନସିଲର ଅଶୋକ ଦଳାଇ, ସମ୍ପାଦକ ତଥା ଆଠଗଡ ଓକିଲ ସଂଘର ସଭାପତି ଜଗଦାନନ୍ଦ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଅସୀତ ପ୍ରଧାନ, ସହସମ୍ପାଦକ ଅଜୟ ଦାସ, କୋଷାଧ୍ୟକ୍ଷ ତଥା ଆଇନଜୀବୀ ଶ୍ରୀନିବାସ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପବିତ୍ର ସ୍ନାନ ପୂର୍ଣ୍ଣିମାଠାରୁ ଆଠଗଡ ମାଉସୀ ମା' ମନ୍ଦିରସ୍ଥିତ କୃଷ୍ଣବଲ୍ଲଭ ଦେବଙ୍କର ସ୍ନାନ ନୀତି, ନୂତନ ବସ୍ତ୍ର ପରିଧାନ, ବିଭିନ୍ନ ନୀତି ମାନ ଅନୁଷ୍ଠିତ ହେବ। ଶ୍ରୀଅଟ୍ଟାଳୀ ଜଗନ୍ନାଥଦେବ ଓ ଜଗନ୍ନାଥ ବଲ୍ଲଭ ମଠର ଶ୍ରୀ ଗୁଣ୍ଡିଚା ଯାତ୍ରା ଦିନ ଜୁଲାଇ ୧୬ ତାରିଖରୁ ୨୪ ପର୍ଯ୍ୟନ୍ତ ସଂସ୍ଥା ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଶ୍ରୀ ଗୁଣ୍ଡିଚା ରଥ ଖଳାରେ ରଥ ଲାଗିବା ପରେ ଆଠଗଡ ପୁରୁଣା ବସଷ୍ଟାଣ୍ଡସ୍ଥିତ ଲକ୍ଷ୍ମୀ ବଜାର ମଣ୍ଡପଠାରେ ଅଧରପଣା ନୀତି ସମ୍ପନ୍ନ ହେବ ଓ ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ପରିସରରେ ଆନନ୍ଦ ବଜାର ମାଧ୍ୟମରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ଦିନଠାରୁ ୮ ଦିନ ପର୍ଯ୍ୟନ୍ତ ଓଡ଼ିଶାର ସୁନାମଧନ୍ୟ କଳାକାର ପଙ୍କଜ ଜାଲ୍, ମାନସୀ ପାତ୍ର, ସୁଧାକର ମିଶ୍ର, ବାଦଲ ଆଚାର୍ଯ୍ୟ ପରି ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଓ ୨୬ ତାରିଖରେ ଓଡ଼ିଶାର ବିଶିଷ୍ଟ ପ୍ରବଚକ ଅସୀତ ଜେନା ଓ ସାଥୀଙ୍କ ଦ୍ୱାରା ପ୍ରବଚନ ପରିବେଷଣ କରାଯିବ। ବିଭିନ୍ନ ଦିନରେ ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ସଂସ୍ଥାର ଆଇନ ପରାମର୍ଶଦାତା ଆଠଗଡ଼ ଓକିଲ ସଙ୍ଘର ସମ୍ପାଦକ ବନବିହାରୀ ସାହୁ, ଜ୍ଞାନରଞ୍ଜନ ଧଳସାମନ୍ତ ପ୍ରମୁଖ ଉପସ୍ଥିତ ଥିବା ବେଳେ ସହସମ୍ପାଦକ ଅଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ସ୍ୱାଧୀନତା ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକୀ

ଫୁଲନଖରା, ୨୮।୬ (ସମିସ): ସିଏମ୍‌ସି ୫୮ନଂ ୱାର୍ଡ ଅନ୍ତର୍ଗତ ନୂଆଗଡସ୍ଥିତ ଶିଶୁ ଅନନ୍ତ ଆଶ୍ରମଠାରେ ଶିକ୍ଷାବିତ୍ ଡଃ ଶରତ କୁମାର ରଥଙ୍କ ପୌରୋହିତ୍ୟରେ ଗାନ୍ଧୀବାଦୀ ପୁରୁଷ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ବେଦପାଠଶାଳାର ଛାତ୍ରମାନଙ୍କ ଦ୍ୱାରା ହୋମାଦି କାର୍ଯ୍ୟ ସମାପନ ପରେ ଆଶ୍ରମ ପରିସରରେ ଥିବା ସଭାଗୃହରେ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଭାରେ ବହୁ ବରିଷ୍ଠ ବ୍ୟକ୍ତିତ୍ୱ ସ୍ମୃତିଚାରଣ କରିଥିଲେ। ପିଲାଟି ଦିନରୁ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ସ୍ୱର୍ଗତ ପ୍ରଧାନ ତୃଣମୂଳ ସ୍ତରରୁ ରାଜନୀତିରେ ଯୋଗଦେଇ ସଦର ନିର୍ବାଚନମଣ୍ଡଳୀରୁ ଓଡିଶା ବିଧାନସଭାକୁ ଦୁଇଥର ବିଧାୟକ ଭାବରେ ନିର୍ବାଚିତ ହେବା ସହ ତତ୍କାଳୀନ ସରକାରରେ ମନ୍ତ୍ରୀ ଭାବରେ ଗୁରୁଦାୟିତ୍ୱ ବହନ କରି ଲୋକଙ୍କର ଅତି ପ୍ରିୟ ହୋଇପାରିଥିଲେ। କାର୍ଯ୍ୟକ୍ରମରେ ଆଶ୍ରମର ମଠାଧୀଶ ପ୍ରଣବାନନ୍ଦ ଦାସ, ବରିଷ୍ଠ ମୁରବୀ ପୀତବାସ ମହାପାତ୍ର, ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀଜୀ, ଶିଶିର କୁମାର ରାଉତରାୟ, କ୍ଷୀରୋଦଚନ୍ଦ୍ର ପାତ୍ର, ଚତୁର୍ଭୁଜ ମହାପାତ୍ର, ଡଃ ଅରବିନ୍ଦ ନନ୍ଦ, ବିଜୟ ରାଉତରାୟ, ସନ୍ତୋଷ ଲେଙ୍କା, ସଦାଶିବ ମହାନ୍ତି ଓ ଗତେଶ୍ୱର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

## ପିଇବା ପାଣି ବନ୍ଦ; ଗ୍ରାମବାସୀଙ୍କ ରାସ୍ତା ଅବରୋଧ



ନରସିଂହପୁର, ୨୮।୬ (ସମିସ): ନରସିଂହପୁରର ଏକାଧିକ ଗ୍ରାମରେ ଦେଖିବାକୁ ମିଳିଛି ପାନୀୟ ଜଳର ସମସ୍ୟା। ଏହି ବ୍ଲକ ଅନ୍ତର୍ଗତ ସୀତାରାମପୁର ଗ୍ରାମକୁ ଯାଇଥିବା ମେଗା ପ୍ରକଳ୍ପ ଯୋଜନାରେ ପାନୀୟ ଜଳର ପାଇପ ଏକାଧିକ ସ୍ଥାନରେ ଫାଟି ପାଣି ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରି ନ ଥିଲା। ଗ୍ରାମବସୀ ଏକତ୍ରିତ ହୋଇ ନରସିଂହପୁର-କାମଳାଡ଼ିହ ମୁଖ୍ୟ ରାସ୍ତାକୁ ଡେକଚି, ବାଲିଟି, ଗରା ରଖି ରାସ୍ତାକୁ ଅବରୋଧ କରିଥିଲେ। ଏହି ରାସ୍ତା ଅବରୋଧର କିଛି ସମୟ ପରେ ଘଟଣାସ୍ଥଳରେ ଯୋଡମୁଁ ଥାନାଧିକାରୀ ଦିଲ୍ଲୀପ କାଣ୍ଡି ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଇଥିଲେ। ପରେ ବିଭାଗୀୟ ଅଧିକାରୀଙ୍କ ସହିତ ଥାନାଧିକାରୀ ଯୋଗାଯୋଗ କରି ଗ୍ରାମବାସୀଙ୍କୁ ୫ଦିନ ମଧ୍ୟରେ ସଠିକ ଭାବେ ଜଳଯୋଗଣ ହେବ ବୋଲି ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା।

### ଚୌଦ୍ୱାର ମହାବିଦ୍ୟାଳୟରେ ଅବ୍ୟବସ୍ଥା

# କଲେଜ ନଆସି ଉପସ୍ଥାନ ପକାଇ ନେଉଛନ୍ତି ଟଙ୍କା

ଚୌଦ୍ୱାର,୨୮।୬(ସମିସ)

ଚୌଦ୍ୱାର ଅଞ୍ଚଳର ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ହେଉଛି ଚୌଦ୍ୱାର ମହାବିଦ୍ୟାଳୟ। ଏହି ଶିକ୍ଷାନୁଷ୍ଠାନଟିରେ ଚୌଦ୍ୱାର ସହ ଏହାର ଆଖପାଖ ୨୦ କିଲୋମିଟର ଦୂରରୁ ଛାତ୍ରଛାତ୍ରୀ ନିର୍ଭର କରିଥାନ୍ତି। ମାତ୍ର କିଛି ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କ ମନୋବୃତ୍ତି ଯୋଗୁଁ ଶିକ୍ଷା ପରିବେଶ କଳୁଷିତ ହେଉଛି। କିଛି ଅଧ୍ୟାପକ, ଅଧ୍ୟାପିକା ଏହି କଲେଜକୁ କଳଙ୍କିତ କରୁଥିବା ଭଳି ସଂଗୀନ ଅଭିଯୋଗ ଆସିଛି। ଏପରିକି ଏହି ଅଧ୍ୟାପକ ଅଧ୍ୟାପିକାମାନେ କଲେଜକୁ ନଯାଇ କ୍ଲାସ ନକରି ଷ୍ଟାଫ ଆଟେଣ୍ଡାନ୍ସରେ ଉପସ୍ଥିତ ଥିବା ଦର୍ଶାଉଛନ୍ତି। ଏଠାରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଭୁଶୁଡିବାରେ ଲାଗିଛି ବୋଲି ଚର୍ଚ୍ଚା ହେଉଛି। ଜଣେ ଅଧ୍ୟାପକ ଆରଟିଆଇରେ ଯେଉଁ ତଥ୍ୟ ହାସଲ କରିଛନ୍ତି ତାହା ଅତ୍ୟନ୍ତ ସାଙ୍ଘାତିକ ବୋଲି କୁହାଯାଇଛି। ଏପରିକି ପ୍ରକୃତ ତଥ୍ୟ କଲେଜ ପକ୍ଷରୁ ଦିଆଯାଉ ନଥିବା ମଧ୍ୟ ଆରଟିଆଇରେ ମାଗିଥିବା ଅଧ୍ୟାପକ ଅଭିଷେକ ମଜୁମଦାର ଗଣମାଧ୍ୟମକୁ କହିଛନ୍ତି।

ମିଳିଥିବା ଅଭିଯୋଗ ଅନୁଯାୟୀ, ଉକ୍ତ କଲେଜରେ ଅଧ୍ୟାପକ ଅଧ୍ୟାପିକାମାନେ ସଠିକ ସମୟରେ ନଆସି ମଧ୍ୟ ଉପସ୍ଥାନରେ ଆସିଥିବା ଦର୍ଶାଇ ଦେଉଛନ୍ତି। ଏଠାରେ ଷ୍ଟାଫମାନଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସ ବ୍ୟବସ୍ଥା କରିବାକୁ ଶ୍ରୀ ମଜୁମଦାର କଲେଜ ଅଧ୍ୟକ୍ଷ, ମ୍ୟାନେଜିଂ କମିଟି ଚେୟାରପର୍ସନ ତଥା ଉପଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଉପଜିଲ୍ଲାପାଳ କଲେଜକୁ ଏ ଅଭିଯୋଗ ବାବଦରେ ନୋଟିସ କରିଥିଲେ ମଧ୍ୟ କଲେଜ ଅଧ୍ୟକ୍ଷ ସଠିକ ଉତ୍ତର ନଦେବା ଦୁର୍ଭାଗ୍ୟ ଜନକ ବୋଲି କୁହାଯାଉଛି। ଏପରିକି କିଛି ଅଧ୍ୟାପକ ଅଧ୍ୟାପିକା କଲେଜ ନଆସି ମଧ୍ୟ ଉପସ୍ଥାନରେ ଦର୍ଶାଇ ୩ ମାସର ଦରମା ଉଠାଇ ନେଇଛନ୍ତି। ଏନେଇ ଉଚ୍ଚଶିକ୍ଷା ବିଭାଗ, ଉପଜିଲ୍ଲାପାଳ କଟକ ସଦରଙ୍କୁ ଅଭିଯୋଗ କରାଯାଇଥିଲା। ବାୟୋମେଟ୍ରିକ ଉପସ୍ଥାନ ସମ୍ପର୍କରେ କଲେଜ ପକ୍ଷରୁ ଚିଠି ନମ୍ବର ୮୫୯/୨୦/୬.୨୦୨୬ରେ ସଫେଇ ଦିଆଯାଇଛି ଯେ ଘଡଘଡି ଯୋଗୁଁ ଉକ୍ତ ବାୟୋମେଟ୍ରିକ ଯନ୍ତ୍ରଟି ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଛି। ମାତ୍ର ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଶ୍ରୀ ମଜୁମଦାର ଅଭିଯୋଗ କରିଛନ୍ତି।

## ରୋଟାରୀ କ୍ଲବ୍‌ର ସମ୍ବର୍ଦ୍ଧନା ଉତ୍ସବ

ଚୌଦ୍ୱାର,୨୮।୬(ସମିସ): ଚୌଦ୍ୱାର ରୋଟାରୀ କ୍ଲବ ତରଫରୁ ରୋଟାରୀ କର୍ପୋରେଟ ଏକ୍ସଲେନ୍ସ ଆୱାର୍ଡ-୨୦୨୬ କାର୍ଯ୍ୟକ୍ରମ ଶନିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ସଞ୍ଜିତ ଜେନାଙ୍କ ପୌରୋହିତ୍ୟରେ କପାଳେଶ୍ୱର ଶ୍ରୀ ସାଇବିହାରସ୍ଥିତ ରୋଟାରୀ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ଯଜ୍ଞାଶିଷ୍ ମହାପାତ୍ର ଓ ବିଶିଷ୍ଟ ଶିକ୍ଷାବିତ୍ ତଥା ରୋଟାରୀ ଜିଲ୍ଲା ମେମ୍ବରସିପ୍ କମିଟି କୋ ଚେୟାର ଡ. ସୁରେନ୍ଦ୍ର ମୋହନ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭ ବ୍ୟାଙ୍କର ପ୍ରତିଷ୍ଠାତା ପ୍ରମୋଦ କୁମାର ସାହୁ, ସୁପ୍ରତିଷ୍ଠିତ ଚିକିତ୍ସକ ଡ. ରବିନ୍ଦ୍ର କୁମାର ମହାପାତ୍ର ଓ ନୀରଜାକାନ୍ତି ମହାପାତ୍ର, ନୂଆପାଟଣା ମାରୁତି ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ବେଉରା, ସୁନାମଧନ୍ୟ କବି ଅକ୍ଷୟ କୁମାର ବେହେରା, ପୌର କର୍ମଚାରୀ ତପନ କୁମାର ସାହୁ ଓ ନୃତ୍ୟଗୁରୁ ରମାକାନ୍ତ ସାହୁଙ୍କୁ ରୋଟାରୀ ଉତ୍କର୍ଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। କ୍ଲବ ସଂପାଦକ ରବିନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱକଲ୍ୟାଣ ଦାସ, ଶରତ କୁମାର ଖୁଣ୍ଟିଆ, ଭାସ୍କର ମହାପାତ୍ରଙ୍କ ସମେତ କ୍ଲବର ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।



## ୨୦୧୪ରୁ ୨୦୨୪ ଯାଏଁ ପୁଲିସ ଫାଇଲ୍ ବନ୍ଦ

# ରହସ୍ୟରେ ୬ଟି ହାଜତ ମୃତ୍ୟୁ: ଥାନାରେ ଗଡୁଛି ମାମଲା

କଟକ,୨୮।୬(ସମିସ)

କମିସନରେଟ୍ ପୁଲିସର ସର୍ବୋଚ୍ଚ ଅଧିକାରୀ ଥାନାସ୍ତରରେ ଏକାଧିକ ଥର ତାଗିଦ ଓ ନୋଟିସ୍ କରିଥିଲେ ମଧ୍ୟ ତତ୍ପରତା ଦେଖାଉ ନାହାନ୍ତି ଥାନାଧିକାରୀ। ଦୀର୍ଘ ୧୦ ବର୍ଷ ମଧ୍ୟରେ କଟକ ୟୁପିଡିରେ ହୋଇଥିବା କୌଣସି ହାଜତ ମୃତ୍ୟୁର ତଦନ୍ତ ଏପର୍ଯ୍ୟନ୍ତ ଶେଷ ହୋଇ ପାରିନାହିଁ। ପୁଲିସ ନାମକୁ ମାତ୍ର ମାମଲା ପଞ୍ଜିକରଣ କରାଇଛି, ହେଲେ ପୁଲିସ ହେପାଜତ୍‌ରେ କେମିତି ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଲା ଓ ଏହି ମୃତ୍ୟୁ ପଛରେ ବାସ୍ତବରେ ଦାୟୀ କିଏ ତାହା ଜଣାପଡ଼ି ନାହିଁ। ରାଜ୍ୟରେ ଗତ ୧୦ବର୍ଷ ମଧ୍ୟରେ ପୁଲିସ ହେପାଜତ୍‌ରେ ରାଜ୍ୟରେ ସମୁଦାୟ ୪୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କଟକ କମିସନରେଟ୍ ପୁଲିସ ଅଧୀନରେ ୫ଜଣଙ୍କର ମୃତ୍ୟୁ ଘଟିଛି। ଏହି ହାଜତ୍ ମୃତ୍ୟୁର ତଦନ୍ତ ଶେଷ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ଆଭ୍ୟନ୍ତରୀଣ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଥାନାରେ ଏହି ମାମଲା ଗଡୁଛି। ସମୟକ୍ରମେ କଟକ ୟୁପିଡିରେ ଡିସିପି ଓ ତଦନ୍ତକାରୀ ଅଫିସରଙ୍କ ବଦଳି ହୋଇଯାଉଛନ୍ତି। କିନ୍ତୁ ତଦନ୍ତରେ ଅଗ୍ରଗତି ଘଟୁ ନଥିବା ଅଭିଯୋଗ ଉଠିଛି। ଏ ସମ୍ପର୍କରେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ୧୦ବର୍ଷ ମଧ୍ୟରେ ଯେଉଁ ୬ଟି ହାଜତ୍ ମୃତ୍ୟୁ ଘଟିଛି, ସେ ସଂକ୍ରାନ୍ତରେ ତଦନ୍ତର ଅଗ୍ରଗତି ରିପୋର୍ଟ ଖୁବଶୀଘ୍ର ପ୍ରଦାନ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସାଧାରଣ ଅଭିଯୋଗକାରୀଙ୍କୁ ଯେମିତି ନ୍ୟାୟ ପ୍ରଦାନରେ ସ୍ବଚ୍ଛତା ଅବଲମ୍ବନ କରାଯାଉଛି, ଠିକ୍ ସେମିତି ହାଜତ୍ ଭିତରେ ପୁଲିସ ହେପାଜତ୍‌ରେ ଥିବା ବେଳେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ହେଲେ, ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପୁଲିସ ତତ୍ପରତା ପ୍ରକାଶ କରୁଛି ବୋଲି ସେ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ମଙ୍ଗଳାବାଗ ଥାନାରେ ୪ଟି, ଚାଉଳିଆଗଞ୍ଜ ଥାନାରେ ଗୋଟିଏ ଏବଂ ଜଗତପୁର ଥାନାରେ ଗୋଟିଏ ହାଜତ ମୃତ୍ୟୁ ମାମଲା ପଞ୍ଜିକରଣ କରାଯାଇଛି। ୨୦୧୬ ମସିହା ଡିସେମ୍ବର ୧୧ତାରିଖରେ ମଙ୍ଗଳାବାଗ ଥାନାରେ ଏକ ହାଜତ ମୃତ୍ୟୁ ମମାଲା ପଞ୍ଜୀକରଣ କରାଯାଇଥିଲା। ୨୦୧୬ ଡିସେମ୍ବର ୬ତାରିଖରେ ନରସିଂହପୁର ଥାନା ପୁଲିସ ଅଭିଯୁକ୍ତ ସରୋଜ ସେନାପତି ଓରଫ୍ ଆକୁଳାକୁ ଗିରଫ କରିବା ବେଳେ ଶାରିରୀକ ନିର୍ଯାତନା ଦେଇଥିଲେ। ଏଏସଆଇ ଭଗବାନ ସାହୁ ଓ ଜଣେ ହୋମାଗାର୍ଡଙ୍କ ମାଡରେ ଆକୁଳା ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ନରସିଂହପୁର ଥାନାରୁ ଏସ୍‌ସିବି ମେଡିକାଲ ଅଣାଯାଇଥିଲା। ପୁଲିସ ହେପାଜତରେ ଚିକିତ୍ସାଧିନ ଅବସ୍ଥାରେ ଆକୁଳାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ମଙ୍ଗଳାବାଗ ଥାନାରେ ମାମଲା ହେବାପରେ ପୁଲିସ ଏହି ହାଜତ୍ ମୃତ୍ୟୁର ତଦନ୍ତ ଏପର୍ଯ୍ୟନ୍ତ ଶେଷ କରି ପାରିନାହିଁ। ୨୦୧୯ ମସିହା ମାର୍ଚ୍ଚ ୯ ତାରିଖରେ ଚନ୍ଦକା ଥାନା ଅନ୍ତର୍ଗତ ଭଗବତୀପୁର ଅଞ୍ଚଳର ପୁଷ୍ପ ବେହେରା(୫୫) ଏକ ଅବକାରୀ ମାମଲାରେ ଗିରଫ ହୋଇଥିଲେ। ପୁଲିସ ହେପାଜତ୍‌ରେ ଥିବା ବେଳେ ତାଙ୍କୁ ମାଡ ମରାଯିବା ଦ୍ୱାରା ସେ ଗୁରୁତର ହୋଇଥିଲେ। ତୁରନ୍ତ ଚନ୍ଦକା ଥାନା ପୁଲିସ ପୁଷ୍ପଙ୍କୁ ଏସ୍‌ସିବିରେ ଭର୍ତ୍ତି କରିଥିଲା। ପୁଲିସ ହେପାଜତ୍‌ରେ ଥିବା ପୁଷ୍ପଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ୧୧ତାରିଖରେ ମଙ୍ଗଳାବାଗ ଥାନାରେ ତାଙ୍କର ହାଜତ୍ ମୃତ୍ୟୁକୁ ନେଇ ଏକ ମାମଲା ପଞ୍ଜୀକରଣ କରାଯାଇଥିଲା। ଏଯାବତ୍ ଘଟଣାର ତଦନ୍ତ ଶେଷ ହୋଇ ପାରିନାହିଁ। ସେହିପରି ୨୦୧୯ ମସିହା ଅଗଷ୍ଟ ୯ତାରିଖରେ ପୁଣି ଏକ ହାଜତ୍ ମୃତ୍ୟୁ ମାମଲା ମଙ୍ଗଳାବାଗ ଥାନାରେ ପଞ୍ଜୀକରଣ କରାଯାଇଥିଲା।

> ମଙ୍ଗଳାବାଗ, ଚାଉଳିଆଗଞ୍ଜ ଓ ଜଗତପୁର ଥାନା ପୁଲିସର ନାହିଁ ତତ୍ପରତା

ବାଲେଶ୍ୱର ଜିଲ୍ଲା ଇଣ୍ଡଷ୍ଟ୍ରିଆଲ୍ ଥାନାରେ ଅଭିଯୁକ୍ତ ରତିକାନ୍ତ ବେହେରା ଏକ ଅବକାରୀ ମାମଲାରେ ଗିରଫ ହୋଇ ହାଜତ୍‌ରେ ଥିଲେ। ପୁଲିସ ଜେରା ସମୟରେ ରତିକାନ୍ତୁ ଥାର୍ଡ-ଡିଗ୍ରୀ ଦେଇଥିଲା। ପୁଲିସ ମାଡରେ ଗୁରୁତର ହୋଇ ରତିକାନ୍ତ ଅଗଷ୍ଟ ୯ରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ପୁଲିସ ହେପାଜତ୍‌ରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏଯାଏଁ ଏହି ହାଜତ୍ ମୃତ୍ୟୁ ମାମଲାର ତଦନ୍ତ ଶେଷ ହୋଇ ପାରିନାହିଁ।

ସେହିପରି ୨୦୨୧ ମସିହା ମେ' ୨୩ତାରିଖରେ ସିଡିଏ ଫେଜ୍-୨ଥାନାରେ ଏକ ସଂଗୀନ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ପୁଲିସ ଉକ୍ତ ଅଭିଯୁକ୍ତକୁ ଗିରଫ କରି ଥାନାକୁ ନେବା ବାଟରେ ପିସିଆର୍ ଭ୍ୟାନ୍‌ରୁ ଅଭିଯୁକ୍ତ ଜଣକ ଡେଇଁପଡ଼ିଥିଲେ। ପିସିଆର୍ ଦ୍ରୁତ ଗିତରେ ଗଡୁଥିବା ବେଳେ ଅଭିଯୁକ୍ତ ଜଣକ ହାତରେ ହ୍ୟାଣ୍ଡକପ୍ ଥାଇ ସୁଦ୍ଧା ଗାଡିରୁ ଡେଇଁବାରୁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଫେଜ୍-୨ଥାନା ପୁଲିସ ତୁରନ୍ତ ଏସସିବି ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳାବାଗ ଥାନାରେ ଏହି ହାଜତ୍ ମୃତ୍ୟୁ ସଂକ୍ରାନ୍ତ ମାମଲା ୨୬ତାରିଖରେ ରୁଜୁ କରାଯାଇଥିଲା। ଏବେ ଯାଏଁ ଏହି ତଦନ୍ତ ଶେଷ ହୋଇନାହିଁ। ଚାଉଳିଆଗଞ୍ଜ ଥାନାରେ ୨୦୨୨ ମାର୍ଚ୍ଚ ୧୭ତାରିଖରେ ଏକ ହାଜତ୍ ମୃତ୍ୟୁ ମାମଲା ରୁଜୁ ହୋଇଥିଲା। ୧୩ ତାରିଖରେ କଟକ-ପରାଦ୍ୱୀପ ରାସ୍ତାରେ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହେଉଥିବା ବେଳେ ପୁଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ବିଶୃଙ୍ଖଳାକାରୀଙ୍କ ମଧ୍ୟରୁ ବିକାଶ ଗୋଚ୍ଛାୟତ ନାମକ ଜଣେ ଯୁବକକୁ ଚାଉଳିଆଗଞ୍ଜ ଥାନା ପୁଲିସ ପିସିଆର୍‌ରେ ଆଣି ବୁଝାସୁଝା କରିବା ପରେ ଗୋଶାଳା କେନାଲ୍ ରୋଡ୍‌ରେ ଛାଡି ଦେଇଥିଲା। କିନ୍ତୁ ବିକାଶ ଘରକୁ ନଯାଇ କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ଏହାର ଦିନ ପରେ ସ୍ଥାନୀୟ ଏକ ଡ୍ରେନ୍‌ରୁ ବିକାଶଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ ମା'ଙ୍କ ଅଭିଯୋଗ ଅନୁସାରେ ପୁଲିସ ହିଁ ବିକାଶକୁ ମାରି ଦେଇଛି ବୋଲି ଏକ ମାମଲା ହୋଇଥିଲା। ଏହି ମାମଲାର ତଦନ୍ତ ଏପର୍ଯ୍ୟନ୍ତ ଚାଲିଛି। ଅନ୍ୟପଟେ ୨୦୨୩ ମସିହା ଜୁଲାଇ ୨୦ ତାରିଖରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଅଭିଯୁକ୍ତ ଶଙ୍କର୍ଷଣ ବେହେରା ଓରଫ୍ ବବ୍ଲୁଙ୍କୁ ଗିରଫ କରିଥିଲା। ସେ ଥାନା ହାଜତ ଭିତରେ ଥିବା ବେଳେ ଏସ୍‌ଆଇ ଡି.କେ ମହାନ୍ତି ତାଙ୍କୁ ଜେରା କରୁଥିଲେ। ଜେରା ସମୟରେ ଅଭିଯୁକ୍ତ ବବ୍ଲୁ ହାଜତ୍ ଭିତରୁ ଖସିଯାଇ ମହାନଦୀକୁ ଡେଇଁ ପଡ଼ିଥିଲେ। ଜଗତପୁର ଥାନା ପୁଲିସ ତାର ଶବକୁ ଯୋବ୍ରା ଠାରେ ଠାବ କରିବା ପରେ ଏକ ହାଜତ୍ ମୃତ୍ୟୁ ମାମଲା ରୁଜୁ କରିଥିଲା। ଏହି ମାମଲାର ତଦନ୍ତ ମଧ୍ୟ ଏଯାବତ୍ ଶେଷ ହୋଇନାହିଁ।

## କଟକ ସହରାଞ୍ଚଳର ୨୨୨ଟି ବୁଥ୍‌ରେ ଦିଆଗଲା ପୋଲିଓ ବୁନ୍ଦା



କଟକ,୨୮।୬(ସମିସ): ପୋଲିଓରୁ ଭବିଷ୍ୟତ ପିଢ଼ିକୁ ରକ୍ଷା କରିବାପାଇଁ ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ୫ ବର୍ଷରୁ କମ ବୟସର ପିଲାମାନଙ୍କ ପୋଲିଓ ଟୀକାକରଣ କରାଯାଉଛି। ଏହିକ୍ରମରେ ଆଜି କଟକ ନଗର ସ୍ୱାସ୍ଥ୍ୟ ସମିତି ତରଫରୁ କଟକ ମହାନଗର ନିଗମ ଅଞ୍ଚଳରେ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଚାଉଳିଆଗଞ୍ଜସ୍ଥିତ ସହରାଞ୍ଚଳ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରଠାରେ ସିଏମସି ମେୟର ସୁବାସ ସିଂହ ଏହି ଅଭିଯାନର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କୁନି କୁନି ପିଲାଙ୍କୁ ଦୁଇବୁନ୍ଦା ପୋଲିଓ ଖୁଆଇଥିଲେ। ସିଏମସି କମିସନର କିରନଦୀପ୍ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ହେଲ୍ଥ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, ୱାର୍କସ୍ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ କିଶୋର ଖୁଣ୍ଟିଆ, ସ୍ଥାନୀୟ କର୍ପୋରେଟର ମୀନା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁଷ୍ପିତା ମହାନ୍ତି, ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର ସାମିଲ ହୋଇଥିଲେ। ପଲ୍ସ ପୋଲିଓ ଟୀକାକରଣ ଲାଗି ସହରର ବିଭିନ୍ନ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ଡାକ୍ତରଖାନା ଆଦି ସ୍ଥାନରେ ମୋଟ ୨୨୨ଟି ସ୍ୱତନ୍ତ୍ର ବୁଥରେ ଏହି ଅଭିଯାନ ହୋଇଥିଲା। ଏଥିପାଇଁ ସ୍ୱାସ୍ଥ୍ୟ, ଆଶା ଏବଂ ଅଙ୍ଗନବାଡ଼ି କର୍ମୀଙ୍କୁ ନେଇ ୪୪୫ଟି ଟିମ୍ ଗଠନ କରାଯାଇଛି। ଯଦି କୌଣସି ପିଲା ପୋଲିଓ ଟୀକା ପାଇବାରୁ ବାଦ୍ ପଡ଼ିଥିବେ ସେଥିପାଇଁ ଆସନ୍ତା ୨୯ ଏବଂ ୩୦ ତାରିଖରେ ଘରକୁ ଘର ସର୍ଭେ କରି ପିଲାମାନଙ୍କୁ ଟୀକା ଦିଆଯିବାର ବ୍ୟବସ୍ଥା କରାଯାଇଛି।

## ଜାତୀୟ ପରିସଂଖ୍ୟାନ ଦିବସ ଉପଲକ୍ଷେ ପ୍ରତିଯୋଗିତା

କଟକ, ୨୮।୬(ସମିସ): ଜାତୀୟ ପରିସଂଖ୍ୟାନ ଦିବସ ଉପଲକ୍ଷେ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ବିଶ୍ୱବିଦ୍ୟାଳୟ, ବିଦ୍ୟାଳୟ ଓ କାର୍ଯ୍ୟାଳୟ କ୍ଷେତ୍ର କର୍ମଚାରୀଙ୍କୁ ନେଇ ଚିତ୍ରାଙ୍କନ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଯାଇଛି। ଜୁନ ୨୯ ପରିସଂଖ୍ୟାନ ଦିବସ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଯୁଗ୍ମ ନିର୍ଦ୍ଦେଶକ ସରୋଜ ପାଢ଼ୀ ଓ ଉପନିର୍ଦ୍ଦେଶକ ବିଶ୍ୱରଂଜନ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହନିର୍ଦ୍ଦେଶିକା ସୁଶ୍ରୀ ସଂଗୀତା ସାହୁ, ଅନୁସୂୟା ଦାଶ, ଉପ ବିଭାଗ ଅଧିକାରୀ ମୀରାଲିନା ମହାନ୍ତିଙ୍କ ସମେତ ଶାଶ୍ୱତୀ ବେହେରା, ଆଲୋଚନା ସାହୁ, ଦେବସ୍ମିତା ନାୟକ, ସ୍ନିଗ୍ଧା ସେନାପତି, ରୋନିକା ରିମଝିମ, ଇତିଶ୍ରୀ ଲେଙ୍କା, ଚୈତନ୍ୟ ଚରଣ ଜେନା, ସନ୍ଦୀପ ସାମଲ ଓ ସୁଧାକର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



## ନନ୍ଦନକାନନରେ ଦରକୁ ନେଇ ଦ୍ୱନ୍ଦ୍ୱ
# ପର୍ଯ୍ୟଟକଙ୍କ ସହ କର୍ତ୍ତୃପକ୍ଷଙ୍କ ଖେଳ

ବାରଙ୍ଗ, ୨୮।୬(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବ୍ୟାଟେରୀ ଗାଡ଼ି ଟିକେଟ୍ ଦରକୁ ନେଇ କର୍ତ୍ତୃପକ୍ଷଙ୍କ ଦୋମୁହାଁ ନୀତି ପଦାକୁ ଆସିଛି। ୨୪ ଘଣ୍ଟା ଭିତରେ ଉପନିର୍ଦ୍ଦେଶକଙ୍କ ବୟାନ ବଦଳିବା ଘଟଣା ପର୍ଯ୍ୟଟକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଗଣମାଧ୍ୟମ ଓ ପର୍ଯ୍ୟଟକଙ୍କ ଅଭିଯୋଗ ପରେ ନନ୍ଦନକାନନ ଉପନିର୍ଦ୍ଦେଶକ ସ୍ପଷ୍ଟ କହିଥିଲେ, ଦର କେବଳ ୧୦୦ ଟଙ୍କା। ଆମେ ଠିକା ନେଇଥିବା ସଂସ୍ଥାକୁ ଲୋକଙ୍କଠାରୁ ଅଧିକ ଦେୟ ନ ନେବାକୁ ନୋଟିସ ଜାରି କରିଛୁ। ଏନେଇ ଖବର ପ୍ରକାଶ ପରେ ମଧ୍ୟ ଠିକା ନେଇଥିବା ସଂସ୍ଥା ରବିବାର ମଧ୍ୟ ପର୍ଯ୍ୟଟକଙ୍କୁ ବ୍ୟାଟେରୀ ଗାଡିରେ ଜଣେ ବ୍ୟକ୍ତି ପିଛା ୧୩୦ ଟଙ୍କାରେ ଟିକେଟ ଦେଇଥିବା ବେଳେ ମୁଖ୍ୟ ଫାଟକ ପାଖ ସରକାରୀ ରେଟ୍ ଚାର୍ଟ ଓ ଡିଜିଟାଲ୍ ଏଲ୍‌ଇଡି ସପ୍ଲେରେ "୧୦୦ ଲେଖା ଝଲସୁଥିଲା। ଏନେଇ ପର୍ଯ୍ୟଟକଙ୍କ ଅଭିଯୋଗ ପାଇ ପୁଣି ଉପନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ ନିଜ ପୁରୁଣା କଥାକୁ ବଦଳାଇ କହିଲେ, "ରେଟ୍ ଚାର୍ଟ ଚେଞ୍ଜ୍ ହୋଇସାରିଛି, ଏବେ ଦର ୧୩୦ ଟଙ୍କା'। ତେବେ ଏଠି କେଉଁଠି ସତ? ଯଦି ରେଟ୍ ବଦଳିଛି, କଣ କର୍ତ୍ତୃପକ୍ଷ ଜାଣି ନଥିଲେ ନା ରାତାରାତି କାହା ନିର୍ଦ୍ଦେଶରେ ଦର ବଢ଼ିଲା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏନେଇ ବାଲିଆପାଳରୁ ଆସିଥିବା



ରାକେଶ ମହାପାତ୍ର କହନ୍ତି, "ସରକାରୀ ବୋର୍ଡକୁ ବିଶ୍ୱାସ କରିବୁ ନା ଅଧିକାରୀଙ୍କ କଥାକୁ? କାଲି ଗୋଟେ କଥା, ଆଜି ଆଉ ଗୋଟେ। ଆମେ ୧୩୦ ଟଙ୍କା ଲେଖାଏଁ ଦେଇ ବ୍ୟାଟେରୀ ଚାଳିତ ଗାଡିରେ ବୁଲିଥିଲୁ। ଅନ୍ୟପଟେ ଅପରାହ୍ନରେ ନନ୍ଦନକାନନ କର୍ତ୍ତୃପକ୍ଷ ଟିକେଟ କାଉଣ୍ଟର ପାଖରେ ଥିବା ମୁଖ୍ୟ ରେଟ୍ ଚାର୍ଟରେ ଇଂରାଜୀ ଓ ବଙ୍ଗଳା ଭାଷାରେ ଜଣେ ବ୍ୟକ୍ତି ପିଛା ୧୩୦ ଟଙ୍କା ବୋଲି ଲେଖିଥିବା ବେଳେ ଡିଜିଟାଲ ଡିସପ୍ଲେ ବନ୍ଦ ରହିଛି।

ନନ୍ଦନକାନନରେ ଏଭଳି 'ବୟାନ ବଦଳ' ଓ 'ଦର ଦ୍ୱନ୍ଦ୍ୱ' ଓଡ଼ିଶାର ପର୍ଯ୍ୟଟନ ଭାବମୂର୍ତ୍ତିକୁ ଖରାପ କରୁଛି। ଏହା କେବଳ ଅବ୍ୟବସ୍ଥା ନୁହେଁ, ପର୍ଯ୍ୟଟକଙ୍କ ବିଶ୍ୱାସ ସହ ଖେଳ। ତୁରନ୍ତ ବ୍ୟବସ୍ଥାଗତ ପଦକ୍ଷେପ ଆବଶ୍ୟକ ବୋଲି ପର୍ଯ୍ୟଟକ ମହଲରେ ଆଲୋଚନା ହେଉଥିଲା ବେଳେ ଜଙ୍ଗଲ ବିଭାଗ ପ୍ରମୁଖ ସଚିବ ନନ୍ଦନକାନନକୁ 'ଦୁର୍ନୀତିମୁକ୍ତ' କରନ୍ତୁ ବୋଲି ମତ ପ୍ରକାଶ ପାଇଛି।

> ▶▶ ଖବର ପ୍ରକାଶ ପରେ ବଦଳିଲା ବ୍ୟାଟେରୀ ଗାଡ଼ି ରେଟ୍ ଚାର୍ଟ
> ▶▶ କାଲି ୧୦୦ ପାଇଁ ନୋଟିସ୍; ଆଜି ୧୩୦ ପାଇଁ 'ବୟାନ ବଦଳ'

## ପ୍ରଭାତଙ୍କୁ ଭେଟିଲେ ପ୍ରକାଶ



କଟକ,୨୮।୬(ସମିସ): ବରିଷ୍ଠ ନେତା ତଥା କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କଟକ ଏସ୍‌ସିବି ମେଡିକାଲ୍‌ର ନ୍ୟୁଉ ମେଡ଼ିସିନ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ଏହା ଜାଣି ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଆଜି ମେଡିକାଲରେ ତାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ। ତାଙ୍କ ସହିତ ସ୍ଥାନୀୟ କର୍ପୋରେଟର କେ. କାମେଶ୍ୱର ରାଓ, ସାଂସଦଙ୍କ ପ୍ରତିନିଧି ଅଜିତ କୁମାର ଦାଶ, ବହୁ ବରିଷ୍ଠ ବ୍ୟକ୍ତି ବିଶେଷ ଓ ଯୁବ ଛାତ୍ର ସଂଗଠକ ଉପସ୍ଥିତ ଥିଲେ।

## ଗଜପତି କପିଳେନ୍ଦ୍ରଦେବଙ୍କ ସ୍ମୃତିଚାରଣ

କଟକ,୨୮।୬(ସମିସ): ଐତିହ୍ୟ ପଦଯାତ୍ରା ପକ୍ଷରୁ ଓଡିଶାର ପ୍ରଥମ ଗଜପତି ତଥା ସୂର୍ଯ୍ୟବଂଶୀ ନରପତି ମହାରାଜ କପିଳେନ୍ଦ୍ରଦେବଙ୍କ ଅଭିଷେକ ଦିବସର ସ୍ମୃତିଚାରଣ କରାଯାଇଛି। ଅନୁଷ୍ଠାନର ଆବାହକ ଡକ୍ଟର ଦୀପକ ସାମନ୍ତରାୟଙ୍କ ନେତୃତ୍ୱରେ ବାରବାଟି ଦୁର୍ଗ ପରିସରରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଡକ୍ଟର ହେମନ୍ତ କୁମାର ପରିଡା ଏବଂ ଶ୍ରୀକାନ୍ତ ସିଂହ କପଳେନ୍ଦ୍ରଦେବଙ୍କ ଶାସନ ଓ କୃତିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ସେ ଓଡିଆ ଅସ୍ମିତାର ଆଦ୍ୟ ପୁରୋଧା ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ପଦଯାତ୍ରୀମାନେ ବାରବାଟୀ ଦୁର୍ଗରୁ ଗଡଗଡେଶ୍ୱର ମନ୍ଦିରକୁ ଯାଇ ସେଠରେ ଥିବା ଗଜପତି କପଳେନ୍ଦ୍ରଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରକାଶ କୁମାର ସିଂହ, ଅମନ ପ୍ରସାଦ ପାତ୍ର, ଅମ୍ରିତା ମହାନ୍ତି,ଜିତେନ୍ଦ୍ରୀୟ ସିଂହ, ଚିତ୍ତରଂଜନ ପାତ୍ର, ଜୟନ୍ତ ସିଂହ, ନିଶାନ୍ତ ସିଂହ, ବି ଦେହୁରୀ, ରାକେଶ ଶତପଥୀ, ଅମୂଲ୍ୟ କୁମାର ଏବଂ ଶ୍ରୀତମ ରାଏ ପ୍ରମୁଖ କଟକର ହୃତଗୌରବ ତଥା ବର୍ତ୍ତମାନର ଧ୍ୱଂସାଭିମୁଖୀ ଐତିହ୍ୟର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିଥିଲେ। ଐତିହ୍ୟ ପଦଯାତ୍ରୀମାନେ କଟକ ଓଡିଆ ବଜାର ବାଉଁଶ ଗଳିସ୍ଥିତ ୧୯୨୬ରେ ପ୍ରତିଷ୍ଠିତ ସଚ୍ଚିଦାନନ୍ଦ ମଠ ପରିଦର୍ଶନ କରିଥିଲେ। ମହନ୍ତ ଭାରତୀ ମହାରାଜ ମଠର ଅବଦାନ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ଗୁରୁତ୍ୱ ସଂପର୍କରେ ସୁଚନା ଦେଇଥିଲେ। ଆଦିତ୍ୟ ପ୍ରସାଦ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।



## ଡିପିଏସ୍ କଳିଙ୍ଗର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଫୁଲନଖରା, ୨୮।୬ (ସମିସ): ଅଢ଼ାଳିଆସ୍ଥିତ ଡିପିଏସ୍ କଳିଙ୍ଗର ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାଗତ ସଫଳତା ପାଇଁ ପ୍ରାୟ ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ଶୁଭବ୍ରତ ମୁଖାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ସମ୍ ହସ୍ପିଟାଲ ଡିନ୍ ପ୍ରଫେସର ଡଃ ଅରକ୍ଷିତ ସ୍ୱାଇଁ ସଫଳତା ଜୀବନର ବୃହତ୍ତର ଲକ୍ଷ୍ୟ ହାସଲ କରିବାର ଏକ ମାଇଲଖୁଣ୍ଟ ସଦୃଶ ବୋଲି କହିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥି ଭାବରେ ଓଡିଶା ଉଚ୍ଚନ୍ୟାୟାଳୟର ଆଇନଜୀବୀ ସନ୍ଦୀପନ ମିଶ୍ର, ପ୍ରୋ ଭାଇସ୍ ଚେୟାରପର୍ସନ ମାଳା ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ଉପାଧ୍ୟକ୍ଷା ସ୍ୱାତୀ ନାଥ, ପ୍ରଧାନଶିକ୍ଷକ ମୁସ୍ତାକ ଅହମ୍ମଦଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ

# ଓଡ଼ିଶା ଭେଟେରାନ୍ ସ୍ପୋର୍ଟସ ପର୍ସନ ଆସୋସିଏସନ୍ ଓ ରୋଭର୍ସ ଆଥ୍‌ଲେଟିକ କ୍ଲବ୍‌ର ବାର୍ଷିକ ଅଧିବେଶନ

କଟକ,୨୮।୬(ସମିସ)




ଓଡ଼ିଶା ଭେଟେରାନସ୍ ସ୍ପୋର୍ଟସ ପର୍ସନ ଆସୋସିଏସନ୍ ଏବଂ ରୋଭର୍ସ ଆଥେଲେଟିକ କ୍ଲବର ବାର୍ଷିକ ଅଧିବେଶନ ବାରବାଟି ଷ୍ଟାଡିୟମସ୍ଥିତ ଆର୍ଚେରୀ ଆସୋସିଏସନ୍ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଭୟ ସଂଘର ସଭାପତି ଉଭୟ ବାର୍ଷିକ ଅଧିବେଶନରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସଂଘର କେତେକ ସଦସ୍ୟମାନଙ୍କ ବିୟୋଗରେ ସେମାନଙ୍କର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଓଡ଼ିଶା ଭେଟେରାନ୍ସ ସ୍ପୋର୍ଟସ ପର୍ସନ ଆସୋସିଏସନ୍ ସାଧାରଣ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ସଂଘର ଖେଳ ସୂଚୀ ଉପସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ଅଗଷ୍ଟରେ ଆନ୍ତଃସ୍କୁଲ ବାସ୍କେଟ ବଲ ପ୍ରତିଯୋଗିତା ଅକ୍ଟୋବର ମାସରେ ଟେବୁଲ୍ ଟେନିସ ପ୍ରତିଯୋଗିତା ଏବଂ ଡିସେମ୍ବର ମାସରେ ଆନ୍ତ ବିଦ୍ୟାଳୟ ସିନିୟର୍ ବସନ୍ତ କୁମାର ଦାସ ସ୍ମାରକୀ ଏବଂ ଜୁନିୟର ବିଭାଗରେ ଭଗବାନ୍ ଦାସ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ପ୍ରତିବର୍ଷ ଭଳି ଆସନ୍ତା ୨୦୨୭ ମାର୍ଚ୍ଚ ୫ ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବିଦ୍ୟାଳୟ ସ୍ତରରେ ମିନି ମାରାଥନ ବରିଷ୍ଠ ନାଗରିକମାନଙ୍କ ପାଇଁ ୱାକଥନ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓଡ଼ିଶା ଭେଟରାନ୍ସ ସ୍ପୋର୍ଟସ ପର୍ସନ ଆସୋସିଏସନ୍‌ର ୨୦୨୬/୨୭ ବର୍ଷ ବଜେଟ୍ ଏବଂ ୨୦୨୭/୨୮ ବର୍ଷ ପ୍ରସ୍ତାବିତ ବଜେଟ୍ ଉପସ୍ଥାପନ କରାଯାଇ ଥିଲା। ୨୦୨୬/୨୭ ବର୍ଷ ପାଇଁ ୫ ଲକ୍ଷ ୯୩ ହଜାର ଟଙ୍କାର ବଜେଟ୍ ପ୍ରସ୍ତୁତ କରାଯାଇଛି। ବୈଠକରେ ଗତ ବର୍ଷ ଅଗଷ୍ଟ ୧୦ ତାରିଖ ଅନୁଷ୍ଠିତ ବାର୍ଷିକ ସାଧାରଣ ଅଧିବେଶନରେ ନିଆଯାଇଥିବା ପ୍ରସ୍ତାବଗୁଡ଼ିକ ଆଜିର ବୈଠକରେ ଗୃହୀତ ହୋଇଛି।

ସେଇଭଳି ରୋଭର୍ସ ଆଥେଲେଟିକ କ୍ଲବର ବାର୍ଷିକ ସାଧାରଣ ଅଧିବେଶନ ସଭାପତି ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସାଧାରଣ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ୨୦୨୫/୨୬ ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କ୍ଲବ ଫୁଟବଲ୍, କ୍ରିକେଟ, ବାସ୍କେଟ ବଲ, ଆଥଲେଟିକ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସାଧାରଣ ଅଧିବେଶନରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ବର୍ଷ କ୍ଲବ ଫାଓ ଏ ଡିଭିଜନ ଫୁଟବଲ୍ ଲିଗ୍ ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ଇଣ୍ଟର କ୍ଲବ କ୍ରିକେଟ ଲିଗ୍, ଓଡ଼ିଶା ବାସ୍କେଟ ବଲ ଆସୋସିଏସନ୍ ପକ୍ଷରୁ ଅନୁଷ୍ଠିତ ବାସ୍କେଟ ବଲ ପ୍ରତିଯୋଗିତା ଏବଂ କଟକ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଆଥେଲେଟିକ ମିଟ୍ ରେ ଅଂଶଗ୍ରହଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କ୍ଲବର ୨୦୨୬/୨୭ ବର୍ଷ ବଜେଟ୍ ଉପସ୍ଥାପନ କରାଯାଇ ବଜେଟ୍‌କୁ ଗୃହୀତ କରାଯାଇଥିଲା। ଆସନ୍ତା ୨୦୨୯ ମସିହା ତଥା ୩ ବର୍ଷ ପରେ ରୋଭର୍ସ ଆଥେଲେଟିକ କ୍ଲବ ତାର ଶତବାର୍ଷିକ ଉତ୍ସବ ପାଳନ କରିବ। ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓଡ଼ିଶା ଭେଟରାନ୍ସ ସ୍ପୋର୍ଟସ ପର୍ସନ ଆସୋସିଏସନ୍ ଏବଂ ରୋଭର୍ସ ଆଥେଲେଟିକ କ୍ଲବର ଉଭୟ ସଂଗଠନର ବାର୍ଷିକ ସାଧାରଣ ଅଧିବେଶନରେ ସମୀର ପରିଜା, କ୍ଷିତିଶଚନ୍ଦ୍ର ପାତ୍ର, ସରୋଜ ସିଂ, ରବି ପଟ୍ଟନାୟକ କେତେକ ପ୍ରସ୍ତାବ ଆଗତ କରିଥିଲେ। ସଂଗଠନର ଉପସଭାପତି ସୁଘୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଓଡ଼ିଶା ପୂର୍ବ ପ୍ରାନ୍ତ ବିଚାର ବର୍ଗ ପ୍ରଶିକ୍ଷଣ ଶିବିର

କଟକ,୨୮।୬(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ୱଦେଶୀ, ସ୍ୱାଭିମାନ, ସ୍ୱାବଲମ୍ବୀ ଭାରତ ବର୍ଗ ଅୟୋଜିତ ସମାରୋପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରବାଟି ଅଲିମ୍ପିକ ଆସୋସିଏସନ ସଭାଗୃହରେ ତୃତୀୟ ଦିନ କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ପ୍ରାକ୍ତନ ଅଖିଳ ଭାରତୀୟ ସଂଯୋଜକ ସ୍ୱଦେଶୀ ଜାଗରଣ ମଞ୍ଚର ବରିଷ୍ଠ କାର୍ଯ୍ୟକର୍ତ୍ତା ସରୋଜ କୁମାର ମିତ୍ର ଉଦ୍‌ବୋଧନ ଦେଇଥିଲେ। ଜାଗରଣ ମଞ୍ଚର ପୂର୍ବ କ୍ଷେତ୍ର ସଂଯୋଜକ ଆଶୁତୋଷ ମୁଖାର୍ଜୀ, ସ୍ୱଦେଶୀ ଜାଗରଣ ମଞ୍ଚର ସହ ବ୍ୟବସ୍ଥା ପ୍ରମୁଖ ପ୍ରବୋଧ କୁମାର ବଡପଣ୍ଡା, ସ୍ୱଦେଶୀ ଜାଗରଣ ମଞ୍ଚ ପ୍ରାନ୍ତ ସମନ୍ୱୟକ ବିଷୟ ରାଉତରାୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ପ୍ରହ୍ଲାଦ ବେହେରା, କଟକ ଜିଲ୍ଲା ସ୍ୱଦେଶୀ ଜାଗରଣ ମଞ୍ଚର ସଂଯୋଜକ ସତ୍ୟ ରଞ୍ଜନ ଦାସ, ପ୍ରଶାନ୍ତ ଭୂୟାଁ, ମଞ୍ଚ ପରିଚାଳନା ଅକ୍ଷୟ କୁମାର ନାୟକ, ଗୌତମ ସାହୁ, ଜ୍ୟୋତିପ୍ରକାଶ ପରିଡ଼ା, ସୁଶ୍ରୀ କୃଷ୍ଣ ପ୍ରିୟା ବେହେରା, ଅଭିଷେକ ସେନାପତି, ପ୍ରିୟଙ୍କା ପ୍ରିୟଦର୍ଶିନୀ, କ୍ଷେତ୍ର ମୋହନ ସେନାପତି, ଏନ୍ ସ୍ୱାତି ପ୍ରଭୃତି, ଲକ୍ଷ୍ମୀ ବାରିକ ପରିଚାଳନା କରିଥିଲେ।

### ସଞ୍ଜ ନଇଁଲେ ଅନ୍ଧାର ଜାତୀୟ ରାଜପଥ

# ରାଜପଥ ସାରା କିଟିକିଟି ଅନ୍ଧାର; ବଢୁଛି ଦୁର୍ଘଟଣା

ବ୍ରହ୍ମପୁର,୨୮।୬(ସମିସ)



ସଞ୍ଜ ନଇଁଲେ ୧୬ ନମ୍ବର ଜାତୀୟ ରାଜପଥର ଅନେକ ସ୍ଥାନରେ ଅନ୍ଧାରରେ ବୁଡ଼ିଯାଉଛି। ରାସ୍ତା ମଝିରେ ଓ ପାର୍ଶ୍ୱରେ ଲଗାଯାଇଥିବା ଶତାଧିକ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘଦିନ ଧରି ଅଚଳ ପଡ଼ିଥିବାରୁ ରାତିରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଫଳରେ ପ୍ରତିଦିନ ହଜାର ହଜାର ଯାନବାହନ ଚଳାଚଳ କରୁଥିବା ଏହି ରାଜପଥରେ ଦୁର୍ଘଟଣାର ଆଶଙ୍କା ବଢ଼ି ଚାଲିଛି। ବିଭିନ୍ନ ସମୟରେ ରାସ୍ତାରେ ବୁଲୁଥିବା ଗାଈମାନଙ୍କୁ ଗାଡ଼ି ଗୁଡ଼ିକ ଧକ୍କା ଦେଇ ଥିବା ନଜିର ରହିଛି। ବ୍ରହ୍ମପୁର ଦେଇ ୧୬ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ଏହା ବିଶାଖାପାଟନମ ଠାରୁ ଭୁବନେଶ୍ୱରକୁ ସଂଯୋଗ କରିଛି। ଏହି ଜାତୀୟ ରାଜପଥ ବ୍ରହ୍ମପୁର ସହରର ଗୋଷାଣିନୂଆଗାଁ, ଲାଞ୍ଜିପଲ୍ଲୀ, ଆଙ୍କୁଲି, କମାପଲ୍ଲୀ ଓ ଆମ୍ବପୁଆ ଭଳି ବିଭିନ୍ନ ଛକ ଦେଇ ଗତିକରିଛି। ସେହିପରି ଏହି ଛକ ଗୁଡ଼ିକ ସିଧାସଳଖ ରାଜପଥ ଠାରୁ ସହର ମଧ୍ୟରୁ ସଂଯୋଗ କରିଛି। ଫଳରେ ପ୍ରତିଦିନ ସହର ମଧ୍ୟରୁ ରାଜପଥକୁ ଏବଂ ରାଜପଥ ଠାରୁ ସହର ଭିତରକୁ ଶତାଧିକ ଗାଡ଼ି ଯାତାୟତ କରିଛନ୍ତି। ସେହିଭଳି ଜାତୀୟ ରାଜପଥରେ ପ୍ରତିଦିନ ବିଭିନ୍ନ ବର୍ଗର ଗାଡ଼ି ରାଜ୍ୟର ବିଭିନ୍ନ ସ୍ଥାନକୁ ଏହି ରାସ୍ତା ଦେଇ ଜାତାୟତ କରିଥାଏ। ଯାତ୍ରୀଙ୍କ ସୁରକ୍ଷା ସମେତ ରାଜପଥରେ ଦୁର୍ଘଟଣା ରୋକିବା ନିମନ୍ତେ ରାସ୍ତା ମଝି ଓ ପାର୍ଶ୍ୱରେ ଶତାଧିକ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଏଥିନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। ରାସ୍ତାରେ ଲାଗିଥିବା ଏଲଇଡି ଲାଇଟର ରକ୍ଷଣାବେକ୍ଷଣ ନିମନ୍ତେ ଜାତୀୟ ରାଜପଥ ପ୍ରାଧିକରଣର ଦାୟିତ୍ୱ ରହିଛି। ଏଭଳି ଭାବେ ରାଜପଥର ଆଲୋକୀକରଣ ଓ ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିବା ସତ୍ତ୍ୱେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ରହିଥିବା ଦେଖିବାକୁ ମିଳିଛି। ଅଧିକାଂଶ ସ୍ଥାନରେ ଲାଇଟ୍ ବନ୍ଦ ରହିଥିବା ବେଳେ ସମସ୍ୟା ସମାଧାନ ନିମନ୍ତେ ବିଭିନ୍ନ ସମୟରେ ଦବି ହୋଇଛି। ଏହା ପରେ ମଧ୍ୟ ସମସ୍ୟା ସମାଧାନ ନହେବାରୁ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରାଧିକରଣର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ଧାର ଯୋଗୁଁ ରାତିରେ ରାସ୍ତା ପାର ହେବା ଏବଂ ଯାନ ଚଳାଚଳ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ବିଶେଷକରି ବର୍ଷା ସମୟରେ ଦୃଶ୍ୟମାନତା କମିଯାଉଥିବାରୁ ଦୁର୍ଘଟଣାର ସମ୍ଭାବନା ଆହୁରି ବଢ଼ିଯାଉଛି। ବାରମ୍ବାର ଅଭିଯୋଗ ଓ ଦାବି ସତ୍ତ୍ୱେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉ ନଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଚଳ ଲାଇଟ୍ ଗୁଡ଼ିକୁ ତୁରନ୍ତ ବଦଳାଇବା ସହ ନିୟମିତ ରକ୍ଷଣାବେକ୍ଷଣ କରିବାକୁ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଦାବି କରିଛନ୍ତି। ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଶୀଘ୍ର ସମାଧାନ କଲେ ରାତ୍ରିକାଳୀନ ଦୁର୍ଘଟଣା ହ୍ରାସ ପାଇବା ସହ ଯାତ୍ରୀମାନେ ନିରାପଦ ଯାତାୟାତର ସୁବିଧା ପାଇପାରିବେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

**ସବୁ ଜାଣିଶୁଣି ନିରବ କର୍ତ୍ତୃପକ୍ଷ**

## ଯୌତୁକ ଦାବିରେ ପତ୍ନୀଙ୍କୁ ନିର୍ଯାତନା; ସ୍ୱାମୀ ଗିରଫ



ବ୍ରହ୍ମପୁର,୨୮।୬(ସମିସ): ଯୌତୁକ ଦାବିରେ ପତ୍ନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ହିଲପାଟଣାର କେ. ରାଜେଶ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ସୂଚନା ପ୍ରକାରେ, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ପି. ସ୍ୱାତୀ(୩୧) ନାମକ ଜଣେ ମହିଳା ଓ ରାଜେଶଙ୍କ ମଧ୍ୟରେ ପ୍ରେମବିବାହ ହୋଇଥିଲା। ତେବେ ବିବାହ ପରେ ସ୍ୱାତୀଙ୍କୁ ତାଙ୍କ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ୨୦୨୩ରେ ହାଇଦ୍ରାବାଦରେ ରହୁଥିବା ସମୟରେ ସ୍ୱାମୀ ରାଜେଶଙ୍କ ମାଡ଼ରେ ସ୍ୱାତୀଙ୍କର ଗର୍ଭପାତ ହୋଇଥିଲା। ରାଜେଶ ତାଙ୍କ ସହମତି ବିନା ଜବରଦସ୍ତି ଶାରୀରିକ ସମ୍ପର୍କ ରଖୁଥିଲେ ଏବଂ ଏ ବିଷୟରେ କାହାକୁ କହିଲେ ସ୍ୱାତୀ ଓ ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ନିର୍ଯାତନା ସହ୍ୟ କରିନପାରି ଶେଷରେ ସ୍ୱାତୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ସ୍ଥିତ ନିଜ ପୈତୃକ ଗ୍ରାମକୁ ଚାଲିଯାଇଥିଲେ। ଗତମାସରେ ସ୍ୱାତୀଙ୍କୁ ତାଙ୍କ ସ୍ୱାମୀ ରାଜେଶ ପୁଣି ମାଡ ମାରିଥିଲେ। ଏପରିକି ତକିଆ ସାହାଯ୍ୟରେ ତାଙ୍କ ମୁହଁକୁ ଚାପି ଧରି ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ। ଆକ୍ରମଣ ଓ ମାଡ଼ ଯୋଗୁଁ ସ୍ୱାତୀଙ୍କ କାନର ପରଦା ଫାଟିଯାଇଥିଲା। ପୂର୍ବରୁ ମଧ୍ୟ ରାଜେଶ ପ୍ରାୟ ୩ଥର ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ସ୍ୱାତୀ ନିଜ ଅଭିଯୋଗରେ ଦର୍ଶାଇଥିଲେ। ସ୍ୱାତୀଙ୍କ ଅଭିଯୋଗକୁ ଭିତ୍ତି କରି ଗୋଷାଣିନୂଆଗାଁ ଥାନା ପୁଲିସ ଏକ ମାମଲା(୧୫୮/୨୬) ରୁଜୁ କରି ତଦନ୍ତ କରିଥିଲା। ଆଜି ପୁଲିସ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଚଣ୍ଡୀ ମନ୍ଦିରର ହୁଣ୍ଡି ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୮।୬(ସମିସ): କିଛି ଦିନର ବ୍ୟବଧାନରେ ସହରରେ ଦୁର୍ବୃତ୍ତମାନଙ୍କ ନଜର ପଡିଛି ମନ୍ଦିରର ହୁଣ୍ଡି ଉପରେ। ଗତ ବିଳମ୍ବିତ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଚଣ୍ଡୀ ମନ୍ଦିରର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଦାନଅର୍ଥକୁ ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ଚୋରମାନେ ରାତି ଅଧିଆ ମନ୍ଦିରେ ପଶି ହୁଣ୍ଡି ନେଇଯାଇ ସେଥିରୁ ଟଙ୍କା କାଢି ହୁଣ୍ଡିକୁ ପୁଣି ମନ୍ଦିର ଭିତରେ ରଖି ଫେରାର ହୋଇଯାଇଥିବା ଜଣାପଡିଛି। ଏକ ବର୍ଷରୁ ଉଦ୍ଧ୍ୱର୍ କାଳହେଲା ଉକ୍ତ ହୁଣ୍ଡିରୁ ଦାନ ଅର୍ଥକୁ ବାହାର କରାଯାଇନଥିଲା। ଫଳରେ ସେଥିରେ ଅନ୍ୟୁନ ୩୦ରୁ ୪୦ହଜାର ଟଙ୍କା ଥିବା ମନ୍ଦିର ପୂଜକ ଅନୁମାନ କରିଛନ୍ତି। ଦୁର୍ବୃତ୍ତମାନେ ହୁଣ୍ଡିରୁ ନୋଟଗୁଡିକୁ ନେଇ ଯାଇଥିବା ବେଳେ ଖୁଚୁରା ପଇସାକୁ ଛାଡି ଦେଇଥିବା ଦେଖିବାକୁ ମିଳିଛି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ମାମଲା ପ୍ରତ୍ୟାହାର ଧମକ; ଅଭିଯୁକ୍ତ ପୁଣି ଗିରଫ

ବ୍ରହ୍ମପୁର,୨୮।୬(ସମିସ): କୋର୍ଟରେ ଚାଲିଥିବା ମାମଲା ପ୍ରତ୍ୟାହାର କରିବାକୁ ଧମକ ଦେଇ ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନା ପୁଲିସ ରୂପାଲି ବେହେରାଙ୍କୁ ଗିରଫ କରିଛି। ସୂଚନା ପ୍ରକାରେ, ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ସୁଦାମ ସେଠୀ



ଗତ ୨୬ତାରିଖ ଅପରାହ୍ନରେ ସାଇ ମନ୍ଦିର ନିକଟସ୍ଥ ଓମ୍ ବିହାର ଠାରେ କାମ କରୁଥିଲେ। ଏହି ସମୟରେ ପୂର୍ବ ରାଗ ସୁଝାଇବାକୁ ଯାଇ ଅଭିଯୁକ୍ତ ରୂପାଲି ବେହେରା ଓ ତାଙ୍କର ଅନ୍ୟ ୩ଜଣ ସହଯୋଗୀ ସେଠାରେ ପହଞ୍ଚି ସୁଦାମଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। କୋର୍ଟରେ ରୂପାଲିଙ୍କ ବିରୋଧରେ ଚାଲିଥିବା ମାମଲାକୁ ଯଦି ସୁଦାମ ପ୍ରତ୍ୟାହାର ନକରନ୍ତି ତେବେ ତାଙ୍କୁ ଜୀବନରୁ ମାରିଦେବାକୁ ସେମାନେ ଧମକ ଦେଇଥିଲେ। ସୁଦାମ ଏହାର ପ୍ରତିବାଦ କରିବାରୁ ରୂପାଲି ବେହେରା ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସୁଦାମଙ୍କ ସାନଭାଇ ଟିଲୁ ସେଠୀ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ରୂପାଲି ବେହେରା ଜେଲ୍‌ରୁ ଜାମିନରେ ଆସିବା ପରଠାରୁ ତାଙ୍କୁ ବିଭିନ୍ନ ପ୍ରକାରେ ହଇରାଣ ହରକତ ଓ ମାନସିକ ନିର୍ଯାତନା ଦେଇ ଆସୁଥିବା ସୁଦାମ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା(୨୫୦/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ରୂପାଲି ବେହେରାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ୭ ସହକାରୀ ଅଧ୍ୟାପକଙ୍କୁ ବଦଳି

ବ୍ରହ୍ମପୁର,୨୮।୬(ସମିସ): ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଶିକ୍ଷା ସେବା(କଲେଜ ଶାଖା)ର ଅଧିକାରୀଙ୍କ ବଦଳି ହୋଇଛି। ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ମୋଟ ୬୧ଜଣ ସହକାରୀ ଅଧ୍ୟାପକ ଓ କନିଷ୍ଠ ଅଧ୍ୟାପକଙ୍କ ବଦଳି ହୋଇଥିବା ଜଣାପଡିଛି। ସେଥି ମଧ୍ୟରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ୭ଜଣ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଅନ୍ୟତ୍ର ବଦଳି ହୋଇଛି। ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ମାନବବିଜ୍ଞାନ ବିଭାଗ ସହକାରୀ ଅଧ୍ୟାପିକା ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁଙ୍କୁ ସମ୍ବଲପୁର ସ୍ଥିତ ସରକାରୀ ମହିଳା ଡିଗ୍ରୀ କଲେଜକୁ ବଦଳି କରାଯାଇଛି। ସେହିପରି ଉଦ୍ଭିଦ ବିଜ୍ଞାନ ବିଭାଗର ଗୌତମ ସାବତଙ୍କୁ ବିନାୟକ ଆଚାର୍ଯ୍ୟ ଡିଗ୍ରୀ କଲେଜ, ବାଣିଜ୍ୟ ବିଭାଗର ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ସାହୁ, ପଦାର୍ଥ ବିଜ୍ଞାନର ଅଧ୍ୟାପିକା ଡ. ପ୍ରଣତି ରଥ ଓ ଏସବିଆର ସରକାରୀ(ସ୍ୱୟଂଶାସିତ) ମହିଳା ମହାବିଦ୍ୟାଳୟ, ଶିକ୍ଷା ବିଭାଗର ଅଧ୍ୟାପିକା ଦୀପିକା ସେଠୀଙ୍କୁ ଭୁବନେଶ୍ୱର ସ୍ଥିତ ରାଜଧାନୀ ମହାବିଦ୍ୟାଳୟ, ରାଜନୀତି ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ଡ. ବରୁଣ କୁମାର ବେହେରାଙ୍କୁ ନୟାଗଡ଼ ସ୍ଥିତ ମଡେଲ ଡିଗ୍ରୀ କଲେଜ ଏବଂ ପ୍ରାଣୀବିଜ୍ଞାନର ସହରକାରୀ ଅଧ୍ୟାପକ ଡ. ସୁଶୀଲ କୁମାର ରାଠୋରଙ୍କୁ ନୂଆପଡ଼ା ସ୍ଥିତ ମଡେଲ ଡିଗ୍ରୀ କଲେଜକୁ ବଦଳି ହୋଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାପଡିଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ନବନିଯୁକ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ କାର୍ଯ୍ୟରେ ଯୋଗଦେବା ପର୍ଯ୍ୟନ୍ତ ବଦଳି ହୋଇଥିବା ଅଧ୍ୟାପକ ଓ ଅଧ୍ୟାପିକାମାନେ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କାର୍ଯ୍ୟ ଜାରି ରଖିବେ। ନବନିଯୁକ୍ତ ଅଧ୍ୟାପକଙ୍କ କାର୍ଯ୍ୟରେ ଯୋଗଦାନ ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ୭ଜଣଙ୍କୁ କାର୍ଯ୍ୟମୁକ୍ତ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସଂଖ୍ୟା ଅଭାବ ଥିବାବେଳେ ବର୍ତ୍ତମାନ ପୁଣି ଏଠାରେ କାର୍ଯ୍ୟରତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବଦଳିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷାବିଭାଗର ଏଭଳି ନିଷ୍ପତି ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଠପଢାରେ ପ୍ରଭାବ ପଡ଼ିବ ବୋଲି ବହୁ ଶିକ୍ଷାବିତ୍ ଅଭିଯୋଗ କରିଛନ୍ତି।

## ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ଜରୁରୀ ବୈଠକ



ବ୍ରହ୍ମପୁର,୨୮।୬(ସମିସ): ଓଡିଶା ନାଟ୍ୟ ନିର୍ଦ୍ଦେଶକ ସଂଘ ଗଞ୍ଜାମ ଶାଖାର ଏକ ଜରୁରୀକାଳୀନ ସାଙ୍ଗଠନିକ ବୈଠକ ରବିବାର ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସଂଘର ସଭାପତି ରାଜଗୋପାଳ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ ସଦସ୍ୟତା ଗ୍ରହଣ, ସଂଘ ସଦସ୍ୟଙ୍କୁ ପରିଚୟ ପତ୍ର ବଣ୍ଟନ ବ୍ୟବସ୍ଥା, ଦଣ୍ଡନାଚ ସହ ଜିଲ୍ଲାର ବିଭିନ୍ନ କାର୍ଯ୍ୟରେ ଜିଲ୍ଲାର ନିର୍ଦ୍ଦେଶକଙ୍କୁ ଅଗ୍ରାଧିକାର, ସଂଘରୁ ଦୂରେଇ ରହୁଥିବା ସଦସ୍ୟଙ୍କୁ ସଂଘକୁ ଫେରାଇ ଆଣିବା ଆଦି ବହୁବିଧ ବିଷୟ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କଟକରେ ହୋଇଥିବା ରାଜ୍ୟସଂଘ ବୈଠକ ପରେ ଜିଲ୍ଲାର ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ବୈଠକରେ ବହୁ ସଦସ୍ୟ ଉପସ୍ଥିତ ରହି ସଂଘକୁ ସୁଦୃଢ଼ ପାଇଁ ମତପୋଷଣ କରିଥିଲେ। ଜିଲ୍ଲା ନିର୍ଦ୍ଦେଶକ ସଂଘ ତରଫରୁ ରାଜ୍ୟ ଚିତ୍ରାଳୟ ସଂଘକୁ କଳା ଓ କଳାକାରଙ୍କ ବିକାଶ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ଲିଖିତ ପତ୍ର ପ୍ରଦାନ କରାଯାଇଥିଲା। ଆୟୋଜିତ ବୈଠକରେ ସଂଘର ରାଜ୍ୟ ଉପଦେଷ୍ଟା ମଦନ ମୋହନ ମିଶ୍ର, ରମେଶ ମହାରଣା, ଏନ. ରାମବାବୁ, ରାଜ୍ୟ ଉପସଭାପତି ଟୁଟୁ ପାଢ଼ୀ, କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ ଭାସ୍କର ସେନାପତି, କୋଷାଧ୍ୟକ୍ଷ ଗୌତମ ବାଡ଼ତ୍ୟା, ସୁଶାନ୍ତ ପଟ୍ଟନାୟକ, ତ୍ରିଲୋଚନ ମହାରଣା, ଯୋଗେନ୍ଦ୍ର ସେଠୀ, ଚିରଞ୍ଜିବି ସାହୁ, ସପ୍ନେଶ୍ୱର ପ୍ରଧାନ, ଡେନମ କୁମାର, ନିରଞ୍ଜନ ବାଡ଼ତ୍ୟା, କାର୍ତ୍ତିକ ମଣ୍ଡଳ, ତ୍ରିପତି ପାତ୍ର, ରାଧାକାନ୍ତ ନାୟକ, ନବୀନ ହୋତା, ହୃଷିକେଶ ଆଚାର୍ଯ୍ୟ, ରମେଶ ରାଉଳ, ଦୀନବନ୍ଧୁ ଶତପଥୀ, ଶିଶିର ଶତପଥୀ ଓ ସିଏଚ. ଦେବଦାସ ପ୍ରମୂଖ ଉପସ୍ଥିତ ରହି ସଂଘୀୟ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଦଣ୍ଡନାଚ ଗ୍ରାମ୍ୟକମିଟି ସହ ଜିଲ୍ଲା ନିର୍ଦ୍ଦେଶକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରିବା ନେଇ ଆଲୋଚନା ହୋଇଥିଲା।


## ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର




ବ୍ରହ୍ମପୁର,୨୮।୬(ସମିସ): ସ୍ଥାନୀୟ ଡାଇମଣ୍ଡ ଟ୍ୟାଙ୍କ ରୋଡ୍ ସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ଓ କଳିଙ୍ଗନଗର ସମିତିର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର "ଅମୃତ ବିନ୍ଦୁ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶିବିରକୁ ସମିତିର ଆବାହକ ସ୍ୱାଧୀନ କୁମାର ପଟ୍ଟନାୟକ ଓ କଳିଙ୍ଗ ନଗର ସମିତି ଆବାହକ ଲକ୍ଷ୍ମୀ ରେଡ୍ଡୀ ଉଦଘାଟନ କରିଥିଲେ। ଶିବିରରେ ଏମକେସିଜି ମେଡ଼ିକାଲ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ଭାସ୍କର ରାଓ, ଡି. ହରି କିସନ ରେଡ୍ଡୀ, ବିଭୁ ପ୍ରସାଦ ରାଓ, ଅରୁଣ ପଣ୍ଡା, କୁମାର ପାତ୍ର, କେ. ରାମ ଗୋପାଳ, କ୍ଷୀରୋଦ କୁମାର ପାଢ଼ୀ, ଶିବ ଶଙ୍କର ପାଣିଗ୍ରାହୀ, ଆରଭିଏନ ରାଓ, ପି.ଭି. ସାଇ ପ୍ରସାଦ, ବି. ସତ୍ୟେନ୍ଦ୍ର, ଉତ୍ତମ ଚରଣ ଦାସ ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମାନସିକ ଦୁଶ୍ଚିନ୍ତାରେ ଚରମ ପଦକ୍ଷେପ ନେଇଥିଲେ ବିଜେପି ନେତା !

ବ୍ରହ୍ମପୁର,୨୮।୬(ସମିସ)



- ଫେରାର ପୂର୍ବରୁ ବିଷପାନ କରି ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ : ସ୍ୱତନ୍ତ୍ର ପିପି
- ଜାମିନରେ ଆସି ଫେରାର ହେବାର ଦୀର୍ଘ ଦେଢମାସ ପରେ ବି ଭବାନୀଙ୍କ ଟେର ପାଇନି ପୁଲିସ

ସର୍ତ୍ତମୂଳକ ଜାମିନରେ ମୁକୁଳି ଫେରାର ହେବାର ଦିର୍ଘ ୫୩ଦିନ ପରେ ମଧ ବିଜେପି ନେତାଙ୍କ ଟେର ପାଇପାରିନି ପୁଲିସ। ଯଦ୍ୱାରା ଦିନକୁ ଦିନ ଭବାନୀ ଶଙ୍କର ଦାଶଙ୍କ ଅଡୁଆ ବଢିବାରେ ଲାଗିଛି। ଇତି ମଧ୍ୟରେ ଭବାନୀଙ୍କ ବିରୁଦ୍ଧରେ ସ୍ଥାନୀୟ ନିମଖଣ୍ଡି ଓ ଗଜପତି ଜିଲ୍ଲାର ମୋହନା ଥାନାରେ ଦୁଇଟି ନୂତନ ମାମଲା ରୁଜୁ ହୋଇସାରିଛି। ତେବେ ଭବାନୀଙ୍କ ସମ୍ପର୍କରେ ମିଳିଛି ନୂତନ ତଥ୍ୟ।

ନିଜର ଏକମାତ୍ର ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେବାକୁ ଭବାନୀଙ୍କୁ କୋର୍ଟରୁ ସର୍ତ୍ତମୂଳକ ତଥା ୧୦ଦିନ ପାଇଁ ଜାମିନ ମିଳିଥିଲା। ତେବେ ଜେଲରୁ ମୁକୁଳିବା ପରେ ସେ ପୁଅର ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେଇଥିଲେ। କିନ୍ତୁ ତାହାପରେ କୁଆଡେ ସେ ମାନସିକ ଦୁଶ୍ଚିନ୍ତାରେ ପଡି ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇପଡିଥିବା ସୂଚନା ମିଳିଛି। ଏଭଳି ସୂଚନା ଦେଇଛନ୍ତି ଖୋଦ୍ ସ୍ଥାନୀୟ ଆଡହକ ଅତିରିକ୍ତ ଜିଲ୍ଲା ଦୌରାଜଜ୍(ପକସୋ) କୋର୍ଟର ସ୍ୱତନ୍ତ୍ର ପିପିଡଃ ଶିବପ୍ରସାଦ ମିଶ୍ର। ଗୁରୁତର ଅବସ୍ଥାରେ ଭବାନୀଙ୍କୁ ସ୍ଥାନୀୟ ଏକକେସିଜି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନା ରିପୋର୍ଟରୁ ମଧ୍ୟ ଏହା ସ୍ପଷ୍ଟ ଜଣାପଡୁଛି। ଗତ ମେ ୧୨ତାରିଖରେ ଏଭଳି କିଛି ଘଟଣା ଘଟିଥିବା ବେଳେ ସେ ଏମକେସିଜି ମେଡିକାଲରେ ଚିକିତ୍ସିତ ହୋଇଥିଲେ। ତେବେ ପରବର୍ତ୍ତି ସମୟରେ ଅର୍ଥାତ୍ ଗତ ମେ ୧୮ ତାରିଖରେ ସେ କୋର୍ଟରେ ଆତ୍ମସମର୍ପଣ କରି ଜେଲକୁ ଫେରିଯିବା କଥା। ତାହା ନକରି ସେ ଫେରାର ହୋଇଯାଇଥିବାରୁ ତାଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିବା କୋର୍ଟ ସୂତ୍ରରୁ ଜଣାପଡିଛି। ଭବାନୀଙ୍କୁ ଜାମିନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କୁ ମଧ୍ୟ କୋର୍ଟରୁ ନୋଟିସ ଜାରି ହୋଇଥିବା ବେଳେ ବୈଦ୍ୟନାଥପୁର ଥାନାକୁ ମଧ୍ୟ ଜାରି ହୋଇଥିବା ଏନବିଡବ୍ଲ୍ୟୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ରହିଛି। ଫେରାର ଅଭିଯୁକ୍ତ ଭବାନୀଙ୍କ ବିରୁଦ୍ଧରେ ଉଭୟ ବ୍ରହ୍ମପୁର ଓ ଗଜପତି ଜିଲ୍ଲାରେ ମାମଲା ରୁଜୁ ହେବାପରେ ତାଙ୍କୁ ଧରିବା ଉଭୟ ଜିଲ୍ଲା ପୁଲିସ ପାଇଁ ବଡ ଚାଲେଞ୍ଜ ହୋଇଛି। ବ୍ରହ୍ମପୁରରେ ଜନୈକା ନାବାଳିକାଙ୍କୁ ମାଗଣାରେ ନର୍ସ ପାଠ ପଢାଇବାରେ ସହାୟତା କରିବାର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ମାମଲାରେ ପୂର୍ବରୁ ଭବାନୀଙ୍କ ସହିତ ଜଣେ ଅଙ୍ଗନବାଡି କର୍ମୀ ଓ ଭବାନୀଙ୍କ ଘରୋଇ କ୍ଲିନିକର ଜଣେ ସହାୟିକାଙ୍କୁ ପୁଲିସ ଗିରଫ କରିଥିଲା।

## ଓଡ଼ିଶା ଚିତ୍ରାଳୟ ମାଲିକ ମହାସଂଘର ଅର୍ଦ୍ଧବାର୍ଷିକ ଉତ୍ସବ

ବ୍ରହ୍ମପୁର,୨୮।୬(ସମିସ): ଗୋଷାଣିନୂଆଗାଁ ସ୍ଥିତ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ଓଡ଼ିଶା ଚିତ୍ରାଳୟ ମାଲିକ ମହାସଂଘର ଅର୍ଦ୍ଧବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଘ ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଗଞ୍ଜାମ ସଭାପତି ଦିଲ୍ଲୀପ କୁମାର ସାମନ୍ତରା, ନୟାଗଡ଼ ସଭାପତି ଭୀମସେନ ବେହେରା, ଉପଦେଷ୍ଟା ବିଜୟ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶୁଶାନ୍ତ କୁମାର ସାହୁ ଓ ଧ୍ରୁବ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ସମ୍ପ୍ରତି ଚିତ୍ରାଳୟ ମାଲିକ ମହାସଂଘ ଓ ମ୍ୟୁଜିକ୍ ମହାସଂଘ ମିଶ୍ରଣରେ ଏକ ମହାସଂଘ ପରିଚାଳିତ ହେଉଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ଦାଶ ଓ ଗୀତା ସ୍ୱାଇଁଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।



# ମାଟିରେ ମିଶିଲା ବିଇଡିଏର ୪୦ ବର୍ଷ ପୁରୁଣା କୋଠା

ବ୍ରହ୍ମପୁର,୨୮।୬(ସମିସ)





- ଘରୋଇ ସଂସ୍ଥାଦ୍ୱାରା ହାତକୁ ନିଆଯାଇଛି କୋଠା ଭାଙ୍ଗିବା କାର୍ଯ୍ୟ
- ଆଗକୁ ଭଙ୍ଗାଯାଇପାରେ ବିଇଡିଏର ବସ୍‌ଷ୍ଟାଣ୍ଡ ପ୍ରାଶାସନିକ କୋଠା
- ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଉଭୟ ସ୍ଥାନରେ ନିର୍ମାଣ ହେବ ମାର୍କେଟ କମ୍ପ୍ଲେକ୍ସ!

ମାଟିରେ ମିଶିଲା ସହରର ଅନ୍ୟ ଏକ ପୁରୁଣା ସରକାରୀ କୋଠା। ବ୍ରହ୍ମପୁର ଉନ୍ନୟନ ନଗମର ପୁରୁଣା କାର୍ଯ୍ୟାଳୟ ଯାହା ପ୍ରାୟ ୪୦ବର୍ଷ ପୁରୁଣା ଥିଲା ଓ ପୂର୍ତ୍ତବିଭାଗ ପକ୍ଷରୁ ବିପଦଶଙ୍କୁଳ ଘୋଷଣା କରାଯାଇଥିଲା। ବିଳମ୍ବରେ ହେଲେ ମଧ ବିଇଡିଏ ପକ୍ଷରୁ ଉକ୍ତ କୋଠାକୁଚ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରାଯାଇଛି। ଟେଣ୍ଡର ଜରିଆରେ ସ୍ଥାନୀୟ ଶିବାଶକ୍ତି ପ୍ରାଇଭେଟ ଲିମିଟେଡ ନାମକ ଏକ ଘରୋଇ ସଂସ୍ଥା ଏହି କୋଠା ଭାଙ୍ଗିବାର ଦାୟିତ୍ୱ ନେଇଥିବା ଜଣାପଡିଛି। ଏଥିପାଇଁ ସମ୍ପୃକ୍ତ ଘରୋଇ ସଂସ୍ଥା ବିଇଡିଏକୁ ୨ଲକ୍ଷ ଟଙ୍କା ଦେବ ବୋଲି ଜଣାପଡିଛି। ଇତି ମଧ୍ୟରେ କୋଠା ଭାଙ୍ଗିବା କାର୍ଯ୍ୟ ପ୍ରାୟ ଶତକଡା ୫୦ପ୍ରତିଶତ ଶେଷ ହୋଇସାରିଛି। ପୂର୍ବରୁ ଏହି କୋଠାରେ ବିଇଡିଏ କାର୍ଯ୍ୟାଳୟ ଚାଲୁଥିବା ବେଳେ ପ୍ରାୟ ୮ରୁ୧୦ଟି ଦୋକାନ ଘର ମଧ୍ୟ ରହିଥିଲା। ଏହି କୋଠାକୁ ଭାଙ୍ଗିବା ପରେ ସେଠାରେ କଣ କରାଯିବ ଯଦିଓ ସ୍ପଷ୍ଟ ହୋଇନାହିଁ ତେବେ କମର୍ସିଆଲ ମାର୍କେଟ କମ୍ପ୍ଲେକ୍ସ କରାଯିବ ବୋଲି ଆଲୋଜନା ହେଉଛି। ସେହିଭଳି ସହର ମଧ୍ୟରେ ଥିବା ବିଇଡିଏର ପୁରୁଣା ବସଷ୍ଟାଣ୍ଡର ପ୍ରଶାସନିକ କୋଠାକୁ ମଧ୍ୟ ଭଙ୍ଗାଯିବ ବୋଲି ଜଣାପଡିଛି। ଏହି କୋଠା ମଧ୍ୟ ପ୍ରାୟ ୩୫ବର୍ଷ ପୁରୁଣା ହୋଇଥିବା ବେଳେ ଏହାକୁ ମଧ୍ୟ ପୂର୍ତ୍ତବିଭାଗ ପକ୍ଷରୁ ବିପଦଶଙ୍କୁଳ ଘୋଷଣା କରାଯାଇଥିବା ଜଣାପଡିଛି। ବର୍ତ୍ତମାନ ବସଷ୍ଟାଣ୍ଡକୁ ଅସ୍ଥାୟୀ ଭାବେ ଡୁଡୁମା କଲୋନୀକୁ ସ୍ଥାନାନ୍ତର କରାଯାଇଥିବା ବେଳେ ପୁରୁଣା ବସଷ୍ଟାଣ୍ଡକୁ ବନ୍ଦ କରାଯାଇଛି। ଏହି କୋଠାକୁ ମଧ୍ୟ ଖୁବ୍‌ଶୀଘ୍ର ଭଙ୍ଗାଯାଇ ସହରର ମଧ୍ୟଭାଗରେ ଥିବା ଏହି ସ୍ଥାନରେ ଅନ୍ୟଏକ ମେଗା ମାର୍କେଟ ନିର୍ମାଣ କରାଯିବ ବୋଲି ଶୁଣିବାକୁ ମିଳୁଛି। ତେବେ ଏକ୍ଷେତ୍ରରେ ପ୍ରତିବନ୍ଧକ ସାଜିଛି ସରକାରୀ ନିଷ୍ପତ୍ତିରେ। ରାଜ୍ୟରେ ନୂତନ ସରକାର ଗଠନ ପରଠାରୁ ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି ଖୋଦ୍ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ। ଦେଢବର୍ଷ ପୂର୍ବେ ଅର୍ଥାତ୍ ଗତ ଡିସେମ୍ବରରେ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅଥରିଟି ବା କର୍ତ୍ତୃପକ୍ଷ ବୈଠକ ଅନୁଷ୍ଠିତ ହୋଇଥିଲା। ଖୋଦ୍ ମନ୍ତ୍ରୀ ଅଧ୍ୟକ୍ଷ ଦାୟିତ୍ୱରେ ଥିବାରୁ ଏଠାରେ କୌଣସି ନିଷ୍ପତ୍ତି ନିଆଯାଇପାରୁନାହିଁ। ନିୟମିତ ବ୍ୟବଧାନରେ ବିଇଡିଏ ଅଧିକାରୀଙ୍କୁ ମନ୍ତ୍ରୀ ତଥା ବିଇଡିଏ ଅଧ୍ୟକ୍ଷଙ୍କ ନିକଟକୁ ଫାଇଲ ନେବାକୁ ପଡୁଥିବା ଜଣାପଡିଛି। ଏଭଳି ସ୍ଥିତିରେ ବିଇଡିଏର ନିଜସ୍ୱ କୌଣସି ନୂତନ ପ୍ରକଳ୍ପ ନଥିବାରୁ ବହୁ ରାଜସ୍ୱ କ୍ଷତି ସହିବାକୁ ପଡୁଛି। ସ୍ଥିତି ଏଭଳି ହୋଇଛି ଯେ କର୍ମଚାରୀଙ୍କୁ ଦରମା ଦେବା ସ୍ଥିତିରେ ମଧ୍ୟ ବିଇଡିଏ ନଥିବା ଦେଖିବାକୁ ମିଳିଛି। ବହୁ ପ୍ରକଳ୍ପ ହାତରେ ଥିଲେ ହେଁ ଅର୍ଥାଭାବରୁ ସେଗୁଡିକର କାର୍ଯ୍ୟ କ୍ଷୀପ୍ରଗତିରେ ଆଗେଇ ପାରୁନାହିଁ। ଫଳରେ ପ୍ରକଳ୍ପ ଗୁଡିକ ବିଳମ୍ବ ହେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

## ବଜ୍ରାଘାତରେ ୧୩ ଗୋରୁ ମୃତ, ମହିଳା ଗୁରୁତର



ମୋହନା,୨୮ ।୬(ସମିସ): ଗଜପତି ଜିଲ୍ଲା ଅଡବା ଥାନା ପାଣିଗଣ୍ଡା ପଂଚାୟତର କନ୍ଦକିଆରି ଗାଁରେ ବଜ୍ରପାତ ଗଟି ୧୩ଟି ଗାଇ ବଳଦ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ଖବର ନେବାରୁ ଜଣାପଡ଼ିଛି ଯେ, ରବିବାର ସନ୍ଧ୍ୟାରେ ଗାଁ ନିକଟରେ ଥିବା ଆମ୍ବ ଗଛରେ ୧୩ଟି ଗାଇ ବଳଦ ଥିବା ସମୟରେ ବଜ୍ରପାତ ହୋଇଥିଲା । ଫଳରେ ଗାଇ ବଳଦ ମୃତ୍ୟୁ ହୋଇଛନ୍ତି ଏବଂ ସେହି ଗାଁ ର ମହିଳା ପୁଇଙ୍ଗି ମୁଠାମାଝୀ ଗୁରୁତର ଆହତ ହୋଇଛନ୍ତି । ଗ୍ରାମର ୮ଟି ପରିବାରର ଚଷୀ ଙ୍କ ଗାଇ ବଳଦ ମୃତ୍ୟୁ ବରଣ କରିଛନ୍ତି । ଆଗକୁ ଚାଷ କାମ ଥିବାରୁ କିଭଳି ଚାଷ କାର୍ଯ୍ୟ କରିବେ ଚିନ୍ତା ଅଛନ୍ତି ଚାଷୀ । ଏଣୁ ପ୍ରଶାସନ ତରଫରୁ କିଛି କ୍ଷତି ଦେବା ପାଇଁ ଦାବି କରିଛନ୍ତି ଚଷୀ ।

## କାର୍ ଧକ୍କାରେ ୫ମ ଶ୍ରେଣୀ ଛାତ୍ର ଗୁରୁତର

ଦିଗପହଣ୍ଡି,୨୮ ।୬(ସମିସ): ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ବାବୁଲି ବନ୍ଧ ଗ୍ରାମର ସୁବାସ ନାଇକଙ୍କ ପୁଅ ୫ମ ଶ୍ରେଣୀରେ ପଢୁଥିବା ଛାତ୍ର ଅବିନାଶ ନାଇକ(୧୦)ଙ୍କୁ ରବିବାର ସକାଳେ ଏକ କାର ଧକ୍କା ଦେଇ ଚମ୍ପଟ ମାରିଛି । ସେ ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ରବିବାର ମଧ୍ୟାହ୍ନରେ ଅବିନାଶ ତାଙ୍କ ବାପାଙ୍କ ସହ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା କାର୍‌ଟି ଅବିନାଶଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚାଲିଯାଇଥିଲା । ଅବିନାଶଙ୍କୁ



ଗୁରୁତର ଅବସ୍ଥାରେ ତାଙ୍କ ବାପା ସମ୍ପର୍କୀୟମାନଙ୍କ ସହାୟତାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ଡ଼ାହାଣ ପାଦ ଓ ଗୋଡ଼ରେ କାର୍ ଚକା ମାଡି ଯାଇଛି । ଫଳରେ ତାଙ୍କ ପାଦ କଟି ଯିବାର ଆଶଙ୍କା ରହିଛି ବୋଲି ଅବିନାଶଙ୍କ ବାପା କହିଛନ୍ତି । ଏନେଇ ସେ ଥାନାରେ ଏତଲା ଦେଇଛନ୍ତି । ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ବ୍ୟକ୍ତିଙ୍କ ଘର ଓ ଦୋକାନମାନଙ୍କରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଦୁର୍ଘଟଣା ଘଟାଇଥିବା ଉକ୍ତ କାର୍‌କୁ ଖୋଜୁଥିବା ଜଣାପଡ଼ିଛି ।

## ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ ବୈଠକ

ପାରଳାଖେମୁଣ୍ଡି, ୨୮ ।୬ (ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଓଡ଼ିଶା ବ୍ରାହ୍ମଣ ମହା ସଂଘ ଗଜପତି ଶାଖା ତରଫରୁ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠାନର ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ଅର୍ଣ୍ଣିତ କୁମାର ପାଢ଼ୀ । ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟକାରିଣୀ ପଦାଧିକାରୀ ମାନଙ୍କର ସୂଚନା ପ୍ରଦାନ କରାଯାଇଥିଲା । ଏହା ସହ ପ୍ରତ୍ୟେକ ଜିଲ୍ଲାର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ସହ ଗଜପତି ଜିଲ୍ଲାର ସାଙ୍ଗଠନିକ ଦକ୍ଷତାକୁ ବଢ଼ାଇବା ସହ ଆଜୀବନ ସଭ୍ୟ/ସଭ୍ୟା ସଂଖ୍ୟା ବୃଦ୍ଧି କରାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜିଲ୍ଲାର ଆଜୀବନ ସଭ୍ୟ/ସଭ୍ୟା ବ୍ୟକ୍ତିବିଶେଷଙ୍କୁ ପରିଚୟ ପ୍ରଦାନ କରାଯାଇଥିଲା । ଶେଷରେ ତ୍ରିପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରମୋଦ ଚନ୍ଦ୍ର ପାଢ଼ୀ ସଭା ସମ୍ପାଦକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଆରପାରିରେ ମଞ୍ଚ ନିର୍ଦ୍ଦେଶକ ସୁରଭାଇ



ବ୍ରହ୍ମପୁର,୨୮ ।୬(ସମିସ): ମଞ୍ଚ ନିର୍ଦ୍ଦେଶକ ସୁରଭାଇଙ୍କ ଦେହାନ୍ତରେ ନିର୍ଦ୍ଦେଶକ ସଂଘ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଗଞ୍ଜାମ ଜିଲ୍ଲାର ଜଣେ ବରିଷ୍ଠ ମଞ୍ଚ କଳାକାର ତଥା ନିର୍ଦ୍ଦେଶକ ସୁରେନ୍ଦ୍ର ସାହୁଙ୍କର ରବିବାର ପରଲୋକ ହୋଇଯାଇଛି । ସୁର ଭାଇ ଏକାଧାରରେ ଜଣେ ମଞ୍ଚ କଳାକାର, ନିର୍ଦ୍ଦେଶକ ଓ ଜଣେସଙ୍ଗୀତ ନିର୍ଦ୍ଦେଶକ ମଧ୍ୟ ଥିଲେ । ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ନିମଖଣ୍ଡି ଗ୍ରାମର ସେ ଥିଲେ ମୂଳ ବାସିନ୍ଦା ହୋଇଥିବା ବେଳେ ସେ ବ୍ରହ୍ମପୁର ସହରରେ ରହୁଥିଲେ । ଗ୍ରାମାଞ୍ଚଳରେ କଳାକାରଙ୍କୁ ନାଟ୍ୟ ଓ ସଙ୍ଗୀତ ଶିକ୍ଷା ଦେବାରେ ତାଙ୍କର ସୁନାମ ରହିଥିଲା । ତାଙ୍କ ବିୟୋଗରେ କଳା ଜଗତରେ ଶୋକର ଛାୟା ଖେଳିଯାଇଛି । ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଭାପତି ରାଜଗୋପାଳ ପାଢ଼ୀ ସୁରଭାଇଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହିତ ଏହା କଳାଜଗତ ପାଇଁ ଏକ ବିରାଟ କ୍ଷତି ବୋଲି କହିଛନ୍ତି ।

## ଶିଶୁ ମନ୍ଦିରରେ ପ୍ରଥମ ଅଭିଭାବକ ବୈଠକ

ଭଞ୍ଜନଗର,୨୮ ।୬(ସମିସ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ନବମ ଓ ଦଶମ ଶ୍ରେଣୀର ପ୍ରଥମ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଉପସଭାପତି ଆଦିତ୍ୟ ଦାସ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ଉତ୍ତମ କୁମାର ମହାରଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ । ବିଦ୍ୟାଳୟର ସମ୍ପାଦକ ଜ୍ୟୋତି ରଞ୍ଜନ ବିଶୋୟୀ ନିଜ ଉଦବୋଧନ ରେ ବିଦ୍ୟାଳୟ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ବୈଠକରେ ମୋଟ ୭୦ ଜଣ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ରହି ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଶୃଙ୍ଖଳା, ପରୀକ୍ଷା ପ୍ରସ୍ତୁତି ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣକରିଥିଲେ ।ବରିଷ୍ଠଆଚାର୍ଯ୍ୟାସଙ୍ଗୀତାପଟ୍ଟନାୟକକାର୍ଯ୍ୟକ୍ରମରସଂଯୋଜନା କରିଥିବାବେଳେ ଯୁଗ୍ମ ସମ୍ପାଦକ ଗଙ୍ଗାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ସେବବ୍ରତୀଙ୍କ ସହଯୋଗରେ ବୈଠକ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା ।

## କୋଟଗଡ଼ରେ ବିଏସ୍ଏନ୍ଏଲ୍ ନେଟ୍‌ୱାର୍କ


# ରହୁଛି ଅଳପ, କଟୁଛି ବେଶୀ



ବାଲିଗୁଡା,୨୮ ।୬(ସମିସ)

କନ୍ଧମାଳ ଜିଲ୍ଲାର ଉପାନ୍ତ ବ୍ଲକ ହେଡ଼କ୍ୱାଟର ରେ ବିଏସଏନଏଲ ନେଟୱାର୍କ କେବେ ବି ରହୁନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ଭେଲିଡିଟି ରିଚାର୍ଜ ନାମରେ ମାସିକ ଲକ୍ଷ ଲକ୍ଷ ଟଙ୍କା ଲୁଟୁଥିବା ବେଳେ ହନ୍ତସନ୍ତ ହେଉଛନ୍ତି ବିଏସଏନଏଲ ଗ୍ରାହକ । କୋଟଗଡରେ ନେଟୱାର୍କ ସମସ୍ୟା ବୁଝିବାକୁ ମଧ କର୍ମଚାରୀ ନଥିବା ଦେଖିବାକୁ ମିଳିଛି । ସୂଚନା ଥାଉକି,କୋଟଗଡ ବଜାରରେ ବହୁବାଦ ବିବାଦ ପରେ ପ୍ରାୟ ୨୦୦୭ମସିହାରେ ବିଏସଏନଏଲ ଏକମାତ୍ର ନେଟୱାର୍କ ଭାବେ କାର୍ଯ୍ୟକ୍ଷମ ହୋଇଥିଲା, ଆଉ ସେତେବେଳେ ପ୍ରଥମ ନେଟୱାର୍କ ବୋଲି ସମସ୍ତେ ଖୁସିହୋଇଥିଲେ । କିନ୍ତୁ ବର୍ତ୍ତମାନ କୋଟଗଡ ରେ ହଜାର ହଜାର ବିଏସଏନଏଲ ଉପୋଭୋକ୍ତାଙ୍କ ଦୁଃଖର କାରଣ ବିଏସଏନଏଲ ନେଟୱାର୍କ 'ରହୁଛି ଅଳପ , କଟୁଛି ବେଶି । ବିକଳ୍ପ ଭାବରେ ରିଲିଆନ୍ସର ଜିଓ ନେଟୱାର୍କ ଅଛି, ହେଲେ ତା ଅବସ୍ଥା ବି ନ କହିବା ଭଲ, କାରଣ 'ଏଇ ଅଛି, ଏଇ ନାହିଁ "ପରି ଲୁଚକାଳି ଖେଳୁଛି ଜିଓ ନେଟୱର୍କ । ତେଣୁ ଏକ ପ୍ରକାର ହରଡ଼ଘଣାରେ ଜନସାଧାରଣ ଠୁ ଆରମ୍ଭ କରି ସରକାରୀ ବେସରକାରୀ ଅନୁଷ୍ଠାନର କର୍ମଚାରୀ ଓ ସରକାରୀ କାମ । ତେଣୁ କୋଟଗଡ ବିଏସଏନଏଲ ନେଟୱାର୍କ ଉପଖଣ୍ଡ ପରିଚାଳନା ଅଧିକାରୀଙ୍କୁ ଅନୁରୋଧ ତୁରନ୍ତ ଏହାର ଆଶୁ ସମାଧାନ କରାଯାଉ, ନଚେତ୍‌ବା କୋଟଗଡ କାର୍ଯ୍ୟରତ ସାମ୍ବାଦିକ ସମୂହ ବିଏଏନଏଲ କାର୍ଯ୍ୟାଳୟ ଘେରାଓ କରିବା ସହ କଂଜ୍ୟୁମର କୋର୍ଟର ଦ୍ୱାରସ୍ତ ହେବା ନେଇ ପ୍ରସ୍ତୁତ ହେଉଥିବା କହିଛନ୍ତି ସ୍ଥାନୀୟ ପ୍ରେସକ୍ଲବ ସଦସ୍ୟସମୂହ ।

## ତାର ଚୋରି ସନ୍ଦେହରେ ନାବାଳକଙ୍କୁ ନିର୍ଯାତନା; ପୂଜକ ଅଟକ



ପାରଳାଖେମୁଣ୍ଡି, ୨୮ ।୬ (ସମିସ): ଗଜପତି ଜିଲ୍ଲା ସଦମହକୁମା ପାରଳାଖେମୁଣ୍ଡି ସହରରେ ତାର ଚୋରି ସନ୍ଦେହରେ ଜଣେ ନାବାଳକଙ୍କୁ ଅମାନବୀୟ ଭାବେ ମାଡ଼ ମାରିବା ଏବଂ ବାନ୍ଧି ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଜଣେ ମନ୍ଦିର ପୂଜକଙ୍କୁ ଅଟକ ରଖିଛି । ଅଭିଯୋଗ ଅନୁଯାୟୀ, ୧୪ ନମ୍ବର ୱାର୍ଡ ଗୁଣ୍ଡିଚା ବାଡ଼ି ନିକଟସ୍ଥ ହନୁମାନ ମନ୍ଦିରରେ କିଛି ନାବାଳକ ଖେଳୁଥିବା ବେଳେ ବିଦ୍ୟୁତ୍ ତାର ଚୋରି ସନ୍ଦେହ ଘଟଣାକୁ କେନ୍ଦ୍ର କରି ପୂଜକ ବଳରାମ ପଣ୍ଡା ଜଣେ ନାବାଳକଙ୍କୁ ମନ୍ଦିରର ଏକ ଖୁଣ୍ଟରେ ବାନ୍ଧି ପ୍ଲାଷ୍ଟିକ ପାଇପରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ନାବାଳକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ଘଟଣାକୁ ନେଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଲିଖିତ ଅଭିଯୋଗ କରାଯାଇଛି । ଏନେଇ ନେଇ ପାରଳାଖେମୁଣ୍ଡି ଥାନାରେ ଶିଶୁ ନିର୍ଯାତନା ସମ୍ପର୍କିତ ୨୬୨/୨୬ରେ ଏକ ମାମଲା ରୁଜୁ ମଧ ହୋଇଛି । ତେବେ ଅଭିଯୁକ୍ତ ପୂଜକଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଥିବା ପାରଳାଖେମୁଣ୍ଡି ଥାନା ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ନାବାଳକଙ୍କ ପରିବାର ପକ୍ଷରୁ କୁହାଯାଇଛି ଯେ, ପିଲାଟି ଚୋରିରେ ସମ୍ପୃକ୍ତ ନ ଥିଲେ ମଧ ସନ୍ଦେହବଶତଃ ତାଙ୍କୁ ଅମାନୁଷିକ ଭାବେ ନିର୍ଯାତନା ଦିଆଯାଇଛି ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକେ ଦାବି କରିଛନ୍ତି । ପ୍ରକାଶ ଥାଉ କି ନାବାଳିକାର ବାପାଙ୍କ ପରଲୋକ ହୋଇଥିବା ବେଳେ ମାଆ ଏବେ ଆନ୍ଧ୍ରରେ ଦାଦନ ଖଟୁଛନ୍ତି । ଏପରିସ୍ଥଳେ ସେ ତାଙ୍କ ଜେଜେ ମାଆଙ୍କ ପାଖରେ ରହୁଛନ୍ତି ।

## ଅବକାରୀ ବିଭାଗର ମିଳିତ ଚଢ଼ଉ

## ବିପୁଳ ପରିମାଣର ମହୁଲ ପୋଚ ସହ ଦେଶୀ ମଦ ଜବତ





ପାରଳାଖେମୁଣ୍ଡି, ୨୮ ।୬(ସମିସ): ଗଜପତି ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ମନୁ ଆୟର୍, ପାରଳାଖେମୁଣ୍ଡି ସଦର ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଦଣ୍ଡ ଶବରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ଗୁରାଣ୍ଡି ଓ ରାୟଗଡ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମହୁଲ ମଦ ଜବତ କରାଯାଇଛି । ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାୟଗଡ ଓ ଗୁରାଣ୍ଡି ଥାନା ଅନ୍ତର୍ଗତ ଗୋଠେଇ, ଗୋବିନ୍ଦପୁର ଆଦି ଗ୍ରାମାଞ୍ଚଳର ପାହାଡ ଏବଂ ନାଳ ପାର୍ଶ୍ୱ ଅଞ୍ଚଳରେ ଆଜି ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲେ । ଏହି ଚଢାଉ ବେଳେ ବେଆଇନ ମଦ ଭାଟିରୁ ୬୪୦ ଲିଟର ଦେଶୀ ମହୁଲ ମଦ ଏବଂ ୬୪୦୦ ଲିଟର ମହୁଲ ପୋଚ ଓ ମଦ ପ୍ରସ୍ତୁତ ପାଇଁ ବିଭିନ୍ନ ସରଞ୍ଜାମକୁ ଜବତ କରାଯାଇଥିଲା । ଏହି ଚଢାଉରେ ଅବକାରୀ ବିଭାଗର ଏଏସ୍‌ଆଇ ମିନତି ପାଇକ, ଦେବଦତ୍ତ ଶବର, ଉଷାଦେବୀ ଶବର, ସୁଶିଲ୍ ଘାଣ୍ଟିଆ, ମାନିନି ବେହେରା, ସର୍ବେଶ୍ୱର ଦାସ ପ୍ରମୁଖ ସାମିଲ ଥିଲେ ।

## ସରକାରୀ ଓକିଲଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପାରଳାଖେମୁଣ୍ଡି, ୨୮ ।୬ (ସମିସ) : ଭୁବନେଶ୍ୱରସ୍ଥିତ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶରେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଅଭିଯୋଜନ ବିଭାଗର ଉପ-ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଅଭିଯୋଜନ ବିଭାଗ ତରଫରୁ ଜିଲ୍ଲାର ସମସ୍ତ ନନ-କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟରଙ୍କ ପାଇଁ ଚାଲିଥିବା ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଶେଷ ହୋଇଛି । ଏହି କ୍ରମରେ ଆଜି ସର୍ବ ପ୍ରଥମେ ଶ୍ରୀ ମିଶ୍ର ତ୍ୱରିତ ବିଚାର ବ୍ୟବସ୍ଥାରେ ତର୍କ ବିତର୍କରେ ସରକାରୀ ଓକିଲଙ୍କ ବିଶେଷ ଅବଦାନ ଉପରେ ନିଜର ମତପୋଷଣ ସହ ସହାୟକ ନିର୍ଦ୍ଦେଶକ ଡ଼ି. ଅନୁପରାଜ ଆଚାରି ଅଦାଲତରେ ସରକାରୀ ଓକିଲଙ୍କ କର୍ତ୍ତବ୍ୟ ଉପରେ ନିଜର ମତ ରଖିଥିଲେ । ସେହି ସମୟରେ ସେଠାରେ ଉପସ୍ଥିତ ଥିବା ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ ଯଥାସମ୍ଭବ ପୀଡ଼ିତଙ୍କୁ ନ୍ୟାୟଦେବା ପାଇଁ ପୋଲିସ ସତତ ଚେଷ୍ଟିତ ରହିବ ବୋଲି ନିଜର ମତ ପ୍ରକାଶ କରିଥିଲେ । ପରେ ସାଇଣ୍ଟିଫିକ ଅଫିସର ସୌମ୍ୟ ଦର୍ଶନ ମହାପାତ୍ର ବୈଜ୍ଞାନିକ ପଦ୍ଧତିରେ କିପରି ସୁଚାରୁ ରୂପେ ନ୍ୟାୟ ପ୍ରଦାନ କରାଯାଇପାରିବ, ସେ ନେଇ ସମସ୍ତଙ୍କୁ ସଚେତନ କରାଇଥିଲେ । ଆର. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ତଥା ଯୁବ ଆଇପିଏସ ରାକେଶ କୁମାର ସାହୁ ନୂତନ ଭାବେ ଦେଖା ଦେଉଥିବା ଅପରାଧର କିପରି ମୁକାବିଲା କରାଯାଇ ପୀଡ଼ିତଙ୍କୁ ତ୍ୱରିତ ନ୍ୟାୟ ଦିଆଯାଇପାରିବ ସେ ନେଇ ନିଜର ମତ ପ୍ରକାଶ କରିବା ସହ ସମସ୍ତ ନବ ନିଯୁକ୍ତ ପ୍ରସିକ୍ୟୁଟରଙ୍କୁ ସେମାନଙ୍କ ଦକ୍ଷତାକୁ ନେଇ ସମ୍ମାନିତ କରିଥିଲେ । ଶେଷରେ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ନନ କ୍ୟାଡର ପ୍ରସିକ୍ୟୁଟରମାନେ ଯୋଗଦେଇଥିଲେ ।

## ଫିରିଙ୍ଗିଆ ବ୍ଲକରେ ପୋଲିଓ ବୁନ୍ଦାନେଲେ ୧୮ ହଜାର ୭ ଶହ ୨୮ ଶିଶୁ




ଫିରିଙ୍ଗିଆ,୨୮ ।୬(ସମିସ): ପୋଲିଓ ଦିବସ ଅବସରରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ମୋଟ ୧୮ ହଜାର ୭ ଶହ ୨୮ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି । ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ମାଝୀଙ୍କ ଅଧକ୍ଷତା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଜନୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନର ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିବା ଏହି ଦିବସରେ ବିଧାୟକଙ୍କ ଫିରିଙ୍ଗିଆ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଅକ୍ଷୟ କୁମାର କଟା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରର ଏଲଏଚଭି ନିର୍ମଳା ବେହେରା, ସ୍ୱାସ୍ଥ୍ୟ ଅଧୁକାରିଣୀ ବାସନ୍ତୀ ଦିଗାଲ, ଅଙ୍ଗନବାଡି ସୁପରଭାଇଜର ଅପର୍ଣ୍ଣା ଦିଗାଲ, ମହିଳା ସ୍ୱାସ୍ଥ୍ୟ କର୍ମୀ ପଦ୍ମାଳୟା ମିରକାପ ଆଶା କର୍ମୀ ଶାନ୍ତିଲତା ପ୍ରଧାନ, ଅଙ୍ଗନବାଡି କର୍ମୀ ବିନୋଦିନୀ ମହାନନ୍ଦ, ଦୀପା ନାଏକ, ପଦ୍ମିନୀ କହଁର, ସବିତା ମଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେପଟେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସମୁଦାୟ ୧୩୯ଟି କେନ୍ଦ୍ର ଖୋଲା ଯାଇଥିବା ବେଳେ କେନ୍ଦ୍ରମାନଙ୍କରେ ବିଭିନ୍ନ ପ୍ରକାର ଅନୁସଙ୍ଗିକ ସୁବିଧା ସହ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନଙ୍କ ସହ ସ୍ଥାନୀୟ ଆଶା ଓ ଅଙ୍ଗନବାଡ଼ି କର୍ମୀ ମନେ ଉପସ୍ଥିତ ରହି ଶିଶୁ ମାନଙ୍କୁ ପୋଲିଓ ଖୁଆଇ ଥିଲେ । ତେବେ ଏହି ଫିରିଙ୍ଗିଆ ବ୍ଲକରେ ଗୋଟିଏ ଦିନରେ ସମୁଦାୟ ୮ ହଜାର ସାତସହ ଅଠେଇଶି ଜଣ ଶିଶୁଙ୍କୁ ପୋଲିଓ ଖାଇବାକୁ ଦିଆଯାଇଥିଲା ।

## ଗୋପାଳପୁର–ରାୟଗଡା ରେଳ ପ୍ରକଳ୍ପ ଦାବିରେ ଆନ୍ଦୋଳନ ନିମନ୍ତେ ପ୍ରସ୍ତୁତି

## ବାଲିପଡ଼ାରେ ବିଶାଳ ସଭା, ସର୍ବଦଳୀୟ ଓ ସର୍ବସ୍ତରୀୟ ସମର୍ଥନ

କୁକୁଡାଖଣ୍ଡି, ୨୮ ।୬(ସମିସ): ବହୁ ପ୍ରତୀକ୍ଷିତ ଗୋପାଳପୁର–ରାୟଗଡା ରେଳ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ଦାବିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜନସଚେତନତା ଓ ଗଣଆନ୍‌ଦୋଳନ ଜୋରଦାର ହେଉଥିବା ବେଳେ କୁକୁଡାଖଣ୍ଡି ବ୍ଲକର ବାଲିପଡ଼ାରେ ରବିବାର ଏକ ବିଶାଳ ସଭା ଅନୁଷ୍ଠିତ ହୋଇଛି । ସଭାରେ ଉପସ୍ଥିତ ବକ୍ତାମାନେ ଏହି ରେଳ ପ୍ରକଳ୍ପ ଦକ୍ଷିଣ ଓଡ଼ିଶାର ଆର୍ଥିକ, ଶିଳ୍ପ ଓ ସାମାଜିକ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ । ବାଲିପଡ଼ା କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ପୂର୍ବତନ ସର୍ବଭାରତୀୟ ପ୍ରଶାସକ ଡ଼. ବାଳକୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ମଞ୍ଚରେ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ବରିଷ୍ଠ ସାମ୍ୟବାଦୀ ନେତା କୈଳାଶ ଷଡ଼ଙ୍ଗୀ, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇ, ଦକ୍ଷିଣ ଓଡ଼ିଶା ରେଳ ବିକାଶ ପରିଷଦର ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା, ବାଲିପଡ଼ା ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ସେଠି ଓ ପୂର୍ବତନ ସରପଞ୍ଚ ମନୋଜ ବିଷୋୟୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଆଇନଜୀବୀ କୁରେଶୁ ପଣ୍ଡା ସଂଯୋଜନା କରିଥିଲେ ।ସଭାରେ ବକ୍ତାମାନେ କହିଥିଲେ ଯେ, ଗୋପାଳପୁର–ରାୟଗଡା ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦକ୍ଷିଣ ଓଡ଼ିଶାର ବାଣିଜ୍ୟ, ଶିଳ୍ପ, ପର୍ଯ୍ୟଟନ, କୃଷି ଓ ରୋଜଗାର କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହେବ । ପ୍ରକଳ୍ପକୁ ତୁରନ୍ତ ଅନୁମୋଦନ ଓ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ହେଲେ ଗଣଆନ୍‌ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏହାସହ ପ୍ରକଳ୍ପ ଅଧୀନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ବୁଦ୍ଧିଜୀବୀ, ସାମାଜିକ ସଂଗଠକ ଓ ଜନପ୍ରତିନିଧିଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ କରାଯିବାକୁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସଭାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଜନପ୍ରତିନିଧି, ଆଇନଜୀବୀ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ନିଜ ମତାମତ ରଖିଥିଲେ । ପ୍ରକୃତିବନ୍ଧୁ ବୃନ୍ଦାବନ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ସୁନୀଲ କୁମାର ବିଷୋୟୀ ଓ ରାଧାକାନ୍ତ ମହାକୁଡ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବିଜୟ କୁମାର ପ୍ରଧାନ, ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ସଭାପତି ମନୋରଞ୍ଜନ ଗୌଡ଼ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପ୍ରକଳ୍ପ ପ୍ରତି ଦୃଢ଼ ସମର୍ଥନ କରିଥିଲେ ।

## ଓକିଲ ସଂଘ କାର୍ଯ୍ୟାଳୟରେ 'ବେଲ୍' ସଂକ୍ରାନ୍ତ ସେମିନାର୍

ଛତ୍ରପୁର,୨୮ ।୬(ସମିସ): ଛତ୍ରପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସର ରେ ସଭାପତି ଏଲ୍.ଗୋପାଲ ରାଓଙ୍କ ଅଧ୍ୟକ୍ଷତାରେ (ବେଲ )"ଜାମିନ" ସମ୍ବନ୍ଧୀୟ ଏକ (କର୍ମଶାଳା) ସେମିନାର ଅନୁଷ୍ଠିତ ହୋଇଯାଇଛି । ଜାମିନ (ବେଲ )ହେଉଛି କୋଣସି ଅଭିଯୁକ୍ତଙ୍କୁ ଜେଲରୁ ମୁକ୍ତ କରିବାର ଆଇନଗତ ପ୍ରକ୍ରିୟା । ଅଦାଲତଙ୍କ ସର୍ତ୍ତ ଅନୁଯାୟୀ, ଜାମିନଦାର ଏବଂ ମୁଚାଲିକା ଦାଖଲ କରି ଅଭିଯୁକ୍ତ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଜେଲରୁ ବାହାରେ ରହିପାରନ୍ତି । ଭାରତୀୟ ଆଇନ ବ୍ୟବସ୍ଥାରେ ଜାମିନ ପ୍ରମୁଖତଃ ତିନି ପ୍ରକାରର ହୋଇଥାଏ । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ ଜିଲ୍ଲା ଦୌରା ଜଜ୍ (ଛତ୍ରପୁର) ପ୍ରଦୀପ କୁମାର ସାମଲ ଯୋଗଦେଇ ଜାମିନ (ବେଲ)ର ବିଭିନ୍ନ ଦିଗ ଉପରେ କହିବା ସହିତ ଏହାର କଣ ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ସିନିୟର ସିଭିଲ ଜଜ୍ ପୂଜା ଦେ, ଏସ୍‌ଡିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମ୍‌ଏଫସି ସ୍ୱାଗତିକା ସ୍ୱାଇଁ ଓ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଓକିଲ ସଂଘର ଉପସଭାପତି ପ୍ରଦୀପ କୁମାର ପଲାଇ, ସାଧାରଣ ସମ୍ପାଦକ କେ. ଦୁର୍ଯ୍ୟୋଧନ ରେଡ୍ଡୀ, ଲାଇବ୍ରେରୀ ସେକ୍ରେଟାରୀ ଏନ. ଗୋପୀଙ୍କ ସମେତ ବହୁ ବରିଷ୍ଠ ଏବଂ ଯୁବ ଆଇନଜୀବୀ ମାନେ ଏହି ସେମିନାର ଅଂଶ ଗ୍ରହଣ କରିଥିଲେ ।

**● ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ**

# 'ନାଗରିକ ସାମ୍ବାଦିକତାର ବୃଦ୍ଧି ଓ ପ୍ରଭାବ' ସଂକ୍ରାନ୍ତ ଆଲୋଚନା

ପାରଳାଖେମୁଣ୍ଡି, ୨୮ ।୬ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ସଭାଗୃହରେ ଉତ୍କଳ ସାମ୍ବାଦିକ ସଂଘ ଗଜପତି ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି ।

**ଯୁବ ଆଇପିଏସ୍ ରାକେଶ ସାହୁଙ୍କୁ 'ଉତ୍କର୍ଷ ସମ୍ମାନ'**



ସଂଘର ସଭାପତି ଦ୍ୱୀଜେନ୍ଦ୍ରନାଥ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସାହାୟ ମୀନା ଓ ଆର୍. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । 'ପ୍ରଗତିବାଦୀ' ଖବରକାଗଜର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ 'ନାଗରିକ ସାମ୍ବାଦିକତାର ବୃଦ୍ଧି ଓ ତାହାର ପ୍ରଭାବ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ବକ୍ତା ବିରୂପାକ୍ଷ ତ୍ରିପାଠୀ ନାଗରିକ ସାମ୍ବାଦିକତାର ସକାରାତ୍ମକ ଓ ନକାରାତ୍ମକ ଦିଗ ଉପରେ ବିସ୍ତୃତ ଆଲୋଚନା କରିବା ସହ ସମାଜରେ ସାମ୍ବାଦିକଙ୍କ ଭୂମିକା, ଦାୟିତ୍ୱ ଓ ନୈତିକତା ସମ୍ପର୍କରେ ପ୍ରାଞ୍ଜଳ ଭାବେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଇଂ. ରୂପେଶ ପାଣିଗ୍ରାହୀ ଏଭଳି କାର୍ଯ୍ୟକ୍ରମର ଆୟୋଜନକୁ ପ୍ରଶଂସା କରିବା ସହ ସାମ୍ବାଦିକମାନଙ୍କୁ ସମାଜର ଜାଗ୍ରତ ପ୍ରହରୀ ବୋଲି ଅଭିହିତ କରିଥିଲେ । ସେ କହିଥିଲେ, ଜିଲ୍ଲାର ପ୍ରତ୍ୟେକ ସାମ୍ବାଦିକମାନଙ୍କ ସମସ୍ୟା ସମାଧାନ ଓ ସେମାନଙ୍କ ପରିବାରର ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆବଶ୍ୟକ ସହଯୋଗ ପାଇଁ ସେ ସର୍ବଦା ସାଥୀ ହୋଇ ରହିବେ । ତାଙ୍କର ଏହି ପ୍ରତିଶ୍ରୁତି ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା । ଏହି ଅବସରରେ ରା.ଉଦୟଗିରି ଏସଡିପିଓ ରାକେଶ କୁମାର ସାହୁଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟଶୈଳୀ, ଦକ୍ଷତା ଓ ଜନସେବା ପ୍ରତି ନିଷ୍ଠା ପାଇଁ ଚଳିତ ବର୍ଷର 'ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସହ-ସମ୍ପାଦକ ସୁଜିତ୍ ପ୍ରଧାନ ଅତିଥି ପରିଚୟ ଓ ଆମନ୍ତ୍ରଣ ପାଠ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ସୁଜିତ୍ ବିଷୋୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ପାଦକ ସରୋଜ ବୀର ସମ୍ପାଦକୀୟ ପାଠ କରି ସଂଘର ବାର୍ଷିକ କାର୍ଯ୍ୟକଳାପ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ । ଶେଷରେ ଉପସଭାପତି ସନ୍ତୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ ଟିକାକରଣ

ପାରଳାଖେମୁଣ୍ଡି,୨୮ ।୬(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ୨୦୨୬ର ଶୁଭାରମ୍ଭ ହୋଇଯାଇଛି । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଅଦ୍ୟ ଆଜିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ପଲ୍ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ କରାଯିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ପ୍ରାୟ ୬୬୩୬୫ ଜଣ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଟୀକା ଖୁଆଇବାର ଲକ୍ଷ୍ୟ ରଖାଯାଇଅଛି । ଏଥିପାଇଁ ଚିହ୍ନଟ କରାଯାଇଥିବା ୫୭୪ ଟି ବୁଥରେ ଦୁଇ ଜଣିଆ ଟୀକା ପ୍ରଦାନକାରୀ ଦଳଙ୍କୁ ନିୟୋଜିତ କରାଯାଇଅଛି । ଏତଦ ବ୍ୟତିତ, ୨୦ଟି ଭ୍ରାମ୍ୟମାଣ ଦଳ ଏବଂ ଜନସାଧାରଣ ଯାତାୟାତ କରୁଥିବା ମୁଖ୍ୟ ଚିହ୍ନିତ ସ୍ଥାନ ସମୂହରେ ୩୦ଟି ଦଳ ନିୟୋଜିତ କରାଯାଇଅଛି । ଟୀକାକରଣର ପ୍ରଥମ ଦିନରେ ଚିହ୍ନଟ କରାଯାଇଥିବା ବୁଥ ସମୂହରେ ଟୀକାକରଣ କରାଯିବ । ପରବର୍ତ୍ତୀ ଦୁଇ ଦିନ, ଟୀକା ପ୍ରଦାନକାରୀ ଦଳ ଗୃହ ପରିଦର୍ଶନ କରି ପୋଲିଓ ଟୀକା ପାଇନଥିବା ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବେ । କାର୍ଯ୍ୟକ୍ରମଟିକୁ ତଦାରଖ କରିବା ପାଇଁ ଜିଲ୍ଲା ତଥା ବ୍ଲକ ସ୍ତରୀୟ ଅଧିକାରୀମାନେ ନିୟୋଜିତ ଅଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସକ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଞ୍ଜୁ ରାଣୀ ଜେନା, ଡିଏମ୍‌ଓ ଡାକ୍ତର ଶାନ୍ତନୁ କୁମାର ପାଢ଼ୀ, ଡିପିଏମ୍ ସରିତା ମହାପାତ୍ରଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ରହି ପୋଲିଓ ବୁନ୍ଦା ଖୁଆଇ ଥିଲେ । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାଧାରଣଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରି ସମାଜକୁ ପୋଲିଓ ମୁକ୍ତ ରଖିବାରେ ସହାୟକ ହେବା ପାଇଁ ଅନୁରୋଧ କରାଯାଇଛି ।



## ନିଅଣ୍ଟିଆ ବର୍ଷାକୁ ପ୍ରଚଣ୍ଡ ଖରା

# ଗଜା ଧାନ ମରୁଡ଼ି ଆଶଙ୍କା



**କୟାଁଗୋଲା,୨୮।୬(ସମିସ**

ଓଡ଼ିଶାର କୃଷି ପରମ୍ପରା ଅନୁସାରେ ପବିତ୍ର ଅକ୍ଷୟ ତୃତୀୟାରୁ ଖରିଫ୍ ଋତୁର ଚାଷ ଅନୁକୂଳ ସମୟ ଆରମ୍ଭ ହୋଇଥାଏ। ଚାଷୀ ଏହି ଦିନଠାରୁ ଅଖୁମୁଠି ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ। ଚଳିତ ବର୍ଷ ଦଶରଥପୁର ବ୍ଲକରେ ପ୍ରାୟ ହେକ୍ଟର ହେକ୍ଟର ଜମିରେ ଖରିଫ୍ ଧାନଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ସରକାରୀ ଓ ବେସରକାରୀ ସ୍ତରରେ ବିହନ ଷ୍ଟକ୍ ମଧ୍ୟ ଉପଲବ୍ଧ ରହିଛି। ମାତ୍ର ଚଳିତ ବର୍ଷର ନିଅଣ୍ଟିଆ ବର୍ଷା ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପ ସହିତ ଅସ୍ୱାଭାବିକ ପାଣିପାଗ ସାରା ଦଶରଥପୁର ଅଞ୍ଚଳର ଚାଷୀକୁଳଙ୍କ ଚିନ୍ତା ବଢ଼ାଇ ଦେଇଛି। ଆକାଶରୁ ନିଆଁ ବର୍ଷିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଚାଷୀ ଜମିରେ ଧାନ ବିହନ ବୁଣିବାକୁ ଚାଷୀ ସାହସ ଜୁଟାଇପାରୁନାହାଁନ୍ତି। ବିହନ ଥାଇ ମଧ୍ୟ ବୁଣିବା ନେଇ ଚାଷୀମାନେ ଏକ ବଡ଼ ଅନିଶ୍ଚିତତା ଦେଇ ଗତି କରୁଛନ୍ତି। କିଛି ଚାଷୀ ସାହାସ କରି ବିଲରେ ପମ୍ପ ସାହାଯ୍ୟରେ ପାଣି ମଡ଼ାଇ ବିହନ ଗଜା ପକେଇବା ପରେ ବି ବର୍ଷାର ଦେଖାନାହିଁ। ଫଳରେ ବିଲରେ ଆର୍ଦ୍ରତା କମିବା ଯୋଗୁଁ ଧାନ ଗଜା ହେଉନି। ଆଉ ଯେଉଁଠି ଗଜା ହେଇ ହାଲକା ତଳି ଉଠିଛି ସେଠାରେ ବିଲରୁ ପାଗ ଛାଡ଼ି ଗଲାଣି। ଯାହା ଫଳରେ ଗଜା ଧାନ ମରୁଡି ହେବା ଆଶଙ୍କା ଦେଖାଦେଇଛି। ଯାହାକୁ ନେଇ ସମଗ୍ର ଚାଷୀକୁଳ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି।

ଦଶରଥପୁର ଅଞ୍ଚଳର କିଛି ପଞ୍ଚାୟତ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାମକୁ ମାତ୍ର କେନାଲ ଏବଂ ସ୍ଲୁଇସ୍ ଗେଟ୍ ରହିଛି। ହେଲେ ସେଥି ମଧ୍ୟ ଦେଇ ଟୋପାଏ ହେଲେ ପାଣି ଯାଏନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜଳସେଚନ ବିଭାଗ ଡିଭିଜନ ଦାୟିତ୍ୱରେ ଥିବା ଅଧିକାରୀମାନେ ସମୟ ପୂର୍ବରୁ କୌଣସି ଆବଶ୍ୟକ ମୂଳକ ପଦକ୍ଷେପ ନେଉନାହାନ୍ତି। ଫଳରେ କେନାଲ ଉପରେ ନିର୍ଭର କରୁଥିବା ହଜାର ହଜାର ଚାଷୀ ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଜଳସେଚନର ବିକଳ୍ପ ବ୍ୟବସ୍ଥା ଥିବାରୁ ଚାଷୀମାନେ ସେମାନଙ୍କ ପାରମ୍ପରିକ ଧାରା ଅନୁସାରେ କେବଳ ଇନ୍ଦ୍ରଦେବ (ବର୍ଷା)ଙ୍କ ଉପରେ ଭରସା କରି ବସିଛନ୍ତି। ମାତ୍ର ତିନି ଦିନ ପରେ ଜୁଲାଇ ମାସ ଆରମ୍ଭ ହେବାକୁ ଥିଲେ ମଧ୍ୟ ପାଗ ଅନୁକୂଳ ହେବାର କୌଣସି ଲକ୍ଷଣ ଦେଖାଯାଉନାହିଁ। ପ୍ରଚଣ୍ଡ ଖରା ଯୋଗୁଁ ଚଳିତ ବର୍ଷ ଅଞ୍ଚଳରେ ଏକ ଭୟଙ୍କର "ମରୁଡ଼ି'ର କରାଳଛାୟା ସୃଷ୍ଟି ହେବାର ଆଶଙ୍କା ଘନେଇବାରେ ଲାଗିଛି। ଏ ସମ୍ପର୍କରେ ବ୍ଲକ୍ କୃଷି ଅଧିକାରୀ ତୁଷାରକାନ୍ତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏଥର ଦଶରଥପୁର ବ୍ଲକରେ ୧୫ ହଜାର ୨ ଶହ ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଯେହେତୁ ଏ ବର୍ଷ ବର୍ଷା କମ ହେବାରେ ଅଛି, କମ ପାଣିରେ ଉଚ୍ଚା ଜମିରେ ବିଲ ପଡ଼ିଆ ନ ରଖି, ମୁଗ, ବିରି, ହରଡ଼, ପନିପରିବା ଆଦି ଚାଷ କରି ହେବ। ସବୁ ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଅନ୍ତର୍ଭୁକ୍ତ କରିବା ପାଇଁ ଗଣମାଧ୍ୟମକୁ କହିଥିଲେ। ଦଶରଥପୁର ଅଞ୍ଚଳ ଚାଷୀ ଧାନ ଉପରେ ନିର୍ଭର କରନ୍ତି। ନିଅଣ୍ଟିଆ ବର୍ଷା ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେବା ସହ ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କୁ ଦାଣ୍ଡରେ ବସାଇବାକୁ ବାଧ କଲାଣି ବୋଲି ଚାଷୀମାନେ କହୁଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କେନାଲର ପୁନଃରୁଦ୍ଧାର ସହ ଜଳ ଯୋଗାଇବାକୁ ଏବଂ ପ୍ରଭାବିତ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଦଶରଥପୁର ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

## ସରକାରୀ ୱେବ୍‌ସାଇଟ୍‌ରେ ନାହିଁ ବର୍ଷା ସୂଚନା

**ଧର୍ମଶାଳା,୨୮।୬(ସମିସ):** ଜୁନ ମାସ ଶେଷ ହେବାକୁ ବସିଲାଣି ହେଲ ଏଯାଏଁ ବର୍ଷାର ଦେଖାନାହିଁ। ଜୁନମାସ ତୃତୀୟ ସପ୍ତାହେର ମୌସୁମୀ ବାୟୁ ଓଡିଶାରେ ପ୍ରବଶ କରିସାରିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହେଲ ଆଜି ଜୁନ ୨୮ ତାରିଖ ହୋଇଥିବା ବେଳେ ଧର୍ମଶାଳା ବ୍ଲକ ଅଞ୍ଚଳରେ ବର୍ଷା ହୋଇନଥିବା ଦେଖିବାକୁ ମିଳିଛି। ବ୍ଲକସ୍ତରୀୟ ବର୍ଷାର ପରିମାଣ ଜାଣିବାକୁ ରହିଥିବା ସରକାରଙ୍କ ୱେବସାଇଟରେ ୨୦୨୬ ମସିହା ଆସୁନଥିବାରୁ ବର୍ଷାର ପରିମାଣ ଜାଣିବା କଷ୍ଟକର ହେଉଛି। ବ୍ଲକ ୱାଇଜ ବର୍ଷା ପରିମାଣ ଜାଣିବା ଲାଗି ସରକାରୀ ୱେବସାଇଟରେ ୨୦୨୬ ବର୍ଷ ନ ଦେଖାଇବା ପ୍ରଶାସନର ଅବେହଳା ସାମନାକୁ ଆଣିଛି। ତଥ୍ୟ ଅନୁଯାୟୀ ବର୍ଷା ପରିମାଣ ଜାଣିବା ପାଇଁ ସରକାରଙ୍କ ୱେବସାଇଟ ଓଡ଼ିଶା ରେନ୍‌ଫଲ ମନିଟରିଂ ସିଷ୍ଟମ ମାରିଲ ବ୍ଲକୱାଇଜ ବର୍ଷା ପରିମାଣ ଜଣାପଡିଥାଏ। ହେଲ ୱେବସାଇଟରେ ଆଜି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୨୦୨୬ ମସିହା ସୋ ନ କରିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ଦର୍ଶାଉଛି। ଯଥାଶୀଘ୍ର ଏହି ଭୁଲ ସୁଧାରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି।

## ଧାନ ମଣ୍ଡି ପରିଦର୍ଶନ କଲେ ବିଜେପି ନେତ୍ରୀ



**କୟାଁଗୋଲା,୨୮।୬(ସମିସ):** ଦଶରଥପୁର ବ୍ଲକ ଅଧୀନସ୍ଥ କମାରଡ଼ିହି ପାକ୍ସ ଅନ୍ତର୍ଗତ ୩ ଗୋଟି ଧାନ ମଣ୍ଡି ପରିଦର୍ଶନ କରିଛନ୍ତି ବିଞ୍ଝାରପୁର ବିଜେପି ନେତ୍ରୀ ବିବିତା ମଲ୍ଲିକ। ଚଳିତ ଖରିଫ ଋତୁରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଧାନ କିଣାଯିବ ନେଇ ଆଶଙ୍କା ଦେଖାଯିବା ପରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ତେଣୁ ଏ ନେଇ ଶ୍ରୀମତୀ ମଲ୍ଲିକ କମାରଡ଼ିହି ପାକ୍ସ ଅନ୍ତର୍ଗତ ଖାନନଗର, କୟାଁ ଓ କମାରଡ଼ିହି ଧାନ ମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଏନେଇ ବ୍ଲକ ଯୋଗାଣ ଅଧିକାରିଣୀ ସ୍ଥିତିପ୍ରଜ୍ଞା ଓ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କୁ ଫୋନ ଯୋଗେ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରିଥିଲେ। ଶ୍ରୀମତୀ ମଲ୍ଲିକଙ୍କ ଏହି ଗସ୍ତ ସମୟରେ ବରିଷ୍ଠ ବିଜେପି ନେତା ପ୍ରଶେଷ ସୂତାର, ସୁନୀଲ ବେହୁରିଆ, ପିୟୁଷ ନାୟକ, ଶଶୀକାନ୍ତ ବାରିକ, ଅଜୟ ନାୟକ, ଦିଗାମ୍ବର ବାରିକ, କିଶୋର ନାୟକ,ରଜତ ଦାଶ,ଜ୍ୟୋତିଶଙ୍କର ରାୟ, ସଦାଶିବ ମଲ୍ଲିକ, ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିଓ ପ୍ରତିଷେଧକ ଟିକାକାରଣ ଶୁଭାରମ୍ଭ




**କୟାଁଗୋଲା,୨୮।୬(ସମିସ):** ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଲସ ପୋଲିଓ ପ୍ରତିଷେଧକ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡା. ଗୋପାଳ ଚନ୍ଦ୍ର ମଲ୍ଲିକ ଓ ମଙ୍ଗଳପୁର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରିଣୀ ଡା.ଅମିତ୍ରା ପ୍ରୀତମ ମଲ୍ଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମେଡିକାଲ ସମସ୍ତ କର୍ମକର୍ତ୍ତାଙ୍କ ସମେତ ସିଏଚ୍‌ସିର ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅଭିଭାବକଙ୍କୁ ୫ ବର୍ଷରୁ କମ୍ ବୟସର ସମସ୍ତ ଶିଶୁଙ୍କୁ ନିକଟସ୍ଥ ବୁଥରେ ପୋଲିଓ ବୁନ୍ଦା ପିଆଇବାକୁ ଅନୁରୋଧ କରାଯାଇଥିଲା। ଆଜି ବୁଥରେ ମୋଟ ୨୦୧୮୩ ଶିଶୁଙ୍କୁ ପୋଲିଓ ଦେବାର ଲକ୍ଷ୍ୟ ରଖାଯାଇଥିବା ବେଳେ ୧୯୧୯୬ ଜଣ ଶିଶୁ ପୋଲିଓ ବୁନ୍ଦା ନେଇଛନ୍ତି। ପୋଲିଓ ମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଅଧିକାରୀମାନେ ମତ ଦେଇଛନ୍ତି।

## ଜିଲ୍ଲାରେ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ

**ଯାଜପୁର,୨୮।୬(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଲ୍ସ ପୋଲିଓ ଟିକାକରଣ (ଆଇପିପିଆଇ-୨୦୨୬) ଅଭିଯାନ ଉଦ୍‌ଘାଟିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ଆଜି ଏହାର ଶୁଭାରମ୍ଭ କରିଛନ୍ତି। ୨୮ ଜୁନରୁ ୩୦ ଜୁନ ୨୦୨୬ ଯାଏଁ ତିନି ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ଯାଜପୁର ଜିଲ୍ଲାରେ ୫ ବର୍ଷରୁ କମ ବୟସର ୧,୭୮,୪୭୮ ଶିଶୁ ଏହି ପୋଲିଓ ଟିକାକରଣ ଅଭିଯାନରେ ଉପକୃତ ହେବେ। ଜିଲ୍ଲାରେ ମୋଟ ୮୪୬ଟି ପୋଲିଓ ବୁଥ ରହିଥିବା ବେଳେ ୩୩୮୪ ଜଣ କର୍ମକର୍ତ୍ତା ଏବଂ ୧୬୫ ଜଣ ସୁପରଭାଇଜର ଏଥିପାଇଁ ନିୟୋଜିତ ହେବେ। ୨୧ଟି ଭ୍ରାମ୍ୟମାଣ ଟିମ୍ ଏହି କାର୍ଯ୍ୟ ସମ୍ପାଦନ କରିବେ। ପ୍ରଥମ ଦିନରେ ବୁଥସ୍ତରୀୟ କାର୍ଯ୍ୟକ୍ରମ ହେଉଥିବା ବେଳେ ବାକି ଦୁଇ ଦିନରେ ଘରକୁ ଘର ବୁଲି ଡାକ୍ତରୀ ଟିମ୍ ପରିଦର୍ଶନ କରିବେ ଏବଂ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବେ। ଉଦଘାଟନୀ କାର୍ଯ୍ୟକ୍ରମରେ ବଡ଼ଚଣା ବାସିନ୍ଦା ବିଶ୍ୱଜିତ ରାଉତ ଓ ଜସ୍ମିନ ମିଶ୍ରଙ୍କ କନ୍ୟା ଜାହ୍ନବୀ ରାଉତଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଡିଏମ୍‌ଓ ମନୋଜ କୁମାର ସେନାପତି, ଏଡିପିଏଚସିଓ ସଂଯୁକ୍ତା ପଣ୍ଡା, ରମାକାନ୍ତ ବାରିକ, ଦୋଳଗୋବିନ୍ଦ ପଣ୍ଡା, ସିସିଟି ରମେଶ କୁମାର ମିଶ୍ର, ଜାକି ଆଲାମ, ମାନସ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।




## ୨ ସରକାରୀ ଚାକିରିଆଙ୍କୁ ରାସନ କାର୍ଡ !

**ଦଶରଥପୁର,୨୮।୬(ସମିସ):** ହଜାର ହଜାର ଯୋଗ୍ୟ ରାସନ କାର୍ଡ ହିତାଧିକାରୀ ନୂତନ ରାସନ କାର୍ଡ କିମ୍ବା ପରିବାରର ରାସନ କାର୍ଡରେ ସଂଯୋଗ ହୋଇପାରୁନଥିବା ବେଳେ ବେଆଇନ ଭାବେ ସରକାରୀ କର୍ମଚାରୀଙ୍କୁ ପ୍ରଦାନ କରାଯାଇଛି। ଏଭଳି ଅଭିଯୋଗ ଆସିଛି ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତରୁ। ପଞ୍ଚାୟତର ପୂର୍ବତନ ସମିତିସଭ୍ୟଙ୍କ ପରିବାରର ୨ ଜଣ ସରକାରୀ କର୍ମଚାରୀ ନେଉଛନ୍ତି ରାସନ ସାମଗ୍ରୀ। ତୃପ୍ତିମୟୀଙ୍କ ରାସନ କାର୍ଡ ନମ୍ବର ୧୩୦୫୧୧୧୧୨୦୪ରେ ୫ ଜଣ ସଦସ୍ୟ ରହିଥିବାବେଳେ ଏଥିରେ ୨ ଜଣ ସରକାରୀ କର୍ମଚାରୀ ରହିଛନ୍ତି। ଅମରେଶଙ୍କ ସ୍ତ୍ରୀ ତୃପ୍ତମୟୀ ଦାସ। ମାତ୍ର ଅମରେଶ ଚନ୍ଦ୍ର ଭୂୟାଁଙ୍କ ମା' ଶାନ୍ତିଲତା ଭୂୟାଁ ଜଣେ ଅଙ୍ଗନବାଡି କର୍ମଚାରୀ ଭାବେ ପିଲାଙ୍କୁ ପଠା ପଢ଼ାଉଥିବା ବେଳେ ପୁଅ ଅମରେଶ ଚନ୍ଦ୍ର ଭୂୟାଁ ଜଣେ ପ୍ରାଣୀ ନିରୀକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସରକାରୀ ନିୟମ ଅନୁସାରେ କୌଣସି ସରକାରୀ କର୍ମଚାରୀ ୧୦ ହାଜରରୁ ଅଧିକ ଟଙ୍କା ପାଉଥିଲେ ସେମାନେ ରାସନ କାର୍ଡ ପାଇପାରିବେ ନାହିଁ। ମାତ୍ର ଏହି ୨ ସରକାରୀ କର୍ମଚାରୀ ଅଧିକ ଦରମା ପାଉଥିବା ବେଳେ କିପରି ଏମାନଙ୍କୁ ବ୍ଲକ ପ୍ରଶାସନ ରାସନ କାର୍ଡ ପ୍ରଦାନ କଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଚାକିରି କରି କିପରି ବର୍ଷ ବର୍ଷ ଧରି କିପରି ରାସନ କାର୍ଡ ମାଧ୍ୟମରେ ସାମଗ୍ରୀ ଉଠାଣ କରିଛନ୍ତି ତାହା ତଦନ୍ତ ସାପେକ୍ଷ। ଏ ବିଷୟରେ ଦଶରଥପୁର ଯୋଗାଣ ଅଧିକାରୀ ସ୍ଥିତି ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ପଚାରିବାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ସରୁନି

**ମଙ୍ଗଳପୁର,୨୮।୬(ସମିସ):** ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗେଇ ଦେବା ସହ ଭିତ୍ତିଭୂମିର ବିକାଶ ନିମନ୍ତେ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ଅଧିକାଂଶ ସ୍ଥାନରେ କେତେକ ବେପରୁଆ ବିଭାଗୀୟ ଅଧିକାରୀ ଓ ଦୁର୍ନୀତିଗ୍ରସ୍ତ ଠିକାଦାର ମାନଙ୍କ ପାଇଁ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ନେଇ ଦେଖିବା ପାଇଁ ମିଳିଛି। ଏମିତି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକର ଲାଇଫ ଲାଇନ କୁହାଯାଉଥିବା ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କ୍ଷେତ୍ରରେ। ୩୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ ଦାୟିତ୍ୱ ଏମଏସ ସରୋଜ କନଷ୍ଟ୍ରକସନ ନାମକ ଏକ ଠିକା ସଂସ୍ଥାକୁ ରାସ୍ତା ଓ ଗୃହ ନିର୍ମାଣ ପୂର୍ତ୍ତ ବିଭାଗ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରଟିର ନିର୍ମାଣ କାର୍ଯ୍ୟ ୧୧-୦୭-୨୨ରୁ ଆରମ୍ଭ ହୋଇ ୧୦-୦୭-୨୩ ରିଖରେ ଶେଷ ହେବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ସେହିପରି ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୬,୬୩,୦୯,୦୫୫, ୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ମାତ୍ର ଇତି ମଧ୍ୟରେ ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଅବଧି ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଅଧାପନ୍ତରୀୟ ହୋଇ ପଡ଼ିରହିଛି। କାର୍ଯ୍ୟ ସ୍ଥଳକୁ ବିଭାଗୀୟ ଅଧିକାରୀ ମାନେ ଆଦୌ ତଦନ୍ତରେ ଆସୁନଥିବା ବେଳେ ଲୋକ ଦେଖାଣିଆ ଭାବେ କେତେବେଳେ କେମିତି ଆସି ନାମକୁ ମାତ୍ର ବୁଲି ପଳାଇ ଯାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ସେହିପରି କାର୍ଯ୍ୟ କରୁଥିବା ସମୟରେ ଠିକାଦାର ଜଣକ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଜନସାଧାରଣ ମାନଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି କର୍ଣ୍ଣପାତ କରିନଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଉପରେ ଅଭିଯୋଗ ହେଉଥିବା ବେଳେ ବିଭାଗୀୟ ଜେଇ କିପରି କୌଣସି ତଦନ୍ତ ନକରି ଠିକାଦାରଙ୍କୁ ବିଲ୍ ପ୍ରଦାନ କରୁଛନ୍ତି ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ ସତ ପଦାକୁ ଆସିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ସେହିପରି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ, ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଓ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଏବଂ ରାଜକନିକା ବ୍ଲକର ହଜାର ହଜାର ଜନସାଧାରଣ ମାନେ ନିର୍ଭର କରିଥାନ୍ତି। ପ୍ରତିଦିନ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରାୟ ୪ ଶହରୁ ୫ ଶହ ରୋଗି ଆସିଥାନ୍ତି। ଅଭିଯୋଗ ମୁତାବକ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ ନିଜେ ଏହି କାର୍ଯ୍ୟ ନକରି ସ୍ଥାନୀୟ ଜଣେ କୁଜି ଠିକାଦାରଙ୍କ ଉପରେ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ନ୍ୟସ୍ତ କରିଦେଇ ଥିବାରୁ କୁଜି ଠିକାଦାର ଜଣକ ଅଧିକ ଲାଭଖୋର ମନୋବୃତ୍ତି ଆପଣେଇ ଅତ୍ୟନ୍ତ ନିମ୍ନମାନର ଭାବେ କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଜନସାଧାରଣ ମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ବର୍ତ୍ତମାନ ପ୍ରାୟ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ କେବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହେବ ଏବେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଅଞ୍ଚଳବାସୀ ନିର୍ମାଣଧୀନ ଘରର ପ୍ଲାଷ୍ଟର କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ବହୁ କାର୍ଯ୍ୟ ବାକି ଥିବା ଦେଖିବା ପାଇଁ ମିଳିଛି। ଠିକାଦାର ନିଜର ଇଚ୍ଛା ମୁତାବକ ନିର୍ମାଣ କାର୍ଯ୍ୟ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ପକ୍ଷରୁ ଠିକାଦାରଙ୍କୁ ସେମିତି କୌଣସି ତାଗିଦ କରାଯାଉ ନଥିବା ଅଭିଯୋଗ ହୋଇଛି। ତେଣୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋଇଥିବା ବଡଧରଣର ଦୁର୍ନୀତିର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା ଓ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ ଏଥିପ୍ରତି ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବି ହୋଇଛି।



# ବବିଙ୍କ ଜନ୍ମଦିନରେ ୭୬୮ ୟୁନିଟ୍ ରକ୍ତ ସଂଗ୍ରହ

**ଯାଜପୁର,୨୮।୬(ସମିସ)**

ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ୫୪ତମ ଜନ୍ମଦିନ ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବହୁବିଧି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ନିକଟରେ ଯାଜପୁର ପୌରପାଳିକାର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତାଙ୍କ ନେତୃତ୍ୱରେ ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ବିଜେଡି ନେତା ବଳଭଦ୍ର ଦାସଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ରହି ଦୀପଦାନ କରିଥିଲେ। ଗରିଆପୁରସ୍ଥିତ ଶାନ୍ତି ମଣ୍ଡପରେ ବ୍ଲକରେ ଏକ ସ୍ୱେଚ୍ଛାକୃତ ରକ୍ତଦନ ଶିବିର ଆୟୋଜନ ହୋଇଥିଲା। ନଗର ସଭାପତି ମନୋଜ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଯାଜପୁର ବିଧାୟିକା ସୁଜାତା ସାହୁ, ଭବପ୍ରସାଦ ଦାସ, ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ବଳଭଦ୍ର ଦାସ, ଭରତ ଚନ୍ଦ୍ର ବେହେରା, ତୁଷାର ରଞ୍ଜନ ବେହେରା, ମିଳନ ସନ୍ଧିବିଗ୍ରହ, ସ୍ୱଦେଶ ପଟ୍ଟନାୟକ, ସମ୍ବିତ ନାୟକ, ଏସ୍‌କେ ସାହାଜୁଦ୍ଦିନ, ରାଜୀବ ମହାନ୍ତି, ଶିବାନନ୍ଦ ମିଶ୍ର, ଦୁର୍ଗାଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରୁ ମୋଟ ୧୫୪ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

ଦଶରଥପୁର: ଦଶରଥପୁର ବ୍ଲକ ବିଜେଡି ପକ୍ଷରୁ ବ୍ଲକ ରାମବାଗ ନିକଟସ୍ଥ ମା' ଜାଗୁଳେଇ ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ମୋଟ ୩୧୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ବରିଷ୍ଠ ସମାଜସେବୀ କର୍ଣ୍ଣାଟକେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ମୁକ୍ତିକାନ୍ତ ପଣ୍ଡା, ରମଣୀ ରଞ୍ଜନ ରାଉତରାୟ, ମନୋଜ ରାଉତ, ଅମୀୟ ଜେନା, ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ବିଜେଡି କାର୍ଯ୍ୟକର୍ତ୍ତା ଶିବିର ପରିଚାଳନା କରିଥିଲେ।



ବରୁଆଁ: ଯାଜପୁର ବ୍ଲକ ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ଅଶୋକ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ଉଦଘାଟନ କରିଥିଲେ। ଶିବିରରେ ୨୦୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ଯାଜପୁରର ଯଯାତି କେଶରୀ ମେଡିକାଲ କଲେଜର ଚିକିତ୍ସକ ତଥା ସ୍ୱାସ୍ଥ୍ୟ କର୍ମୀମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

ବ୍ୟାସନଗର: ବ୍ୟାସନଗର ନନ୍ଦରାମ ବାଟିକାରେ ଦି ହେଲଫିଂ ଆଇ ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରରେ ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, କାଉନସିଲର ସିଦ୍ଧାର୍ଥ ଶଙ୍କର ସାମଲ, ପାର୍ଥସାରଥୀ ନାୟକ, ବିଜୟ ଜେନା, ଦିଲିପ ସେଠୀ, ଶିବାନନ୍ଦ ନାୟକ, ଇଂ ମୋନାଲିସା ସାହୁ, ତପସ୍ୱିନୀ ଶତପଥୀ, ବରିଷ୍ଠ ବିଜେଡି ନେତା ପ୍ରତାପ ମହାନ୍ତି, ଯୁବ ସଭାପତି ବ୍ୟାସନଗର ଅମୂଲ୍ୟ କୁମାର ନାୟକ ପମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ସହଯୋଗ କରିଥିଲେ। ଏଠାରେ ମୋଟ ୧୦୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

ରଗଡ଼ି: ବିଜୁ ଜନତା ଦଳ ପକ୍ଷରୁ କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ମହାପାଟଙ୍କ ପୀଠ ପରିସରରେରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭବ ପ୍ରସାଦ ଦାସ, ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ଅନ୍ଧାରୀ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ତରାଇ, ବିଜେଡି ନେତ୍ରୀ କଳ୍ପନା ପରିଡା, ତଳଗଡ଼ ପଞ୍ଚାୟତ ବିଜେଡି ସଭାପତି ଅଞ୍ଜନ କୁମାର ନାୟକ, ଯୁବ ସଭାପତି ବିକ୍ରମ କେଶରୀ ଜେନା, କୋରେଇ ବ୍ଲକ ବିଜେଡି ସଭାପତି ସୌଭାଗ୍ୟ କୁମାର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

କୁଆଖିଆ: ରସୁଲପୁର ବ୍ଲକ୍ ଗନ୍ଧଣ ପଞ୍ଚାୟତରେ ଗ୍ରାମଦେବତୀ ମା' ଜାଗୁଳାଇଙ୍କ ପାଖରେ ବିଜେଡି କର୍ମୀଙ୍କ ଦ୍ୱାରା ସାମୂହିକ ଦୀପଦାନ କରାଯାଇଛି। ଦୁର୍ଯ୍ୟୋଧନ ଦାସଙ୍କ ତତ୍ତ୍ୱାବଧାନରେ ସୁବାସ ଦାସ, ମନୋରଞ୍ଜନ ସିଂ, ଆଶିଷ ସାମଲ, ନରେଶ ବୋଇତାଇ, ପ୍ରଶାନ୍ତ ମହାନ୍ତି, ସୁବାସ ରାଉତ, ଲକ୍ଷ୍ମଣ ରାଉତ, ପ୍ରକାଶ ସ୍ୱାଇଁ, ଦିନେଶ ଦାସ, ଗଣେଶ୍ୱର ବିଶ୍ୱାଳ, ନିରଞ୍ଜନ ଦାସ, ଗଣେଶ୍ୱର ମଲିକ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ କର୍ମୀ ସାମିଲ ହୋଇଥିଲେ।

ପାଣିକୋଇଲି: ପାଣିକୋଇଲି ବିଜେଡି ପକ୍ଷରୁ ଶେଷ ପରିଚୟ ବୃଦ୍ଧାଶ୍ରମରେ ବବି ଦାସଙ୍କ ଜନ୍ମ ଦିବସ ପାଳନ କରାଯାଇଛି। ଏହି ଅବସରରେ ପାଣିକୋଇଲି ବିଜେଡି ପକ୍ଷରୁ ସଦସ୍ୟମାନେ ଯୋଗଦେଇ ଅନ୍ତେବାସୀଙ୍କ ସହିତ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ଦାମୋଦର ସାହୁ, ଡ. ସୁରେଶ ଚନ୍ଦ୍ର ପଣ୍ଡା, ସୁଧାଂଶୁ ଶେଖର ଘଡାଇ, ବିଜନ ଧଳ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ବେଣୁଧାର ଖଣ୍ଡାଇ, କରୁଣାକର ମାଝୀ, ସୁଶାନ୍ତ ବେହେରା, ଉଦୟ ମଲିକ, ପପି ସେଠୀ, ଗୟାଧର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## କେନାଲ ରାସ୍ତା ମରାମତି ଦାବି



**ବାରିକପୁର,୨୮।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ୩ ନମ୍ବର ହାଇଲେବୁଲ କେନାଲ ରାସ୍ତାର ବିଭିନ୍ନ ସ୍ଥାନ ଏବେ ଜରାଜୀର୍ଣ୍ଣ ପାଲଟିଛି। ଏହି ପଥରେ ଗମନାଗମନ ପାଇଁ ଲୋକମାନେ ଆଉ ସୁରକ୍ଷିତ ମଣୁନାହାନ୍ତି। ବିଶେଷ କରି ହାଟଡିହିଠାରୁ ତୋଡ଼ଗାଁ ଯାଏ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଛି। ରାସ୍ତାରୁ ପିଚୁ ଓ ମେଣ୍ଟାଲ ଉଠି ଯାଇଥିବାବେଳେ କେତେକ ସ୍ଥାନରେ ରାସ୍ତା ଫାଟି ଆଁ କଲାଣି। ସୁନାହାରଠାରୁ ଆଦର୍ଶ ବିଦ୍ୟାଳୟ ଯାଏଁ ଅନେକ ଦିନ ହେବ ରାସ୍ତା ମରାମତି ହେଉନାହିଁ। ଏହାଛଡ଼ା ଭଣ୍ଡାରିପୋଖରୀ ବଜାର ନିକଟରୁ ହାଟଡିହି ଯାଏଁ ସମାନ ଅବସ୍ଥା ଦେଖାଯାଇଛି। ଯଦିଓ ବଣସାହି ନିକଟରେ କିଛି ମରାମତି କାର୍ଯ୍ୟ ହୋଇଛି କିନ୍ତୁ ୪ ନମ୍ବର କେନାଲଠାରୁ ନଗୁଆ ପଞ୍ଚାୟତ କାର୍ଯ୍ୟାଳୟ ଯାଏଁ ରାସ୍ତାରୁ ସମ୍ପୂର୍ଣ୍ଣ ପିଚୁ ଉଠି ଖାଲଖମାରେ ଭର୍ତ୍ତି ହୋଇଛି। ରେବ ସାଇଫନଠାରୁ ତୋଡ଼ଗାଁ ନିକଟସ୍ଥ ପୂର୍ତ୍ତ ରାସ୍ତା ଯାଏଁ ଅବସ୍ଥା ମଧ୍ୟ ତଦ୍ରୂପ ହୋଇଛି। ରାସ୍ତାରେ ଯିବାବେଳେ ପଥଚାରୀମାନେ ଦୈନିକ କିଛି ନା କିଛି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜଳସମ୍ପଦ ବିଭାଗ ଏହା ଉପରେ ଦୃଷ୍ଟି ଦେବା ସହିତ ଯଥାଶୀଘ୍ର ରାସ୍ତା ନବୀକରଣ କାର୍ଯ୍ୟ ପାଇଁ ସାଧାରଣରେ ଦାବି ହୋଇଛି।

## ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ବିନା ଶିକ୍ଷକରେ ଚାଲିଛି ନୀଳକଣ୍ଠପୁର ବିଦ୍ୟାଳୟ

ବାଣପୁର,୨୮ ।୬(ସମିସ): କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ଶିକ୍ଷାକୁ ପ୍ରାଥମିକତା ଦେଇ ଭିତ୍ତିଭୂମିର ବିକାଶ ନିମନ୍ତେ ବିଭିନ୍ନ ଯୋଜନା କରି ପ୍ରଚୁର ଅର୍ଥ ବିନିଯୋଗ କରୁଛନ୍ତି । ତେବେ ତୃଣମୂଳ ସ୍ତରରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ବିଦ୍ୟାଳୟ ଖୋଲା ଅଛି, ଗଣ୍ଡା ଗଣ୍ଡା ଶ୍ରେଣୀ କକ୍ଷ ରହିଛି, ବିଦ୍ୟାଳୟ ବେଶ ପରିଷ୍କାର ପରିଚ୍ଛନ୍ନ ରହିବା ସହ ରଙ୍ଗମରା ହୋଇ ସାଜସଜ୍ଜାରେ ଝଲସୁଛି ଶ୍ରେଣୀଗୃହ । ଦୈନନ୍ଦିନ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଆସୁଛନ୍ତି, ମଧ୍ୟାହ୍ନଭୋଜନ ବି ରନ୍ଧା ହେଉଛି, ପିଲା ଖାଉଛନ୍ତି । ହେଲେ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ କେହି ଶିକ୍ଷକ ନାହାନ୍ତି । ଫଳରେ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଥିବାବେଳେ ପିଲାଙ୍କ ପାଠପଢାକୁ ନେଇ ଚିନ୍ତାରେ ଅଭିଭାବକ । ଗତ ଫେବୃଆରୀ ମାସରୁ ବିଦ୍ୟାଳୟରେ ଏପରି ପରିସ୍ଥିତି ଲାଗି ରହିଛି । ଶିକ୍ଷା ବ୍ୟବସ୍ଥାର ଏଭଳି ବିକଳ ଚିତ୍ର ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ସ୍ମାର୍ଟ ଗ୍ରାମପଞ୍ଚାୟତ କୁମାରାଙ୍ଗ ଶାସନସ୍ଥ ପୁରାତନ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାପୀଠରେ ଦେଖିବାକୁ ମିଳିଛି ।



ଏହି ବିଦ୍ୟାଳୟରେ ନବମ ଶ୍ରେଣୀରେ ୪୨ ଜଣ ଛାତ୍ରଛାତ୍ରୀ ଓ ଦଶମ ଶ୍ରେଣୀରେ ୫୨ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ଖରାଛୁଟି ସରିବା ପରେ ପିଲାମାନେ ଖୁସିରେ ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଆସି କେବଳ ସ୍ମାର୍ଟ କ୍ଲାସ୍‌ରୁମରେ ବସି ବସି

### ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତାରେ ଅଭିଭାବକ

ଗପ କରି ଘରକୁ ଫେରୁଛନ୍ତି । ବିଦ୍ୟାଳୟରେ ପାଠ ପଢ଼ିବା ତ ଦୂରର କଥା, ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କୁ ନିୟନ୍ତ୍ରଣ କରିବାକୁ କେହି ଶିକ୍ଷକ ନ ଥିବାରୁ ଗପସପରେ ମଜି ସମୟ କାଟି ଘରକୁ ଫେରୁଛନ୍ତି ଛାତ୍ରଛାତ୍ରୀ । ବିଦ୍ୟାଳୟର ଏପରିଅବସ୍ଥା ଦେଖି ପ୍ରତିଦିନ ଜଣେ ଅବସରପ୍ରାପ୍ତ ଶିକ୍ଷକ ସ୍ୱେଚ୍ଛାକୃତ ଭାବେ ଆସି କେବଳ ଗୋଟିଏ ପିରିୟଡ୍‌ରେ ପଢ଼ାଇ ଚାଲି ଯାଉଥିବାବେଳେ ସେତିକିରେ ପାଠପଢା ଶେଷ ହୋଇଯାଉଛି । ବିଦ୍ୟାଳୟରେ ସବୁଦିନେ ପଢ଼ାଇବା ତାଙ୍କ ପକ୍ଷେ ସମ୍ଭବପର ହୋଇପାରୁ ନ ଥିବାରୁ ଏଭଳି ସ୍ଥିତିକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ପିଲାଙ୍କ ପାଠପଢା ଓ ଭବିଷ୍ୟତକୁ ନେଇ ଚିନ୍ତାରେ ଅଭିଭାବକ । ଏ ସମ୍ପର୍କରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ତେଜସ୍ୱିନୀ ବରାଳ ଓ ସିଦ୍ଧେଶ୍ୱର ସାହୁ ପ୍ରମୁଖଙ୍କୁ ପଚାରିବାରୁ ସେମାନେ କେବଳ ବିଦ୍ୟାଳୟକୁ ଆସୁଛନ୍ତି, ବସୁଛନ୍ତି, ମଧ୍ୟାହ୍ନଭୋଜନ ଖାଇ ଘରକୁ ଫେରିବା ସାର ହେଉଛି । ତେବେ ଏମିତି ପାଠପଢ଼ା ହେଲେ ପାଠ୍ୟକ୍ରମ କେବେ ଯେ ସରିବ ଜଣାନାହିଁ । ଆଗକୁ ଦଶମ ବୋର୍ଡ ପରୀକ୍ଷା କିପରି ଦେବୁ ? ଶିକ୍ଷକ ନ ଆସିଲେ ପାଠପଢା ନ ହେଲେ ପରୀକ୍ଷାରେ କିପରି ପାସ କରିବୁ ସେ ନେଇ ସେମାନେ ଆଶା ଆଶଙ୍କାରେ ଅଛନ୍ତି ବୋଲି କହିଛନ୍ତି ।

ଅନ୍ୟପକ୍ଷରେ ବିଦ୍ୟାଳୟର ପ୍ରଶାସନିକ ଓ ଆର୍ଥିକ କାର୍ଯ୍ୟନିର୍ବାହ ପାଇଁ ଚିଲିକା ବ୍ଲକ୍ ଭାଲେରୀ ଉଚ୍ଚ ବିଦ୍ୟାଳୟର ସ୍ଥାୟୀ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ଦାସଙ୍କୁ କାମଚଳା ଭାବେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆଯାଇଛି । ଦୁଇଜଣ ପିଅନ ଓ ଜଣେ କିରାଣିରେ ବିଦ୍ୟାଳୟ ଚାଲିଛି । ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ନ ଆସିଲେ ପିଅନ ଓ କିରାଣିରେ ବିଦ୍ୟାଳୟ ଚାଲୁଛି । ଏପରି ସ୍ଥଳେ କିଛି ଅଭିଭାବକ କହିଛନ୍ତି, ବ୍ଲକ୍ ଗ୍ରାଣ୍ଟ ସ୍କୁଲ ବୋଲି କ'ଣ ଏଠାରେ ଶିକ୍ଷକ ନିଯୁକ୍ତ ହେବେନି । ତେବେ ଆମ ପିଲା ପଢ଼ିବେ କେମିତି ? ସରକାର ବହୁ ଯୋଜନା କରୁଛନ୍ତି କାହା ପାଇଁ ? ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ସେମାନେ ରାଜରାସ୍ତାରେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି । ଏ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ଅନୁଦାନପ୍ରାପ୍ତ ବିଦ୍ୟାଳୟ ହୋଇଥିବାରୁ ସରକାରୀ ନିଯୁକ୍ତିର କୌଣସି ବ୍ୟବସ୍ଥା ନାହିଁ । ଯଦି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ, ତେବେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ । ଏଭଳି ସ୍ଥଳେ ଜୁଲାଇ ମାସରେ ଆଖପାଖ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଡେପୁଟେସନରେ ଶିକ୍ଷକ ନିଯୁକ୍ତ ହେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ● ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ

# ଦେଶୀ ମଦ ଓ ପୋଚ ଜବତ, ଅଭିଯୁକ୍ତ ଗିରଫ



ବେଗୁନିଆ,୨୮ ।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଜଟଣୀ ଓ ବେଗୁନିଆ ଅବକାରୀ ବିଭାଗ ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇ ୩ ହଜାର କେଜି ପୋଚ ଓ ୭୬୫ ଲିଟର ଦେଶୀ ମଦ ସହ ଆବଶ୍ୟକୀୟ ସରଞ୍ଜାମ ଜବତ ଓ ମଦ ବିକ୍ରି କରୁଥିବାବେଳେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ବରପଦା ଜଙ୍ଗଲରୁ ହାତରନ୍ଧା ଦେଶୀ ମଦ ପ୍ରସ୍ତୁତ କରିବା ପାଇଁ ଥିବା ୧୫ ଶହ କେଜି ପୋଚ ନଷ୍ଟ କରାଯାଇଥିବାବେଳେ ୫ ଶହ ଲିଟର ଦେଶୀମଦ ସହ ଆବଶ୍ୟକୀୟ ସରଞ୍ଜାମ ଜବତ କରାଯାଇଥିଲା । ସେହିପରି ଦକ୍ଷିଣେଶ୍ୱର ଜଙ୍ଗଲରେ ଚଢ଼ଉ କରାଯାଇ ୧୫ ଶହ ଲିଟର ପୋଚ ନଷ୍ଟ ହୋଇଥିବାବେଳେ ୨୫୦ ଲିଟର ହାତ ରନ୍ଧା ଦେଶୀ ମଦ ସହ ଆବଶ୍ୟକୀୟ ସରଞ୍ଜାମ ଜବତ କରି ଅନ୍ୟଏକ ଘଟଣାରେ ବେଗୁନିଆ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ସୁବୀର ନାୟକ ୧୫ ଲିଟର ହାତରନ୍ଧା ଦେଶୀ ମଦ ନେଇ ବାଘମାରୀ ବଜାରରେ ମଦ ବିକ୍ରି ପାଇଁ ଯାଉଥିବାବେଳେ ଗିରଫ କରି ମଦ ଜବତ କରି କୋର୍ଟ ଚାଲାଣ କରାଯାଇଛି ।

## ● ଟାଙ୍ଗୀରେ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ

# ପ୍ରଥମ ଦିନରେ ୯୪୯୧ ଶିଶୁଙ୍କୁ ଦିଆଗଲା ଟିକା

ଟାଙ୍ଗୀ,୨୮ ।୬(ସମିସ): ଟାଙ୍ଗୀ ବ୍ଲକ୍‌ରେ ଜାତୀୟ ପୋଲିଓ ଟିକାକରଣ ଅଭିଯାନ କାର୍ଯ୍ୟକ୍ରମ ରବିବାର ସଫଳତାର ସହ ସମ୍ପନ୍ନ ହୋଇଛି । ଉକ୍ତ ଅଭିଯାନରେ ଜନ୍ମରୁ ୫ ବର୍ଷ ବୟସର ୧୦,୪୩୩ ଜଣ ଶିଶୁଙ୍କୁ ପୋଲିଓ ଟିକା ଦୁଇବୁନ୍ଦା ଖୁଆଇବାର ଲକ୍ଷ୍ୟ ରଖାଯାଇଥିଲା । ତନ୍ମଧ୍ୟରୁ ବ୍ଲକର ୬୨ଟି କେନ୍ଦ୍ରରେ ୨୪୮ ଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହାୟତାରେ ୯୪୯୧ ଜଣ ଶିଶୁଙ୍କୁ ଟିକାକରଣ କରାଯାଇଥିବା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ସୋମବାର ଓ ମଙ୍ଗଳବାର ଦୁଇଦିନ ମଧ୍ୟରେ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀ ମିଳିତ ଭାବେ ଘରକୁ ଘର ବୁଲି ସର୍ଭେ କରିବେ । ଏହି ସର୍ଭେ ସମୟରେ ଯେଉଁ ଶିଶୁ କୌଣସି କାରଣରୁ ଟୀକାକରଣ କେନ୍ଦ୍ରରୁ ପୋଲିଓ ଟିକା ଗ୍ରହଣରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଚିହ୍ନଟ କରି ପୋଲିଓ ବୁନ୍ଦା ଖୁଆଇବାର ବ୍ୟବସ୍ଥା କରିବେ । ଏହି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା ସତ୍ୟରଂଜନ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ପିଏଚଇଓ ଝୁମାରାଣୀ ଚକ୍ରବର୍ତ୍ତୀ ଓ ବିପିଏମ ଅଂଶୁମାଳି ଦାସଙ୍କ ସୁପରିଚାଳନାରେ ଆୟୋଜିତ ହୋଇଥିଲା ।



## ● ରାମେଶ୍ୱରଚନ୍ଦନପୁର ନୂଆ ଜଗନ୍ନାଥ ସଡ଼କ

# ଶ୍ରୀମୁକୁନ୍ଦପୁରରେ ଟ୍ରାଫିକ୍ ଜାମ୍; ସାଧାରଣରେ ଅସନ୍ତୋଷ

ନିରାକାରପୁର,୨୮ ।୬(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରଚନ୍ଦନପୁର ନୂଆ ଜଗନ୍ନାଥ ସଡ଼କର ଶ୍ରୀମୁକୁନ୍ଦପୁର (ରୋଷଣା)ଠାରେ ଦେଖାଦେଇଥିବା ସଂକୀର୍ଣ୍ଣ ଓ ଅଙ୍କାବଙ୍କା ରାସ୍ତା ଯୋଗୁଁ ନିତିଦିନିଆ ଟ୍ରାଫିକ୍ ଜାମ୍ ଓ ଦୁର୍ଘଟଣା ଜନସାଧାରଣଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟିଛି । ଶ୍ରୀକ୍ଷେତ୍ର ପୁରୀକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କର ଏଭଳି ଦୁରବସ୍ଥା ଯୋଗୁଁ ଯାତ୍ରୀ, ସ୍ଥାନୀୟ ବ୍ୟବସାୟୀ ଓ ନିୟମିତ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ପ୍ରଶାସନିକ ଅବହେଳାକୁ ଦାୟୀ କରି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବଡ଼ପୋଖରିଆ-ମସାକଣି କୋଷ୍ଟାଲ ହାଇୱେ ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ ମିଳିବା ପରେ ଏହି ପୁରୁଣା ରାସ୍ତାର ରକ୍ଷଣାବେକ୍ଷଣ ଓ ପ୍ରଶସ୍ତୀକରଣ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ । ନୂଆ ବୃହତ୍ ପ୍ରକଳ୍ପର ଆଳଦେଖାଇ ଚଳିତ ଜଗନ୍ନାଥ ସଡ଼କକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବା ଭଳି ମନେ ହେଉଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ଶ୍ରୀମୁକୁନ୍ଦପୁର ଅଞ୍ଚଳରେ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହେବା ସହ ଏହାର ଅଙ୍କାବଙ୍କା ଗତି ଯୋଗୁଁ ସାମ୍ନାପଟୁ ଆସୁଥିବା ବଡ଼ ଗାଡ଼ି ପରସ୍ପରକୁ ଅତିକ୍ରମ କରିବା କଷ୍ଟକର ହୋଇପଡୁଛି । ଫଳରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଯାନବାହନ ଅଟକି ରହୁଛି । ରାସ୍ତାର ଏହି ଦୁର୍ବଳ ଭିତ୍ତିଭୂମି ଯୋଗୁଁ ସାଧାରଣ ପରିବହନ ବାଧାପ୍ରାପ୍ତ ହେବା ସହ ଆମ୍ବୁଲାନ୍ସ ଓ ଜରୁରିକାଳୀନ ସେବା ମଧ୍ୟ ପ୍ରଭାବିତ ହେଉଛି । ନୂଆ କୋଷ୍ଟାଲ ହାଇୱେ ନିର୍ମାଣ ହେବାକୁ ଆହୁରି ସମୟ ଲାଗିବାକୁ ଥିବାବେଳେ ବର୍ତ୍ତମାନର ଏହି ବ୍ୟସ୍ତବହୁଳ ସଡ଼କର ଜନସ୍ୱାର୍ଥ ଦୃଷ୍ଟିରୁ ଶ୍ରୀମୁକୁନ୍ଦପୁରଠାରେ ତୁରନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଂଗଠନ ପକ୍ଷରୁ ଦାବି ହୋଇଛି । ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।



# ପୂର୍ବ ସେନାନୀ ସଂଘର ପଞ୍ଚମ ପ୍ରତିଷ୍ଠା ଦିବସ



ଟାଙ୍ଗୀ,୨୮ ।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ କୁହୁଡ଼ି ପଞ୍ଚାୟତରେ ଭାରତୀୟ ପୂର୍ବ ସେନାନୀ ସଂଘ ଚିଲିକା ଶାଖାର ପଞ୍ଚମ ପ୍ରତିଷ୍ଠା ଦିବସ ପୂର୍ବ ସେନାନୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଂଘର ଭାରପ୍ରାପ୍ତ ସଭାପତି ଶ୍ରୀବତ୍ସ ବୈରୀଗଞ୍ଜନ ସଭା ପରିଚାଳନା କରିଥିଲେ । ଯୁବପିଢିଙ୍କୁ ଦିଗଦର୍ଶନ ଦେବା, ସେନାବାହିନୀରେ ନିଜକୁ ସମର୍ପଣ କରିବା, ଅନୁଷ୍ଠାନକୁ ସୁଦୃଢ କରିବା ଓ ଓଡ଼ିଶାରେ ଜାତୀୟସ୍ତରୀୟ କ୍ୟାଣ୍ଟିନ କରିବା ପାଇଁ କେନ୍ଦ୍ରକୁ ସୁପାରିଶ କରିବା ବିଷୟରେ ମନ୍ତବ୍ୟ ରଖିଥିଲେ । ପିଲାମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେବା, ସମାଜର ପଛୁଆବର୍ଗଙ୍କୁ ସହାୟତା କରିବା, ଯୁବକଙ୍କୁ ଅଗ୍ନିବୀରରେ ସାମିଲ ହୋଇ ନିଜ ଦେଶର ଜଣେ ସଚ୍ଚୋଟ ଯୋଦ୍ଧା ହେବା ଓ ଅନୁଷ୍ଠାନକୁ ଆଗକୁ ବଢ଼ାଇବା ପାଇଁ ନିଜକୁ ସମୟ ଦେବା ବୋଲି ସଂଘର ବରିଷ୍ଠ ସଦସ୍ୟ ଶ୍ରୀବତ୍ସ ବୈରୀଗଞ୍ଜନ କହିଥିଲେ । ସହସମ୍ପାଦକ ଶ୍ୟାମନାଥ ପାଇକରାୟ, ଉପସଭାପତି ଜି.ଭି. ରାଜୁ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦାଶ, ଜଳଧର ପ୍ରଧାନ, ଭୁବନେଶ୍ୱର ପାଇକରାୟ, ଯୋଗୀନାଥ ବିଶ୍ୱାଳ ଓ ଅଧିକାରୀ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ ।

# ଶ୍ରୀଅରବିନ୍ଦ ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ

ଚିଲିକା/ବାଲୁଗାଁ,୨୮ ।୬(ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ସୁନାଖଳାଠାରେ ଥିବା ଶ୍ରୀଅରବିନ୍ଦ ଜ୍ଞାନ ମନ୍ଦିରର ୬୪ତମ ବାର୍ଷିକ ଉତ୍ସବ ୨୪ ଓ ୨୫ ତାରିଖ ଦୁଇଦିନ ଧରି ପାଳିତ ହୋଇଯାଇଛି । ପ୍ରଥମ ଦିବସ ପ୍ରାରମ୍ଭରେ ଭାରତର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା । ସାଧକ ପ୍ରଭାତ ନାୟକ ଏହାକୁ ଉତ୍ତୋଳନ କରିଥିଲେ । ପରେ ଜ୍ଞାନମନ୍ଦିର ପରିସରେ ଥିବା ଶ୍ରୀଅରବିନ୍ଦଙ୍କ ରିଲକ୍ସ ସେଣ୍ଟରରେ ଅପାଭାଇଙ୍କ ଦ୍ୱାରା ଧୂପ ଅର୍ପଣ କରିବା ପରେ ସମୂହ ଧ୍ୟାନ ଓ ପ୍ରାର୍ଥନା କରାଯାଇଥିଲା ।



ପୀଠରେ ସମବେତ ଧ୍ୟାନ ଓ ପ୍ରାର୍ଥନା କରାଯିବା ପରେ ଦଳଗତ ଆଲୋଚନା ହୋଇଥିଲା । ଏହାପରେ "ଅସ୍ପୃହା ଓ ଭଗବତ କରୁଣା ଉପରେ ଆଧ୍ୟାତ୍ମିକ ଆଲୋଚନା କରାଯାଇଥିଲା । ଅପରାହ୍ନରେ ସାଂଗଠିକ ଆଲୋଚନାରେ "ଦୈନ୍ୟ ଦିନ ଜୀବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା ଉପରେ ଅପାଭାଇମାନେ ଅଂଶଗ୍ରହଣ କରିଥିଲେ । ରାତ୍ର ଅଧିବେଶନରେ ନାଚୁଣୀ କଲେଜର ପ୍ରାକ୍ତନ ଲାଇବ୍ରେରିଆନ୍ ରାମଚନ୍ଦ୍ର ମାର୍ଥାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ଆଧ୍ୟାତ୍ମିକ ଆଲୋଚନା 'ଚେତନାର ଚିତ୍ରକାର ଶ୍ରୀଅରବିନ୍ଦ'ର ଆଲୋଚକ ଥିଲେ ସାଧକ ପ୍ରଭାତ କୁମାର ନାୟକ, ଜିଲ୍ଲା ସଂଗଠକ ସୁରେନ୍ଦ୍ରନାଥ ଜେନା ଓ ଅଧ୍ୟାପକ ଉତ୍ତମ ପାଇକରାୟ । ଦ୍ୱିତୀୟ ଦିବସର ପ୍ରାତଃ କାଳରେ ସମାଧି "ଦିବ୍ୟ ଉପସ୍ଥିତି' ଉପରେ ଆଧ୍ୟାତ୍ମିକ ଆଲୋଚନା କରାଯାଇଥିଲା । ଏଥିରେ ସାଧକ ପ୍ରଭାତ ନାୟକ, ଅଧ୍ୟାପକ ଉତ୍ତମ ପାଇକରାୟ, ଜିଲ୍ଲା ସଂଗଠକ ସୁରେନ୍ଦ୍ର ଜେନା ଓ ବାଲୁଗାଁସ୍ଥ ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରର ସଂପାଦକ ପ୍ରକାଶ କୁମାରମହାପାତ୍ରଆଲୋଚକଥିଲେ ।ଅଧିବେଶନଶେଷରେ ଭାରତର ଆଧ୍ୟାତ୍ମିକ ପତାକା ଅବତରଣ କରାଯାଇଥିଲା ।

# ଦୋକାନ ଉପରେ ପଡ଼ିଲା ଗଛ ଡାଳ; ବର୍ତ୍ତିଗଲେ ଲୋକେ



ବେଗୁନିଆ,୨୮ ।୬(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମରେ ଶନିବାର ଅପରାହ୍ନରେ ସାପ୍ତାହିକ ପରିବା ହାଟ ଚାଲିଥିବାବେଳେ ଅତର୍କିତ ଭାବେ ଏକ ଆମ୍ବ ଗଛ ଡାଳ ଭାଙ୍ଗି ଦୋକାନ ଉପରେ ପଡ଼ିଯାଇଥିଲା । ଏଥିରେ ଉପସ୍ଥିତ ଥିବା ଲୋକ ଭୟରେ ଜୀବନ ରକ୍ଷା କରିବା ପାଇଁ ଏଣେତେଣେ ଦୌଡ଼ିଥିଲେ । ଏହି ଘଟଣାରେ କୌଣସି ଜନସାଧାରଣଙ୍କ କ୍ଷୟକ୍ଷତି ହୋଇ ନ ଥିବାବେଳେ କେବଳ ତିନୋଟି ଦୋକାନ ଘରର ଆଜବେଷ୍ଟସ ଭାଙ୍ଗି ଚୁରମାର ହୋଇଯାଇଥିବାରୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି ।

# ଟାଙ୍ଗୀରେ ସ୍ୱଚ୍ଛ ଭାରତ ଅଭିଯାନ



ଟାଙ୍ଗୀ,୨୮ ।୬(ସମିସ): ସ୍ୱଚ୍ଛ ଭାରତ ଟାଙ୍ଗୀ ଆନୁକୂଲ୍ୟରେ ଚାନ୍ଦପୁର-ଗୋପବନ୍ଧୁନଗର ମାର୍ଗରେ ଥିବା ଅଳିଆ ଆବର୍ଜନା ସଫେଇ କରାଯାଇଛି । ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସାମିଲ କରି ଏହି ମହତ କାର୍ଯ୍ୟରେ ଅନୁପ୍ରାଣିତ କରିବା ମହତ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଏହି ସଫେଇ କାର୍ଯ୍ୟ ବଳବତ୍ତର ରହିଛି । ଏହି ସଫେଇ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ବରିଷ୍ଠ ଆଡଭୋକେଟ ହେମନ୍ତ ଦାସ, ଟାଙ୍ଗୀ ବ୍ଲକ ସମ୍ବାଦ ପ୍ରତିନିଧି ମନୋଜ କୁମାର ପଟ୍ଟନାୟକ, ସାଥି ପ୍ରକାଶ କୁମାର ସେଠୀ, ଦେବାଶିଷ ସାହୁ, ପାର୍ଥସାରଥୀ ପ୍ରଧାନ, ସୁଶାନ୍ତ ପରିଡ଼ା, ଛାତ୍ର ଅଦବେବ ବେଦ ପ୍ରଧାନ ସାମିଲ ଥିଲେ ।

# ୬୨ଟି ବୁଥ୍‌ରେ ୭୩୪୧ ଶିଶୁ ଖାଇଲେ ପୋଲିଓ ବୁନ୍ଦା



ବେଗୁନିଆ, ୨୮ ।୬(ସମିସ): ବେଗୁନିଆ ବ୍ଲକରେ ୬୨ଟି ବୁଥରେ ପ୍ରଥମ ଦିନ ୭୩୪୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି । ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବିଡିଓ କଳ୍ପନା ସାସମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡଃ ଦେବାଶିଷ ଆଚାର୍ଯ୍ୟ ଉପସ୍ଥିତ ରହି ଆୟୋଜିତ ପୋଲିଓ କେନ୍ଦ୍ରକୁ ଉଦଘାଟନ କରିଥିଲେ । ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଭାସିନୀ ପଣ୍ଡା, ବିପିଏମ ଅତସୀ ମହାନ୍ତି, ଆୟୁଷ ଡାକ୍ତର ବିଷ୍ଣୁପ୍ରିୟା ସାହୁ ଓ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମଧୁସୂଦନ ସୁବୁଦ୍ଧି ଅଂଶଗ୍ରହଣ କରି ତଦାରଖ କରିଥିଲେ । ବ୍ଲକରେ ଜନ୍ମରୁ ୫ ବର୍ଷର ମୋଟ ୭୫୦୩ ଜଣ ଶିଶୁ ପୋଲିଓ ବୁନ୍ଦା ନେବାକୁ ଯୋଗ୍ୟ ବିବେଚିତ ହୋଇଥିବାରୁ ପ୍ରଥମ ଦିନ ବାଦ୍ ପଡିଥିବା ଅନ୍ୟ ଶିଶୁଙ୍କୁ ଦ୍ୱିତୀୟ ଓ ତୃତୀୟ ଦିନ ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଖୁଆଇବେ ବୋଲି ଡାକ୍ତର ଆଚାର୍ଯ୍ୟ କହିଛନ୍ତି ।

## ଲୋକେଶ୍ୱରଦେବ-ଅଙ୍ଗନବାଡ଼ି କେନ୍ଦ୍ର ରାସ୍ତା ଶୋଚନୀୟ

# ସାମାନ୍ୟ ବର୍ଷାରେ ଲହଡ଼ି ମାରୁଛି ପାଣି; ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକ

ଖୋର୍ଦ୍ଧା,୨୮ ।୬(ସମିସ): ବିକାଶର ବଡ ବଡ ଦାବି ମଧ୍ୟରେ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧୀନସ୍ଥ ପଲ୍ଲା–ତୋଟାପଡ଼ା ପଞ୍ଚାୟତର ୧୪ନଂ ୱାର୍ଡ ବାସିନ୍ଦା । ସମସ୍ୟାରେ ଜର୍ଜରିତ ଏହି ୱାର୍ଡ ବାସିନ୍ଦା । ଲୋକେଶ୍ୱରଦେବଙ୍କ ମନ୍ଦିର ଠାରୁ ଅଙ୍ଗନବାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତାଟି ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ନିର୍ମାଣ କିମ୍ବା ମରାମତି ହୋଇ ନ ଥିବାରୁ ଏହାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ସାମାନ୍ୟ ବର୍ଷାରେ ରାସ୍ତାରେ ଲହଡ଼ି ମାରୁଛି ପାଣି । ଫଳରେ ୱାର୍ଡବାସୀ ଦୀର୍ଘଦିନ ଧରି ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।


ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବର୍ଷ ବର୍ଷ ଧରି ରାସ୍ତାର ରକ୍ଷଣାବେକ୍ଷଣ କରାଯାଇନାହିଁ । ଫଳରେ ସାମାନ୍ୟ ବର୍ଷା ହେଲେ ମଧ୍ୟ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ପ୍ରବାହିତ ହେଉଛି । ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହେଉଛି । ଏହି ରାସ୍ତା ଦେଇ ପ୍ରତିଦିନ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବା ଛୋଟ ଛୋଟ ଶିଶୁ, ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ, ମହିଳା, ବୃଦ୍ଧ ଓ ସାଧାରଣ ଲୋକ ଯାତାୟାତ କରିଥା'ନ୍ତି । କିନ୍ତୁ ବର୍ଷା ଦିନରେ ରାସ୍ତା ପୋଖରୀର ଭ୍ରମ ସୃଷ୍ଟି କରୁଥିବାରୁ ପିଲାଙ୍କୁ ପାଣି ଭିତରେ ପଶି ବିଦ୍ୟାଳୟ ଓ ଅଙ୍ଗନବାଡ଼ିକୁ ଯିବାକୁ ପଡୁଛି । ଅନେକ ସମୟରେ ଛୋଟ ପିଲା ଖାଲରେ ପଡ଼ି ଆହତ ହେଉଥିବା ମଧ୍ୟ ଅଭିଯୋଗ ରହିଛି । ଅଭିଭାବକମାନେ ନିଜ ପିଲାଙ୍କ ସୁରକ୍ଷାକୁ ନେଇ ସର୍ବଦା ଚିନ୍ତାରେ ରହୁଛନ୍ତି । ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ କରିବା ବିପଦଜନକ ହୋଇପଡ଼ିଛି । ବର୍ଷା ସମୟରେ ଏହି ଗାତ ପାଣିରେ ଲୁଚି ରହୁଥିବାରୁ ଦୁର୍ଘଟଣାର ଆଶଙ୍କା ଅଧିକ ବଢ଼ିଯାଉଛି । ଅସୁସ୍ଥ ବ୍ୟକ୍ତିଙ୍କୁ ହସ୍ପିଟାଲ ନେବା କିମ୍ବା ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ଯିବା ମଧ୍ୟ କଷ୍ଟକର ହେଉଥିବା ସ୍ଥାନୀୟ ଲୋକ କହିଛନ୍ତି । କେବଳ ରାସ୍ତା ନୁହେଁ, ଏହି ଅଞ୍ଚଳର ଆଲୋକ ବ୍ୟବସ୍ଥା ମଧ୍ୟ ଅତ୍ୟନ୍ତ ବେହାଲ । ପଞ୍ଚାୟତ ପକ୍ଷରୁ କେତେକ ବିଦ୍ୟୁତ ଖୁଣ୍ଟରେ ଷ୍ଟ୍ରିଟଲାଇଟ୍ ଲଗାଯାଇଥିଲେ ମଧ୍ୟ ସେଥିରୁ ଅଧାରୁ ଅଧିକ ଲାଇଟ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି । ସନ୍ଧ୍ୟା ହେଲେ ସମଗ୍ର ରାସ୍ତା ଅନ୍ଧକାରରେ ବୁଡ଼ି ରହୁଛି । ଫଳରେ ମହିଳା, ବୃଦ୍ଧ ଓ ଛାତ୍ରଛାତ୍ରୀ ରାତିରେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଅନ୍ଧାର ସହ ଖରାପ ରାସ୍ତା ଯୋଗୁଁ ଯେକୌଣସି ସମୟରେ ଅଘଟଣ ଘଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।



ଅନ୍ୟପକ୍ଷରେ ରାସ୍ତା ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷାରେ ମଧ୍ୟ ପାଣି ରାସ୍ତା ଉପରେ ଜମି ରହୁଛି । ଦୀର୍ଘ ସମୟ ଧରି ପାଣି ଜମି ରହିବା ଫଳରେ ରାସ୍ତା ଅଧିକ କ୍ଷତିଗ୍ରସ୍ତ ହେବା ସହ ମଶା ଓ ବିଭିନ୍ନ ରୋଗର ପ୍ରକୋପ ବୃଦ୍ଧି ପାଇବାର ଆଶଙ୍କା ମଧ୍ୟ ଦେଖାଦେଇଛି । ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏହି ସମସ୍ୟା ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବହୁବାର ଜଣାଯାଇଛି । ମୌଖିକ ଓ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ । ଜନପ୍ରତିନିଧି ଓ ପ୍ରଶାସନ ପରସ୍ପର ଉପରେ ଦାୟିତ୍ୱ ଠେଲୁଥିବାବେଳେ ସାଧାରଣ ଲୋକ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏହି ପରିସ୍ଥିତିକୁ ନେଇ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ତୁରନ୍ତ ଉକ୍ତ ରାସ୍ତାର ନିର୍ମାଣ, ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା, ଅଚଳ ଷ୍ଟ୍ରିଟ୍‌ଲାଇଟ ମରାମତି ସହିତ ଅଧିକ ସଂଖ୍ୟାରେ ଷ୍ଟ୍ରିଟଲାଇଟ ଲଗାଇବା ଓ ଅଞ୍ଚଳର ସାମଗ୍ରିକ ଭିତ୍ତିଭୂମି ବିକାଶ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି ।

୨୮/୬/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୨,୪୮,୯୧୧/-
ସୁନା:୧୯.୨୦୦ ଗ୍ରାମ୍
ରୁପା: ୩୧.୪୦୦ ଗ୍ରାମ୍





# ଆଜି ହାତୀବେଶ ଧାରଣ କରିବେ ମହାପ୍ରଭୁ






ପୁରୀ, ୨୮।୬ (ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ହାତୀବେଶ (ଗଜାନନ ବେଶ) ଧାରଣ କରିବେ ମହାପ୍ରଭୁ। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଏହି ବେଶ ନିର୍ମାଣ ରବିବାର ଶେଷ ହୋଇଛି। ସୋମବାର କାହାଳୀ, ଘଣ୍ଟ ଆଦି ବାଜି ଶ୍ରୀମନ୍ଦିରକୁ ଯିବ ଏହି ବେଶ। ସ୍ନାନ ଓ ଛେରାପହଁରା ନୀତି ସମ୍ପନ୍ନ ପରେ ହାତୀବେଶ ଧାରଣ କରିବେ ମହାପ୍ରଭୁ।

ରାଘବ ଦାସ ମଠ ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରାଙ୍କ ପାଇଁ ଏବଂ ଗୋପାଳତୀର୍ଥ ମଠ ଶ୍ରୀବଳଭଦ୍ର ଓ ଶ୍ରୀସୁଦର୍ଶନଙ୍କ ପାଇଁ ହାତୀବେଶ ଯୋଗାଇ ଆସୁଛନ୍ତି। ଶ୍ରୀବଳଭଦ୍ର ଧଳାହାତୀ ବେଶ ଏବଂ ଶ୍ରୀଜଗନ୍ନାଥ କଳାହାତୀ ବେଶ ଧାରଣ କରିଥା'ନ୍ତି। ବେଶ ପ୍ରସ୍ତୁତି ସମ୍ପର୍କରେ ଶିଳ୍ପୀ ବସନ୍ତ ରଣା କୁହନ୍ତି, ହାଣ୍ଡିଆ, ତରାଶ, ଆଡ଼କାନି, ଚନ୍ଦ୍ରସୂର୍ଯ୍ୟ, ଦୁଇଟି କାନ, ଥୋଡ଼, ଅଧର, ଦୁଇଟି ଦାନ୍ତ, ଚିତା, ନାକଚଣା ଏବଂ ତିଳକ ଆଦି ଲଗାଯାଇ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ବେଶ ହୋଇଥାଏ। ସେହିପରି ତରାଶ, ଛତି, ତଡ଼କି, ଚିତା ଓ ନାକଚଣା ଆଦି ଆଭୂଷଣ ସୁଭଦ୍ରାଙ୍କୁ ଲଗି ହେଉଥିବା ବେଳେ ସୁଦର୍ଶନଙ୍କୁ ଫୁଲତୁଳ ଓ ନୀଳଚକ୍ର ଆଦି ଲାଗିଥାଏ। କନା, ଭେଲ୍‌ଭେଟ କନା, କଟକ କନା, ଜରି, ଶୋଲ, କଦଳୀ ପଟୁକା ଓ କଇଁଥ ଅଠା ଆଦି ବ୍ୟବହାର କରି ଏହି ବେଶ ପ୍ରସ୍ତୁତ ହୋଇଥାଏ। ବେଶ ପ୍ରସ୍ତୁତି ଲାଗି ଧଳା, କଳା, ନାଲି, ହଳଦିଆ ଏବଂ ନେଳି ରଙ୍ଗର ପ୍ରାୟ ୨୦ରୁ ୩୦ ମିଟର କନା ଆବଶ୍ୟକ ହୋଇଥାଏ। ପ୍ରଥମେ କଦଳୀ ପଟୁକାରେ ଫ୍ରେମ୍ ତିଆରି ହୋଇ ତା'ପରେ କଳା, ଜରି, ଭେଲ୍‌ଭେଟ ଓ ଅନ୍ୟାନ୍ୟ ସାଜସଜ୍ଜା କରାଯାଇଥାଏ। ଦରଜି, ଚିତ୍ରକର, ଶୋଲ କାରିଗର ମିଶି ଏହି ବେଶ ପ୍ରସ୍ତୁତ କରିଛନ୍ତି। ହାତୀବେଶ ରଖାଯିବା ନିମନ୍ତେ ବାଉଁଶ ପାତିଆରେ ସ୍ୱତନ୍ତ୍ର ଧରଣର ଟାଟ ପ୍ରସ୍ତୁତ ହୋଇଥାଏ। ବେଶ ସମ୍ପୂର୍ଣ୍ଣ ହେବା ପରେ ସ୍ନାନ ପୂର୍ଣ୍ଣିମା ଦିନ ଟାଟ ଧୂଆଯାଇ ସଂସ୍କାର କରାଯାଇଥାଏ। ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, କାହାଳୀ, ବଜନ୍ତରୀ ମଠରେ ପହଞ୍ଚିବା ପରେ ଟାଟରେ ବେଶ ରଖାଯାଇ ପଣାଭୋଗ ହୋଇଥାଏ। ପରେ ଏହା ଶ୍ରୀମନ୍ଦିରକୁ ଯାଇଥାଏ।

### ଭକ୍ତର ଇଚ୍ଛା ପୂରଣ ପାଇଁ ହାତୀବେଶ

ମହାପ୍ରଭୁ ହାତୀବେଶ ଧାରଣ କରିବା ପଛରେ ଏକ ଜନଶ୍ରୁତି ରହିଛି। ଦାକ୍ଷିଣାତ୍ୟର ଗଣପତି ଭଟ୍ଟ ନାମକ ଜଣେ ଗଣେଶ ଭକ୍ତ ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀକ୍ଷେତ୍ରକୁ ଆସିଥିଲେ। ସେ ଗଣପତିଙ୍କ ବ୍ୟତୀତ ଅନ୍ୟ କୌଣସି ଦେବତାଙ୍କୁ ଉପାସନା କରୁ ନ ଥିଲେ। ସେ ଗଣେଶଙ୍କୁ ହିଁ ପରଂବ୍ରହ୍ମ ବୋଲି ବିଶ୍ୱାସ କରୁଥିଲେ। ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନ ବେଦୀରେ ସେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ। କିନ୍ତୁ ଗଣପତିଙ୍କୁ ନ ପାଇ ଅଭିମାନରେ ଫେରିଯାଉଥିଲେ। ଭକ୍ତର ମନକଥା ଜାଣି ମୁଦିରଥଙ୍କୁ ମହାପ୍ରଭୁ ସ୍ୱପ୍ନାଦେଶ କଲେ। ଅଧା ରାସ୍ତାରୁ ଗଣପତି ଭଟ୍ଟଙ୍କୁ ଫେରାଇ ଆଣିବା ସହିତ ପୁନଃ ଦର୍ଶନ ନିମନ୍ତେ ମୁଦିରଥଙ୍କୁ ସ୍ୱପ୍ନରେ କହିଲେ। ଗଣପତି ଫେରିଆସି ସ୍ନାନ ବେଦୀ ଉପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ। ଦର୍ଶନ କରିବା ସମୟରେ ମହାପ୍ରଭୁ ଗଣେଶ ରୂପରେ ପ୍ରତୀୟମାନ ହୋଇଥିଲେ। ସେହି ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ସ୍ନାନ ଯାତ୍ରାରେ ସ୍ନାନ ବେଦୀରେ ମହାପ୍ରଭୁ ହାତୀବେଶ ବା ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ବୋଲି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି।

## ରଥଖଳାରୁ... ମୁଖ ସାଲ କାର୍ଯ୍ୟ ଆରମ୍ଭ



ପୁରୀ,୨୮।୬(ସମିସ): ମହାପ୍ରଭୁଙ୍କ ରଥ ନିର୍ମାଣ ୬୯ତମ ଦିବସରେ ପହଞ୍ଚିଛି। ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ରବିବାର ତିନିରଥର ସିଂହାସନ ବେଦୀ ଉପରେ ପ୍ରଥମ ଭୂଇଁ ଉପର ମଧ୍ୟଭାଗରେ କନକ ମୁଣ୍ଡି ବସି କନକ ମୁଣ୍ଡିରୁ ୪ଟି ଲେଖାଏଁ କାଣ୍ଡ ଏବଂ ୨୦ଟି ରୁଅ ଗମ୍ବୁଜକାର ଭାବେ ସେଟିଙ୍ଗ୍ କରାଯାଇଛି। ରଥ ଉପରକୁ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ହୋଇ ରଥ ଉପରକୁ ଉଠିବା ପାଇଁ ତାଳ ମାଳଗୁଡ଼ିକର ମାପ ପ୍ରକାରେ ମୁଖ ସାଲ କାର୍ଯ୍ୟ ଆରମ୍ଭ ହୋଇଛି।



ନନ୍ଦିଘୋଷ ରଥ ଏବଂ ତାଳଧ୍ୱଜ ରଥର ୬ଟି ଲେଖାଏଁ ଏବଂ ଦର୍ପଦଳନ ରଥର ୪ଟି ତାଳ ମାଳର ମୁଖ ସାଲ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ତିନିରଥର ନୂତନ ଗୋଟିଏ ଗୋଟିଏ ଶାଳ କାଠର ବ୍ରେକ୍ ଶାଳ କାଠକୁ ମାପ ପ୍ରକାରେ ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ପ୍ରଭାରେ ରୂପ ଖୋଦେଇ ଶେଷ ହୋଇଥିବା ଅଂଶଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ତିନିରଥର ପାଶ୍ୱର୍ ଦେବଦେବୀ ପ୍ରତିମାଗୁଡ଼ିକର ରଙ୍ଗ କାର୍ଯ୍ୟ ସହ କନ୍ୟା ପଟା, ତିନିରଥର ୨୪ଟି ନାଟ ଗୋଡ଼ରେ ରଙ୍ଗକାର୍ଯ୍ୟ ଏବଂ ତିନିରଥର ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ ସହ ତିନିରଥର ସାରଥୀ ଏବଂ ଘୋଡ଼ାଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଓଝା ସେବକମାନେ ତିନିରଥର ଧ୍ୱଜ ବତା କଣ୍ଟା, କଳସ ପାଇଁ ଫାନ୍ଦ କଣ୍ଟା ନିର୍ମାଣ ଶେଷ କରି ତିନିରଥର ନୂତନ ବ୍ରେକ୍ ପାଇଁ ୬ଟି ଲେଖାଏଁ ବ୍ରେକ୍ ବଳା ନିର୍ମାଣ ଜାରି ରଖିଛନ୍ତି।

## ଆଜି ପୁରୀର ସବୁ ସ୍କୁଲ ବନ୍ଦ

ପୁରୀ,୨୮।୬(ସମିସ): ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ଏହି ଅବସରରେ ପୁରୀରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ପ୍ରଶାସନ ଏକ ବଡ଼ ନିଷ୍ପତ୍ତି ନେଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପୁରୀ ମ୍ୟୁନିସିପାଲ୍ କର୍ପୋରେସନ ଅଞ୍ଚଳର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ବିଦ୍ୟାଳୟ, ଯେଉଁଠି ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଛି ତାହା ସମ୍ପୂର୍ଣ୍ଣ ବନ୍ଦ ରହିବ। ଏହାବ୍ୟତୀତ ମଦର୍ସ ପବ୍ଲିକ୍ ସ୍କୁଲ ଗୋରୁଆଳ, ପ୍ରଭୁଶ୍ରୀ ଇଂଲିଶ ମିଡିୟମ ସ୍କୁଲ ମାଳତୀପାଟପୁର ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୁରୀ ସଦର ମଧ୍ୟ ବନ୍ଦ ରହିବ। ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ବଡ଼ଦାଣ୍ଡରେ ପ୍ରବଳ ଜନସମାଗମ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ଯାତାୟାତରେ ଅସୁବିଧା ହେବା ସମ୍ଭାବନା ରହିଛି।

## ପୁଲିସ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ
## ସୁରକ୍ଷା, ଶୃଙ୍ଖଳା ପୁଲିସ ଓ ପ୍ରଶାସନର ଗୁରୁଦାୟିତ୍ୱ

ପୁରୀ,୨୮।୬(ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଜନଗହଳିକୁ ନିୟନ୍ତ୍ରଣ କରିବା ସବୁଠାରୁ ବଡ଼ ଆହ୍ୱାନ। ତେବେ ମହାପ୍ରଭୁଙ୍କ ପ୍ରତି ସମର୍ପିତ ହୋଇ, ତାଙ୍କ ଆଶୀର୍ବାଦ ନେଇ, ପାରସ୍ପରିକ ସମନ୍ୱୟ ମାଧ୍ୟମରେ ଏହା ଆମେ ଭଲରେ ନିୟନ୍ତ୍ରଣ କରିପାରିବା ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ। ରବିବାର ସଂସ୍କୃତି ଭବନଠାରେ ଆଗାମୀ ରଥଯାତ୍ରା ଓ ସ୍ନାନଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ପୁଲିସ ମାଜିଷ୍ଟ୍ରେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ସମସ୍ତ ଅଧିକାରୀ, କର୍ମଚାରୀ ରଥଯାତ୍ରା, ସ୍ନାନଯାତ୍ରା ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ମହାପ୍ରଭୁଙ୍କ ପ୍ରତି ସେବା। ତେଣୁ ମହାପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଇତ୍ୟାଦିକୁ ସୁଚାରୁ ରୂପେ ସମ୍ପନ୍ନ ପାଇଁ ପରାମର୍ଶ ଦେଇଥିଲେ।

ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଚଳିତ ରଥଯାତ୍ରା ଓ ସ୍ନାନଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୁଲିସ ଓ ପ୍ରଶାସନ ପାଇଁ ଗୁରୁଦାୟିତ୍ୱ ବୋଲି କହିଥିଲେ। ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁମାନଙ୍କୁ ସୁବିଧା ଓ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଏସ୍‌ପି ପ୍ରତୀକ୍ ସିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ନିଜର ଦାୟିତ୍ୱକୁ ସଠିକ୍ ଭାବେ ବୁଝି ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନମାନଙ୍କରେ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ପୁରୀ ମହାନଗର ନିଗମର କମିସନର ସ୍ନେହା ଅରୁଗୁଳା ରଥଯାତ୍ରା ଓ ସ୍ନାନଯାତ୍ରା ସମୟରେ ମହାନଗର ନିଗମ ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା, ଶୌଚାଳୟ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମନ୍ୱୟ ବୈଠକରେ ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ମହାପ୍ରଭୁଙ୍କ ଆଗପଛରେ ରହେ ଭୋଗ

ପୁରୀ, ୨୮।୬ (ସମିସ): ଜ୍ୟେଷ୍ଠ ପୂର୍ଣ୍ଣିମା ତିଥି ହେଉଛି ମହାପ୍ରଭୁଙ୍କ ଆବିର୍ଭାବ ଦିବସ। ଏହିଦିନ ମହାପ୍ରଭୁ ବାହାର ବେଢ଼ାରେ ଏକ କାଠ ମଣ୍ଡପ ଉପରୁ ପ୍ରଥମକରି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଭକ୍ତଙ୍କୁ ସମସ୍ତ ନୀତିକାନ୍ତି ଦେଖାଇବା ଲାଗି ମଙ୍ଗଳ ଆଳତିଠାରୁ ସବୁ ନୀତି ସର୍ବସମ୍ମୁଖରେ କରାଯାଇଥିଲା। ଏହିଦିନ ସ୍ନାନ ସରିବା ପରେ ମହାପ୍ରଭୁ ଭକ୍ତ ଗଣପତି ଭଟ୍ଟର ଇଚ୍ଛା ପୂରଣ ନିମନ୍ତେ ଗଜାନନ ବେଶ ହୋଇଥିଲେ। ଏହି ବେଶରେ ଥୋଡ଼ପାଡ଼ ବୁଲାଇ ଆଗପଛ ଭାଗରେ ଥିବା ସମସ୍ତ ଭୋଗ ଗ୍ରହଣ କରିଥିବା ଜନଶ୍ରୁତି ରହିଛି। ଏହି ଗୋଟିଏ ଦିନ କେବଳ ଥରେ ଭୋଗ ହୁଏ। ଏହି ଦିନ ସମସ୍ତ ଭୋଗକୁ ଘଣ୍ଟ, ଛତା, କାହାଳୀ ପଟୁଆରରେ ରୋଷଶାଳାରୁ ସ୍ନାନମଣ୍ଡପକୁ ଅଣାଯାଇଥାଏ। ଏହାକୁ ଘଣ୍ଟଛତା ସକାଳ ଭୋଗ କୁହାଯାଇଥାଏ। ଦୈନିକ ଭୋଗ ଛଡ଼ା ସ୍ନାନ ପୂର୍ଣ୍ଣିମାରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥାଏ। ଏହି ସ୍ୱତନ୍ତ୍ର ଭୋଗ ହେଲା ବିରିନାଡ଼ି, ଧଉଳା, ଖଇରଚୂଳ, ଚାଉଳ ଚୁନା ଆରିସା, ସାନ ବିରିପିଠା, ବଡ଼ ହଂସକେଳି, ସାନକାନ୍ତି, ବଡ଼ ଓ ସାନ ବଡ଼ା, ଘିନାଡ଼ି, କାକରା, ଓରିଆ, ଖିରି, ମୁଗ, କଦଳୀ ତରିଆ ଇତ୍ୟାଦି।



ଅନ୍ତିମ ପର୍ଯ୍ୟାୟରେ ପଟିଦିଅଁ



ଶ୍ରୀମନ୍ଦିରରେ ଥିବା ସୁନା କୂଅକୁ ସଫା କରୁଛନ୍ତି ସେବାୟତ

## ଏଥର ସ୍ନାନମଣ୍ଡପରେ ଦର୍ଶନ କରିବେନି ଶଙ୍କରାଚାର୍ଯ୍ୟ

ପୁରୀ,୨୮।୬(ସମିସ): ଏଥର ସ୍ନାନମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ନାହିଁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଗୋବର୍ଦ୍ଧନ ମଠ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଧର୍ମୀୟ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଜଗତ୍‌ଗୁରୁ ଏବେ ରାଜ୍ୟ ବାହାରେ ଅଛନ୍ତି। ତେଣୁ ପୁରୀରେ ନ ଥିବାରୁ ସେ ସ୍ନାନମଣ୍ଡପରେ ଠାକୁରଙ୍କୁ ଦର୍ଶନ କରିପାରିବେ ନାହିଁ। କିନ୍ତୁ ଗୁଣ୍ଡିଚା ଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ବୋଲି ଜଣାପଡ଼ିଛି। ସୂଚନାଥାଉ କି, ପୂର୍ବରୁ ଶଙ୍କରାଚାର୍ଯ୍ୟ ସ୍ନାନ ମଣ୍ଡପକୁ ଆସି ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରୁ ନ ଥିଲେ। ୨୦୧୫ ନବକଳେବର ରଥଯାତ୍ରାରେ ପ୍ରଥମ କରି ସ୍ନାନବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ୨୦୧୬ରେ ମଧ୍ୟ ଶଙ୍କରାଚାର୍ଯ୍ୟ ସ୍ନାନବେଦୀରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିଥିଲେ। ୨୦୧୭, ୨୦୧୮ ଏବଂ ୨୦୧୯ରେ ରାଜ୍ୟ ବାହାରେ ଥିବାବେଳେ ୨୦୨୦ ଏବଂ ୨୦୨୧ରେ କଟକଣାଯୁକ୍ତ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ମାତ୍ର ୨୦୨୨, ୨୦୨୩, ୨୦୨୪, ୨୦୨୫ ଭଳି ଏଥର ରାଜ୍ୟ ବାହାରେ ଥିବାରୁ ଶଙ୍କରାଚାର୍ଯ୍ୟ ସ୍ନାନମଣ୍ଡପରେ ଦର୍ଶନ କରିପାରିବେ ନାହିଁ ବୋଲି ଜଣାପଡ଼ିଛି।

### ସ୍ନାନଯାତ୍ରା ବ୍ୟବସ୍ଥାବଳୀ
## ବିଶୃଙ୍ଖଳା କଲେ କାର୍ଯ୍ୟାନୁଷ୍ଠାନ

ପୁରୀ,୨୮।୬(ସମିସ): ସୋମବାର ଦେବସ୍ନାନ ପୂର୍ଣ୍ଣିମା। ରତ୍ନବେଦୀରୁ ସ୍ନାନବେଦୀକୁ ଓହ୍ଲାଇ ଆସିବେ ମହାପ୍ରଭୁ। ନୀତିକାନ୍ତି ଏବଂ ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ରହିବ ସେଥିପାଇଁ ପ୍ରତିବର୍ଷ ଭଳି ବ୍ୟବସ୍ଥାବଳୀ ପ୍ରସ୍ତୁତ ହୋଇଛି। ଏହାକୁ ଯେଉଁମାନେ ନ ମାନିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ନାନଯାତ୍ରା ବ୍ୟବସ୍ଥାବଳୀ ଅନୁଯାୟୀ, ଶ୍ରୀଜୀଉମାନେ ମନ୍ଦିର ଗର୍ଭଗୃହ ବାହାରକୁ ବିଜେ କଲାବେଳେ ଧାଡ଼ି ପହଣ୍ଡି କରାଯିବ। ସ୍ୱତ୍ତ୍ୱଲିପି ମୁତାବକ ପହଣ୍ଡି ସମୟରେ କର୍ଡନ ଭିତରେ ଦଇତାପତିଙ୍କ ସହ କେବଳ ଆବଶ୍ୟକ ସଂଖ୍ୟକ ପ୍ରାଧିକୃତ ପହଣ୍ଡି ବିଜେ ସମ୍ପୃକ୍ତ ସେବକ ରହିବେ। ପହଣ୍ଡି ବିଜେ ସମୟରେ ଶ୍ରୀମନ୍ଦିର ପରିସରରେ ନୃତ୍ୟ ପ୍ରଦର୍ଶନ ନିଷେଧ। ଦର୍ଶନାର୍ଥୀମାନେ ପହଣ୍ଡି ସମୟରେ ଟାହିଆମଣ୍ଡିତ ଠାକୁରଙ୍କର ଯେପରି ଦର୍ଶନ ପାଇବେ ସେଥିପ୍ରତି ସମସ୍ତ ଦଇତାପତି ସେବକ ଧ୍ୟାନ ଦେବେ। ଟାହିଆର ସୁରକ୍ଷା ପ୍ରତି ସେମାନେ ଯତ୍ନବାନ ହେବେ। ପହଣ୍ଡି ବିଜେ ସମୟରେ ଦର୍ଶନାର୍ଥୀ ଯେପରି ଠାକୁରଙ୍କୁ ସ୍ପର୍ଶ ନ କରନ୍ତି ସେଥିପ୍ରତି ନଜର ରଖିବେ। ପହଣ୍ଡି ସମୟରେ ସୀମିତ ସଂଖ୍ୟକ ଘଣ୍ଟୁଆ ସ୍ନାନ ମଣ୍ଡପ ଉପରକୁ ଯିବେ। ଠାକୁରଙ୍କ ରୁନ୍ଧା ବଢ଼ିବା ପରେ ଦାରୁବିଗ୍ରହଙ୍କ ସମ୍ମୁଖରେ କେହି ଆଡ଼ କରି ଠିଆ ହେବେ ନାହିଁ। ଶ୍ରୀବିଗ୍ରହମାନଙ୍କ ଶ୍ରୀଭୁଜ ଭିତରେ କିମ୍ବା କୌଣସି ଅଙ୍ଗରେ ଭାରାଦେଇ ଛିଡ଼ା ହେବେ ନାହିଁ। ଭୁଜ ବାହାରେ ଦୁଇ ପାଶ୍ୱର୍ରେ ଦଇତାପତି ସେବକମାନେ ରହିପାରିବେ। ସ୍ନାନଜଳ ପୂଜା ବସିବା ସମୟରେ ଏବଂ ଜଳଲାଗି ସମୟରେ ଗରାବଡୁ ସେବକଙ୍କ ବ୍ୟତୀତ ଅନ୍ୟ ସେବକମାନେ ଜଳଗଡୁ ସ୍ପର୍ଶ କରିପାରିବେ ନାହିଁ। ଜଳଲାଗି ଆରମ୍ଭ ହେଲେ ପ୍ରତି ବାଡ଼ ପାଇଁ ପର୍ଯ୍ୟାୟକ୍ରମେ ଗରାବଡୁ ସେବକମାନେ ଜଳଗଡୁ ନେଇ ମେକାପ ଧରିଥିବା ରୁପା ପିଙ୍ଗଣରେ ଢାଳିବା ପରେ ସେମାନେ ସ୍ନାନମଣ୍ଡପ ତଳକୁ ଚାଲିଆସିବେ। ମଣ୍ଡପର ଦକ୍ଷିଣ ପାର୍ଶ୍ୱ ସିଡ଼ି ନିକଟରେ ଶ୍ରୀମନ୍ଦିର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବେ। ସ୍ନାନ ମଣ୍ଡପରେ ସାହାଣମେଲା ଶେଷ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଗଜାନନ ବେଶ ଅକ୍ଷତ ଅବସ୍ଥାରେ ରହିବ। ଦଇତାପତି ନିଯୋଗକୁ ଏହି ଦାୟିତ୍ୱ ଦିଆଯାଇଛି। ବ୍ୟବସ୍ଥାବଳୀ ବ୍ୟତକ୍ରମ କରିଥିବା କିମ୍ବା ପୂଜାବିଧିରେ ବିଘ୍ନ ଘଟାଇବା ତଥା ଅସମ୍ମାନ ସୂଚକ କାର୍ଯ୍ୟ କରିବା ଇତ୍ୟାଦି ଦୃଷ୍ଟିକୁ ଆସିଲେ ସମ୍ପୃକ୍ତ ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଦିଆଯାଇଛି।

## ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼



ବ୍ୟାରିକେଡ୍ ଡେଇଁ ପଶିଲେ ଭକ୍ତ

ପୁରୀ,୨୮।୬(ସମିସ): ସୋମବାର ସ୍ନାନ ପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିବେ ମହାପ୍ରଭୁ। ଆରମ୍ଭ ହେବ ଅଣସର। ୧୫ ଦିନ ଧରି ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ମିଳିବ ନାହିଁ। ତେଣୁ ରଥଯାତ୍ରା ପୂର୍ବରୁ ରବିବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଲମ୍ବା ଧାଡ଼ିରେ ଦୀର୍ଘ ସମୟ ଅପେକ୍ଷା ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଚାପି ହୋଇଯିବା ଫଳରେ ୩ ଜଣ ସଂଜ୍ଞାହୀନ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବରିଷ୍ଠ ନାଗରିକ ଅଧିକ ଅସୁସ୍ଥ ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱତନ୍ତ୍ର ନୀତିକାନ୍ତି ପାଇଁ ଶନିବାର ରାତି ସାଢ଼େ ୧୦ରୁ ରବିବାର ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ତେବେ ଭକ୍ତମାନେ ଲମ୍ବା ଲାଇନ୍‌ରେ ଦୀର୍ଘ ସମୟ ଛିଡ଼ା ହୋଇଥିଲେ। ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁଁ ବୟସ୍କ ଓ ଛୋଟ ପିଲା ହନ୍ତସନ୍ତ ହୋଇଥିଲେ। ତେବେ ଅପରାହ୍ଣରେ ପଶ୍ଚିମ ଦ୍ୱାରରେ ବ୍ୟାରିକେଡ୍ ଡେଇଁ କିଛି ଭକ୍ତ ମନ୍ଦିର ଭିତରକୁ ପଶିଥିଲେ। ଦର୍ଶନ ବନ୍ଦ ଥିଲେ ମଧ୍ୟ ସକାଳୁ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ସମ୍ମୁଖରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଦର୍ଶନ ଖୋଲିବା ପୂର୍ବରୁ ହିଁ ହଜାର ହଜାର ଶ୍ରଦ୍ଧାଳୁ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିଲେ। ଦ୍ୱାର ଖୋଲିବା ମାତ୍ରେ ଭକ୍ତମାନେ ଅତ୍ୟନ୍ତ ବ୍ୟାକୁଳ ହୋଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଅନେକ ଭକ୍ତ ଧାଡ଼ିରେ ରହିବା ପରିବର୍ତ୍ତେ ସୁରକ୍ଷା ପାଇଁ ଲଗାଯାଇଥିବା ବ୍ୟାରିକେଡ୍ ଡେଇଁ ମନ୍ଦିର ଭିତରକୁ ପ୍ରବେଶ କରୁଥିବା ଦେଖାଯାଇଥିଲା।

## ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ



ପୁରୀ,୨୮।୬(ସମିସ): ସୋମବାର ପବିତ୍ର ସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଏବଂ ହାତୀବେଶ ଦର୍ଶନ ଲାଗି ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ତେବେ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ତା' ଉପରେ ଗୁରୁତ୍ୱ ଦେଇଛି ପ୍ରଶାସନ। ସେହିପରି ପୁଲିସ ସୁରକ୍ଷା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିଛି।

ଶ୍ରଦ୍ଧାଳୁମାନେ ମାର୍କେଟ୍ ଛକ ପରଠାରୁ ଆରମ୍ଭ ହେଉଥିବା ବ୍ୟାରିକେଡ୍‌ରେ ଆସି ସିଂହଦ୍ୱାର ଦେଇ ପ୍ରବେଶ ଏବଂ ଏବଂ ଅନ୍ୟ ତିନି ଦ୍ୱାର (ପଶ୍ଚିମ ଦ୍ୱାର, ଉତ୍ତର ଏବଂ ଦକ୍ଷିଣ) ଦେଇ ପ୍ରସ୍ଥାନ କରିବେ। ପହଣ୍ଡି ଟିକଟଧାରୀ ଭକ୍ତମାନେ ପହଣ୍ଡି ଦର୍ଶନ ନିମନ୍ତେ ପ୍ରାତଃ ସମୟରେ ଦକ୍ଷିଣ ଦ୍ୱାରରେ ଥିବା ବ୍ୟାରିକେଡ୍ ଦେଇ ପ୍ରବେଶ କରିବେ। ସେହିପରି ମାର୍କେଟ ଛକରୁ ଦୋଳମଣ୍ଡପ ସାହି, ମୋଚିସାହି ଛକରୁ ଦୋଳ ମଣ୍ଡପ ସାହି, ସୋଲାଖିଆ ବରଗଛ ଛକରୁ କାକୁଡ଼ି ଖାଇ ଛକ, ବୃଷଭ ଛକରୁ ଗାଣ୍ଡୁଆ ଚଉରା ଛକ, ପାଣ୍ଡେ ଜାଗାରୁ ଗଡ଼ନ୍ତି ଛକକୁ ନୋ ଭେହିକିଲ୍ ଜୋନ୍ କରାଯାଇଛି। ଏହି ରାସ୍ତାରେ ଗାଡ଼ି ଯାତାୟାତ ପାଇଁ ସମ୍ପୂର୍ଣ୍ଣ କଟକଣା ରହିବ। ଭିଡ଼ ନିୟନ୍ତ୍ରଣ ପାଇଁ ଶ୍ରୀମନ୍ଦିର ଭିତରେ ୧୪ଟି ସେକ୍ଟର କରାଯାଇଛି। ସବୁ ସେକ୍ଟରରେ ପୁଲିସ ଅଧିକାରୀ ମୁତୟନ ରହିବେ। ସେହିପରି ପୁଲିସ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ପରିଚାଳନା ଉପରେ ସ୍ୱତନ୍ତ୍ର ନଜର ରଖିଛି। ସୁରକ୍ଷା ପାଇଁ ୪ ଜଣ କମାଣ୍ଡାଣ୍ଟ ତଥା ଏସ୍‌ପି ପାହ୍ୟା ଅଧିକାରୀଙ୍କ ସହ ୧୪ ଜଣ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୩୧ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୮୩ ଜଣ ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟର, ୩୬୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୫୪ ଜଣ ହାବିଲ୍‌ଦାର, ୪୫୩ ଜଣ କନେଷ୍ଟବଳ, ୯୧୨ ଜଣ ହୋମ୍‌ଗାର୍ଡଙ୍କ ମୋଟ ୭୯ ପ୍ଲାଟୁନ ପୁଲିସ ବାହିନୀ ସହ ବିଭିନ୍ନ ସ୍ୱତନ୍ତ୍ର ସୁରକ୍ଷା ୟୁନିଟ୍ ନିୟୋଜିତ ହେବେ। ଅନ୍ୟପକ୍ଷରେ ସ୍ନାନଯାତ୍ରା କିଭଳି ଶୃଙ୍ଖଳିତ ଓ ସୁରକ୍ଷିତ ହେବ ସେନେଇ ରବିବାର ରାତିରେ ପୁଲିସ ଡିଜି ୱାଇବି ଖୁରାନିଆ ପୁରୀ ଆସି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ମନ୍ଦିର ଚତୁଃପାଶ୍ୱର୍ ବୁଲିବା ସହ ଭକ୍ତଙ୍କ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କ'ଣ କ'ଣ ବ୍ୟବସ୍ଥା କରାଯାଇଛି ତାହା ନିଜେ ବୁଲି ପରଖିଛନ୍ତି।

## ଟ୍ରକ୍ ପଛରେ ପିଟିହେଲା ବାଇକ୍, ଆରୋହୀ ମୃତ

**ବେତନଟୀ, ୨୮ ।୬(ସମିସ):** ବେତନଟୀ ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର ପୁରୁଣାପାଣି ଛକ ନିକଟରେ ଆଜି ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରକ ପଛରେ ବାଇକ୍ ପିଟିହେବା ଫଳରେ ଘଟଣାସ୍ଥଳରେ ହିଁ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ବଡ଼ସାହି ଥାନା ଅଧୀନ ଗମ୍ଭାରିଆ ଗ୍ରାମର ସଞ୍ଜୀବ ଦେ ବୋଲି ଜଣାପଡ଼ିଛି। ସଞ୍ଜୀବ ଏକ ଭୋଜିରେ ରୋଷେଇ କାମ ସାରି ବାଇକ ଯୋଗେ ସହଯୋଗୀ ସହିତ ବେତନଟୀ ଫେରୁଥିଲେ। ଏହି ସମୟରେ ପୁରୁଣାପାଣି ଛକ ନିକଟରେ ଏକ ଟ୍ରକ ପଛରେ ତାଙ୍କ ବାଇକଟି ନିୟନ୍ତ୍ରଣ ହରାଇ ଧକ୍କା ହୋଇଥିଲା। ଖବର ପାଇ ବେତନଟୀ ଅଗ୍ନିଶମ ବାହିନୀ ପହଞ୍ଚି ସଞ୍ଜୀବଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଛରେ ବସିଥିବା ସହଯୋଗୀ ଆଗ୍ରିଆ ଅଞ୍ଚଳର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ବେତନଟୀ ଥାନା ପୁଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିବା ସହ ଯାତାୟାତ ସ୍ୱାଭାବିକ କରିଥିଲା।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଜୋରଦାର ଚାଲିଛି ରଥ ନିର୍ମାଣ କାମ

# ଦିନରାତି ଲାଗିଛନ୍ତି ୪୫ରୁ ଅଧିକ ମହାରଣା



**ବାରିପଦା, ୨୮ ।୬(ସମିସ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତି ଲାଭ କରିଥିବା ବାରିପଦାର ରଥଯାତ୍ରା ପୁରୀ ରଥଯାତ୍ରା ଭଳି ଅନେକ ସାମଞ୍ଜସ୍ୟ ରହିଛି। ତିନି ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରି ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମରେ ହୋଇଥାଏ ରଥଯାତ୍ରା। ତେବେ ରଥଯାତ୍ରା ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥ ନିର୍ମାଣର ପ୍ରସ୍ତୁତି ଜୋରଦାର ଜାରି ରହିଛି। ତିନି ଠାକୁର ସ୍ନାନବେଦୀରୁ ସୋମବାର ଅଣସରକୁ ଯିବା ପରେ ମନ୍ଦିର ଭିତରେ ଠାକୁରଙ୍କ ସେବା ସହିତ ଗୁପ୍ତନୀତି ଆରମ୍ଭ ହେବ। ସେପଟେ ଗୁଣ୍ଡିଚା ଯାତ୍ରା ଲାଗି ରଥ ନିର୍ମାଣ କାର୍ଯ୍ୟରେ ରଥ ମହାରଣା ଓ କାରିଗରମାନେ ଲାଗି ପଡ଼ିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ ଶେଷ କରିବାକୁ ୪୫ରୁ ଅଧିକ ମହାରଣା ଦିନରାତି ଲାଗିଛନ୍ତି।

ବହୁ ପୁରାତନ ପରମ୍ପରା ସହିତ ୧୫୭୫ରୁ ବାରିପଦାରେ ରଥଯାତ୍ରା ହେଉଛି। ମୋଗଲମାନଙ୍କ ପୁରୀ ଆକ୍ରମଣ ଲାଗି ଶ୍ରୀକ୍ଷେତ୍ରରୁ ଯେତେବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗୁପ୍ତ ଭାବେ ରଖାଯିବା ସହିତ ରଥଯାତ୍ରାକୁ ମଧ୍ୟ ବନ୍ଦ ରଖାଯାଉଥିଲା, ସେହି ସମୟରୁ ଠାକୁରଙ୍କ ସ୍ୱପ୍ନାଦେଶରେ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଦେଓ ମୋଗଲଙ୍କୁ ଭୟ ନ କରି ବାରିପଦାରେ ମନ୍ଦିର ପ୍ରତିଷ୍ଠା କରି ରଥଯାତ୍ରା କରିଥିଲେ। ୧୫୭୫ରୁ ଏହି ରଥଯାତ୍ରା ନିରବଚ୍ଛିନ୍ନ ଭାବେ ପାଳିତ ହୋଇଆସୁଛି। କେବଳ କରୋନା ମହାମାରୀ କାରଣରୁ ୨୦୨୦ରେ ସମସ୍ତ ରୀତିନୀତି ହେବା ସତ୍ତ୍ୱେ ରଥ ଟଣା ହୋଇପାରି ନ ଥିଲା। ପରମ୍ପରା ଅନୁଯାୟୀ ମହାପ୍ରଭୁ ପୁରୀରେ ପୂଜା ପାଇବା ପରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ବିଜେ କରନ୍ତି ବୋଲି ଶ୍ରୀକ୍ଷେତ୍ର ପୁରୀର ଠିକ୍ ଗୋଟିଏ ଦିନ ପରେ ବାରିପଦାରେ ଦୁଇଦିନ ଧରି ଅନୁରୂପ ରୀତିନୀତିରେ ରଥଯାତ୍ରା ହୁଏ। ଏ ବର୍ଷ ମଧ୍ୟ ରଥଯାତ୍ରାର ସମସ୍ତ ପ୍ରସ୍ତୁତି ଜୋର୍‌ସୋରରେ ଆଗେଇ ଚାଲିଛି। ରଥ ପଡ଼ିଆରେ ୪୫ରୁ ଅଧିକ ମହାରଣା ଅହରହ ରଥ ନିର୍ମାଣରେ ଲାଗିଛନ୍ତି। ବିଳମ୍ବରେ କାଠ ଯୋଗାଣଜନିତ ସମସ୍ୟା ରହିଥିଲେ ମଧ୍ୟ ଅନ୍ୟ ସମସ୍ତ ପ୍ରସ୍ତୁତି ସୁରୁଖୁରୁରେ ଚାଲିଛି ବୋଲି ରଥ ମହାରଣା ମୃତ୍ୟୁଞ୍ଜୟ ମହାରଣା କହିଛନ୍ତି।

ରଥ ନିର୍ମାଣରେ ଲାଗିଥିବା ଶିଳ୍ପୀ ମଧ୍ୟ ସେମାନଙ୍କ କାର୍ଯ୍ୟ ସୁଚାରୁରୂପେ ଜାରି ରଖିଛନ୍ତି। ଜିଲ୍ଲା ପ୍ରଶାସନର ସମସ୍ତ ପ୍ରକାର ସହଯୋଗ ମିଳୁଥିବାରୁ ଠିକ୍ ସମୟରେ ରଥା ନିର୍ମାଣ କାର୍ଯ୍ୟ ସମ୍ପାଦନ ହେବ ବୋଲି ରଥ କାରିଗର ରବୀନ୍ଦ୍ର ମହାରଣା କହିଛନ୍ତି। ତେବେ ଚଳିତ ବର୍ଷ ମଳ ମାସ ପାଇଁ ରଥଯାତ୍ରା ବିଳମ୍ବିତ ହୋଇଛି। ଜୁଲାଇ ୧୪ ତାରିଖରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପାଳିତ ହେବା ସହିତ ୧୫ ତାରିଖରେ ଉଭାଯାତ୍ରା ଓ ୧୬ ତାରିଖରେ ଗୋଟି ପହଣ୍ଡିରେ ଶ୍ରୀଜୀଉ ରଥରେ ବିଜେ ହେବେ ବୋଲି ମା' ସୁଭଦ୍ରାଙ୍କ ପୂଜାପଣ୍ଡା କାମେଶ୍ୱର୍ ତ୍ରିପାଠୀ କହିଛନ୍ତି। ରଥ ନିର୍ମାଣ ସହ ପାଶ୍ୱର୍ ମୂର୍ତ୍ତି ଆଦିର ନିର୍ମାଣ ବିଭିନ୍ନ ରଥ କାରିଗର କରୁଛନ୍ତି। ଅନ୍ୟପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ରଥଯାତ୍ରାକୁ ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ରଥଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ୨୦ଟି ଏଜେଣ୍ଡା ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ୬୬ ଲକ୍ଷ ୧୦ ହଜାରଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ କରାଯାଇଛି। ତଦନୁଯାୟୀ ରଥ ନିର୍ମାଣ ସହିତ ରୀତିନୀତି ଓ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ପୁରା ବନ୍ଦୋବସ୍ତ ଉପରେ ସମସ୍ତ ଆଲୋଚନା ସରିଲାଣି ବୋଲି ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ କହିଛନ୍ତି।

## ମୋବାଇଲ ପାଇଁ ବାପା ଓ ସାନଭାଇଙ୍କୁ ହାଣିଲା ବଡ଼ଭାଇ



**ଉଦଳା,୨୮ ।୬(ସମିସ):** ସାମାନ୍ୟ ମୋବାଇଲକୁ ନେଇ ତେଲେଙ୍ଗା କଟୁରୀରେ ସାନଭାଇ ଓ ବାପାକୁ ହାଣି ପକାଇଲା ବଡ଼ଭାଇ। ଏଭଳି ଘଟଣା ଘଟିଛି ଖୁଣ୍ଟା ଥାନା ଅନ୍ତର୍ଗତ ଶିରାଥଳି ଗ୍ରାମରେ। ସଦାନନ୍ଦ ବାରିକଙ୍କ ସାନପୁଅ ସୁଶାନ୍ତ ବାରିକ ଏକ ମୋବାଇଲ ରାସ୍ତାରୁ ପାଇଥିଲେ। ଉକ୍ତ ମୋବାଇଲର ମାଲିକ ଆସି ଗତକାଲି ସନ୍ଧ୍ୟାରେ ମୋବାଇଲ ନେଇଯାଇଥିଲେ। ତେବେ ବିଳମ୍ବିତ ରାତିରେ ସଦାନନ୍ଦଙ୍କ ବଡ଼ପୁଅ ହେମନ୍ତ ବାରିକ ଘରେ ପହଞ୍ଚି ମୋବାଇଲ କ'ଣ ପାଇଁ ଦେଲ ବୋଲି କହି ଏକ ତେଲେଙ୍ଗା କଟୁରୀରେ ପ୍ରଥମେ ବାପା ସଦାନନ୍ଦଙ୍କୁ ଆକ୍ରମଣ କରିଥିଲା। ସଦାନନ୍ଦଙ୍କ ଗୋଡ଼ ହାଣି ଦେବା ପରେ ସାନଭାଇ ସୁଶାନ୍ତ ମୁଣ୍ଡକୁ ହାଣିଥିଲା ହେମନ୍ତ। ମୋବାଇଲ ଓ ପୂର୍ବରୁ ଥିବା ଜମିବାଡ଼ି ବିବାଦ ପାଇଁ ହେମନ୍ତ ଆକ୍ରମଣ କରିଥିବା କହିଛନ୍ତି ଗୁରୁତର ସଦାନନ୍ଦ। ତେବେ ଆକ୍ରମଣରେ ଉଭୟ ଗୁରୁତର ହୋଇଥିବାବେଳେ ପରିବାର ଲୋକେ ସେମାନଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଛନ୍ତି।

## ଯୁବ କଂଗ୍ରେସ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ବାରିପଦା, ୨୮ ।୬(ସମିସ):** ଭାରତର ଶିକ୍ଷା ବ୍ୟବସ୍ଥାକୁ ପଣ୍ଡ କରି ଶିକ୍ଷିତ ଯୁବକଙ୍କ ଭବିଷ୍ୟତକୁ ନଷ୍ଟ କରିଥିବା ବିଜେପି ସରକାରଙ୍କ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଟ୍ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟରେ ନିଜ ସମ୍ପୃକ୍ତ ଥାଇ ମଧ୍ୟ ପଦରୁ ନୈତିକତା ଦୃଷ୍ଟିରୁ ଇସ୍ତଫା ନ ଦେବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ନ କରିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଯୁବ କଂଗ୍ରେସ ତରଫରୁ ଅଭିଯୋଗ ଆଣି ତାଙ୍କର ଇସ୍ତଫା ଦାବିରେ ମୟୂରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ସ୍ଥାନୀୟ ଏମପିସି କଲେଜ ସମ୍ମୁଖରୁ ଏକ କୋକେଇ ଶୋଭାଯାତ୍ରା କରାଯାଇ ଟ୍ରାଫିକ ଛକ ନିକଟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଯୁବ କଂଗ୍ରେସର ଜିଲ୍ଲା ସଭାପତି ସରୋଜ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସର ବାରିପଦା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୋଦ ହେମ୍ବ୍ରମ, ଜିଲ୍ଲା ମହିଳା ସଭାନେତ୍ରୀ ରଶ୍ମିତା ମିଶ୍ର, ବୃନ୍ଦାବତୀ ମହାପାତ୍ର, ରିତା ନାୟକ, ମୋରଡ଼ା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ,




ଯୁବ ନେତା ହରିହର ସାହୁ, ବଡ଼ସାହି ବ୍ଲକ କଂଗ୍ରେସ ସଭାପତି ଶଶାଙ୍କ କର, ଉଦଳା ଯୁବ କଂଗ୍ରେସ ସଭାପତି ଯୁବରାଜ ମୁର୍ମୁ, ବଡସାହି ଯୁବ କଂଗ୍ରେସ ସଭାପତି ଦୀପ୍ତିଭାନୁ ସେନାପତି, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଅମରଜିତ ବାରିକ, ବିକ୍ରମ ବର୍ମା, ବରିଷ୍ଠ କଂଗ୍ରେସ ନେତା ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

**ବାରିପଦା/କୁଳିଅଣା,୨୮ ।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଶନିବାର ରାତିରେ ସ୍ଥାନୀୟ ଅଞ୍ଚଳରେ ଏକ ବାହାଘର ଭୋଜି ଚାଲିଥିବାବେଳେ ଏହି ଅଭାବନୀୟ ଘଟଣା ଘଟିଥିଲା। ନାବାଳିକା ଜଣକ ନିଖୋଜ ହେବା ନେଇ ପରିବାର ଲୋକେ ଚାନ୍ଦୁଆ ଥାନାରେ ଜଣାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ନାବାଳିକାଙ୍କ ବୟାନ ଓ ସୂଚନା ଆଧାରରେ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ୧୪୧ ଧାରାରେ ବୟାନ ରେକର୍ଡ ହେବା ପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବାରୁ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇ ଜଣଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ଜଣକ କଖାରୁଶୋଳ ଗ୍ରାମର ଦୀପକ କୁମାର ଟୁଡୁ ବୋଲି ବାରିପଦା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ କହିଛନ୍ତି।

### ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ

## 'ମୟୂରଭଞ୍ଜର ବିକାଶରେ ସହାୟକ ହେବେ ସ୍ଥାନୀୟ ଉଦ୍ୟୋଗୀ'



**ବାରିପଦା, ୨୮ ।୬(ସମିସ):** ସ୍ଥାନୀୟ ଶ୍ରୀରାମଚନ୍ଦ୍ର ପାଠାଗାର ପରିସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଡା ମହାପାତ୍ର କହିଛନ୍ତି, ଏହା ଆମ ମୟୂରଭଞ୍ଜ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ଯେ ଆମ ଅଞ୍ଚଳର ଲୋକମାନେ ଆଜି ନିଜେ ଉଦ୍ୟୋଗୀ ହେଉଛନ୍ତି ଓ ସ୍ୱତନ୍ତ୍ର ସାମଗ୍ରୀ ଉତ୍ପାଦନ କରୁଛନ୍ତି। ଯଦି ଆମେ ଏହି ସ୍ଥାନୀୟ ପ୍ରତିଭା ଓ ଉଦ୍ୟୋଗୀଙ୍କୁ ଆଉ ଟିକେ ପ୍ରୋତ୍ସାହନ ଓ ସହଯୋଗ ଯୋଗାଇଦେବା, ତେବେ ସେମାନେ ଆଗାମୀ ଦିନରେ ବଡ଼ ବଡ଼ ସଫଳ ଉଦ୍ୟୋଗୀ ଭାବେ ଉଭା ହୋଇପାରିବେ। ମୟୂରଭଞ୍ଜ ଜିଲ୍ଲାରେ ବୃହତ ଶିଳ୍ପ କାରଖାନାର ଅଭାବ ପ୍ରତି ସଙ୍କେତ କରି ମନ୍ତ୍ରୀ କହିଛନ୍ତି, ସରକାରୀ ସ୍ତରରେ ଓ ସ୍ଥାନୀୟ ସ୍ତରରେ ମିଳିତ ପ୍ରୟାସ ଦ୍ୱାରା ଏପରି ଛୋଟ ଛୋଟ ଏମଏସଏମଇ ଶିଳ୍ପର ବିକାଶ କରାଯିବ। ଏହି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ ମୟୂରଭଞ୍ଜର ଗର୍ବ ଓ ଗୌରବକୁ ଆହୁରି ବଢ଼ାଇବ ବୋଲି ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜୁଲାଇ ୧ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ଚାଲିବାକୁ ଥିବାବେଳେ ଏଥିରେ ଉଦ୍ୟୋଗିତା ସଚେତନତା, ବ୍ୟାଙ୍କ ଋଣ ସହାୟତା, ସ୍ୱୟଂସହାୟକ ଗୋଷ୍ଠୀଙ୍କ କ୍ଷମତା ବୃଦ୍ଧି, ଅଭିଯୋଗ ପ୍ରତିକାର, ଯୁବପିଢ଼ିଙ୍କ ପାଇଁ ଉଦ୍ୟୋଗୀ ସୁଯୋଗ, ମାର୍କେଟିଂ ଓ ଡିଜିଟାଲାଇଜେସନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନାଚକ୍ର ଓ ସଚେତନତା ଶିବିର ଅନୁଷ୍ଠିତ ହେବ।

## କଥାକାର ବସନ୍ତ ଶତପଥୀଙ୍କ ଜୟନ୍ତୀ

**ବାରିପଦା, ୨୮ ।୬ (ସମିସ):** ବସନ୍ତ ଶତପଥୀ ସାହିତ୍ୟ ସଂଗଠନର ଉପସଭାପତି ରାଜେନ୍ଦ୍ର କୁମାର ସାମଲଙ୍କ ପୌରୋହିତ୍ୟରେ ଶ୍ରୀପଦଗଞ୍ଜ ପ୍ରାଥମିକ ବିଦ୍ୟାଳୟରେ କଥାକାର ବସନ୍ତ ଶତପଥୀଙ୍କ ଜୟନ୍ତୀ ପାଳନ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ ସଂଗଠନର




ସମ୍ପାଦକ ତଥା ସ୍ଥାନୀୟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହକାରୀ ପ୍ରାଧ୍ୟାପକ ଡ ବିଚିତ୍ରାନନ୍ଦ ସାହୁ, ଏମପିସି ସ୍ୱୟଂଶାସିତ କଲେଜର ସହକାରୀ ପ୍ରାଧ୍ୟାପକ ଡ ଧନଞ୍ଜୟ ସିଂ, ଡ ଦୟାନିଧି ପରିଡ଼ା, ସଂଗଠନର ସମ୍ପାଦକ ଶଙ୍କର ଜେନା, ଅଶୋକ କୁମାର ପଲେଇ, ଡ ଭକ୍ତହରି ମହାନ୍ତ ପ୍ରମୁଖ ବସନ୍ତ ଶତପଥୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ଠାକୁରମୁଣ୍ଡା ପ୍ରେସ୍ କ୍ଲବ୍ ପକ୍ଷରୁ ବଳରାମ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା



**ମହୁଲଡିହା,୨୮।୬ (ସମିସ):** ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବିଦାୟୀ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁଙ୍କୁ ଠାକୁରମୁଣ୍ଡା ପ୍ରେସ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଠାକୁରମୁଣ୍ଡା କନ୍ୟାଶ୍ରମରେ ଦୀର୍ଘ ୬ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସ୍କୁଲ ପରିବେଶ ଗଠନ, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ପରିବେଶ ସୁରକ୍ଷା କ୍ଷେତ୍ରରେ ଭୂମିକା ହେତୁ ସ୍କୁଲକୁ ବିଭିନ୍ନ ପୁରସ୍କାର ଆଣିବାରେ ସଫଳ ହୋଇଥିଲେ। ଚଳିତବର୍ଷ ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ତାଙ୍କ ନେତୃତ୍ୱରେ ପ୍ରକୃତି ମିତ୍ର ପୁରସ୍କାର ପାଇବାରେ ସଫଳ ହୋଇଥିଲା। ଠାକୁରମୁଣ୍ଡା ବ୍ଲକରେ ଦଶମ ଶ୍ରେଣୀ ପିଲାଙ୍କୁ କିପରି ଅଧିକ ସଂଖ୍ୟାରେ ଏ-୧ ମିଳିବ ସେଥିପାଇଁ ବର୍ଷ ତମାମ ଅନ୍ୟ ଶିକ୍ଷକଙ୍କ ସହ ମିଶି କାର୍ଯ୍ୟ କରିଆସୁଥିଲେ। ତାଙ୍କ ନେତୃତ୍ୱରେ ସମ୍ପୃକ୍ତ ସ୍କୁଲରେ ପୁଷ୍ପ ଉଦ୍ୟାନ ଓ ପକ୍ଷୀ ବିହାର ବେଶ ଦୃଷ୍ଟି ଆକର୍ଷଣ କରିଛି। ତାଙ୍କର ବଳିଷ୍ଠ ନେତୃତ୍ୱ ଓ ଅନ୍ତଃସହଯୋଗ ପାଇଁ ପ୍ରେସ କ୍ଲବ ତରଫରୁ ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଯୋଗଦେଇ ଉପଢୌକନ ଦେଇ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ ଅପର୍ଣ୍ଣା ସ୍ୱାଇଁଙ୍କୁ ସମ୍ମାନିତ କରିଥିଲେ। ବଳରାମ ସାରଙ୍କ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଆକୃଷ୍ଟ କରେ ଓ ଆମେ ସମସ୍ତେ ତାଙ୍କ ପ୍ରଶଂସକ ବୋଲି ମୁଖ୍ୟଅତିଥି ଶ୍ରୀ ବେହେରା କହିଥିଲେ। ପ୍ରତ୍ୟୁତ୍ତରରେ ଶ୍ରୀ ସ୍ୱାଇଁ ଏଭଳି ଆଦର, ସମ୍ମାନ ଅଭୁଲା ଓ ପ୍ରେରଣାଦାୟୀ ରହିବ ବୋଲି କହିଥିଲେ। ସାମ୍ବାଦିକ ସଂଘରୁ ସମ୍ମାନିତ ହେବା ଅତ୍ୟନ୍ତ ନିଆରା ବୋଲି ଶ୍ରୀ ସ୍ୱାଇଁ ଭାବବିହ୍ୱଳ ହୋଇ କହିଥିଲେ। ଠାକୁରମୁଣ୍ଡା ପ୍ରେସ କ୍ଲବ୍ ସଭାପତି ଶରତ ତ୍ରିପାଠୀଙ୍କ ସହ ସାମ୍ବାଦିକ ତାରାକାନ୍ତ ପଟ୍ଟନାୟକ, ଯୋଗେନ୍ଦ୍ର ପାତ୍ର, ଚକ୍ରଧର ଦାସ, ରମେଶ ଚନ୍ଦ୍ର ମହାନ୍ତ, ହରେକୃଷ୍ଣ ତ୍ରିପାଠୀ, ସେକ ରାଜୁ ଉପସ୍ଥିତ ଥିଲେ।

## ୭୦ କେନ୍ଦ୍ରରେ ୧୦୨୫୩ ଶିଶୁ ଖାଇଲେ ପୋଲିଓ ବୁନ୍ଦା



**ବେତନଟୀ,୨୮।୬(ସମିସ):** ଦେଶରେ ଗୋଟିଏ ହେଲେ ଶିଶୁ ଯେପରି ପୋଲିଓ ରୋଗଗ୍ରସ୍ତ ନ ହୁଅନ୍ତି, ସେଥିନିମନ୍ତେ ସରକାର ସତର୍କ ଦୃଷ୍ଟି ରଖିବା ସହ ସ୍ୱାସ୍ଥ୍ୟ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏ ଅବସରରେ ୨୮ ତାରିଖ ରବିବାର ଦିନ ଏହି ପୋଲିଓ ବୁନ୍ଦା ଶିଶୁମାନଙ୍କୁ ଦିଆଯାଇଛି। ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସିପୁନ ପଣ୍ଡା ପୋଲିଓ ବୁନ୍ଦା ପ୍ରଦାନ ନିମନ୍ତେ ୭୦ କେନ୍ଦ୍ରରେ ୨୮୩ କର୍ମଚାରୀ ନିୟୋଜିତ କରିଥିଲେ। ଏଥିରେ ଅଙ୍ଗନବାଡ଼ି, ଆଶାକର୍ମୀ, ଏନଏମ, ସିଏଚଓ ଡାକ୍ତର ସାମିଲ ଥିଲେ। ସମୁଦାୟ ୧୦ ହଜାର ୫ ଶହ ୯୪ ଜଣ ଶିଶୁ ଥିବାବେଳେ ୧୦ ହଜାର ୨ ଶହ ୫୩ ଜଣ ଶିଶୁ ଏହି ପୋଲିଓ ବୁନ୍ଦା ଖାଇଥିବା ଡାକ୍ତର ପଣ୍ଡା ପ୍ରକାଶ କରିଥିଲେ। ମୋଟ ହାର ୯୬.୭୮ ପ୍ରତିଶତ ହୋଇଥିବା ଜଣାଯାଇଛି। ୩୪୧ ଜଣ ଶିଶୁ ରବିବାର ଏହି ପୋଲିଓ ନେବାରୁ ବଞ୍ଚିତ ହୋଇଛନ୍ତି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ କର୍ମଚାରୀ ଘର ଘର ବୁଲି ସେମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ ବୋଲି ଜଣାଯାଇଛି।

### ମୟୂରଭଞ୍ଜ ରାଜ ପରିବାରର ଅଭିନବ ପଦକ୍ଷେପ

# କୃଷି ବର୍ଜ୍ୟବସ୍ତୁରୁ ତିଆରି ହେବ କାଗଜ

**ବାରିପଦା,୨୮ ।୬(ସମିସ)**





- ବିଶ୍ୱ ମଞ୍ଚରେ ଚମକିବ ମୟୂରଭଞ୍ଜର କଳା
- ପର୍ଯ୍ୟଟନ ଶିଳ୍ପର ବିକାଶ ସହ କଳାକାରଙ୍କ ବଢ଼ିବ ରୋଜଗାର

ମୟୂରଭଞ୍ଜର ପାରମ୍ପରିକ କଳାକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ପାଇଁ ରାଜ ପରିବାର ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏଣିକି କୃଷି ବର୍ଜ୍ୟବସ୍ତୁ ଓ ସବାଇ ଘାସରୁ ପ୍ରସ୍ତୁତ ହେବ ହସ୍ତ ନିର୍ମିତ କାଗଜ ଓ ଆକର୍ଷଣୀୟ କଳାକୃତି। ସ୍ଥାନୀୟ ଯୁବକ/ଯୁବତୀ ଓ ମହିଳା କଳାକାରଙ୍କୁ ମିଳିବ ଆଧୁନିକ କଳାର ତାଲିମ। ଫଳରେ ରୋଜଗାର ବଢ଼ିବା ସହ ସଶକ୍ତ ହେବ ପର୍ଯ୍ୟଟନ। ଯାହାକୁ ନେଇ ଆନ୍ତର୍ଜାତିକ ମଞ୍ଚରେ ସ୍ଥାନ ପାଇବ ମୟୂରଭଞ୍ଜର କଳା।

ମୟୂରଭଞ୍ଜର ପାରମ୍ପରିକ କଳା ସହ ସମସାମୟିକ ଆଧୁନିକ କଳାର ସମନ୍ୱୟ ରକ୍ଷା କରି ସ୍ଥାନୀୟ ଶିଳ୍ପୀଙ୍କୁ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଯୋଗାଇଦେବା ଲକ୍ଷ୍ୟରେ ବାରିପଦାସ୍ଥିତ ଐତିହାସିକ ବେଲଗଡ଼ିଆ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି "ଦ ମୟୂରଭଞ୍ଜ ରେସିଡେନ୍ସି"। ଏ ଅବସରରେ ମୟୂରଭଞ୍ଜର ରାଜମାତା ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ବେଲଗଡ଼ିଆ ପ୍ୟାଲେସର ନିର୍ଦ୍ଦେଶିକା ଅକ୍ଷିତା ଏମ୍ ଭଞ୍ଜଦେଓ ଓ "ଆର୍ଟ ଆଣ୍ଡ ଚାର୍ଲି" ଗ୍ୟାଲେରୀର ପ୍ରତିଷ୍ଠାତା ଆୟେଶା ପାରିଖ ମିଳିତ ଭାବେ ଏହି ସାରସ୍ୱତ ପ୍ରୟାସର ଶୁଭାରମ୍ଭ କରିଛନ୍ତି। ଏହି ଉଦ୍‌ଘାଟନୀ ସଂସ୍କରଣରେ ମହାରାଷ୍ଟ୍ରର ପ୍ରସିଦ୍ଧ ଯୁବ ଚିତ୍ରଶିଳ୍ପୀ କୁମାର ମିସାଲ ଯୋଗଦେଇ ରଙ୍ଗାମାଟିଆ ସବାଇ ଘାସ କ୍ଲଷ୍ଟରର ମହିଳା ଓ ସ୍ଥାନୀୟ କଳାକାରଙ୍କ ସହ ଏକ ମାସ ବ୍ୟାପୀ କାମ କରି ଏକ ସ୍ୱତନ୍ତ୍ର କଳାକୃତି ପ୍ରସ୍ତୁତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜର ରାଜମାତା ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ କହିଛନ୍ତି, କଳା ଓ ପର୍ଯ୍ୟଟନ ପରସ୍ପର ସହ ଜଡ଼ିତ। ଜିଲ୍ଲାରେ ପର୍ଯ୍ୟଟନର ବିକାଶ ହେଲେ ଆମର ପାରମ୍ପରିକ କଳା ଓ ସଂସ୍କୃତିର ମଧ୍ୟ ପ୍ରସାର ହେବ। ବେଲଗଡ଼ିଆ ପ୍ୟାଲେସକୁ ଆସୁଥିବା ପର୍ଯ୍ୟଟକ ଯେପରି ଛଉ ନୃତ୍ୟ, ଡୋକ୍ରା ଶିଳ୍ପ ଓ ସବାଇ କ୍ଲଷ୍ଟର ପରିଦର୍ଶନ କରି ଏହାର ମହତ୍ତ୍ୱ ବୁଝିପାରିବେ, ସେଥିପାଇଁ ଆମେ ସଦାସର୍ବଦା ଚେଷ୍ଟା କରୁଛୁ। ଏହି କଳାକାର ଶିବିର ମାଧ୍ୟମରେ ସ୍ଥାନୀୟ କଳାକାରଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଓ ନୂଆ ପ୍ଲାଟଫର୍ମ ମିଳିପାରିବ। ଚଳିତବର୍ଷ ଶୀତଦିନେ ଏଠାରେ ଏକ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯିବ, ଯେଉଁଠାରେ ବାରିପଦାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ସବାଇ ଘାସ ଓ କୃଷି ବର୍ଜ୍ୟବସ୍ତୁରୁ ସମ୍ପୂର୍ଣ୍ଣ ମାଗଣାରେ କାଗଜ ପ୍ରସ୍ତୁତି ଶିକ୍ଷା ଦିଆଯିବ। ଦିଲ୍ଲୀରେ ପ୍ରତିଷ୍ଠିତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓଡ଼ିଆ ଶିଳ୍ପୀ ଜଗନ୍ନାଥ ପଣ୍ଡା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବେଲଗଡ଼ିଆ ପ୍ୟାଲେସର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ରାଜପ୍ରାସାଦ ଭିତରେ ଏଭଳି ଏକ ଆର୍ଟ ରେସିଡେନ୍ସି ଆୟୋଜନ କରିବା ସମଗ୍ର ଭାରତ ବର୍ଷରେ ଏକ ବିରଳ ତଥା ଅନନ୍ୟ ପ୍ରୟାସ। ମୟୂରଭଞ୍ଜର ଇତିହାସ, ସଂସ୍କୃତି, ନୃତ୍ୟ ଓ କଳା ଅତି ସମୃଦ୍ଧ। ବାହାରୁ ଆସୁଥିବା ଶିଳ୍ପୀମାନେ ଯେତେବେଳେ ଏଠାର ସ୍ଥାନୀୟ ପରମ୍ପରା ସହ ଜଡ଼ିତ ହେବେ, ସେତେବେଳେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାର କଳାର ପ୍ରଭୂତ ପ୍ରଚାର ପ୍ରସାର ହେବ। ବିଶେଷକରି ସବାଇ ଘାସର ବ୍ୟବହାର କେବଳ ଦଉଡ଼ି ବା ଚଟେଇରେ ସୀମିତ ନ ରହି ଏଥିରୁ ହ୍ୟାଣ୍ଡମେଡ୍ ପେପର (ହସ୍ତନିର୍ମିତ କାଗଜ) ତିଆରି ହେବା ଦ୍ୱାରା ଏକ ନୂଆ ଅର୍ଥନୈତିକ ବିପ୍ଳବ ଆସିବ।

ମହାରାଷ୍ଟ୍ରରୁ ଆସିଥିବା କୃଷକ ପରିବାରର ଯୁବ ଶିଳ୍ପୀ କୁମାର ମିସାଲ କହନ୍ତି, ମୟୂରଭଞ୍ଜର ଆଦିବାସୀ ସଂପ୍ରଦାୟ ପ୍ରକୃତି ସହ ଯେଉଁ ସନ୍ତୁଳନ ରକ୍ଷା କରି ରହିଛନ୍ତି, ତାହା ପ୍ରେରଣାଦାୟୀ। ସହରରେ ଯାହା କେବଳ ଘାସ, ସେହି ସବାଇ ଘାସରୁ ଏଠାରେ ମହିଳାମାନେ ମାଛଧରା ଜାଲ, ଚଟେଇ ଓ ସୁନ୍ଦର ଘରକରଣା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ମୁଁ ଏହି ସବାଇ ଘାସ ଓ କୃଷି ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରି ସ୍ୱତନ୍ତ୍ର କାଗଜ ପ୍ରସ୍ତୁତ କରିଛି। ସେଥିରେ କୃଷକ ଓ ସ୍ଥାନୀୟ ଶିଳ୍ପୀଙ୍କ ଜୀବନଶୈଳୀକୁ କଳା ମାଧ୍ୟମରେ ଫୁଟାଇବାକୁ ଚେଷ୍ଟା କରିଛି। "ଆର୍ଟ ଆଣ୍ଡ ଚାର୍ଲି"ର ପ୍ରତିଷ୍ଠାତା ଆୟେଶା ପାରିଖ କହନ୍ତି, ଗତ ଦେଢ଼ବର୍ଷ ଧରି ଅକ୍ଷିତାଙ୍କ ସହ ଏହି ପ୍ରକଳ୍ପ ନେଇ ଆଲୋଚନା ଚାଲିଥିଲା। ଭାରତରେ କଳା ଶିଳ୍ପର ବ୍ୟାପକ ଅଭିବୃଦ୍ଧି ଘଟୁଛି। ମୟୂରଭଞ୍ଜର କାରିଗର ହେଉଛନ୍ତି ପ୍ରକୃତ ଜ୍ଞାନର ସଂରକ୍ଷକ। ଏହି ରେସିଡେନ୍ସି ମାଧ୍ୟମରେ ପ୍ରସ୍ତୁତ ସମସ୍ତ ବିଶେଷ କଳାକୃତିକୁ ଆସନ୍ତା "ମୁମ୍ବାଇ ଗ୍ୟାଲେରୀ ୱିକେଣ୍ଡ ୨୦୨୭"ରେ "ଆର୍ଟ ଆଣ୍ଡ ଚାର୍ଲି" ଗ୍ୟାଲେରୀରେ କୁମାର ମିସାଲଙ୍କ ଏକ ସୋଲୋ ଶୋ ଜରିଆରେ ପ୍ରଦର୍ଶିତ କରାଯିବ। ଏହାଦ୍ୱାରା ମୟୂରଭଞ୍ଜର ସବାଇ ଓ ଡୋକ୍ରା ଶିଳ୍ପ ବିଶ୍ୱ ବଜାରରେ ପହଞ୍ଚିବା ସହ ସ୍ଥାନୀୟ କାରିଗରଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବ।

## ବଙ୍ଗୀୟ ପ୍ରେମିକାକୁ ହତ୍ୟା ଘଟଣା

# ଝାଡ଼ଖଣ୍ଡରୁ ମୁଖ୍ୟ ଅଭିଯୁକ୍ତ ଗିରଫ



ହାଟଡିହୀ, ୨୮।୬(ସମିସ): ବଙ୍ଗୀୟ ପ୍ରେମିକାକୁ ଓଡ଼ିଶା ଡକାଇ ହତ୍ୟା କରିବା ଘଟଣାରେ ସମ୍ପୃକ୍ତ ଝାଡ଼ଖଣ୍ଡର ଅଭିଯୁକ୍ତ ପ୍ରେମିକକୁ କେନ୍ଦୁଝର ପୁଲିସ ଝାଡ଼ଖଣ୍ଡରୁ ଗିରଫ କରି ସେଠାକାର କୋର୍ଟରେ ଶନିବାର ହାଜର କରାଇଛି। ପରେ ଅଭିଯୁକ୍ତ ପ୍ରେମିକକୁ କେନ୍ଦୁଝର ଅଣାଯାଇଛି। ଏହି ଘଟଣା ଏକ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ଜଣାପଡିଛି। କାହିଁକି ଓ କେଉଁ ପରିସ୍ଥିତିରେ ଯୁବକ ଜଣକ ଏହି ହତ୍ୟା କଲା ଖୁବ ଶୀଘ୍ର ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲ୍ଲା ସୋସୋ ଥାନା ପୁଲିସ ନିକଟସ୍ଥ ବାଲିଆ ଅଞ୍ଚଳରୁ ଜୁନ ୨୩ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ପାଣି କାଦୁଅ ବିଲରେ ମୁହଁ ମାଡି ପଡ଼ିଥିବା ଅବସ୍ଥାରେ ପୁଲିସ ଉଦ୍ଧାର କରିଥିଲା। ପୁଲିସ ଅପମୃତ୍ୟୁ ମାମଲା ନଂ ୧୦/୨୦୨୬ ପଞ୍ଜୀକରଣ କରି ଆନନ୍ଦପୁର ଉପଖଣ୍ଡ ମେଡିକାଲର ଶବ ବ୍ୟବଚ୍ଛେଦ କରାଇଥିଲା। କେନ୍ଦୁଝର ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସପି ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ପୁଲିସର ଏକାଧିକ ଟିମ୍ ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ ନିକଟରୁ ପୁଲିସ ଏକ ଭ୍ୟାନିଟି ବ୍ୟାଗ୍ ଜବତ କରି ସେଥିରୁ ମହିଳାଙ୍କ ପରିଚୟ ଏବଂ ଘଟଣା ସମ୍ପର୍କିତ କିଛି ସୁରାକ୍ ପାଇଥିଲା। ଫଳରେ ତଦନ୍ତ ଆଗେଇଥିଲା। ତଦନ୍ତ ସମୟରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡିବା ପରେ ୧୨୭/୨୦୨୬ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତର ସହଯୋଗୀ ଭଦ୍ରକ ରୁରାଲ ଥାନା ନାରାୟଣପୁର ଗ୍ରାମର ଅକ୍ଷୟ କୁମାର ଜେନା(୨୨)ଙ୍କୁ ପୁଲିସ ଗିରଫ କରିଥିଲା। ହତ୍ୟାକାଣ୍ଡସ୍ଥଳକୁ ନେଇ ସିନ ରିକ୍ରିଏସନ୍ ସହ ତାକୁ ଗତ ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିଲା। ଅପରପକ୍ଷେ ମୃତ ମହିଳା ଜଣକ ମୁସଲିମ ସମ୍ପ୍ରଦାୟର ଅଟନ୍ତି ଏବଂ ସେ ପୂର୍ବରୁ ଏକାଧିକ ବିବାହ କରିଥିବା ସୂଚନା ମିଳିଛି। ଉପରୋକ୍ତ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଝାଡ଼ଖଣ୍ଡ ରାଜ୍ୟ ସାହେବଗଞ୍ଜ ଜିଲ୍ଲା ରାଜମହଲ ଥାନା ପୂର୍ବୀ ନାରାୟଣପୁର କୋଟପାରା ଗ୍ରାମର ତମୱା ସେଖଙ୍କ ପୁଅ ମହମ୍ମଦ ଟୁନୁ ସେଖ(୨୦)କୁ ଗିରଫ କରି ସୋସୋ ଥାନାରେ ହାଜର କରାଯାଇଥିଲା। ଆଇନଗତ ପ୍ରକ୍ରିୟା ଅନୁଯାୟୀ କୋର୍ଟକୁ ପଠାଯାଇଥିବା ନେଇ ଆନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ପାହାଡ଼ପୁର ଗାଁରେ ଶୂନ ନେଟ୍‌ୱର୍କ

ଆନନ୍ଦପୁର, ୨୮।୬(ସମିସ): ସରକାର ଗୋଟିଏପଟେ “ଡିଜିଟାଲ ଇଣ୍ଡିଆ’ ଏବଂ ଗ୍ରାମାଞ୍ଚଳରେ ଡିଜିଟାଲ ସେବାର ସମ୍ପ୍ରସାରଣ ନେଇ ବଡ଼ ଦାବି କରୁଥିବା ବେଳେ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ମଦନପୁର ପଞ୍ଚାୟତ ଅନ୍ତର୍ଗତ ପାହାଡ଼ପୁର ଗାଁର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଆଜିର ଡିଜିଟାଲ ଯୁଗରେ ମଧ୍ୟ ଏହି ଗାଁରେ ମୋବାଇଲ ନେଟୱର୍କ ସମସ୍ୟା ଯୋଗୁଁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ନେଟୱର୍କ ନଥିବାରୁ ଫୋନରେ କଥା ହେବା ତ ଦୂରର କଥା, ଗୋଟିଏ ମେସେଜ ପଠାଇବା କିମ୍ବା ଇଣ୍ଟରନେଟ ବ୍ୟବହାର କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏହି ନେଟୱର୍କ ସମସ୍ୟାର ସବୁଠାରୁ ବଡ଼ ପ୍ରଭାବ ପଡୁଛି ଗାଁର ଛାତ୍ରଛାତ୍ରୀଙ୍କ ଉପରେ ଅନଲାଇନ୍ ଶିକ୍ଷା, ପ୍ରୋଜେକ୍ଟ କାମ, ଫର୍ମ ପୂରଣ କିମ୍ବା ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ପାଇବା ପାଇଁ ସେମାନଙ୍କୁ ଗାଁ ବାହାରକୁ ଯିବାକୁ ପଡୁଛି।

ଅନେକ ସମୟରେ ଛାତ୍ରଛାତ୍ରୀମାନେ ଗଛ ଉପରକୁ ଚଢ଼ି କିମ୍ବା ପାଖ ପାହାଡ଼ ଉପରେ ଠିଆ ହୋଇ ଦୁର୍ବଳ ସିଗ୍ନାଲରେ ମୋବାଇଲ ବ୍ୟବହାର କରୁଛନ୍ତି। ବର୍ଷା, ଖରା କିମ୍ବା ପବନ ହେଉ, ନେଟୱର୍କ ପାଇଁ ସେମାନଙ୍କୁ ଏଭଳି ବିପଦପୂର୍ଣ୍ଣ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ଫଳରେ ପାଠ ପଢ଼ିବାକୁ ଗଛ ଚଢୁଛନ୍ତି ଛାତ୍ରଛାତ୍ରୀ। ସେମାନଙ୍କ ପାଠପଢ଼ା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। କେବଳ ଶିକ୍ଷା କ୍ଷେତ୍ର ନୁହେଁ, ଜରୁରିକାଳୀନ ସେବା ମଧ୍ୟ ଏହି ନେଟୱାର୍କ ସମସ୍ୟା ଯୋଗୁଁ ଠପ୍ ହୋଇପଡୁଛି। କୌଣସି ବ୍ୟକ୍ତି ଅସୁସ୍ଥ ହେଲେ କିମ୍ବା ଦୁର୍ଘଟଣା ଘଟିଲେ ଆମ୍ବୁଲାନ୍ସ, ଅଗ୍ନିଶମ ବା ପୁଲିସକୁ ତୁରନ୍ତ ଫୋନ କରିବା ସମ୍ଭବ ହେଉନାହିଁ। ନେଟୱର୍କ ଅଭାବର ପ୍ରଭାବ ସାମାଜିକ ଜୀବନ ଉପରେ ମଧ୍ୟ ପଡୁଛି। ବାହାଘର, ପାରିବାରିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସମାଜିକ ସମ୍ପର୍କରେ ଯୋଗାଯୋଗ ଅଭାବ ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ମୋବାଇଲରେ ଠିକ୍ ସମୟରେ ସମ୍ପର୍କ କରିପାରୁ ନଥିବାରୁ ବାହାଘର ଭାଙ୍ଗିଯାଇଥିବା ଭଳି ଘଟଣା ମଧ୍ୟ ସାମ୍ନାକୁ ଆସିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଅନଲାଇନ୍ ବ୍ୟାଙ୍କିଙ୍ଗ, ସରକାରୀ ସେବା, ଆଧାର ସମ୍ବନ୍ଧୀୟ କାମ, ଛାତ୍ରଛାତ୍ରୀଙ୍କ ଆବେଦନ ଏବଂ ଅନ୍ୟାନ୍ୟ ଡିଜିଟଲ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ଏହି ସମସ୍ୟା ନୂଆ ନୁହେଁ। ବହୁ ବର୍ଷ ଧରି ସେମାନେ ପ୍ରଶାସନ ଏବଂ ବିଭିନ୍ନ ଟେଲିକମ୍ କମ୍ପାନୀଙ୍କୁ ଅଭିଯୋଗ କରିଆସୁଛନ୍ତି; କିନ୍ତୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନାହିଁ। ଗାଁରେ ଏକ ମୋବାଇଲ ଟାୱାର ସ୍ଥାପନ କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି।




▶▶ ଗଛ ଉପରେ ତ ପାହାଡ଼ ଚଢୁଛନ୍ତି ଛାତ୍ରଛାତ୍ରୀ
▶▶ ଦୁର୍ବଳ ସିଗ୍‌ନାଲ ଭରସାରେ ଅଞ୍ଚଳବାସୀ ହନ୍ତସନ୍ତ

## ଦେଁଳା ଗ୍ରାମରେ ମନ୍ କି ବାତ୍; ବିଧାୟକଙ୍କୁ ଦାବିପତ୍ର



କେନ୍ଦୁଝର, ୨୮।୬(ସମିସ): ତେଲକୋଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁଆକାଟି ଗ୍ରାମପଞ୍ଚାୟତର ଦେଁଳା ଗ୍ରାମରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୫ତମ ‘ମନ କି ବାତ’ କାର୍ଯ୍ୟକ୍ରମ ସାମୂହିକ ଭାବେ ଶ୍ରବଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡ଼ଃ ଫକୀର ମୋହନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶୁଆକାଟି ଗ୍ରାମ ସରପଞ୍ଚ କୌତୁକ ନାଏକ ଏବଂ ବିଜେପିକର୍ମୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଁଳା ଭୂୟାଁ ସର୍ଦ୍ଦାର, କୁଞ୍ଜିଦେହୁରୀ ଏବଂ ଗ୍ରାମବାସୀ ସାମିଲ ହୋଇଥିଲେ। କାର୍ଯ୍ୟକର୍ତ୍ତା, ମହିଳା, ଯୁବବର୍ଗ ଓ ବହୁସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବିଧାୟକ ଡ଼ଃ ଫକୀର ମୋହନ ନାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ପାନୀୟଜଳ, ରାସ୍ତାଘାଟ, ବିଦ୍ୟୁତ, ଶିକ୍ଷା, ନିଯୁକ୍ତି ଓ ଅନ୍ୟାନ୍ୟ ଜନସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଥିଲେ।

## ପଲ୍‌ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ




ଚମ୍ପୁଆ, ୨୮।୬(ସମିସ): ଚମ୍ପୁଆ ବ୍ଲକର ପର୍ଶଲା ପଞ୍ଚାୟତରେ ରବିବାର ବୁଥସ୍ତରୀୟ ବ୍ୟାପକ ପଲସ୍ ପୋଲିଓ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ବିଡ଼ିଓ ସ୍ମୃତିରଞ୍ଜନ ସାହୁ। ୫ବର୍ଷ ମଧ୍ୟରେ ଶିଶୁମାନଙ୍କୁ ଦିଆଯିବ ପଲସ୍ ପୋଲିଓ ବୁନ୍ଦା। ଏହି କାର୍ଯ୍ୟକ୍ରମ ଜୁନ୍ ୩୦ ପର୍ଯ୍ୟନ୍ତ ବ୍ଲକର ସମସ୍ତ ୨୨ଟି ପଞ୍ଚାୟତର ଟିକାକେନ୍ଦ୍ର ଓ ଡାକ୍ତରଖାନାରେ ଦିଆଯିବ। ପ୍ରତ୍ୟେକ ଶିଶୁକୁ ୨ ବୁନ୍ଦା ପୋଲିଓ ଦିଆଯିବ। ଦୁଇଦିନ ପର୍ଯ୍ୟନ୍ତ ସଂପୃକ୍ତ ଅଞ୍ଚଳରେ ଘରକୁ ଘର ବୁଲି ୫ ବର୍ଷ ମଧ୍ୟରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ। କାର୍ଯ୍ୟକ୍ରମରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ଓମ୍‌ପ୍ରକାଶ ବାରିକ, ବିପିଏମ୍ ରଞ୍ଜିତା ମହାନ୍ତି, ପର୍ଶଲା ଏଏନଏମ୍ ତପସ୍ୱିନୀ ମହାନ୍ତ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ପଞ୍ଚାୟତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚମ୍ପୁଆ ବସ୍‌ଷ୍ଟାଣ୍ଡ ନିକଟରେ ପଲସ୍ ପୋଲିଓ ଟିକାକରଣ ବୁଥ୍‌ରେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାର ସ୍ୱାସ୍ଥ୍ୟକର୍ମୀ ଅରୂପା ସାହୁଙ୍କ ତତ୍ତ୍ୱାବଧାନରେ ଛୋଟ ଛୋଟ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା। ବିଶେଷକରି ଚମ୍ପୁଆ ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ଅଞ୍ଚଳରୁ ଆସୁଥିବା ଶିଶୁମାନଙ୍କୁ ମଧ୍ୟ ଟିକାକରଣ କରାଯାଇଥିଲା। ଚମ୍ପୁଆ ଅଞ୍ଚଳରେ ମୋଟ ୧୨ଟି ପଲସ୍ ପୋଲିଓ ବୁଥ୍ ସ୍ଥାପନ କରାଯାଇଥିବାବେଳେ ପ୍ରତ୍ୟେକ ବୁଥ୍‌ରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରୁଥିଲେ।

## ଜଳସୁଆଁରେ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ



ଆନନ୍ଦପୁର,୨୮।୬ (ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ପୂର୍ତ୍ତି ଅବସରରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଜଳସୁଆଁ ପଞ୍ଚାୟତରେ ଆୟୋଜିତ ହୋଇଛି ‘ବିକାଶର ଧାରା–ଓଡ଼ିଶା ସାରା’ କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ପୂଜାଶ୍ରୀ ପ୍ରିୟଦର୍ଶିନୀ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି, ଅଙ୍ଗନୱାଡ଼ି ବିଭାଗ ସମେତ ବିଭିନ୍ନ ସରକାରୀ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତି ମାଝୀ ଓ ସମିତିସଭ୍ୟା ସନ୍ଧ୍ୟାରାଣୀ ବିଶ୍ୱାଳଙ୍କ ସହ ଶତାଧିକ ମିଶନ ଶକ୍ତି ମହିଳା, ସିଆରପି, ଏମ୍‌ବିକେ, ୱାର୍ଡମେମ୍ବର ଓ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୋଲଙ୍ଗପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରିଣୀ ଭଗବତୀ ସାହୁ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ମହିଳା ଓ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀଙ୍କୁ ମୋବାଇଲ୍ ଫୋନ ବଣ୍ଟନ କରାଯାଇଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା ଯୋଜନାର କାର୍ଡ ମଧ୍ୟ ପ୍ରଦାନ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଳ ବଣ୍ଟନ



ତୁରୁମୁଙ୍ଗା, ୨୮।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ପଞ୍ଚାୟତରେ ରବିବାର ‘ବିକାଶର ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରାଯିବା ସହ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ ଏବଂ ଚାଉଳ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ବିକାଶମୂଳକ ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କହିଥିଲେ। ଏହି ଅବସରରେ ସରପଞ୍ଚ ସୁଲେଖା ନାଏକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଶିତ ରାଉତ, ଏଡିଓ ସୁଜିତ ସାମନ୍ତରାୟ, ଯୋଗାଣ ସହାୟକ ସତ୍ୟନାରାୟଣ ବେହେରା ସାମାଜିକ କର୍ମୀ ବଳଭଦ୍ର ନାଏକଙ୍କ ସମେତ ହିତାଧିକାରୀ ଉପସ୍ଥିତ ଥିଲେ।

## ‘ପୁନଶ୍ଚ ସୁଜାତା’ ପୁସ୍ତକର ଶୁଭ ଉନ୍ମୋଚନ




ଆନନ୍ଦପୁର, ୨୮।୬(ସମିସ): ବିଦ୍ୟାବତୀ ସୁଜାତା ଜେନାଙ୍କ ସ୍ମୃତିରେ “ପୁନଶ୍ଚ ସୁଜାତା” ପୁସ୍ତକର ଉନ୍ମୋଚନ ଉତ୍ସବ ଘସିପୁରା ଗୋହିରାସ୍ଥିତ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁରର ଅଗ୍ରଣୀ ଅନୁଷ୍ଠାନ “ପ୍ରତିଭା ପ୍ରଣାମ ମଞ୍ଚ” ଦ୍ୱାରା ଅନୁଷ୍ଠିତ ଏ ଭବ୍ୟ ଉତ୍ସବରେ ବରିଷ୍ଠ ଗାଳ୍ପିକା ମୀରା ଜେନା ପୌରୋହିତ୍ୟ କରିଥିଲେ। ମଞ୍ଚର ଆବାହକ ରତ୍ନାକର ଦାସଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ରମାକାନ୍ତ ନାୟକ, ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଲେଖକ ହଳଧର ପଣ୍ଡା, କବି ପ୍ରଫୁଲ୍ଲ ଚକ୍ର, ପ୍ରେମ ପ୍ରବଣ କବି ଡ.ଅଶୋକ ପୁହାଣ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କବି କୈଳାସଚନ୍ଦ୍ର ବେହେରା, ଚତୁର୍ଭୁଜ ପହି, ଅଭୟ ସାମଲ, ସୁରେନ୍ଦ୍ରନାଥ ଜେନା, ନାରାୟଣ ସାହୁ, ଦିବ୍ୟାଙ୍ଗ କଳାକାର ନାରାୟଣ ବେହେରା, ଚତୁର୍ଭୁଜ ଜେନା, ସୁରେନ୍ଦ୍ର ପରିଡା, ମୁରଲୀଧର ବେହେରା, ଅନନ୍ତ ଚରଣ ମୁଦୁଲି, ଧୂମକେତୁ ଦାସ, ଦଶରଥ ସାହୁ, ଜ୍ଞାନରଞ୍ଜନ ଜେନା, ସୁଜିତ ମିଶ୍ର, କୈଳାସ ସାହୁ, ରାମଚନ୍ଦ୍ର ଜେନା ପ୍ରମୁଖ ମୂଲ୍ୟବୋଧ ଭିତ୍ତିକ କବିତା ଆବୃତ୍ତି କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ, ଗଂଜନ କୁମାର ଜେନା, ଦିଲ୍ଲୀପ କୁମାର ରାଉତ ସୁଜାତାଙ୍କ ସ୍ମୃତି ସଂପର୍କିତ ଅନୁଭବକୁ ପରିପ୍ରକାଶ କରିଥିଲେ। ପ୍ରାରମ୍ଭରେ ରତିନାରାୟଣ ରାଉତ ଜଗନ୍ନାଥ ସ୍ତୋତ୍ର ପାଠ କରିଥିଲେ ଓ କବି ପୁଷ୍ପମଞ୍ଜରୀ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଦିକନ୍ଦ ଜେନା, ନିବେଦିତା ରାଉତ, ସ୍ମୃତିରଞ୍ଜନ ଜେନା, ବିନୋଦିନୀ ରାଉତ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରାସାହି ଶିଶୁ ମନ୍ଦିରର ପ୍ରତିଷ୍ଠା ଦିବସ



ଯୋଡ଼ା, ୨୮।୬(ସମିସ): ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ପରିଚାଳିତ ଉତ୍ତର ସମ୍ଭାଗ ବଡ଼ବିଲ ସଙ୍କୁଳ ଅନ୍ତର୍ଗତ ଭଦ୍ରାସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଥିବା ବୌଦ୍ଧିକ ମଣ୍ଡପରେ ସ୍ୱତନ୍ତ୍ର ନାମଯଜ୍ଞ ସହିତ ପ୍ରସାଦ ସେବନର ଆୟୋଜନ କରରାଯାଇଥିଲା। ସେଠାରେ ଆୟୋଜିତ ଏକ ସଭାରେ ବଡ଼ବିଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ବିପିନ ବିହାରୀ ଖଣ୍ଡେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଯୁଗ୍ମ ସମ୍ପାଦିକା ଅଙ୍କିତା ଉପାଧ୍ୟାୟ, କୋଷାଧ୍ୟକ୍ଷ ଗୁରୁଚରଣ ନାଏକ, ସଦସ୍ୟ ରମେଶଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ସହିତ ସଭା ପରିଚାଳନା କରିଥିଲେ। ଆଚାର୍ଯ୍ୟ ପ୍ରତିନିଧି ସୁଧାଂଶୁ ଚକ୍ର, ଗୁରୁଜୀ ସୁଶାନ୍ତ ଖମାଣିଆ, ସମୀର ମହାନ୍ତ, ଗୁରୁମା ସୁଷମା ମହାନ୍ତ, ସ୍ୱପ୍ନାରାଣୀ ସେନାପତି, ଅର୍ପିତା ମହାନ୍ତ ସମେତ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଶୁଭେଚ୍ଛୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## କୋଟିକୋଟି ଟଙ୍କା ଖର୍ଚ୍ଚ
# ଗ୍ରାମବାସୀଙ୍କୁ ମିଳୁନି ପାଣି

### ଢ଼ିଙ୍କିଆରେ ଜଳକଷ୍ଟ

ଆନନ୍ଦପୁର, ୨୮।୬(ସମିସ): କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ମେଗା ପାନୀୟଜଳ ପ୍ରକଳ୍ପ ଥାଇ ସୁଦ୍ଧା ଗାଁରେ ପିଇବାକୁ ବିଶୁଦ୍ଧ ପାଣି ନାହିଁ। ସରକାରଙ୍କ ଯୋଜନା ଥିଲେ ମଧ୍ୟ ଲୋକେ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ଏଭଳି ଅଭିଯୋଗ ଆସିଛି କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତ ଢ଼ିଙ୍କିଆ ଗ୍ରାମରୁ। ରାଜ୍ୟ ସରକାରଙ୍କ ଗ୍ରାମୀଣ ଜଳଯୋଗାଣ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଢ଼ିଙ୍କିଆ ଗ୍ରାମରେ ଆଜିବି ପାନୀୟଜଳ ସମସ୍ୟା ଉତ୍କଟ ରହିଛି। ଗାଁରେ ଥିବା ୪ଟି ଟ୍ୟୁବୱେଲ ମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ଅଚଳ ଥିବା ବେଳେ ଆଉ ଗୋଟିଏରୁ ପାଣି ବାହାରୁନାହିଁ। ଫଳରେ ପ୍ରାୟ ୨୦୦ ଲୋକ କେବଳ ଗୋଟିଏ ଟ୍ୟୁବୱେଲ ଉପରେ ନିର୍ଭର କରୁଛନ୍ତି। ତେବେ ସେହି ଟ୍ୟୁବୱେଲରୁ ବାହାରୁଥିବା ପାଣି ଗୋଳିଆ ହୋଇଥିବାରୁ ତାହା ପାନୀୟ ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଧହୋଇ ସେହି ଦୂଷିତ ପାଣି ବ୍ୟବହାର କରୁଥିବାରୁ ଅନେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ସେମାନେ କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ତେଣୁ ଅତିଶୀଘ୍ର ବିଶୁଦ୍ଧ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଯଦି ପ୍ରଶାସନ ତୁରନ୍ତ କୌଣସି ପଦକ୍ଷେପ ନ ନିଏ, ତେବେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏବେ ଦେଖିବାକୁ ବାକି ରହିଲା, ଗ୍ରାମବାସୀଙ୍କ ଏହି ଦୀର୍ଘଦିନର ସମସ୍ୟା ପ୍ରତି ପ୍ରଶାସନ କେବେ ଦୃଷ୍ଟି ଦେଉଛି ଓ କେବେ ଢ଼ିଙ୍କିଆ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁଛି।



# ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ବରୁଡ଼ିପଶି ଗ୍ରାମସଭା




ତୁରୁମୁଙ୍ଗା, ୨୮।୬(ସମିସ)

କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରବିବାର ସକାଳ ୮.୩୦ ମିନିଟରେ ଯମୁନାପଶି ଗ୍ରାମପଞ୍ଚାୟତ ବରୁଡିପଶି ଗ୍ରାମର ସ୍କୁଲ ପଡ଼ିଆରେ ଦଶମ ଗ୍ରାମସଭା ସଫଳତାର ସହ ଶେଷ ହୋଇଛି। ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗାଁର ୨୧୯.୮୦ ଏକର ଘରୋଇ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଆୟୋଜିତ ଗ୍ରାମସଭାରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ଯମୁନାପଶି ସରପଞ୍ଚ ଶଶିଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ଇଡ଼କୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର ପ୍ରମୁଖ ଲୋକଙ୍କଠାରୁ ମତାମତ ଗ୍ରହଣ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ କ୍ଷତିପୂରଣ ବାବଦରେ ଏକର ପ୍ରତି ୨୦ କୋଟି ଟଙ୍କା ଦାବି କରାଯିବା ସହ ୪୪ ସର୍ତ୍ତ ସମ୍ବଳିତ ଦାବିପତ୍ର ପ୍ରଶାସନ ନିକଟରେ ଉପସ୍ଥାପନ କରିଥିଲେ। ଗ୍ରାମର ପାରିପାର୍ଶ୍ୱିକ ଉନ୍ନତି ସହ ପାନୀୟଜଳ ସମସ୍ୟା, ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି ଆଦି ଦାବି କରିଥିଲେ। ଦାବି ପୂରଣ ନହେଲେ ଅନ୍ଦୋଳନାତ୍ମକ ପନ୍ଥା ସମ୍ପର୍କରେ ସତର୍କ କରାଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ, ପ୍ରଭା ଧାନ, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ପ୍ରଶାନ୍ତ କୁମାର ବେହେରା, ବିଜୟ କୁମାର ବିହାରୀ, ଜୟଦୀପ ମହାନ୍ତି ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ବଡ଼ବିଲ ଥାନାଧିକାରୀ ଅଶୋକ ନାଏକ ଟାଉନ ଥାନାଧିକାରୀ ଶ୍ରୀକାନ୍ତ ସାହୁ, ବାମେବାରୀ ଥାନାଧିକାରୀ ଯଶକେତନ ଭୋଇ, ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

### ଏକର ପ୍ରତି ୨୦ କୋଟି ଟଙ୍କା ଦାବି

ସକାଳ THE SAKALA



www.sakalaepaper.com

**ଜୟପୁରରେ ଜମି ମାଫିଆଙ୍କ ଦବ୍‌ଦବା**

# ମଝିଶଙ୍ଖ ଡ୍ରେନ୍‌କୁ ବନ୍ଦ କରି ଜମି ବିକ୍ରି; ଗୃହ ନିର୍ମାଣ

ଜୟପୁର, ୨୮।୬(ସମିସ):

ଜୟପୁର ସହର ସନ୍ନିକଟ ମାଲକାନଗିରି ଜିଲ୍ଲାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ପାୱାର ହାଉସ ଛକ ପରେ ଏକ ଛୋଟିଆ ନାଳ ରହିଛି। ଏହା ଉପରେ ଜାତୀୟ ରାଜପଥର ଏକ ଛୋଟିଆ ପୋଲ (କଲଭର୍ଟ) ରହିଛି। କିନ୍ତୁ ବର୍ତ୍ତମାନ ଏହାର ଡାହାଣ ପାର୍ଶ୍ୱର ନାଳର ଦିଗ ପରିବର୍ତ୍ତନ କରାଯାଇ ଉକ୍ତ ଜମିକୁ ବେଆଇନ ଭାବେ ଅକ୍ତିଆର କରାଯାଇ ଗୃହ ନିର୍ମାଣ କରାଯାଇଛି। ଏହି ଜମି ନିକଟରେ ଉଚ୍ଚ ବିଦ୍ୟୁତ ସମ୍ପନ୍ନ ୧୦ ହଜାର ଭୋଲ୍ଟର ବିଦ୍ୟୁତ ଟାୱାର ଲାଇନ ରହିଥିବା ଯୋଗୁଁ ସ୍ଥାନୀୟ ଜମି ମାଫିଆ ମାନେ ଏହି ମଝି ଶଙ୍ଖ ନାଳକୁ ଅକ୍ତିଆର କରିବା ସହିତ ଜମି ବିକ୍ରି କରିଦେଇଥିବା ବେଳେ ଏହି ନାଳର ବିନା ଅନୁମତିରେ ଦୀଗ ପରିବର୍ତ୍ତନ କରାଯାଇଛି। ଏହିପରି ଘଟଣା ଜୟପୁର ସହର ନିକଟରେ ହୋଇଥିଲେ ସୁଦ୍ଧା ତହସିଲ, ଟାଉନ ପ୍ଲାନିଂ, ପୌରସଂସ୍ଥାର ନଜର ଅଢୁଆଳରେ ରହିଥିବା ନେଇ ସରକାରୀ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହିପରି ସ୍ଥାନୀୟ ଅଞ୍ଚଳର ପୁରାତନ ଲୋକ ମାନେ ମଝିଶଂଖ ଭାବେ ଯେଉଁ ନାମକରଣ ସହ ଚିହ୍ନଟ କରୁଥିଲେ, ବର୍ତ୍ତମାନ ଏହାର ନାମ ସମ୍ପୂର୍ଣ୍ଣ ଭାବେ ଲିଭି ଯିବାରେ ରହିଛି। ଏହିପରି ରାସ୍ତା ଗୋଟିଏ ପାଶ୍ୱର୍ରେ ଜମି ମାଫିଆ ମାନେ ଏହି ନାଳକୁ ବନ୍ଦ କରିଥିବା ଯୋଗୁଁ ଅନ୍ୟାନ୍ୟ ପାର୍ଶ୍ୱକୁ ମଧ୍ୟ ଜମି ମାଫିଆ ମାନେ କବଜା କରିବାର ସମ୍ଭାବନା ରହିଛି। ଏହିପରି ହେଲେ ଭବିଷ୍ୟତରେ ଏହି ନାଳ ସମ୍ପୁର୍ଣ୍ଣ ପୋତି ହେଲେ ଏକ ବର୍ଷା ଦିନରେ ପ୍ରକାର ବନ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହିପରି ବିନା ଯାଞ୍ଚରେ ଏହି ଜମିକୁ କିଭଳି ଭାବେ ଘରବାରିରେ ପରିର୍ତ୍ତନ କରାଯାଇଛି ଏବଂ ପୌରସଂସ୍ଥା ଏବଂ ଟାଉନ ପ୍ଲାନିଂ ପକ୍ଷରୁ କିଭଳି ଏହାକୁ ଅନୁମତି ପ୍ରଦାନ କରାଯାଇଛି ସେଥିନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିନେଇ ଜୟପୁର ତହସିଲଦାର ସବ୍ୟସାଚୀ ଜେନାକୁ ଅବଗତ କରିବା ପରେ ସେ କହିଛନ୍ତି ଯେ, ଏହା ଗତ ୩ ବର୍ଷ ପୂର୍ବରୁ ଘଟଣା। କିନ୍ତୁ କଣ ହେଇଛି ସେଥିନେଇ ସେ ତଦନ୍ତ କରିବା ପରେ ପରବର୍ତ୍ତୀ ପଦକ୍ଷପ ଗ୍ରହଣ କରିବେ। ପ୍ରକାଶ ଯେ, ଜୟପୁର-ମାଲକାନଗିରିକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାରେ ଚିକିଟି ନାଳ ଏବଂ ସତୀନଦୀ ପୋଲ ମଧ ବର୍ତ୍ତୀ ଅଞ୍ଚଳର ରହିଥିବା ଚାଷ ଜମିର ପାଣି ପ୍ରବାହିତ ହେବା ପାଇଁ ଏହି ମଝିଶଂଖ ନିର୍ମାଣ କରାଯାଇଥିଲା। ବର୍ଷା ଦିନରେ ପୂର୍ବରୁ ପଶ୍ଚିମକୁ ଜଳ ଏହି ମଝିଶଂଖ ନାଳ ଦେଇ ପ୍ରବାହିତ ହେଉଛି।



**● ନଳକୂପ ଅଚଳ, ସୋଲାର ପ୍ରକଳ୍ପ ବନ୍ଦ**

# ପାଣି ପାଇଁ ଡହଳବିକଳ କୁମ୍ଭିଗୁଡ଼ାବାସୀ

ନନ୍ଦପୁର,୨୮।୬(ସମିସ): ନନ୍ଦପୁର ବ୍ଲକ ଚାଟୁଆ ସଦର ପଞ୍ଚାୟତ ଅନ୍ତର୍ଗତ କୁମ୍ଭିଗୁଡ଼ା ଗ୍ରାମର ଦୁଇଟି ସାହିରେ ଦୀର୍ଘଦିନ ଧରି ଉତ୍କଟ ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ପ୍ରାୟ ୧୫୦ ଜଣ ଅଧିବାସୀ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପାଣି ପାଇଁ ଲୋକମାନେ ନିତିଦିନ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ଦୁଇ ସାହିରେ ପ୍ରାୟ ୩୦ଟି ପରିବାରର ୧୫୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ସେମାନଙ୍କ ପାନୀୟ ଜଳର ମୁଖ୍ୟ ଉତ୍ସ ଥିବା ଦୁଇଟି ନଳକୂପ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଥିବା ବେଳେ ଗ୍ରାମରେ ସ୍ଥାପିତ ସୋଲାର ଜଳ ଯୋଗାଣ ପ୍ରକଳ୍ପ ମଧ୍ୟ ବହୁଦିନ ହେଲା ବନ୍ଦ ଅବସ୍ଥାରେ ରହିଛି। ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ଚାଟୁଆ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ଥିବା ଏକମାତ୍ର ନଳକୂପରୁ ପାଣି ସଂଗ୍ରହ କରୁଛନ୍ତି। ତେବେ ଗୋଟିଏ ନଳକୂପ ଉପରେ ଏତେ ସଂଖ୍ୟକ ପରିବାର ନିର୍ଭର କରୁଥିବାରୁ ପର୍ଯ୍ୟାପ୍ତ ପାଣି ମିଳୁନଥିବା ସହ ଦୈନିକ ଲମ୍ବା ଧାଡ଼ି ଲାଗୁଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ସରପଞ୍ଚ ଓ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ମଣିମା ହନ୍ତାଳଙ୍କ ପ୍ରତିକ୍ରିୟା ନେବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା। ସେହିପରି ସମ୍ପୃକ୍ତ ଯନ୍ତ୍ରୀଙ୍କ ସହ ମଧ୍ୟ ଯୋଗାଯୋଗ ସ୍ଥାପନ ହୋଇପାରି ନାହିଁ। ତେଣୁ ବ୍ଲକ ପ୍ରଶାସନ ଏହି ସମସ୍ୟାକୁ ଗୁରୁତର ସହ ଗ୍ରହଣ କରି ଅଚଳ ନଳକୂପ ଗୁଡ଼ିକର ମରାମତି ଓ ସୋଲାର ଜଳ ପ୍ରକଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ପଶ୍ଚିମ ପ୍ରାନ୍ତ ପ୍ରଶିକ୍ଷଣ ଓ ବିଚାର ବର୍ଗ

ନବରଙ୍ଗପୁର,୨୯।୬(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ଦ୍ୱାରା ନବରଙ୍ଗପୁର ଠାରେ ପଶ୍ଚିମ ପ୍ରାନ୍ତ ପ୍ରଶିକ୍ଷଣ ଓ ବିଚାର ବର୍ଗ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ପର୍ଯ୍ୟାବରଣ ପ୍ରମୁଖ ବନ୍ଦେ ଶଙ୍କର ସିଂହ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସଂଘ ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା, ରବି ନାରାୟଣ ମିଶ୍ର ରମାକାନ୍ତ ମିଶ୍ର, ମନୋରଞ୍ଜନ ରାଉତରାୟ ସୁରଥ ପଣ୍ଡା, ଜିଲ୍ଲା ସଂଯୋଜକ ସୁବ୍ରତ କୁମାର ମିଶ୍ର ମଞ୍ଚାସୀନ ଥିଲେ। ଦୁଇଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଚାଲିବ। ୧୫ଟି ଜିଲ୍ଲାରୁ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ। ସ୍ୱଦେଶୀ ଆନ୍ଦୋଳନ ଜାଗ୍ରତ କରିବା, ସ୍ୱ ଚିନ୍ତାଧାରା ଆଣିବା, ସ୍ୱଦେଶୀ ଅବଧରଣା ପ୍ରତ୍ୟେକ ନାଗରିକ ମନରେ ଜାଗ୍ରତ କରିବା ମୂଳ ଲକ୍ଷ୍ୟ ବୋଲି ବକ୍ତା ମାନେ ନିଜ ନିଜର ମତ ବ୍ୟକ୍ତ କରିଥିଲେ।



# ଶ୍ରୀଜୀଉଙ୍କୁ ଅପେକ୍ଷା କରିଛି ସ୍ନାନବେଦୀ

ନବରଙ୍ଗପୁର,୨୮।୬(ସମିସ): ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ସ୍ନାନ ମଣ୍ଡପ ଶ୍ରୀଜୀଉଙ୍କୁ ଅପେକ୍ଷା କରି ରହିଛି । କେତେ ବେଳେ ଆସିବେ ଆଉ ସ୍ନାନ ମଣ୍ଡପ ସିଂହାସନରେ ବସି ସ୍ନାନ ହେବେ ଚତୁର୍ଦ୍ଧାମୂର୍ତ୍ତି। ଆଜି ହେଉଛି ଜ୍ୟେଷ୍ଠ ପୂର୍ଣ୍ଣିମା ବା ଶ୍ରୀଜୀଉଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ଏହି ଅବସରରେ ଆଜିର ଦିନରେ ୧୦୮ ଗରା ବିଭିନ୍ନ ନଦୀ, ପୋଖରୀ ସମେତ ବହୁ ପବିତ୍ର ସ୍ଥାନରୁ ଜଳ ଆଣି ସ୍ନାନ କରାଯାଇଥାଏ ଚତୁର୍ଦ୍ଧାମୂର୍ତ୍ତିଙ୍କୁ। ତେଣୁ ପ୍ରତି ବର୍ଷର ଆଜିର ଦିନକୁ ଅପେକ୍ଷା କରି ବସିଥାଏ ଏହି ସ୍ନାନ ମଣ୍ଡପ। କେବେ ଆସିବ ଏହି ଦିନ । ଆଉ ଚତୁର୍ଦ୍ଧା ମୂର୍ତ୍ତି ଆସି ବସି ସ୍ନାନ କରିବେ। ଭୋର୍ ୫ଟାରୁ ନବରଙ୍ଗପୁର ଗୌଡ଼ ସମାଜ ପକ୍ଷରୁ ଇନ୍ଦ୍ରାବତୀ ନଦୀ ସମେତ ସହର ଏବଂ ସହର ଆଖପାଖରେ ଥିବା ବିଭିନ୍ନ ପୋଖରୀରୁ ଘଣ୍ଟ ଘଣ୍ଟା ମଧ୍ୟରେ ଜଳ ଅଣାଯାଇଥାଏ। ଜଳ ମନ୍ଦିର ପହଞ୍ଚିବା ପରେ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନ ନିତିକନ୍ତି ଆରମ୍ଭ ହୋଇଥାଏ। ସକାଳ ୬ଘଣ୍ଟ ଠାରୁ ପ୍ରଥମେ ସୂର୍ଯ୍ୟପୂଜା ସରିବା ପରେ ସକାଳ ୭ ଘଣ୍ଟା ସମୟରେ ଦେବସ୍ନାନ ନୀତି ନିମନ୍ତେ ଅଧିବାସ ଏବଂ ମଙ୍ଗଳାରୋପଣ ନୀତି ଅନୁଷ୍ଠିତ ହୋଇଥାଏ। ଭିତର ନୀତି କାନ୍ତି ସରିବା ପରେ ସକାଳ ୧୦ ଘଣ୍ଟ ଠାରୁ ଆରମ୍ଭ ହୋଇଥାଏ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୋଟି ପହଣ୍ଡି ନୀତି। ପହଣ୍ଡି ସରିବା ପରେ ଶ୍ରୀଜୀଉଙ୍କ ସ୍ନାନ ନୀତି ଆରମ୍ଭ ହୁଏ। ସ୍ନାନ ପୂଜା ନୀତି ଆରତୀ ଅନ୍ନଭୋଗ ଆଦି ଦିନର ସମସ୍ତ ନୀତି ସମ୍ପୂର୍ଣ୍ଣ ହେବ ପରେ ବିଜ୍ଞ ପଣ୍ଡିତଙ୍କ ଦ୍ୱାରା ଆରମ୍ଭ ହୋଇଥାଏ ମହାପ୍ରଭୁଙ୍କ ଗଜାନନ ବେଶ ନୀତି। ଏହାପରେ ସନ୍ଧ୍ୟା ୬ଟା ପରେ ସନ୍ଧ୍ୟା ଆରତି ସରିବା ପରେ ଆରମ୍ଭ ହୁଏ ଶ୍ରୀଜୀଉଙ୍କ ଗଜାନନ ବେଶ ଦର୍ଶନ। ଏହା ପରେ ରାତ୍ର ୧୦ଘଣ୍ଟା ସମୟରେ ଧାଡ଼ି ପହଣ୍ଡି ହୋଇ ଚାରି ଠାକୁର ଅଣସର ଘରେ ରହିଥାନ୍ତି। ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି ସମସ୍ତ ନିତିକାନ୍ତି ନବରଙ୍ଗପୁର ଗୌଡ଼ ସମାଜ, ମାଳି ସମାଜ ପରିଚାଳନା କମିଟି, ଦେବୋତ୍ତର ବିଭାଗର ଏବଂ ନବରଙ୍ଗପୁର ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗର ସମସ୍ତ ସଦସ୍ୟ ସଦସ୍ୟାଙ୍କ ସହଯୋଗରେ ସମ୍ପନ୍ନ ହୋଇଥାଏ ଶ୍ରୀଜୀଉଙ୍କ ସମସ୍ତ ନୀତି କାନ୍ତି।



**● ଚନ୍ଦ୍ରା ଭାତରା ହତ୍ୟା ଘଟଣା**

# ହତ୍ୟାକାଣ୍ଡ ସ୍ଥଳରେ ହତ୍ୟାକାରୀ, ଲୁଚାଇଥିବା ସାମଗ୍ରୀ ଦେଖାଇଲା

କୋଷାଗୁମୁଡ଼ା,୨୮।୬(ସମିସ): ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଅଧୀନ ଚଚରାଗୁଡ଼ା ଗ୍ରାମରେ ଗତ ୧୪ ତାରିଖ ପହିଲି ରଜ ରାତିରେ ଯୁବତୀ ଚନ୍ଦ୍ରା ଭାତରାଙ୍କୁ ହତ୍ୟା କରାଯାଇଥିଲା। ନବରଙ୍ଗପୁର ଏସ୍‌ପି କାଶ୍ୟପ ପାର୍ଥ ଜଗଦୀଶଙ୍କ ନିର୍ଦ୍ଦେଶକ୍ରମେ ପାପଡ଼ାହାଣ୍ଡି ଏସ୍‌ଡିପିଓ ଏବଂ ଏଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏହି ଘଟଣାର ଗିରଫ ଅଭିଯୁକ୍ତ ଦଶରଥ ମାଝୀଙ୍କୁ ଶନିବାର ଘଟଣାସ୍ଥଳକୁ ନିଆଯାଇଥିଲା। ଅଭିଯୁକ୍ତ ସେଠାରେ ହତ୍ୟାର ସମ୍ପୂର୍ଣ୍ଣ ବର୍ଣ୍ଣନା କରିଥିଲେ। କିପରି ସେଦିନ ରାତିରେ ହତ୍ୟାକରି ଚନ୍ଦ୍ରାଙ୍କ ମୃତଦେହକୁ ଘର ପଛ ପଟେ ରଖି ଦେଇଥିଲେ ତାହା ବର୍ଣ୍ଣନା କରିଥିଲେ। ମୃତକଙ୍କ ଓଢ଼ଣି, ଚପଲ, ମୋବାଇଲ ଲୁଚାଇ ରଖିଥିବା ସ୍ଥାନ ଦେଖାଇଥିଲେ। ଏହାକୁ ପୁଲିସ ଜବତ ତଦନ୍ତକାରୀ ଅଧିକାରିଣୀ ସୀମା ସଙ୍ଗୀତା ଲୁବୁନ ସମସ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ଘଟଣାସ୍ଥଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ କୋଡ଼ିଙ୍ଗା ଥାନାଧିକାରୀ ଦୀପକ ଜେନା ଓ ପୁଲିସ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ରବିବାର ପହିଲି ରଜରେ ରାତି ପ୍ରାୟ ୯ଟାରେ ଦୋଳି ଖେଳିବା ପାଇଁ ଚନ୍ଦ୍ରା ଘରଠାରୁ କିଛି ଦୂରକୁ ଯାଇଥିଲେ। ସୋମବାର ଭୋର ପ୍ରାୟ ୫ଟାରେ କିନ୍ତୁ ଘର ବାରିରେ ଚନ୍ଦ୍ରାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିଲା। ତାଙ୍କ ଭାଇ ଫୁଲସିଂ ଭତରା ଏହା ଦେଖି ପରିବାର ଓ ଗ୍ରାମବାସୀ ଓ କୋଡ଼ିଙ୍ଗା ପୋଲିସକୁ ଖବର ଦେଇଥିଲେ। କୋଡ଼ିଙ୍ଗା ପୋଲିସ, ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ପ୍ରମାଣ ସଂଗ୍ରହ କରିବା ସହ ତଦନ୍ତ କରିଥିଲେ। ପୁଲିସ ମୃତଦେହ ଜବତ, ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା। ପୁଲିସ କେସ୍ ନମ୍ବର ୧୦୧/୨୬ରେ ରୁଜୁକରି ଅଭିଯୁକ୍ତ ମାମଲା ଦଶରଥ ମାଝୀଙ୍କୁ ଗିରଫ କରିଥିଲା।



# ହାଲ୍ କର୍ମଚାରୀଙ୍କ ବାରଣ୍ଡାରୁ ୨୨ ନାଗ ସାପ ଛୁଆ ଉଦ୍ଧାର

ସୁନାବେଡ଼ା,୨୮।୬(ସମିସ); କୋରାପୁଟ ଜିଲ୍ଲା ସୁନାବେଡ଼ା-୨ ହାଲ ସହରାଞ୍ଚଳ ରହୁଥିବା ହାଲ କର୍ମଚାରୀଙ୍କ ଘର ବାରଣ୍ଡାର ୨୨ ଟି ନାଗ ସାପ ଛୁଆ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ, ଶନିବାର ୨୭ ତାରିଖରେ ଅପରାହ୍ନ ୪ ସମୟରେ ସାପ ଉଦ୍ଧାର ଦଳର ସଦସ୍ୟ ସୁଜିତ କୁମାର ମହାନ୍ତିଙ୍କୁ କ୍ୱାର୍ଟର ନମ୍ବର ସି-୧୬୦ରୁ କଲ ଆସିଥିଲା। ତାଙ୍କ ଗାଡ଼ି ରଖିବା ସ୍ଥାନରେ ୪ଟି ସାପ ଛୁଆ ଦେଖିଥିଲେ। ଗାତରେ ଆଉ ସାପ ଛୁଆ ଥିବା ଅନୁମାନ କରି ସେ ପାଣି ପକେଇଥିଲେ। ସେଥିରୁ ଗୋଟେ ପରେ ଗୋଟେ ୨୨ ଟା ନାଗ ଛୁଆ ବାହାରିଥିଲେ। କିଛି ଦିନ ପୂର୍ବରୁ ସେହି ସ୍ଥାନରୁ ଗୋଟିଏ ନାଗ ସାପକୁ ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ଏହି ସାପ ଛୁଆ ଗୁଡିକୁ ସୁରକ୍ଷିତ ସ୍ଥାନରେ ଛଡ଼ା ଯିବ ବୋଲି ସାପ ଉଦ୍ଧାର ଦଳର ସଦସ୍ୟ ସୁଜିତ କୁମାର ମହାନ୍ତି କହିଛନ୍ତି।



# ୬୦ ବର୍ଷ ପୂର୍ତ୍ତିରେ ରକ୍ତଦାନ ଶିବିର

ସୁନାବେଡା,୨୮।୬(ସମିସ):

ଭୂତପୂର୍ବ ସୈନିକ ସଂଘର ସଭାପତି ତଥା ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍‌ର ଉପ ସଭାପତି ଗୋବିନ୍ଦ ବଲ୍ଲଭ ପାଢ଼ୀ, ହାଲ କମ୍ପାନୀ ଚାକିରିରୁ ଅବସର ଗ୍ରହଣ କରିବା ଅବସରରେ ନିଜର ୬୦ ତମ ଜନ୍ମଦିନ ପାଳନ ସହ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି। ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆୟୋଜିତ ଉକ୍ତ ଶିବିରକୁ ସୁନାବେଡା ସ୍ଥିତ କୋବ୍ରା ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସ୍କନ୍ଦ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରୋଶନୀ ଖେସ୍ , କୋବ୍ରା ବାଟାଲିୟନର ସବ୍ ଇନ୍ସପେକ୍ଟର ନରେନ୍ଦ୍ର ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍‌ର ବରିଷ୍ଠ କର୍ମକର୍ତ୍ତା ଡ. ଉମା ଶଙ୍କର ପ୍ରସାଦ ପାତ୍ର, ଶେଖ ଇବ୍ରାହିମ, ଶାହେଦା ପରୱିନ, ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଅତିଥି ଏବଂ ରକ୍ତଦାତାଙ୍କୁ ସ୍ୱାଗତ ସମର୍ଦ୍ଧନା ଜଣାଇଥିଲେ। ଶିବିରରେ ଫୋରମ୍‌ର ଯୁଗ୍ମ ସମ୍ପାଦକ ସ୍ୱରାଜ କୁମାର ରାୟ,ସଦସ୍ୟ ଜଗନ୍ନାଥ ପ୍ରସାଦ ମହାରଣା, ପୂର୍ଣ୍ଣ ନାୟକ, ଡ଼ା. ଦେବାଶିଷ ମଲ୍ଲଙ୍କ ସମେତ ଗୋଟିଏ ପରିବାରର ତିନି ଜଣ ସଦସ୍ୟା ଗୀତାଞ୍ଜଳି ଜେନା, ଯଶଶ୍ରୀ ଜେନା, ଶୁଭଶ୍ରୀ ଜେନା ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁସ୍ମିତା ଗୌଡ଼, ବିକାଶ କୁମାର କହଁର, ବାଦଲ ମହାନ୍ତି, ସୟଦ ଏନ୍ ଅଲ୍ଲି, ଟୁଟୁ ପ୍ରଧାନ ପ୍ରମୁଖ ରକ୍ତଦାନ କରିଥିଲେ। ଡିବିଡି ଏମଏଫ୍‌ର କର୍ମକର୍ତ୍ତା ଗୀତାଞ୍ଜଳି ପାଢ଼ୀ, ସନ୍ଦୀପ ପଟ୍ଟନାୟକ, ଶୁଭାଶିଷ ପାଢ଼ୀ, କନ୍ଧ ମହାରଣା, ଅଶ୍ୱିନୀ ପଟ୍ଟନାୟକ,ବି. ଶ୍ରୀଦେବୀ, ନବୀନ ଚୌଧୁରୀ, ଗୌରବ ଚୌଧୁରୀ, ରଶ୍ମି ରଞ୍ଜନ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। କୋରାପୁଟ ରକ୍ତ କେନ୍ଦ୍ର ର କର୍ମକର୍ତ୍ତା ଗୀତାଞ୍ଜଳି ରାଉତ, ଭି . ଗଙ୍ଗାଧର ଏବଂ ଅଜିତ କୁମାର ଗୌଡ଼ ସମୁଦାୟ ୨୧ ଜଣ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ଡିବିଡି ଏମଏଫ୍ ତରଫରୁ ଗୋବିନ୍ଦ ବଲ୍ଲଭ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କେକ୍ କାଟି ତାଙ୍କର ଜନ୍ମଦିନ ପାଳନ କରାଯାଇଥିଲା।




# ସାପକାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ

ଜୟପୁର, ୨୮।୬(ସମିସ):ଜୟପୁର ସଦରଥାନା ବାଙ୍କବିଜା ଗ୍ରାମଠାରେ ୬ବର୍ଷ ବୟସର ନାବାଳିକା ଝିଅ ନିଜ ଘରର ପଛପଟେ ବାଡିରେ ଖେଳୁଥିବା ବେଳେ ବିଷକ୍ତ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବାଙ୍କବିଜା ଗ୍ରାମର ରଥି ପରଜାଙ୍କ ଝିଅ ନାବାଳିକା ମାମାଲି ପରଜା (୬) ଗତକାଲି ଘର ବାଡିପଟେ ଖେଳୁଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଝିଅ ଘରକୁ ଆସି ପରିବାରକୁ ଜଣାଇବା ପରେ ତାଙ୍କୁ ତୁରନ୍ତ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଚିକିତ୍ସା କରୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମର ଶରୀର ପ୍ରଦାନ କରାଯାଇଛି।

# ଭାଇ ଭାଇ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ବୈପାରୀଗୁଡ଼ା, ୨୮।୬(ସମିସ): ବୈପାରୀଗୁଡା ସଦର ମହକୁମା ସ୍ଥିତି ଗୌଡ଼ସାହି ଖେଳ ପଡିଆରେ "ଭାଇ ଭାଇ କ୍ରିକେଟ ଟୁର୍ନାମେଣ୍ଟ' ଉଦ୍‌ଘାଟନ ହୋଇଯାଇଛି । ଏହି ଅବସରରେ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସମାଜସେବୀ ସୌମ୍ୟରଞ୍ଜନ ମାଛ, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, ପୂର୍ବତନ ସରପଞ୍ଚ ଭାଗିରଥି ମୁର୍ଜିଆ, ସମାଜସେବୀ କିରଣ ସ୍ୱାଇଁ, ଜାମ୍ବିଲି ଶ୍ରୀକାନ୍ତ, ବିକ୍ରମ ପୂଜାରୀ ପ୍ରମୁଖ ଉପସ୍ଥିତି ଥିବା ବେଳେ " ଭାଇ ଭାଇ କ୍ରିକେଟ କ୍ଲବ'ର ଫାଉଣ୍ଡର ଶୁଭ୍ରାଂଶୁ ଶେଖର ଜେନା ଓ ବାଦଲ ବିଶୋଇ ଏହି ଟୁର୍ନାମେଣ୍ଟର ମୁଖ୍ୟ ଉଦେଶ୍ୟରେ ବିଷୟରେ ଆଲୋକପାତ କରିଥିଲେ । ଆଜିର ପ୍ରଥମ ମ୍ୟାଚଟି ନିର -୧୧ ସହ ଏସକେ ଫାଇଟର ଖେଳ ହୋଇଛି । ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳକୁ ନେଇ ଆଜି ଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଜୁଲାଇ ୫ ତାରିଖ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ବିଜେତା ଦଳକୁ ଟପି ସମେତ ଟଙ୍କା ୫୦ ହଜାର ପୁରସ୍କାର ପ୍ରଦାନ କରାଯିବା ସମେତ ରନର୍ସ ଦଳକୁ ୩୦ ହଜାର ଟଙ୍କା ପୁରସ୍କାର ରଖା ଯାଇଥିବା କହିଛନ୍ତି ଟ୍ରଷ୍ଟ ଚେୟାରମ୍ୟାନ ଜାମାଲ ଖାନ। ଏଥି ସହ ସମସ୍ତ ଦଳୀୟ ଖେଳାଳିଙ୍କୁ ଭଲ ଖେଳିବା ସହ ଅଞ୍ଚଳର ଗୌରବ ଆଣିବାକୁ ଉଦ୍‌ବୋଧନରେ କହିଥିଲେ ଜାମାଲ ଖାନ । ଏହି ଟୁର୍ନାମେଣ୍ଟରେ ମୋନଜ ନାୟକ, କାହ୍ନୁ ଡାକୁଆ, ସାନୁ ମହାନ୍ତି, ନିର ମହାନ୍ତି, ସନ୍ତୋଷ କୁମାର, ସଞ୍ଜୁ ପ୍ରଧାନ, ପପୁ ଓ ମକର ମାଳି ପ୍ରମୁଖ ସହଯୋଗ କରିଥିଲେ।

# ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ଜୟନ୍ତୀ

ଜୟପୁର,୨୮।୬(ସମିସ): ଜୟପୁରର ପୂର୍ବତନ ମହାରାଜ ତଥା ମହାନ କବି ରାଜର୍ଷି ସ୍ୱର୍ଗତ ବିକ୍ରମଦେବ ବର୍ମାଙ୍କ ୧୫୮ ତମ ଜୟନ୍ତୀ ବିକ୍ରମଦେବ ବିଶ୍ୱବିଦାୟଳ, ଶ୍ରୀ ବିକ୍ରମ ଚାରୁ ଓ କାରୁକଳା ବିଦ୍ୟାଳୟ ଏବଂ ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ଜୟପୁର ଠାରେ ରବିବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଜୟନ୍ତୀ କାର୍ଯ୍ୟକ୍ରମ ପ୍ରଶାସନିକ ଭବନସ୍ଥିତ ଅଧ୍ୟାପନା ୨ ନମ୍ବର କକ୍ଷ ଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଅତିଥି ଏବଂ ଆୟୋଜକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମାନଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ରହିଥିବା ସ୍ୱର୍ଗତ ରାଜର୍ଷି ବିକ୍ରମଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ ଆୟୋଜିତ ଜୟନ୍ତୀ କାର୍ଯ୍ୟକ୍ରମର ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଏବଂ ବିଏଡ୍ ବିଭାଗର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଏବଂ ରାଜ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷିକେଶ ସେନାପତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଦାମନଯୋଡି ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ଯୋଗଦେଇ ତାଙ୍କ ଅଭିଭାଷଣରେ ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ଶିକ୍ଷା ପ୍ରତି ଦୂରଦୃଷ୍ଟି ଓ ସମାଜ ଗଠନରେ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରାଜର୍ଷିଙ୍କ ଜୀବନ, ସାହିତ୍ୟ, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବିସ୍ମରଣୀୟ ଅବଦାନ ଉପରେ ମତବ୍ୟକ୍ତ କରିଥିଲେ। ପିଜି କାଉନସିଲର ଅଧ୍ୟକ୍ଷ ଡ.ପ୍ରଶାନ୍ତ କୁମାର ପାତ୍ର ରାଜର୍ଷି ବିକ୍ରମଦେବଙ୍କ ଶିକ୍ଷା ଦର୍ଶନ ଏବଂ ବିଶ୍ୱବିଦ୍ୟାଳୟ ସ୍ଥାପନାରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସେନାପତି ତାଙ୍କ ଅଭିଭାଷଣରେ ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ଆଦର୍ଶକୁ ଅନୁସରଣ କରି ଶିକ୍ଷା, ଗବେଷଣା, ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ଥାନୀୟ ଶ୍ରୀ ବିକ୍ରମ ଚାରୁ ଓ କାରୁକଳା ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ପ୍ରତିଷ୍ଠାତା ସାହିତ୍ୟ ଓ ସଂସ୍କୃତି ସମ୍ରାଟ ବିକ୍ରମଦେବଙ୍କ ଜୟନ୍ତୀ ବିଦ୍ୟାଳୟ ଓ ଛିଣ୍ଡାନଈ ସାହିତ୍ୟ ସଂସଦ ପକ୍ଷରୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ରାଜ୍ୟର ପ୍ରଥମ କାରୁ ଓ ଚାରୁକଳା ବିଦ୍ୟାଳୟ ୧୯୪୬ ମସିହାରେ ଜୟପୁର ଠାରେ ପ୍ରତିଷ୍ଠା କରିଥିବା ନେଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଟିର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଛିଣ୍ଡାନଈ ସଂସଦର ଉପସଭାପତି ଡ.ସୁଧାଂଶୁ ଶେଖର ପଟ୍ଟନାୟକ, ପ୍ରକାଶ ମହାନନ୍ଦିଆ, ପ୍ରହଲ୍ଲାଦ ପରିଡ଼ା, ଆଲୋକ ମହାରଣା, ସୁକାନ୍ତ କୁମାର ଦାସ, ପ୍ରଶାନ୍ତ କୁମାର ସାହୁ, ଅଭିନାଶ ସାନ୍ତାପାତ୍ର, ପୁରାତନ ଛାତ୍ର ଶ୍ରୀକାନ୍ତ ବାରିକ, ସୁରେଶ ନାୟକ, ପଦ୍ମଚରଣ ଚୌଧୁରୀ, ଲୋକନାଥ ବେହେରା, ପାଜେନ୍ଦ୍ର ପଟ୍ଟନାୟକ, ଦୀପକ କୁମାର ଦାସ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସେନାପତି ଏବଂ ସମ୍ମାନୀୟ ଅତିଥି ଭାବେ କୁଳସଚିବ ଶ୍ରୀ ନାୟକ ଯୋଗାଦାନ କରିଥିବା ବେଳେ କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ଶ୍ରୀନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ନଳନୀ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ସେହିପରି ପରିଷଦର ସଭାପତି ହରିହର କରସୁଧା ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀକାନ୍ତ ପାଢୀ ଏବଂ ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦ୍ୱିତୀୟ ଅଧିବେଶନରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା।



## ବିଭିନ୍ନ ସ୍ଥାନରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ



ରାମନାଗୁଡ଼ା,୨୮ ।୬(ସମିସ): ରାୟଗଡ଼ା ଜିଲ୍ଲାର ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳରେ ୪୬ ଗୋଟି ବୁଥ୍‌ରେ ରବିବାର ପଲ୍ସ ପୋଲିଓ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଏଥିରେ ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ପ୍ରତିରୋଧକ ଔଷଧ ପିଆଇବା ପାଇଁ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ୩ ଗୋଟି ମୋବାଇଲ ଟିମ, ୩ ଗୋଟି ଟ୍ରାନସିଟ, ୪ ଜଣ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ୧୫ ଜଣ ଏଏନଏମ, ୧୦ ଜଣ ସିଏଚଓଙ୍କ ସମେତ ସମସ୍ତ ଆଶା କର୍ମୀ, ଅଙ୍ଗନବାଡି କର୍ମୀ ସ୍ୱେଚ୍ଛାସେବୀ ମାନଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଏଥିରେ ବ୍ଲକ ଅଧୀନରେ ଥିବା ୩୦୧୭ ଶିଶୁଙ୍କୁ ଏହି ପୋଲସ ପୋଲିଓ ଟୀକାକାରଣ ପ୍ରଦାନ କରାଯିବ ବୋଲି ଜଣାପଡିଛି । ଅଭିଭାବକ ମାନେ ନିଜ ଶିଶୁମାନଙ୍କୁ ବୁଥକୁ ଆଣି ପୋଲିଓ ଡ୍ରପ୍ ପିଆଇଥିଲେ । ଯେଉଁ ଶିଶୁମାନେ ବୁଥକୁ ଆସିପାରି ନଥିଲେ, ସେମାନଙ୍କ ପାଇଁ ଚଳିତ ମାସ ୨୯/୩୦ ତାରିଖ ଦିନ ଅର୍ଥାତ ସୋମବାର, ମଙ୍ଗଳବାର ଦିନ ଘରକୁ ଘର ଯାଇ ଟୀକାକରଣ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ରାମନାଗୁଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ଅଭିଷେକ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୋଲିଓ ମୁକ୍ତ ସମାଜ ଗଠନ ଦିଗରେ ସଚେତନତା ବୃଦ୍ଧି ସହ ସ୍ୱାସ୍ଥ୍ୟ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜନ୍ମରୁ ପାଞ୍ଚ ବର୍ଷର କୌଣସି ଶିଶୁ ପଲ୍ସ ପୋଲିଓ ପାଇବାରୁ ବଞ୍ଚିତ ନହୁଏ, ସେଥିପ୍ରତି ଧ୍ୟାନ ଦେବାକୁ କର୍ମଚାରୀ ମାନଙ୍କୁ କହିଥିଲେ ।

### କୋଟି କୋଟି ଟଙ୍କାର ଚେକ୍‌ଡ୍ୟାମ୍ ଅଚଳ

# ଜଳସେଚନ ଅଭାବରୁ ପଡ଼ିଆ ପଡୁଛି ଚାଷ ଜମି





ଅମ୍ବାଦଳା,୨୮ ।୬ (ସମିସ):

ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ କୃଷି ଉତ୍ପାଦନ ବଢ଼ାଇବା ଉଦ୍ଦେଶ୍ୟରେ ପ୍ରାୟ ୧୭ ବର୍ଷ ତଳେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଆମ୍ବାଦଳା ପଞ୍ଚାୟତର କାଣିବୋରି ନିକଟ କରଞ୍ଜା ନଦୀ ଉପରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଚେକ୍ ଡ୍ୟାମ ଆଜି ଅଚଳ ହୋଇପଡ଼ିଛି । ରକ୍ଷଣାବେକ୍ଷଣ ଅଭାବ ଏବଂ କେନାଲଗୁଡ଼ିକର ଦୟନୀୟ ଅବସ୍ଥା ଯୋଗୁଁ ଡ୍ୟାମର ପାଣି ଚାଷ ଜମିକୁ ପହଞ୍ଚି ପାରୁନଥିବାରୁ ଚାଷୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ଚେକ୍ ଡ୍ୟାମ ମାଧ୍ୟମରେ ୮ଟି ଗାଁର ଶହ ଶହ ଏକର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବାର ଯୋଜନା ଥିଲା । ପ୍ରାରମ୍ଭିକ ଦିନରେ ଚାଷୀମାନେ ଏହାର ସୁଫଳ ପାଇଥିଲେ ମଧ୍ୟ ବର୍ତ୍ତମାନ କେନାଲରେ ପଙ୍କ, ମାଟି ଓ ଜଙ୍ଗଲ ଭରିଯିବା ସହ ଅନେକ ସ୍ଥାନରେ କେନାଲ ଭାଙ୍ଗିଯାଇଥିବାରୁ ଜଳ ପ୍ରବାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଚାଷୀମାନଙ୍କ କହିବା ଅନୁସାରେ, ପୂର୍ବରୁ ଡ୍ୟାମର ପାଣିରେ ଧାନ ସମେତ ବିଭିନ୍ନ ଫସଲ ଚାଷ କରୁଥିଲେ । କିନ୍ତୁ ବର୍ତ୍ତମାନ କେନାଲରେ ପାଣି ନ ଆସିବାରୁ ବର୍ଷା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ପଡୁଛି । ବର୍ଷା କମ୍ ହେଲେ ଜମି ପଡ଼ିଆ ପଡୁଛି ଓ ଆର୍ଥିକ କ୍ଷତି ସହିବାକୁ ପଡୁଛି । ଚାଷ ବନ୍ଦ ହୋଇଯିବାରୁ ଅନେକ ପରିବାର ଜୀବିକା ପାଇଁ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ ପଳାୟନ କରୁଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ, କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପର ନିୟମିତ ରକ୍ଷଣାବେକ୍ଷଣ ହୋଇନଥିବାରୁ ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ ଚାଷୀମାନେ ଏହାର ସୁଫଳରୁ ବଞ୍ଚିତ ହେଉଛନ୍ତି । ସ୍ଥାନୀୟ ପ୍ରତିନିଧି ଓ ସମାଜସେବୀମାନେ ତୁରନ୍ତ ଚେକ୍ ଡ୍ୟାମ ଏବଂ କେନାଲର ସର୍ଭେ କରାଯାଇ ପଙ୍କ ସଫେଇ, ମରାମତି ଓ ପୁନଃଉଦ୍ଧାର କରିବାକୁ ଦାବି କରିଛନ୍ତି । ସେମାନଙ୍କ ମତରେ, ଏହି ପ୍ରକଳ୍ପକୁ ପୁନର୍ଜୀବିତ କରାଗଲେ ଆଠଟି ଗାଁର ଶହ ଶହ ଚାଷୀ ପୁଣିଥରେ ଚାଷ କାମରେ ଫେରିପାରିବେ ଏବଂ ଦାଦନ ସମସ୍ୟା ମଧ୍ୟ ଅନେକାଂଶରେ କମିପାରିବ । ଏବେ ପ୍ରଶ୍ନ ଉଠୁଛି, ଚାଷୀଙ୍କ କଲ୍ୟାଣ ପାଇଁ ନିର୍ମିତ ଏହି ପ୍ରକଳ୍ପର ପାଣି ଯଦି ଚାଷ ଜମିକୁ ପହଞ୍ଚୁନାହିଁ, ତେବେ ଏତେ ବଡ଼ ଖର୍ଚ୍ଚର ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ପ୍ରଶାସନ କେବେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବ ଓ ଚାଷୀଙ୍କ ଆଶାକୁ ପୁଣିଥରେ ସାକାର କରିବ, ତାହାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

### ● ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କାର୍ଯ୍ୟକ୍ରମ

## ଅନଲାଇନ୍ ମାଧ୍ୟମରେ ଉଦ୍ୟୋଗ ସ୍ଥାପନ ଉପରେ ଗୁରୁତ୍ୱ




ରାୟଗଡ଼, ୨୮ ।୬(ସମିସ): ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ଼ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଉଦ୍ୟୋଗ ଦିବସ ପାଳନ ଅବସରରେ ସ୍ଥାନୀୟ ଜିସିଡି ହାଇସ୍କୁଲ ପଡ଼ିଆରେ ଆୟୋଜିତ "ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ"ର ଦ୍ୱିତୀୟ ଦିବସ ରବିବାର ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ଦେବେଶ ରଞ୍ଜନ ଧର ମୁଖ୍ୟ ଅତିଥି, ଖାଦ୍ୟ ନିରାପତ୍ତା ଅଧିକାରୀ ଜ୍ୟୋତି ପ୍ରକାଶ ସୋରେନ୍ ସମ୍ମାନିତ ଅତିଥି ଏବଂ ଅବସରପ୍ରାପ୍ତ ବରିଷ୍ଠ ସହକାରୀ ଶିଳ୍ପ ଅଧିକାରୀ ସବ୍ୟସାଚୀ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସେ ସ୍ୱାଗତ ଭାଷଣ ସହ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ଓ ଉଦ୍ୟୋଗୀମାନଙ୍କ ପାଇଁ ଉପଲବ୍ଧ ସରକାରୀ ସୁବିଧା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ମୁଖ୍ୟ ବକ୍ତା ସବ୍ୟସାଚୀ ସାହୁ ନୂତନ ଶିଳ୍ପ ସ୍ଥାପନର ସମ୍ଭାବନା, ବ୍ୟବସାୟିକ ସୁଯୋଗ ଏବଂ ରୋଜଗାର ସୃଷ୍ଟିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଦେବେଶ ରଞ୍ଜନ ଧର ଅନଲାଇନ୍‌ରେ ଉପଲବ୍ଧ ବିଭିନ୍ନ ୱେବସାଇଟ, ସରକାରୀ ସେବା ଓ ୟୁଟ୍ୟୁବରେ ଥିବା ଖାଦ୍ୟ ପ୍ରକ୍ରିୟାକରଣ ସମ୍ବନ୍ଧୀୟ ଭିଡିଓ ମାଧ୍ୟମରେ କିପରି ଉଦ୍ୟୋଗ ସ୍ଥାପନ କରାଯାଇପାରିବ ସେନେଇ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଜ୍ୟୋତି ପ୍ରକାଶ ସୋରେନ୍ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ ଫୁଡ୍ ଲାଇସେନ୍ସ ପାଇଁ ଆବେଦନ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟସ୍ତରରେ ପୁରସ୍କୃତ ସଫଳ ଉଦ୍ୟୋଗୀ ରାକେଶ କୁମାର ଦୋରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେ ନିଜର ଉଦ୍ୟୋଗ ସ୍ଥାପନର ଅନୁଭୂତି ବାଣ୍ଟିବା ସହ ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ଼ରୁ ପାଇଥିବା ସହଯୋଗ ଓ ସରକାରୀ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ସେଞ୍ଚୁରୀଆନ କଲେଜର ଶତାଧିକ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ । ସଭା ଶେଷରେ ସେମାନେ ଆୟୋଜିତ ଏମଏସଏମଇ ପ୍ରଦର୍ଶନୀ ମେଳା ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଏଆଇଓ ବେଦାର୍ଚ୍ଚନ ରାୟ, ସ୍ମୃତିଚନ୍ଦନ ପ୍ରଧାନ, ଚିତ୍ତରଞ୍ଜନ ମେହେର, ଦୀପକ ହାଁସଦା, ସୂରଜ କଣ୍ଡୁଲାନା, ଆଇପିଓ ସୁବ୍ରତ ପଟ୍ଟନାୟକ, ବରିଷ୍ଠ ସହାୟକ ସୌମିତ୍ର ପଟ୍ଟନାୟକ, ତ୍ରିଲୋଚନ ଦାସ, ଦୀପା ଅଧିକାରୀ, ଲକ୍ଷ୍ମୀକାନ୍ତ ଜେନା ଏବଂ ସୁନୀଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### ● ଗୁଣପୁର ଅଟୋ ସଂଘର କର୍ମକର୍ତ୍ତା ନିର୍ବାଚନ

## ଗୋପାଳ ରାଓ ଓ ସୌମ୍ୟରଞ୍ଜନ ବିଜୟୀ



ଗୁଣପୁର,୨୮ ।୬ (ସମିସ): ଗୁଣପୁର ଅଟୋ ସଂଘର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ଭୋଟ ଗଣତି ପରେ ସଭାପତି ପଦବୀରେ କଲା ଗୋପାଳ ରାଓ ଏବଂ ସମ୍ପାଦକ ପଦବୀରେ ସୌମ୍ୟରଞ୍ଜନ ସାହୁ ବିଜୟୀ ହୋଇଛନ୍ତି । ଦୀର୍ଘ ବିରତି ପରେ ପୁଣିଥରେ ସଂଘର ନେତୃତ୍ୱକୁ ଫେରିଥିବା କଲା ଗୋପାଳ ରାଓଙ୍କ ବିଜୟକୁ ନେଇ ସଂଘର ସଦସ୍ୟମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି । ସଭାପତି ପଦବୀ ପାଇଁ ମୋଟ ୨୪୯ଟି ଭୋଟ ପଡ଼ିଥିବା ବେଳେ କଲା ଗୋପାଳ ରାଓ ୧୬୭ଟି ଭୋଟ ପାଇ ବିଜୟୀ ହୋଇଥିଲେ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରାମ ମହାନ୍ତି ୮୨ଟି ଭୋଟ ପାଇଥିଲେ । ସେହିପରି ସମ୍ପାଦକ ପଦବୀ ପାଇଁ ମୋଟ ୨୪୯ଟି ଭୋଟ ମଧ୍ୟରୁ ସୌମ୍ୟରଞ୍ଜନ ସାହୁ ୧୯୩ଟି ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସନ୍ତୋଷ କୁମାର ନାୟକ ୫୫ଟି ଭୋଟ ପାଇଥିଲେ । ଉଲ୍ଲେଖଯୋଗ୍ୟ ଯେ, କଲା ଗୋପାଳ ରାଓ ୨୦୦୦ ମସିହାରୁ ୨୦୧୧-୧୨ ପର୍ଯ୍ୟନ୍ତ ଗୁଣପୁର ଅଟୋ ସଂଘର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ଦୀର୍ଘ ବର୍ଷ ପରେ ପୁଣିଥରେ ସଂଘର ସଭାପତି ପଦ ପାଇଁ ନିର୍ବାଚନ ଲଢ଼ି ବିପୁଳ ସମର୍ଥନ ସହ ବିଜୟୀ ହୋଇଛନ୍ତି । ବିଜୟ ପରେ କଲା ଗୋପାଳ ରାଓ କହିଛନ୍ତି ଯେ, ଏହି ବିଜୟ କେବଳ ତାଙ୍କର ନୁହେଁ ବରଂ ସଂଘର ପ୍ରତ୍ୟେକ ସଦସ୍ୟଙ୍କର । ସମସ୍ତଙ୍କୁ ସାଙ୍ଗରେ ନେଇ ଅଟୋ ଚାଳକଙ୍କ ସମସ୍ୟା ସମାଧାନ, ସଂଘର ସାଂଗଠନିକ ସୁଦୃଢ଼ତା ଓ କଲ୍ୟାଣମୂଳକ କାର୍ଯ୍ୟକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି । ନିର୍ବାଚନ ପ୍ରକ୍ରିୟାକୁ ଆଇନ ଯିବି ଅକ୍ଷୟ ଶତପଥୀ, ରାଜ କିଶୋର ଦାସ, ବାସ ଶତପଥୀ ଓ ଦୀପକ କୁମାର ପଣ୍ଡା ତଦାରଖ କରିଥିବା ବେଳେ ପରିଚାଳନାରେ ପ୍ରଦୀପ କୁମାର ମିଶ୍ର, ପୂର୍ଣ୍ଣ ଚନ୍ଦ୍ର, ବି. ମୁରଲୀ ମୋହନ ରାଓ, ପିତାମ୍ବର ସୁବୁଦ୍ଧି, ସୁବାସ ଚନ୍ଦ୍ର ପାତ୍ରୀ, ଆର୍. ରାଜା, କୁନା ଗୌଡ଼ ଓ ନିରଞ୍ଜନ ଦୋରା ସହଯୋଗ କରିଥିଲେ । ନବନିର୍ବାଚିତ ସଭାପତି କଲା ଗୋପାଳ ରାଓ ଓ ସମ୍ପାଦକ ସୌମ୍ୟରଞ୍ଜନ ସାହୁଙ୍କୁ ସଂଘର ସଦସ୍ୟ, ଅଟୋ ଚାଳକ ଏବଂ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି । ନୂତନ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଗୁଣପୁର ଅଟୋ ସଂଘ ଅଧିକ ସଶକ୍ତ ହେବା ସହ ଅଟୋ ଚାଳକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଅଧିକ ସକ୍ରିୟ ଭୂମିକା ନେବ ବୋଲି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି ।

### ● ବିଜେଡିର ପ୍ରଥମ ସାଂଗଠନିକ ବୈଠକ

## ପ୍ରଶାନ୍ତ ମାଝୀ ସଭାପତି, ଜୁନେଶ ମାଝୀଙ୍କୁ ସମ୍ପାଦକ



ଟିକିରି, ୨୮ ।୬(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ବାଙ୍କାମ୍ବ ଗ୍ରାମ ପଞ୍ଚାୟତର ବଡାଜର ଭାଲିଆଡୋଟାଠାରେ ବିଜୁ ଜନତା ଦଳର ପ୍ରଥମ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାଧାରଣ ସମ୍ପାଦକ ସୀମନ ଖୋସଲାଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ପଞ୍ଚାୟତର ୧୫ଟି ଗ୍ରାମର ବିଜେଡି ମୁଖିଆ, ବରିଷ୍ଠ କର୍ମୀ, ଯୁବ ସଦସ୍ୟ ଓ ସକ୍ରିୟ କର୍ମୀମାନେ ଯୋଗଦେଇ ସଂଗଠନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସହ ୨୦୨୭ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସାଂଗଠନିକ ରଣନୀତି ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ବିଭିନ୍ନ ଗ୍ରାମର ପ୍ରତିନିଧିମାନେ ନିଜ ନିଜର ମତାମତ ରଖି ସଂଗଠନକୁ ଗ୍ରାମ ସ୍ତରରେ ଅଧିକ ସକ୍ରିୟ କରିବା, ସାଧାରଣ ଲୋକଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ଏବଂ ଦଳୀୟ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଗ୍ରାମରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସର୍ବସମ୍ମତିକ୍ରମେ ପଞ୍ଚାୟତ ସ୍ତରୀୟ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା । ମାଙ୍କଡ଼ଝୋଲା ଗ୍ରାମର ପ୍ରଶାନ୍ତ ମାଝୀଙ୍କୁ ସଭାପତି, ଫୁଲଯୁବା ଗ୍ରାମର କାଶୀନାଥ ମାଝୀଙ୍କୁ ଉପସଭାପତି, ମହାଲିଙ୍ଗଗୁଡ଼ା ଗ୍ରାମର ଜୁନେଶ ମାଝୀଙ୍କୁ ସମ୍ପାଦକ ଏବଂ ଉପରକୋଡ଼ିଙ୍ଗା ଗ୍ରାମର ରଞ୍ଜିତ ଜାନିଙ୍କୁ ସହ-ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ସେହିପରି ପଞ୍ଚାୟତର ୧୫ଟି ଗ୍ରାମ ପାଇଁ ୧୫ ଜଣ ସଂଗଠନ ପ୍ରତିନିଧିଙ୍କ ନାମ ମଧ୍ୟ ଘୋଷଣା କରାଯାଇ ସେମାନଙ୍କୁ ନିଜ ନିଜ ଗ୍ରାମରେ ସଂଗଠନକୁ ସୁଦୃଢ଼ କରିବାର ଦାୟିତ୍ୱ ଅର୍ପଣ କରାଯାଇଥିଲା । ନୂତନ କର୍ମକର୍ତ୍ତାଙ୍କ ଚୟନ ପରେ ଉପସ୍ଥିତ ସମସ୍ତ କର୍ମୀ କରତାଳି ମାଧ୍ୟମରେ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ । ଆଗାମୀ ଦିନରେ ସମସ୍ତେ ଏକଜୁଟ ହୋଇ ସଂଗଠନକୁ ଆହୁରି ମଜବୁତ କରିବା ସହ ପଞ୍ଚାୟତରେ ଦଳର ସାଂଗଠନିକ ଭିତ୍ତିକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ ପାଇଥିଲା । ବକ୍ତାମାନେ ସଂଗଠନରେ ଶୃଙ୍ଖଳା, ଏକତା ଓ ଜନସମ୍ପର୍କକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଜଣାଇଥିଲେ ।

## ନନ୍ଦପୁରରେ ପଲ୍ସ ପୋଲିଓ ଟୀକାକରଣ

ନନ୍ଦପୁର,୨୮ ।୬(ସମିସ): ଜାତୀୟ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଅନ୍ତର୍ଗତ ରବିବାର ନନ୍ଦପୁର ବ୍ଲକରେ ୦ ରୁ ୫ ବର୍ଷ ବୟସର ଶିଶୁମାନଙ୍କୁ ପୋଲିଓ ପ୍ରତିଷେଧକ ଟିକା ପ୍ରଦାନ କରାଯାଇଛି । ବ୍ଲକରେ ମୋଟ ୯,୧୨୨ ଜଣ ଶିଶୁଙ୍କୁ ଟିକାକରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ରବିବାର ୮,୬୩୩ ଜଣ ଶିଶୁଙ୍କୁ ଟିକା ପ୍ରଦାନ କରାଯାଇ ୯୪.୬ ପ୍ରତିଶତ ସଫଳତା ହାସଲ କରାଯାଇଛି । ଏହି ଅଭିଯାନ ପାଇଁ ବ୍ଲକର ବିଭିନ୍ନ ସ୍ଥାନରେ ୧୨୦ଟି ବୁଥ୍ ସ୍ଥାପନ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମର ତଦାରଖ ପାଇଁ ୧୦ ଜଣ ସୁପରଭାଇଜର



ନିୟୋଜିତ ହୋଇଥିବା ବେଳେ ଯାତ୍ରୀମାନଙ୍କ ଶିଶୁଙ୍କୁ ଟିକାକରଣ କରିବା ପାଇଁ ୧ଟି ଟ୍ରାନ୍‌ଜିଟ୍ ବୁଥ୍ ମଧ୍ୟ କାର୍ଯ୍ୟକ୍ଷମ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଆଶା, ଅଙ୍ଗନବାଡି କର୍ମୀ ଓ ସ୍ୱେଚ୍ଛାସେବୀମାନଙ୍କ ସକ୍ରିୟ ସହଯୋଗରେ ଟିକାକରଣ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା । ବାକି ରହିଥିବା ଶିଶୁମାନଙ୍କୁ ଘରକୁ ଘର ବୁଲି ଟିକା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି ।

### ରାୟଗଡ଼ାରେ ପୋଲିଓ ଟୀକାକରଣ ଦିବସ

# ଜିଲ୍ଲାର ୧,୧୧,୧୭୧ ଶିଶୁ ନେବେ ପୋଲିଓ ଟିକା



ରାୟଗଡ଼ା, ୨୮ ।୬(ସମିସ):

ଜାତୀୟ ପୋଲିଓ ଟିକାକରଣ ଦିବସ-୨୦୨୬ ଅବସରରେ ଇଣ୍ଟେନ୍ସିଫାଇଡ୍ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ (ଆଇପିପିଆଇ) କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ ସମାରୋହ ରାୟଗଡ଼ ମୁଖ୍ୟ ଚିକିତ୍ସାଳୟରେ ସିଡିଏମଓ ଡ. ନାଗେନ୍ଦ୍ରନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ମୌଖିକ ପୋଲିଓ ଟିକା ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଡିପିଏମ୍ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କୁମାର ମିଶ୍ର, ପରିବାର କଲ୍ୟାଣ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. କିଶୋର ଚନ୍ଦ୍ର ବାରାଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଭାରପ୍ରାପ୍ତ) ଦେବରାଜ ଟାକ୍ରୀଙ୍କ ସମେତ ବହୁ ଚିକିତ୍ସକ, ନର୍ସ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ନବୀନ ଚନ୍ଦ୍ର ନାୟକ ତାଙ୍କ ବକ୍ତବ୍ୟରେ ପୋଲିଓମୁକ୍ତ

### ପୋଲିଓ ମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଲେ ଏଡିଏମ

ଭାରତ ଗଠନରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । କୌଣସି ଶିଶୁ ଯେପରି ପୋଲିଓ ଟିକାକରଣରୁ ବଞ୍ଚିତ ନ ରୁହନ୍ତି, ସେଥିପ୍ରତି ସମସ୍ତଙ୍କୁ ସତର୍କ ରହିବାକୁ ସେ ଆହ୍ୱାନ କରିଥିଲେ । ସିଡିଏମଓ ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ ଯେ, ଜିଲ୍ଲାର ୧୧ଟି ବ୍ଲକ୍, ୧ଟି ଏନଏସି ଓ ୨ଟି ପୌରାଞ୍ଚଳର ୫ ବର୍ଷରୁ କମ୍ ବୟସର ୧,୧୧,୧୭୧ ଜଣ ଶିଶୁଙ୍କୁ ମୌଖିକ ପୋଲିଓ ଟିକା ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଜିଲ୍ଲାରେ ୫୧୬ଟି ବୁଥ୍, ୩୪ଟି ଟ୍ରାନଜିଟ୍ ଟିମ୍ ଏବଂ ୨୩ଟି ମୋବାଇଲ୍ ଟିମ୍ ଗଠନ କରାଯାଇଛି । କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ୨,୦୬୪ ଜଣ କର୍ମଚାରୀ, ୧୨୬ ଜଣ ସୁପରଭାଇଜର ଓ ୫୧ଟି ଅତିରିକ୍ତ ଯାନବାହନ ନିୟୋଜିତ କରାଯାଇଛି । ଜିଲ୍ଲାର ବ୍ଲକ୍‌ୱାରୀ ତଥ୍ୟ ଅନୁଯାୟୀ ବିଷମକଟକ ବ୍ଲକ୍‌ରେ ୧୦,୬୪୮ ଜଣ ଶିଶୁଙ୍କ ପାଇଁ ୧୦୨ଟି ବୁଥ୍, ଚନ୍ଦ୍ରପୁରରେ ୫,୫୩୩ ଜଣ ଶିଶୁଙ୍କ ପାଇଁ ୫୨ଟି ବୁଥ୍, ଗୁଡ଼ାରିରେ ୫,୮୪୮ ଜଣ ଶିଶୁଙ୍କ ପାଇଁ ୫୬ଟି ବୁଥ୍, ଗୁଣପୁର ବ୍ଲକ୍‌ରେ ୭,୩୨୨ ଜଣ ଶିଶୁଙ୍କ ପାଇଁ ୮୦ଟି ବୁଥ୍, ଜେ.କେ.ପୁରରେ ୧୨,୮୬୫ ଜଣ ଶିଶୁଙ୍କ ପାଇଁ ୧୩୪ଟି ବୁଥ୍, କଲ୍ୟାଣସିଂହପୁରରେ ୭,୫୮୫ ଜଣ ଶିଶୁଙ୍କ ପାଇଁ ୬୮ଟି ବୁଥ୍, କାଶୀପୁରରେ ସର୍ବାଧିକ ୧୮,୫୧୫ ଜଣ ଶିଶୁଙ୍କ ପାଇଁ ୧୬୪ଟି ବୁଥ୍, କୋଲନରାରେ ୭,୧୯୩ ଜଣ ଶିଶୁଙ୍କ ପାଇଁ ୭୨ଟି ବୁଥ୍, ମୁନିଗୁଡ଼ାରେ ୧୨,୧୩୦ ଜଣ ଶିଶୁଙ୍କ ପାଇଁ ୯୬ଟି ବୁଥ୍, ପଦ୍ମପୁରରେ ୫,୭୯୨ ଜଣ ଶିଶୁଙ୍କ ପାଇଁ ୫୬ଟି ବୁଥ୍, ରାମନାଗୁଡ଼ାରେ ୪,୯୯୩ ଜଣ ଶିଶୁଙ୍କ ପାଇଁ ୪୬ଟି ବୁଥ୍, ଗୁଣପୁର ପୌରାଞ୍ଚଳରେ ୨,୯୩୦ ଜଣ ଶିଶୁଙ୍କ ପାଇଁ ୨୦ଟି ବୁଥ୍ ଏବଂ ରାୟଗଡ଼ା ପୌରାଞ୍ଚଳରେ ୯,୮୧୭ ଜଣ ଶିଶୁଙ୍କ ପାଇଁ ୮୮ଟି ବୁଥ୍ ବ୍ୟବସ୍ଥା କରାଯାଇଛି । ସିଡିଏମଓ ଆହୁରି କହିଥିଲେ ଯେ, ପ୍ରଥମ ଦିନ ସମସ୍ତ ବୁଥ୍‌ରେ ଶିଶୁମାନଙ୍କୁ ପୋଲିଓ ଟିକା ପ୍ରଦାନ କରାଯାଉଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଦିନରେ ସ୍ୱାସ୍ଥ୍ୟକର୍ମୀ ଓ ମୋବାଇଲ୍ ଟିମ୍ ଘରକୁ ଘର ବୁଲି ବାଦ୍ ପଡ଼ିଥିବା ଶିଶୁମାନଙ୍କୁ ପୋଲିଓ ଟିକା ପ୍ରଦାନ କରିବେ । ଶେଷରେ ଅଭିଭାବକମାନଙ୍କୁ ୫ ବର୍ଷରୁ କମ୍ ବୟସର ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ପିଆଇବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି । ଜିଲ୍ଲାର କୌଣସି ଶିଶୁ ଯେପରି ପୋଲିଓ ଟିକାକରଣରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି ।

### ■ ଲେଡିଜ୍ ୱାକର୍ସ କ୍ଲବ୍‌ର ସମାଜସେବା

## ଅନାଥ ଝିଅଙ୍କୁ ଅଧ୍ୟୟନ, ଖାଦ୍ୟ ସାମଗ୍ରୀ ବଣ୍ଟନ




ରାୟଗଡ, ୨୮ ।୬(ସମିସ): ଲେଡିଜ୍ ୱାକର୍ସ କ୍ଲବ୍, ରାୟଗଡ ପକ୍ଷରୁ ଅଶୋକ ନଗର ସ୍ଥିତ ଆସିଷ୍ଟ ଚିଲ୍ଡ୍ରେନ୍ ହୋମ୍, ରାୟଗଡରେ ରହୁଥିବା ୭୦ ଜଣ ଅନାଥ ଝିଅଙ୍କୁ ଅଧ୍ୟୟନ ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀ ରବିବାର ଦିନ ବଣ୍ଟନ କରାଯାଇଛି । ଏହି ଅବସରରେ ଖାତା, କଲମ, ପେନ୍‌ସିଲ, ରବର, କଟର୍, ବିସ୍କୁଟ୍, ଚକୋଲେଟ୍ ଏବଂ ସ୍ୱାସ୍ଥ୍ୟକର ପାନୀୟ ପିଲାମାନଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ୱାକର୍ସ ଟି. ଜୟରାମ ଏବଂ କିଶୋର ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନାଥ ଝିଅମାନଙ୍କୁ ଶିକ୍ଷା, ନୈତିକ ମୂଲ୍ୟବୋଧ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ । ସେମାନେ ନିଜର ମୂଲ୍ୟବାନ ସମୟ ଦେଇ ପିଲାମାନଙ୍କୁ ସକାରାତ୍ମକ ଚିନ୍ତାଧାରା ସହ ଆଗକୁ ବଢ଼ିବାକୁ ଉତ୍ସାହିତ କରିଥିଲେ । ଏହି ସେବାମୂଳକ କାର୍ଯ୍ୟକ୍ରମକୁ ଲେଡିଜ୍ ୱାକର୍ସ କ୍ଲବ୍‌ର ସଭାପତି ୱାକର୍ସ ଶ୍ରମିତା ପାତ୍ରୀ, ସଚିବ ଅଞ୍ଜଳି ପଣ୍ଡା, କୋଷାଧ୍ୟକ୍ଷ ସୁଜାତା ପାତ୍ରୀଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା । କ୍ଲବ ସଦସ୍ୟ ରୀନା ଲେଙ୍କା, କସ୍ତୁରୀ ମହାନ୍ତି, ଟି. ରଶ୍ମିତା ଜୟରାମ, ଜଲି ୱାକର ଜେ. ମୀତା ରାନୀଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସମାଜର ଅସହାୟ ଓ ଅନାଥ ଶିଶୁମାନଙ୍କ ପ୍ରତି ସହଯୋଗ ଓ ସେବାଭାବ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଲେଡିଜ୍ ୱାକର୍ସ କ୍ଲବ୍ ପକ୍ଷରୁ ଏଭଳି ସେବାମୂଳକ କାର୍ଯ୍ୟକ୍ରମ ଭବିଷ୍ୟତରେ ମଧ୍ୟ ଜାରି ରହିବ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି ।

# ସପ୍ତମ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା






ବଲାଙ୍ଗିର, ୨୮ ।୬(ସମିସ): ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ସନ୍ତରଣଗାରରେ ଜିଲ୍ଲା ସନ୍ତରଣ ସଂଘ ତରଫରୁ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉପ ଜିଲ୍ଲାପାଳ ଆଲୋକ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ପୌର ଅଧକ୍ଷା ଲିକା ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ସ୍ପୋର୍ଟ୍ସ ହଷ୍ଟେଲ ଇନଚାର୍ଜ ପରାସର ବାଗ, ରାଜ୍ୟ ସନ୍ତରଣ କୋଷାଧକ୍ଷ ବିଜୟ ଦୀକ୍ଷିତ ଏବଂ ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ମହାକୁର ଯୋଗ ଦେଇଥିଲେ । ଏଥିରେ ୨୦୦ରୁ ଅଧିକ ଖେଳାଳି ଯୋଗ ଦେଇଥିଲେ । ୧୦ଟି ବର୍ଗରେ ୫୪ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସନ୍ତରଣ ସଂଘ ଉପ ସଭାପତି ତଥା ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ସନ୍ତରଣ କୋଚ ନରେଶ ପ୍ରଧାନ, ସୁରେଶ ପ୍ରଧାନ, ତରୁଣ ସେଠ, ଶୈଳେନଦ୍ରୀ ବଗର୍ତ୍ତି, ସୀମା ରାଉତ, ପୂର୍ଣ୍ଣ ବିଶି, ଦେବୀଦତ୍ତ ଘିବେଲା, ସୁରୁଜିତ ସିଂହ, ବୁଦ୍ଧିରାଜ ବିଶ୍ୱାଳ, ସ୍ୱପ୍ନା ସେଠ ପୁରେନ୍ଦ୍ରର ସେଠ, ସସ୍ମିତା ଗଡ଼ତିଆ, ବୀରେନ୍ଦ୍ର ସୁନା, ଜିତେନ୍ଦ୍ର ନାଏକ, ସଙ୍ଗୀତା ନାଏକ, ନୀଳମଣି ପଟେଲ, ଖିତେଶ୍ୱର ବିଶ୍ୱାଳ, ସୁଦର୍ଶନ ସେଠ, ବନୀତି ପଟେଲ, ଗଯାନନ ସାଏ, ବିଦ୍ୟୁତ ପ୍ରଭା ମିଶ୍ର, ସୁଶୀଳା ବିଶ୍ୱାଳ, ଯଶୋବନ୍ତ ନାଏକ, ସୌଦାମିନୀ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନି ନିରାପତ୍ତାକୁ ଅଣଦେଖା

ବଲାଙ୍ଗିର, ୨୮ ।୬(ସମିସ)

ବଲାଙ୍ଗିର ସହର ଦିନକୁ ଦିନ ବ୍ୟବସାୟିକ କେନ୍ଦ୍ର ଭାବେ ବିକଶିତ ହେଉଛି । ଗତ କିଛି ବର୍ଷ ମଧ୍ୟରେ ସହରର ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଛି । ଏହି କମ୍ପ୍ଲେକ୍ସଗୁଡ଼ିକରେ ଶତାଧିକ ଦୋକାନ ଚାଲୁଛି; ହେଲେ ଅଧିକାଂଶ ସ୍ଥାନରେ ମୌଳିକ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅଭାବ ଦେଖିବାକୁ ମିଳୁଛି । ନିକଟରେ ସହରରେ ଘଟିଥିବା ଏକାଧିକ ଅଗ୍ନିକାଣ୍ଡ ଏହି ସମସ୍ୟାକୁ ପୁଣିଥରେ ସାମ୍ନାକୁ ଆଣିଛି । ଗାନ୍ଧୀନଗର ଅଞ୍ଚଳର ଏକ ମାର୍କେଟ କମ୍ପ୍ଲେକ୍ସରେ ଭୟାବହ ଅଗ୍ନିକାଣ୍ଡ ଘଟି ୮ଟି ଦୋକାନ ଜଳିପୋଡ଼ି ଛାରଖାର ହୋଇଯାଇଛି । କୋଟିଏ ଟଙ୍କାରୁ ଅଧିକ ସମ୍ପତ୍ତି କ୍ଷତି ହୋଇଥିବା ଆକଳନ କରାଯାଇଛି । ପ୍ରାଥମିକ ତଦନ୍ତରେ ବୈଦ୍ୟୁତିକ ସର୍ଟସର୍କିଟ୍ ଏହାର କାରଣ ବୋଲି ସନ୍ଦେହ କରାଯାଇଛି । ଏହି ଘଟଣା ପରେ ସହରର ଅନ୍ୟ ମାର୍କେଟ କମ୍ପ୍ଲେକ୍ସଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି । ସହରରେ ଥିବା ଅନେକ ବହୁତଳ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନି ନିର୍ବାପକ ଯନ୍ତ୍ର (ଫାୟାର ଏକ୍ସଟିଙ୍ଗୁଇସର), ଫାୟାର ଆଲାର୍ମ, ସ୍ପ୍ରିଙ୍କଲର ସିଷ୍ଟମ୍, ଜରୁରୀକାଳୀନ ନିର୍ଗମନ ପଥ ଓ ଉଦ୍ଧାର ମାର୍ଗର ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି । ଅନେକ କମ୍ପ୍ଲେକ୍ସର ସିଡ଼ି ଓ କରିଡରରେ ସାମଗ୍ରୀ ରଖାଯାଉଥିବାରୁ ଜରୁରୀ ସମୟରେ ଲୋକଙ୍କ ବାହାରିବା କଷ୍ଟସାଧ ହେବାର ମଧ ଯଥେଷ୍ଟ ସମ୍ଭାବନା ରହିଛି । ଏପରିକି ଅନେକ କମ୍ପ୍ଲେକ୍ସର ନିର୍ମାଣ ଡିଜାଇନରେ ମଧ ସମସ୍ୟା ରହିଛି । ବିଶେଷଜ୍ଞଙ୍କ ମତରେ ଯେଉଁ ସବୁ କମ୍ପ୍ଲେକ୍ସରେ ବୈଦ୍ୟୁତିକ ସାମଗ୍ରୀ, ଫର୍ଣ୍ଣିଚର, କପଡ଼ା, ଔଷଧ, ଗାଡ଼ି ଓ ଅନ୍ୟାନ୍ୟ ଦହନଶୀଳ ପଦାର୍ଥ ମହଜୁଦ ରହୁଛି ସେଠାରେ ନିଆଁ ଲାଗିଲେ ତାହା ଖୁବ୍ ଶୀଘ୍ର ବ୍ୟାପିବାର ସମ୍ଭାବନା ରହିଛି । ଯଦି ପ୍ରାରମ୍ଭିକ ପର୍ଯ୍ୟାୟରେ ଅଗ୍ନିକୁ ନିୟନ୍ତ୍ରଣ କରାଯାଇ ନ ଥାଏ ତେବେ କେବଳ ବ୍ୟବସାୟୀଙ୍କ ନୁହେଁ; ଗ୍ରାହକ ଓ ସାଧାରଣ ଲୋକଙ୍କ ଜୀବନ ମଧ ବିପଦରେ ପଡ଼ିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ବ୍ୟବସାୟୀଙ୍କ କହିବା ଅନୁସାରେ ଅଧିକାଂଶ କମ୍ପ୍ଲେକ୍ସରେ ଦୋକାନ ଭଡ଼ା ଦେବା ବେଳେ ଅଗ୍ନି ନିରାପତ୍ତାକୁ ଗୁରୁତ୍ୱ ଦିଆଯାଉନାହିଁ । କମ୍ପ୍ଲେକ୍ସରେ ଅଗ୍ନି ନିର୍ବାପକ ଯନ୍ତ୍ର ଥିଲେ ମଧ ଅନେକ ସ୍ଥାନରେ ସେଗୁଡ଼ିକର ମିଆଦ ଶେଷ ହୋଇଯାଇଛି କିମ୍ବା ବ୍ୟବହାର ଉପଯୋଗୀ ନୁହେଁ । କେତେକ ସ୍ଥାନରେ ଆଦୌ କୌଣସି ସୁରକ୍ଷା ଉପକରଣ ନାହିଁ । ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଏହି କମ୍ପ୍ଲେକ୍ସଗୁଡ଼ିକରେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । କୋଠା ତିଆରି କରି ମାଲିକମାନେ ଦୋକାନୀଙ୍କୁ ଭଡାରେ ଦେଉଥିବା ଦେଖିବାକୁ ମିଳିଛି । ଅଗ୍ନିଶମ ବିଭାଗର ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ଆକାରର ବାଣିଜ୍ୟିକ ଭବନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ସମୟ ସମୟରେ ସୁରକ୍ଷା ଯାଞ୍ଚ ନିହାତି ଆବଶ୍ୟକ; କିନ୍ତୁ ବଲାଙ୍ଗିର ସହରରେ ଏହି ନିୟମର କେତେ ଦୂର ପାଳନ ହେଉଛି ତାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି । ତେବେ ସହରରେ ସାମ୍ନାକୁ ଆସିଥିବା ଅଗ୍ନିକାଣ୍ଡ ଘଟଣା ପରେ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବିଭାଗ, ପୌରପାଳିକା ଓ ସମ୍ପୃକ୍ତ ବିଭାଗ ମିଳିତ ଭାବେ ସହରର ସମସ୍ତ ମାର୍କେଟ କମ୍ପ୍ଲେକ୍ସର ଅଗ୍ନି ନିରାପତ୍ତା ଯାଞ୍ଚ କରିବାକୁ ଲୋକେ ଦାବି କରିଛନ୍ତି । ଯେଉଁ କମ୍ପ୍ଲେକ୍ସରେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ନାହିଁ ସେମାନଙ୍କୁ ତୁରନ୍ତ ନୋଟିସ୍ ଜାରି କରି ନିୟମ ପାଳନ କରିବାକୁ ବାଧ କରାଯିବା ଦରକାର । ସେହିପରି ବ୍ୟବସାୟୀଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଓ ଜରୁରୀ ସମୟରେ କିପରି ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରାଯିବ ସେନେଇ ନିୟମିତ ପ୍ରଶିକ୍ଷଣ ଦେବା ମଧ ଜରୁରୀ । ସହରରେ ବ୍ୟବସାୟିକ କାର୍ଯ୍ୟକଳାପ ବଢ଼ୁଥିବା ବେଳେ କେବଳ ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିଦେଲେ ହେବ ନାହିଁ ସେଠାରେ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ମଧ ସମାନ ଭାବରେ ସୁନିଶ୍ଚିତ କରିବା ଆବଶ୍ୟକ । ନ ଚେତ୍ ଛୋଟ ଅବହେଳା ଏକ ବଡ଼ ଦୁର୍ଘଟଣାର ରୂପ ନେଇପାରେ । ଅଗ୍ନିକାଣ୍ଡଗୁଡ଼ିକ ଏହାର ସ୍ପଷ୍ଟ ସତର୍କ ସଙ୍କେତ ଦେଇସାରିଥିବା ବେଳେ ବ୍ୟବସାୟୀ ଓ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି ।

# କୁଚୁପାଜୁ ଗାଁକୁ ବାଟ ପାଉନି ସରକାରୀ ଯୋଜନା

- ପାଣି, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସବୁ କ୍ଷେତ୍ରରେ ଅବହେଳା
- ଚୁଆ ଓ ଝରଣା ପାଣି ହିଁ ଲୋକଙ୍କ ଭରସା
- ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡୁଛି

ହରଭଙ୍ଗା, ୨୮ ।୬(ସମିସ): ବୌଦ୍ଧ ଜିଲ୍ଲାର ଏକ ଦୁର୍ଗମ ଗାଁରେ ଆଜି ବି ମୌଳିକ ସୁବିଧା ଅପହଞ୍ଚ । ଏଠି ନାହିଁ, ପିଇବା ପାଣି, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସବୁ କ୍ଷେତ୍ରରେ ଅବହେଳା ଦେଖିବାକୁ ମିଳିଛି । ଜଙ୍ଗଲ ଓ ପାହାଡ଼ ଘେରା ହରଭଙ୍ଗା ବ୍ଲକ ଆଡେଣିଗଡ଼ ପଞ୍ଚାୟତର କୁଚୁପାଜୁ ଗାଁର ଲୋକଙ୍କ ପାଇଁ ସରକାରୀ ଯୋଜନା ସ୍ୱପ୍ନ ପାଲଟିଛି । ଏହି ଗାଁକୁ ଯିବାକୁ ହେଲେ ପାହାଡ଼, ଜଙ୍ଗଲ ଓ ବିପଦସଙ୍କୁଳ ପାଦଚଲା ରାସ୍ତା ଅତିକ୍ରମ କରିବାକୁ ପଡେ । ଆଜି ବି ଏଠାକୁ ପକ୍କା ରାସ୍ତାଟିଏ ହୋଇନାହିଁ । ବର୍ଷା ଦିନରେ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଚିକିତ୍ସାଳୟକୁ ନେବାକୁ ପଡୁଛି । ଗାଁରେ ବସୁଧା ଯୋଜନାର ପାଣି ମଧ ପହଞ୍ଚିନାହିଁ । ଚୁଆ ଓ ଝରଣା ପାଣି ହିଁ ଲୋକଙ୍କ ଭରସା । ପ୍ରତିଦିନ ମହିଳାମାନେ ଦୂରରୁ ପାଣି ଆଣିବାକୁ ବାଧ ହେଉଛନ୍ତି । କେବଳ ପାଣି ନୁହେଁ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ଚିତ୍ର ମଧ୍ୟଏଠି ଅତି ଦୟନୀୟ । ପିଲାମାନଙ୍କୁ ସ୍କୁଲ ଯିବା ପାଇଁ ଦୁର୍ଗମ ପାହାଡ଼ିଆ ରାସ୍ତା ଅତିକ୍ରମ କରିବାକୁ ପଡୁଛି । ରୋଗୀଙ୍କୁ ଆଜି ବି ଖଟିଆରେ ବୋହି ତଳକୁ ଆଣିବାକୁ ପଡୁଛି । ବିକାଶର ନାରା ଯେତେ ଜୋରରେ ଶୁଣାଯାଉଛି କୁଚୁପାଜୁର ବାସ୍ତବ ଚିତ୍ର ସେତେ ନିରାଶାଜନକ । ସରକାରୀ କାଗଜପତ୍ରରେ ବିକାଶର ଚିତ୍ର ଭିନ୍ନ ହୋଇପାରେ; କିନ୍ତୁ କୁଚୁପାଜୁ ଗାଁର ବାସ୍ତବତା ଅଲଗା । ରାସ୍ତା, ପାଣି, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଏହି ଗାଁର ଲୋକେ ଆଜି ବି ବିକାଶକୁ ଅପେକ୍ଷା କରି ରହିଛନ୍ତି । ପ୍ରଶ୍ନ ଉଠୁଛି, ଏତେ ବର୍ଷ ପରେ ବି ଯଦି ଏଭଳି ସ୍ଥିତି ରହିଛି ତେବେ ବିକାଶ କାହା ପାଇଁ? ଏ ବାବଦରେ ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଇଞ୍ଜିନିୟର କୃତିବାସ ବେହେରାଙ୍କୁ ପଚାରିବାରୁ ଆଡେଣିଗଡ଼ଠାରୁ କୁଚୁପାଜୁ ୧୨ କିଲୋମିଟର ରାସ୍ତା ପାଇଁ ୯ କୋଟି ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଛି ବୋଲି କହିଛନ୍ତି ।

# ୧୮୦ ଲିଟର ଚୋରା ଡିଜେଲ ଜବତ, ଜଣେ ଗିରଫ




ବଲାଙ୍ଗିର, ୨୮ ।୬(ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଲା ଅଞ୍ଚଳରେ ପୁଲିସ ଚୋରା ଡିଜେଲ କାରବାରର ପର୍ଦ୍ଦାଫାଶ କରିଛି । ପାଟ୍ରୋଲିଂ ସମୟରେ ପୁଲିସ ଏକ ଗାଡ଼ିକୁ ପିଛା କରି ଅଟକାଇଥିଲା । ଚୋରା ଡିଜେଲ ଜବତ ହେବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ହେଲା ଲୋଇସିଂହା ଥାନା ପାଣ୍ଡ୍ରିଡୁଙ୍ଗୁରି ଗ୍ରାମର ରାଜୁ ମହାକୁର । ସେ ଖସି ପଳାଇବାକୁ ଉଦ୍ୟମ କରିଥିଲା । ପୁଲିସ ପିଛା କରି ପୁଇଁତଲା ନିକଟରେ କାବୁ କରିଥିଲା । ତଲାସି ସମୟରେ ତିନୋଟି ୬୦ ଲିଟର କ୍ଷମତା ବିଶିଷ୍ଟ ପ୍ଲାଷ୍ଟିକ ଡ୍ରମ୍‌ରୁ ୧୮୦ ଲିଟର ଡିଜେଲ, ଦୁଇଟି ଖାଲି ଡ୍ରମ୍, ଏକ ଆଲୁମିନିୟମ୍ ଫନେଲ୍, ଏକ ପ୍ଲାଷ୍ଟିକ ପାଇପ୍ ଏବଂ ଗାଡ଼ି ଜବତ କରାଯାଇଛି । ପଚରାଉଚରା ବେଳେ ଅଭିଯୁକ୍ତ ଏହି ଡିଜେଲ ପୁଇଁତଲାର ରଜନୀକାନ୍ତ ନାମକ ଜଣେ ବ୍ୟକ୍ତିଠାରୁ କିଣିଥିବା ସ୍ୱୀକାର କରିଥିଲା । ରଜନୀକାନ୍ତ ବିଭିନ୍ନ ଟ୍ରକ୍ ଚାଳକଙ୍କ ଅଜାଣତରେ ଡିଜେଲ ବାହାର କରି ବିକ୍ରି କରୁଥିଲା । ଏହି ଘଟଣାରେ ପୁଇଁତଲା ଥାନାରେ କେସ୍ ରୁଜୁ କରାଯାଇଛି । ଏହି ଚୋରା ଡିଜେଲ କାରବାର ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ ଚୋରି ହେଉଥିବା ଡିଜେଲ କେତେ ଦିନ ଧରି ବିକ୍ରି ହେଉଥିଲା ସେନେଇ ପୁଲିସ ତଦନ୍ତ ଜାରି ରଖିଛି ।

ଇନ୍ଦ୍ରାବତୀ ବାମ କେନାଲ ରାସ୍ତା ନିମ୍ନମାନର

# ଅଳ୍ପ ଦିନରେ ଉଠି ଗଲାଣି ପିଚୁ



କୋକସରା, ୨୮ ।୬(ସମିସ): ଅଞ୍ଚଳବାସୀଙ୍କ ଦୀର୍ଘବର୍ଷର ଦାବିପରେ ବହୁମୁଖୀ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ବାମ କେନାଲ ରାସ୍ତା ଗତ କିଛିମାସ ତଳେ ପିଚୁ ହୋଇଥିଲା । ହେଲେ ନିମ୍ନମାନର କାମ ଯୋଗୁଁ ଦିନ କେଇଟାରେ ପିଚୁ ଉଠି ଗଲାଣି । ଏକାଧିକ ସ୍ଥାନରେ ରାସ୍ତା ଫାଟି ଆଁ କରିଛି । ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

ସୂଚନା ଅନୁସାରେ, ଜଳ ସମ୍ପଦ ବିଭାଗ ଉପର ଇନ୍ଦ୍ରାବତୀ ବାମ କେନାଲ ବିଭାଜନ ପକ୍ଷରୁ ମଙ୍ଗଳପୁର ଠାରୁ ପ୍ରାୟ ୫୧ କିଲୋମିଟର କେନାଲ ରାସ୍ତା ପାଇଁ ଏକ ନିର୍ଦ୍ଦିଷ୍ଟ କମ୍ପାନୀ ଟେଣ୍ଡର ନେଇଥିଲା । ତେବେ ପୋଡ଼ବେଡ଼ାଠାରୁ କୁସୁମଖୁଣ୍ଟି, ବାଟିଗୁଡ଼ା, ଜଳତାମୁଣ୍ଡା, ଚିଲଡ଼ଙ୍ଗରୀ, କାଶିବାହାଲ ପର୍ଯ୍ୟନ୍ତ ରାସ୍ତାରେ କିଛି ମାସ ତଳେ ପିଚୁ ପଡ଼ିଛି । ତେବେ ଅତ୍ୟଧିକ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ରାସ୍ତାର କାଶିବାହାଲ ନିକଟରେ ଏବଂ ଏକାଧିକ ସ୍ଥାନରେ ପିଚୁ ଉଠି ଯିବା ସହ ରାସ୍ତା ଫାଟି ଆଁ କଲାଣି । ଏମିତିକି କିଛି ସ୍ଥାନରେ ରାସ୍ତା ଦବି ଯିବା ସହ ରାସ୍ତା ପାର୍ଶ୍ୱରେ ମାଟି ଧସି ଗଲାଣି ।

ସବୁଠାରୁ ବଡ଼ କଥା ହେଲା ଟେଣ୍ଡର ପାଇଥିବା ମୂଳ ଠିକାସଂସ୍ଥା ଏହି କାମକୁ କରି ନଥିବାବେଳେ ପ୍ରତି ୩ କିମି ରାସ୍ତାକୁ ଜଣେ ଲେଖାଏଁ ଛାୟା ଠିକାଦାର ନିଯୁକ୍ତ କରିଥିବା ଅଞ୍ଚଳରେ ଆଲୋଚନା ହେଉଛି । ତେବେ ଏହି ଛାୟା ଠିକାଦାର ମାନେ ଅଧିକ ଲାଭ ଆଶାରେ ମନଇଚ୍ଛା କାମ କରିଛନ୍ତି ।

ଦୀର୍ଘ ବର୍ଷର ବ୍ୟବଧାନ ପରେ ବାମ କେନାଲ ଉପରେ ଚକାଚକ ରାସ୍ତା ଦେଖି ଅଞ୍ଚଳର ଚାଷୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବାବେଳେ ଏବେ ତାହା ନିରାଶାରେ ପରିଣତ ହୋଇଛନ୍ତି । ଏହି ରାସ୍ତା କାମରେ ବଡ଼ ଦୁର୍ନୀତି ହୋଇଥିବାରୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି । ଏନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରଣୟ ପ୍ରଧାନଙ୍କୁ ପଚାରିବାରୁ, ତୁରନ୍ତ ମରାମତି କରିବାକୁ ଠିକା ସଂସ୍ଥାକୁ କୁହାଯାଇଛି ବୋଲି କହିଛନ୍ତି ।

- ୬ ନମ୍ବର ରାଜ୍ୟ ରାଜପଥ ପାଲଟିଛି ମରଣଯନ୍ତା

# ପୂର୍ତ୍ତ ବିଭାଗ ନୀରବଦ୍ରଷ୍ଟା; ବଢୁଛି ଜନଅସନ୍ତୋଷ



ଲାଞ୍ଜିଗଡ଼, ୨୮।୬(ସମିସ): ଭବାନୀପାଟଣାରୁ ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥ ପାଲଟିଛି ମରଣଯନ୍ତା । ବିଶେଷ କରି କଦଳୀ ଘାଟିରୁ କିଡିଙ୍ଗ ପର୍ଯ୍ୟନ୍ତ ଦୀର୍ଘ ଦୁଇ ବର୍ଷ ହେଲା ନିର୍ମାଣ ଚାଲିଛି, ସରିପାରୁନି, କଦଳି ଘାଟିରୁ କିଡିଙ୍ଗ ପର୍ଯ୍ୟନ୍ତ ଚାରି ଲେନ ରାସ୍ତା ଡିଜାଇନିଂ ରାସ୍ତାର ଗୋଟିଏ ପଟେ ପିଚୁ କରି ଛାଡିଦିଆଯାଇଛି । ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ହୋଇଥିବାବେଳେ ରାସ୍ତାରେ ଧୂଳି ଉଡ଼ି ଦିନତମାମ କୁହୁଡିର ଭ୍ରମ ସୃଷ୍ଟି କରୁଛି । ଏହି ରାସ୍ତା ଦେଇ ଯାତାୟତ କରୁଥିବା ବାଇକ୍ ଓ ସାଇକଲ ଆରୋହୀ ଓ ପଥଚାରୀମାନେ ଅନେକ ହଇରାଣ ହେଉଥିବାବେଳେ ବିଭିନ୍ନ ଶ୍ୱାସଜନିତ ରୋଗରେ ପଡୁଛନ୍ତି । ସେହିପରି ରାସ୍ତା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଆଶଙ୍କା ଶତ ପ୍ରତିଶତ ବଢ଼ିଯାଇଛି । ବର୍ତ୍ତମାନ ରାସ୍ତାର ଗୋଟିଏ ପଟ ପିଚୁ ହୋଇଥିବା ବେଳେ ଅନ୍ୟ ପଟ ଦୁଇ ଫୁଟ ଗର୍ତ୍ତ ରହୁଛି । ରାସ୍ତା ସାରା ବହୁ ସଂଖ୍ୟାରେ ଖାଲଖମା ଭର୍ତ୍ତି ହୋଇଥିବାବେଳେ ଏଥିରେ ନାମକୁ ମାତ୍ର କ୍ରସରଗୁଣ୍ଡ ପକାଇ ଦାୟିତ୍ୱ ସାରିଦେଉଛି ପୂର୍ତ୍ତ ବିଭାଗ । ଏପରିକି ଭୁଲ ରାସ୍ତା ଡିଜାଇନିଂ ଯୋଗୁଁ କିଡିଙ୍ଗ ନିକଟସ୍ଥ ବେହେରା ପୋଲ ବୁଲାଣିରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ବେଳେ ପୋଲର ପାର୍ଶ୍ୱରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା । ଏହାକୁ ନେଇ ଲୋକଙ୍କ ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଗର୍ତ୍ତ ପୋତି ଦେଇ ପୋଲକୁ ଓସାରିଆ କରାଯାଇଛି । କିନ୍ତୁ କାମ ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ । କାଉଗୁଡା-ସିକେରକୁପା ପୋଲ, ଢେପଗୁଡ଼ା ଭିତରେ ଥିବା ଏକ ସଂକୀର୍ଣ୍ଣ ପୋଲ ପ୍ରତି ମୁହୂର୍ତ୍ତରେ ବିପଦକୁ ଆମନ୍ତ୍ରଣ କରୁଛି । ତେବେ କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗର ଉପରିସ୍ଥ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀକୁ ସ୍ଥାନୀୟ ଜନସାଧାରଣ ଏସବୁ ପ୍ରତି ବାରମ୍ବାର ଅଭିଯୋଗ କରିଥିଲେ ମଧ ଆଦୌ ଦୃଷ୍ଟିପାତ କରୁନାହିଁ । ତେଣୁ କଦଳୀ ଘାଟିରୁ କିଡିଙ୍ଗ ଛକ ପର୍ଯ୍ୟନ୍ତ ଚାରି ଧାଡିଆ ରାସ୍ତା ମରାମତି କରିବା, ସଂକୀର୍ଣ୍ଣ ଓ ବିପଦସଂକୁଳ ପୋଲଗୁଡିକ ବଦଳରେ ନୂତନ ପୋଲ ନିର୍ମାଣ କରିବା, ରାସ୍ତାକୁ କୌଣସି ଦାୟିତ୍ୱବାନ ସଂସ୍ଥାକୁ ହସ୍ତାନ୍ତର କରି ଉନ୍ନତିକରଣ କରିବା ପାଇଁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି ।



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରି ପଞ୍ଚାୟତ ଅଧୀନ ବିରାମୁଣ୍ଡା ଗ୍ରାମକୁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିନି

ମାଧବନଗର ପଡ଼ାବାସୀ ଖୋଜୁଛନ୍ତି ପାଇପ୍ ପାଣି

# ୪ ବର୍ଷରେ ଦିନେ ପାଣି ଆସିଛି

- ଅନିଶ୍ଚିତତା ମଧ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ
- ୨୦ ପରିବାରର ଶହେ ଲୋକ ପାଣି ପାଇଁ କଲବଲ
- ୨ଟି ନଳକୂଅ ମଧ୍ୟରୁ ଗୋଟିଏରୁ ଲୁହାଗୁଣ୍ଡ ବାହାରୁଛି
- ଦୂଷିତ ପାଣି ପିଇ ୨ ଜଣଙ୍କ ଜୀବନ ଗଲାଣି



ଶଗଡ଼ା, ୨୮ ।୬(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ଗ୍ରାମର ମାଧବନଗର ପଡ଼ାକୁ ୪ ବର୍ଷରେ ମାତ୍ର ଦିନଟିଏ ପାଣି ଆସିଛି । ଗାଁକୁ ସଂଯୋଗ ହୋଇଥିବା ପାଇପ୍‌ରେ ମେଗା ପାନୀୟ ଜଳ ପ୍ରକଳ୍ପରୁ ଦୀର୍ଘ ୪ ବର୍ଷ ହେଲା ପାଣି ମିଳୁନି । ଏ ସଂକ୍ରାନ୍ତରେ ଗତ ମେ ମାସ ୨୩ ତାରିଖ ଦିନ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା । ଏହାପରେ ଏହି ପଡ଼ାକୁ ମାତ୍ର ଦିନେ ପାଇପ୍ ପାଣି ଯୋଗାଣ ହୋଇଥିଲା । ଏହା ପରେ ପୁଣି ବନ୍ଦ ହୋଇଯାଇଛି । ଏହାକୁ ନେଇ ପଡ଼ାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗୁଡ଼ଭେଲିପଦର ଗ୍ରାମକୁ ଆସିଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ଦୀର୍ଘ ୪ ବର୍ଷ ହେଲା ଗ୍ରାମବାସୀଙ୍କୁ ଜଳ ଯୋଗାଣ ହେଉଛି; ହେଲେ ମାଧବନଗରବାସୀ ଆରମ୍ଭରୁ ପାଣି ମୁନ୍ଦାଏ ପାଇ ନ ଥିବା ଅଭିଯୋଗ କରିଛନ୍ତି । ଏହି ପଡ଼ାରେ ୨୦ ପରିବାର ରହୁଥିବା ବେଳେ ୨ଟି ନଳକୂଅ ରହିଛି । ସେଥିମଧ୍ୟରୁ ଗୋଟିଏରୁ ଲୁହାଗୁଣ୍ଡ ବାହାରୁଛି । ଏଣୁ ତାହା ପିଇବା ଉପଯୋଗୀ ନୁହେଁ । ନଳକୂଅର ଦୂଷିତ ପାଣି ପିଇ ଏହି ପଡ଼ାର ଲୋକେ କିଡ୍‌ନୀ, ଜଣ୍ଡିସ ଭଳି ମାରାତ୍ମକ ରୋଗରେ ପୀଡିତ ହୋଇ ରୋଗାକ୍ରାନ୍ତ ହୋଇଛନ୍ତି । ୨ ଜଣଙ୍କ ଜୀବନ ମଧ ଚାଲି ଯାଇଥିବା ନଜିର ରହିଛି । ଗ୍ରାମବାସୀ ବିଶୁଦ୍ଧ ପିଇବା ପାଣି ପାଇଁ ଏକ ମାତ୍ର ନଳକୂପ ଉପରେ ନିର୍ଭର କରୁଛନ୍ତି । ପାଣି ସଂଗ୍ରହ ସମୟରେ ଏକ ପ୍ରକାର ପ୍ରତିଯୋଗିତା ଦେଖିବାକୁ ମିଳିଛି । ମେଗା ପାନୀୟ ଜଳ ପ୍ରକଳ୍ପରୁ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ମାଧବନଗର ପଡ଼ାକୁ ଜଳ ଯୋଗାଣ ହେଉନାହିଁ । ଏନେଇ ଅନେକ ଥର ପଡ଼ାବାସୀ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ଜଳ ପରିମଳ ବିଭାଗ ପାଖରେ ଅଭିଯୋଗ କରିଛନ୍ତି । କେହି କିନ୍ତୁ ଶୁଣୁ ନ ଥିବାରୁ ପଡ଼ାବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଗୋଟେ ପଟେ ଗାଁରେ ଥିବା ନଳକୂପର ପାଣି ପିଇବା ଉପଯୋଗୀ ହେଉନି । ଆରପଟେ ମେଗା ପ୍ରକଳ୍ପରୁ ମଧ ପାଣି ଆସୁନି । ଏଣୁ ଲୋକେ ପିଇବା ପାଣି ପାଇଁ ବହୁ ହଇରାଣ ହେଉଥିବା ଦେଖିବାକୁ ମିଳିଛି । ପଡ଼ାରେ ପ୍ରାୟ ୧ ଶହରୁ ଅଧିକ ଲୋକ ବସବାସ କରୁଛନ୍ତି । ବର୍ତ୍ତମାନ ଖରାରେ ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇ ଯାଇଛି । ଲୋକେ ପିଇବା ପାଣି ପାଇଁ ହାହାକାର ହେଉଛନ୍ତି । ବିଶୁଦ୍ଧ ପାଣି ଟୋପାଏ ପାଇଁ ପଡ଼ାବାସୀଙ୍କୁ ବହୁତ କସରତ କରିବାକୁ ପଡୁଛି । ଗ୍ରାମରେ କିଡ୍‌ନୀ ରୋଗ କାୟା ବିସ୍ତାର କରି ଅନେକ ନିରୀହ ଜୀବନ ନେଇ ସାରିଛି । ବିଶୁଦ୍ଧ ପିଇବା ପାଣି ଯୋଗାଣ ପାଇଁ ଲୋକେ ଅଭିଯୋଗ କଲା ପରେ ମଧ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନ ନେବା ଗ୍ରାମବାସୀଙ୍କୁ ବ୍ୟଥିତ କରିଛି । ସରକାର ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ କିନ୍ତୁ ଲୋକେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ମେଗା ପ୍ରକଳ୍ପରୁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ପଡ଼ାର ସୀତାରାମ ସାହୁ, ରମେଶ ସାହୁ, ଗୌତମ ମେହେର, ଶୁଶାନ୍ତ ମିଶ୍ର, ନରୋତ୍ତମ ମେହେର ପ୍ରମୁଖ ଦାବି କରିଛନ୍ତି ।

ସକାଳ
THE SAKALA



# ଅବ୍ୟବସ୍ଥାରେ କନ୍ଧମାଳ ତହସିଲ କଲୋନୀ

- ୪୫ ବର୍ଷ ପୁରୁଣା କ୍ୱାର୍ଟର ମରାମତି ଆଳରେ ଠିକାଦାର ପୋଷା ଚାଲିଛି
- ବର୍ଷାଦିନେ ଛାତରୁ ପାଣି ଗଳୁଛି, ରାତି ଅନିଦ୍ରା ରହୁଛନ୍ତି ପରିବାର
- ଅନେକ ଥର ଛାତ ଗ୍ରାଉଟିଂ ହେଉଛି, ପିଚୁ ଚାଦର କାମ କରାଯାଇଛି
- ପ୍ରତେକ ଘରର କବାଟ ଝରକା ଓ କାଠଗୁଡ଼ିକ ଭାଙ୍ଗିରୁଜି ଗଲାଣି





କନ୍ଧମାଳ, ୨୮ ।୬ (ସମିସ)

ବୌଦ୍ଧ ଜିଲ୍ଲା କନ୍ଧମାଳ ତହସିଲ କଲୋନୀରେ ଘୋର ଅବ୍ୟବସ୍ଥାର ଜ୍ୱଳନ୍ତ ଚିତ୍ର ଦେଖିବାକୁ ମିଳିଛି; ଯେଉଁଠାରେ ବର୍ଷାଦିନ ଆସିଲେ ପ୍ରମାଦ ଗଣନ୍ତି ସରକାରୀ କର୍ମଚାରୀ। ଜିଲ୍ଲାର ଏହି ତହସିଲର ସରକାରୀ କ୍ୱାର୍ଟରଗୁଡ଼ିକ ନିର୍ମାଣର ଦୀର୍ଘ ୪୫ ବର୍ଷ ପୁରୁଣା। କ୍ୱାର୍ଟର ଗୁଡ଼ିକ କେବଳ ମରାମତିରେ ଚାଲିଛି। ବର୍ଷା ଦିନ ଆସିଲେ କଲୋନୀରେ କର୍ମଚାରୀଙ୍କ ପାଇଁ ଥିବା ସମସ୍ତ କ୍ୱାର୍ଟରର ଛାତରୁ ବର୍ଷା ପାଣି ଗଳୁଛି। ବର୍ଷା ଋତୁରେ ଛାତରୁ ପାଣି ଗଳୁଥିବାରୁ ରାତି ଅନିଦ୍ରା ହେବାକୁ ପଡ଼ିଥାଏ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଠିକାଦାର ପୋଷିବାକୁ କେବଳ ଅନେକ ଥର ଛାତ ଗ୍ରାଉଟିଂ ଓ ପିଚୁ ଚାଦର କାମ କରାଯାଇଛି। କାମର ବର୍ଷେ ନ ପୂରୁଣୁ ଯଥା ପୂର୍ବ ତଥା ପର ଅବସ୍ଥା ହେଉଛି। ବର୍ଷା ଆସିଲେ ସମ ଦଶା ଭୋଗନ୍ତି କଲୋନୀବାସୀ। କର୍ମଚାରୀମାନେ ପ୍ରତି ମାସ ଘରଭଡା ଦେଉଥିଲେ ହେଁ କ୍ୱାର୍ଟରଗୁଡିକର ରକ୍ଷଣାବେକ୍ଷଣ ପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ଆଖିବୁଜି ଦେଇଛି। ମରାମତି ଅଭାବରୁ କଲୋନୀର ପ୍ରତେକ ଘରର କବାଟ ଝରକା ଓ କାଠ ଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଏପରିକି କଲୋନୀର ଚାରିପାଖରେ ଥିବା ଦୀର୍ଘ ବର୍ଷର ପୁରୁଣା ପାଚେରୀ ଭାଙ୍ଗିରୁଜି ଗଲାଣି। ଭଙ୍ଗା ପାଚେରୀର ସୁବିଧା ନେଇ ବିଭିନ୍ନ ସମୟରେ କଲୋନୀରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଭଙ୍ଗା ପାଚେରୀ ଯୋଗୁଁ କଲୋନୀରେ ପରିବାର ନେଇ ରହୁଥିବା ତହସିଲ କର୍ମଚାରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ରାତି ହେଲେ କଲୋନୀବାସୀ ଚୋର ଭୟରେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। କଲୋନୀରେ ଆବଶ୍ୟକତା ଅନୁଯାୟୀ ପାନୀୟ ଜଳର ସୁବିଧା ମଧ୍ୟ ନାହିଁ। ବହୁବିଧ ସମସ୍ୟା ଘରରେ ଥିବା ତହସିଲ କଲୋନୀବାସୀ ମୌଳିକ ସୁବିଧାରୁ ବଞ୍ଚିତ। ବିଭିନ୍ନ ସମୟରେ କ୍ୱାର୍ଟର ଗୁଡିକର ସମସ୍ୟା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ।

## ଖୁଣ୍ଟବନ୍ଧ ବସଷ୍ଟାଣ୍ଡ ନିକଟ ନଳକୂପ ଅଚଳ

ଜହ୍ନାପଙ୍କ, ୨୮ ।୬ (ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଖୁଣ୍ଟବନ୍ଧ ବସଷ୍ଟାଣ୍ଡରେ ଥିବା ନଳକୂଅଟି ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇ ପଡ଼ିଛି। ଏହି ନଳକୂପର ପିଇବା ପାଣି ପାଇଁ ସ୍ଥାନୀୟ ଲୋକଙ୍କ ସହ ଖୁଣ୍ଟବନ୍ଧ ଛକକୁ ଆସୁଥିବା ଲୋକ ମାନେ ବ୍ୟବହାର କରିଥାନ୍ତି। ଏହା ସହ ଏଠାରେ ଗୁରୁବାର ସାପ୍ତାହିକ ବଜାର ବସୁଛି। ଛକ ନିକଟରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ସେବା ସମବାୟ ସମିତି କାର୍ଯ୍ୟାଳୟ ଥିବା ଯୋଗୁଁ ପ୍ରତେକ ଦିନ ଏହି ଛକକୁ ୩ରୁ ୪ଟି ପଞ୍ଚାୟତର ଜନସାଧାରଣ ଆସିଥାନ୍ତି। ନଳକୂପ ଅଚଳ ହୋଇଥିବା ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂଅକୁ ମରାମତି କରିବାକୁ ପଡ଼ାବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ



ଅଭିଯୋଗ କରି ଆସୁଥିଲେ ହେଁ ଏ ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ଗ୍ରୀଷ୍ମରେ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିର୍ଦ୍ଦେଶ ରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧୫ ଦିନ ହେଲା ନଳକୂପ ମରାମତି ହୋଇ ପାରି ନଥିବା ଦୁଃଖର ବିଷୟ ବୋଲି ପଡ଼ାବାସୀ କହିଛନ୍ତି। ପିଇବା ପାଣି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଖୁଣ୍ଟବନ୍ଧବାସୀ ଦାବି କରିଛନ୍ତି। ତେଣୁ ତୁରନ୍ତ ଛକ ଠାରେ ଥିବା ନଳକୂପକୁ ମରାମତି କରିବାକୁ ପଡ଼ାବାସୀ ଦାବି କରିଛନ୍ତି।

## ରାସ୍ତାକାମରେ ଶ୍ରମିକଙ୍କୁ ଅଣଦେଖା



କନ୍ଧମାଳ, ୨୮ ।୬(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଲମ୍ବସରି ପଞ୍ଚାୟତ ଅଧୀନ ବିରାମୁଣ୍ଡା ଗ୍ରାମରେ ହୋଇଥିବା ରାସ୍ତାକାମରେ ଶ୍ରମିକଙ୍କୁ ଅଣଦେଖା କରାଯାଇଛି। ୩ ମାସ ପୂର୍ବେ ଜେସିବି ଓ ଟ୍ରାକ୍ଟର ଦ୍ୱାରା କାମ କରିବା ଦେଖି ଗ୍ରାମର ଶ୍ରମିକମାନେ ଅଭିଯୋଗ କରିଥିଲେ। ଏ ନେଇ କନ୍ଧମାଳ ବିଡିଓ ସାମୀ ଜୟଶ୍ରୀ ରେଡିଙ୍କୁ ପଚାରିବାରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ପଞ୍ଚାୟତ ଜିଆର୍‌ଏସ୍‌ଙ୍କୁ ଯୋଗା ଯୋଗ କରିବାରୁ କୌଣସି ଉତ୍ତର ଦେଇ ନ ଥିଲେ। ୩ ମାସ ପରେ ସୂଚନା ଫଳକ ଲେଖା ହୋଇଛି। ପିଡବ୍ଲୁ ରାସ୍ତାଠାରୁ ଶିବ ମନ୍ଦିର ରାସ୍ତାର ଉନ୍ନତି ପାଇଁ ୯ ଲକ୍ଷ ୪୧ ହଜାର ଟଙ୍କା ମିଳିଥିବା ଲେଖା ହୋଇଛି। ଏହାକୁ ନେଇ ଲମ୍ବସରି ପଞ୍ଚାୟତ ଜବ୍‌କାର୍ଡଧାରୀ ପ୍ରଶ୍ନ କରିଛନ୍ତି। ବିଡିଓ, କନିଷ୍ଠଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ କାମ ଚାଲିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି।

## ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା

ବଲାଙ୍ଗିର, ୨୮ ।୬(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମସ୍ଥିତ ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୩୫ ଜଣ କରାଟେକା ଉନ୍ନିତ ହୋଇଛନ୍ତି। ଜେଆଇଟିଏମ୍ କଲେଜର ଅଧ୍ୟକ୍ଷ ଡ. ଅନଙ୍ଗ ଉଦୟ ନାଏକ, ବଲାଙ୍ଗିର କରାଟେ ସଂଘର ମୁଖ୍ୟ ଉପଦେଷ୍ଟା ମାନୁଏଲ ନାଗ ଓ କରାଟେ ସ୍କୁଲର ସଭାପତି ସଚିଦାନନ୍ଦ ବାଗ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ କରାଟେକାମାନଙ୍କୁ ମାନପତ୍ର ଓ ବେଲ୍ଟ ପ୍ରଦାନ କରାଯାଇଛି। ୟେଲୋ ବେଲ୍ଟରେ ସକେତ ହୋତା, ପ୍ରିୟାଂଶୁ ଶେଖର ଭାଟି, ସ୍ୱାଗତିକା ତ୍ରିପାଠି, ସୋମେଶ ନାଗ, ପ୍ରୟାଶ ବଳବନ୍ତ ରାୟ, ଜିବନେଶ୍ୱର ବେହେରା, ସେଲଫି ଛୁରା, ଆଲିଏନ ତିର୍କୀ, ଅଖିଳେଶ ଦ୍ୱିବେଦୀ, ଆରୁଶି ବେହେରା, ବିକାଶ ସାହୁ, ଜୁଲେଖା ଖାତୁନ, ଦିବ୍ୟେଶ ଜେନା, ତ୍ରିଶା ଶବର ଓ ହାର୍ଦ୍ଦିକ ବାରିକ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅରେଞ୍ଜ ବେଲ୍ଟରେ ଶିବାଙ୍ଗିନୀ ଗୁରୁ, ଆରାଧ୍ୟା ବେହେରା ଓ ଆଦଶ୍ୟାଶ ବେହେରା କୃତକାର୍ଯ୍ୟ ହୋଇଛନ୍ତି। ଗ୍ରିନ ବେଲ୍ଟରେ ଶ୍ୟାମାରାନୀ ଖୁଆସ, ଅଭିନନ୍ଦନ ସ୍ୱାମୀ, ହିତେଶ ବେହେରା, ଆଶୀର୍ବାଦ ଦାସ, ପଲ୍ଲବି ନାଏକ, ଚନ୍ଦନ ବାଗ, ଅଂଶୁମାନ ଧରୁଆ, ଶ୍ରୀୟାଂଶି ମେହେର, ଇଭାନ ପ୍ରଧାନ ଓ ଶଲେଶ ବିଶ୍ୱାଲ ସଫଳତା ପାଇଛନ୍ତି। ବ୍ଲୁ ବେଲ୍ଟରେ ଜଶୋବନ୍ତ କୁମ୍ଭାର, କାବ୍ୟାରାନୀ ହଂସ, ପ୍ରତିକ୍ଷାରାଣୀ ପୁଟା ଓ ଶ୍ରୀୟା ସାହୁ ସଫଳତା ପାଇଛନ୍ତି। ବ୍ରାଉନ ବେଲ୍ଟରେ ଆରାଧ୍ୟା ଦିବ୍ୟରାଣୀ ସାହୁ, ଜସମିନ ସାହୁ ଓ ପିୟୂଷ ଭୋଇ କୃତକାର୍ଯ୍ୟ ହୋଇଛନ୍ତି। କରାଟେ ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ପରୀକ୍ଷା ପରିଚାଳନା କରିଥିଲେ। ରେଖା ମନହିରା, ବିନୋଦିନୀ ଠେଲ, ଆଦିତା ସିଂ ବାରିକ, କ୍ରିଷ୍ଣା ନାଏକ, ଆନନ୍ଦିତା ସାହୁ, ଲୋକେଶ ବାଗ, ଆୟୁଶ ମେହେର ଓ ଅଭିଭାବକମାନେ ସହଯୋଗ କରିଥିଲେ। ଶେଷରେ ସ୍କୁଲର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ସମ୍ପାଦକ ହୃଦୟ ଶବରଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ହୋଇଥିଲା।




## ସ୍ତ୍ରୀକୁ ପିଟି ପିଟି ମାରିଦେଲା ସ୍ୱାମୀ

ଝାରସୁଗୁଡ଼ା, ୨୮ ।୬(ସମିସ): ଝାରସୁଗୁଡ଼ା ସଦର ଥାନା ଅଧୀନ ଏଚ୍. କଣ୍ଟାପାଳି (ଗଣ୍ଡିଆବୁଡ଼) ଗାଁରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତା' ସ୍ତ୍ରୀକୁ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ୨୮ ବର୍ଷିୟା ସୌଦାମିନୀ କିଷାନ। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ରାହୁଲ ବାଗକୁ ପୁଲିସ ଗିରଫ କରିଛି। ରାହୁଲ ଓ ସୌଦାମିନୀ ପ୍ରାୟ ୩ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ବିବାହ ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଅନେକ ସମୟରେ କଳହ ଲାଗି ରହୁଥିଲା। ଆଜି ସକାଳୁ କୌଣସି କଥାକୁ ନେଇ ବିବାଦ ହେବା ପରେ ରାହୁଲ ତା' ସ୍ତ୍ରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଗାଁରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। ଖବର ପାଇ ଝାରସୁଗୁଡ଼ା ସଦର ଥାନା ପୁଲିସ ପହଞ୍ଚି ଅଭିଯୁକ୍ତ ରାହୁଲକୁ କାବୁ କରିଥିଲ।

- ପ୍ରଥମ ମାହେଶ୍ୱରୀ ୟୁଥ୍ କନକ୍ଲେଭ ଉଦ୍‌ଘାଟିତ

## ଯୁବପିଢ଼ି କ୍ୟାରିୟର ଗଠନରେ ସୀମିତ ନ ରୁହନ୍ତୁ



ବଲାଙ୍ଗିର, ୨୮ ।୬(ସମିସ): ବଲାଙ୍ଗିରସ୍ଥିତ ବେବି ବଲକ୍ସ ପ୍ଲେ ସ୍କୁଲ ପରିସରରେ ମାହେଶ୍ୱରୀ ସଂଗଠନ ପକ୍ଷରୁ ପ୍ରଥମ ମାହେଶ୍ୱରୀ ୟୁଥ କନକ୍ଲେଭ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୁବପିଢି ଯୋଗଦେଇ ଜ୍ଞାନ, ନେତୃତ୍ୱ ଏବଂ ସାମାଜିକ ଦାୟିତ୍ୱ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମାହେଶ୍ୱରୀ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କନକ୍ଲେଭର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବପିଢି କେବଳ ନିଜ କ୍ୟାରିୟର ଗଠନରେ ସୀମିତ ନ ରହି ସମାଜ ଗଠନ, ପରିବେଶ ସୁରକ୍ଷା ଓ ଜନସେବା କ୍ଷେତ୍ରରେ ମଧ୍ୟ ସକ୍ରିୟ ଭୂମିକା ନେବା ଆବଶ୍ୟକ ବୋଲି ସେ କହିଥିଲେ। ବନ୍ୟପ୍ରାଣୀ ସଂରକ୍ଷଣବିତ ଅରିନ୍ଦମ ପରିଛା ଯୋଗଦେଇ ପରିବେଶ ସଂରକ୍ଷଣରେ ଯୁବପିଢିଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଯୋଦେଇ ଗଣମାଧ୍ୟମର ସକରାତ୍ମକ ବ୍ୟବହାର, ସୂଚନାର ସତ୍ୟତା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବିଶିଷ୍ଟ ଆରଟିଆଇ କର୍ମୀ ହେମନ୍ତ ପଣ୍ଡା ନେତୃତ୍ୱ, ସ୍ୱଚ୍ଛତା, ସଚେତନ ନାଗରିକତା ଓ ସାମାଜିକ ଦାୟିତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସଭାପତି ଶୋଭନ ଅଗ୍ରୱାଲ, ସୂରଜ ପଟେଲ, ଦେବାଶିଷ ପାଣ୍ଡିଆ, ଶୁଭଶ୍ରୀ ପଟ୍ଟନାୟକ, ସ୍ୱନ୍ଦନ ପ୍ରଧାନ, ତୃପ୍ତିମୟୀ ମହାପାତ୍ର, ପ୍ରୀତିଶ ସାହୁ, ରିଶଭ କଲତା, ଟୁଲୁ ଦୋରା, ଶିବାନନ୍ଦ ସାହାଣୀ, ପଦ୍ମାଳୟା ବାରିକ, ଶାନ୍ତିଲତା ସାହୁ, ରଚନା ସାହୁ, ସୁହାସିନୀ ଖଣ୍ଡୁଆଲ, ଆୟୁଷ ସାହୁ, ଦୀପକ ତ୍ରିପାଠି, ରାଧା ମାଧବ ଦାଶ, ଅମନ ଖାନ, ପ୍ରମୋଦ ସାହୁ, ସୀତାରାମ ସାହୁ, କରନ ବେହେରା ସହଯୋଗ କରିଥିଲେ।

**ସମାଜ ଗଠନ, ପରିବେଶ ସୁରକ୍ଷା ଓ ଜନସେବା କ୍ଷେତ୍ରରେ ମଧ୍ୟ ସକ୍ରିୟ ଭୂମିକା ନେବା ଆବଶ୍ୟକ**

## ବିଦ୍ୟୁତ୍ ସେବାରୁ ବଞ୍ଚିତ ଆଦିବାସୀ ପରିବାର



କନ୍ଧମାଳ, ୨୮ ।୬ (ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ଆଦିବାସୀ ପ୍ରବଣ ଗ୍ରାମ ଦେଢେନମାଳ (ବନ୍ଧପଡ଼ା)ରେ ୩ଟି ଆଦିବାସୀ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ। ଜନ ଭାଗିଦାରୀ ଅଭିଯାନରେ ମଧ୍ୟ ଏହି ଗାଁର ନାମ ଅଛି। ଏହି ଗ୍ରାମର ସମସ୍ୟା ଯଥା ଶୀଘ୍ର ସମାଧାନ କରିବା ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି; କିନ୍ତୁ ସମାଧାନ କରିବାରେ ବିଫଳ ବିଦ୍ୟୁତ ବିଭାଗ କର୍ମଚାରୀ। ଏହି ଆଦିବାସୀ ପରିବାରକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ୨ବର୍ଷ ପୂର୍ବରୁ ସର୍ଭେ ମଧ୍ୟ ସରିଛି। ଠିକାଦାର ମଧ୍ୟ କାମ ପାଇଛନ୍ତି। ଏହି ପଡ଼ାକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଆସି ଦେଖି ଯାଇଛନ୍ତି। ଇତି ମଧ୍ୟରେ ୨ବର୍ଷରୁ ଅଧିକ ସମୟ ହୋଇଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପଡ଼ାକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇନାହିଁ। ଏହି ପଡ଼ାବାସୀ ଅନେକେ ଥର ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଉସ୍ତା ମାଝୀ, ବନମାଳୀ ମାଝୀ, ରବିଚନ୍ଦ୍ର ମାଝୀ ଅଭିଯୋଗ କରୁଛନ୍ତି।

- ବିୟର ବୋତଲରେ ଯୁବକଙ୍କ ତଣ୍ଟିକାଟି ହତ୍ୟା ଘଟଣାର ପର୍ଦ୍ଦାଫାସ

## ଭଉଣୀ ସହ ଅବୈଧ ସମ୍ପର୍କ ସନ୍ଦେହରେ ସାଙ୍ଗକୁ ହତ୍ୟା



ମନମୁଣ୍ଡା/ଶଗଡ଼ା/କନ୍ଧମାଳ, ୨୮ ।୬(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଡିଗି କପିଳ ନାଏକ (୩୦) ହତ୍ୟାକାଣ୍ଡରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଗିରଫ ହୋଇଛି। ସେ ହେଉଛି ଶୁଆପାବଳି ଗ୍ରାମର ବାଲ୍ମିକୀ ପୋଢ଼। ବୌଦ୍ଧ ଏସ୍‌ଡିପିଓ ଲରେନ ରାଉତରାୟ, ମନମୁଣ୍ଡା ଥାନା ଆଇଆଇସି ଚିରଞ୍ଜୀବୀ ବେହେରାଙ୍କ ଉପସ୍ଥିତିରେ ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନା ଆଜି ମନମୁଣ୍ଡା ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଘଟଣାର ଖୁଲାସା କରିଛନ୍ତି। କପିଳ ବିବାହିତ। ତାଙ୍କର ୩ଟି ପିଲା ଅଛନ୍ତି। ଅଭିଯୁକ୍ତ ବାଲ୍ମିକୀ ଓ କପିଳ ଦୁହେଁ ଘନିଷ୍ଠ ବନ୍ଧୁ ଥିଲେ। ବାଲ୍ମୀକିଙ୍କ ଜଣେ ଅବିବାହିତ ଭଉଣୀ ଅଛନ୍ତି। ତାଙ୍କ ସହ କପିଳଙ୍କ ଅବୈଧ ସମ୍ପର୍କ ଥିବା ବାଲ୍ମୀକି ଦୃଢ଼ ସନ୍ଦେହ କରିଥିଲା। ଏଣୁ ପରିବାରର ସମ୍ମାନ ଦୃଷ୍ଟିରୁ ବାଲ୍ମୀକି କପିଳକୁ ଜୀବନରୁ ମାରିଦେବା ପାଇଁ ନିଷ୍ପତ୍ତି ନେଇଥିଲା। ଯୋଜନା ଅନୁସାରେ ଶୁକ୍ରବାର ରାତିରେ ମଦ ପିଇବା ପାଇଁ କପିଳକୁ ବାଲ୍ମୀକି ଡିଗି ଗୁଲୁ ଫାଷ୍ଟଫୁଡ୍ ଦୋକାନ ମୁହାଣ (ନାଳ) ପାଖକୁ ଡାକିଥିଲା। ସେଠାରେ ବାଲ୍ମୀକି ନିଜେ କମ୍ ମଦ ପିଇ କପିଳକୁ ମାତ୍ରାଧିକ ମଦ ପିଆଇ ଦେଇଥିଲା। ଏହା ଫଳରେ କପିଳ ଆଉ ଉଠିବାକୁ ଶକ୍ତି ପାଇ ନ ଥିଲେ। ଏହାର ସୁଯୋଗ ନେଇ ଯୋଜନା ମୁତାବକ ବାଲ୍ମୀକି ଏକ ମେଢ଼ାରେ କପିଳର ମୁଣ୍ଡକୁ ପିଟିଥିଲା। ତାପରେ ମୁଣ୍ଡରେ ପଥର କଚାଡ଼ି ଦେଇଥିଲା। କାଳେ ସେ ବଞ୍ଚିଯିବ ଭାବି ବିଅର ବୋତଲ ଭାଙ୍ଗି ସେଥିରେ କପିଳର ବେକକୁ କାଟି ଦେଇଥିଲା। ତେବେ ବୋତଲରେ ବେକ କାଟିବା ବେଳେ ବାଲ୍ମୀକିର ହାତ କ୍ଷତାକ୍ତ ହୋଇଥିଲା; ଯାହା ସେ ଘଟଣାରେ ସିଧାସଳଖ ସମ୍ପୃକ୍ତ ଥିବା ପ୍ରମାଣିତ କରିଥିଲା। ସେହିପରି ଅଭିଯୁକ୍ତ ପୁଲିସ ଆଗରେ ନିଜ ଦୋଷ ମଧ୍ୟ ସ୍ୱୀକାର କରିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ମାରୱାଡି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

ଡୁଙ୍ଗୁରିପାଲି, ୨୮ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମାରୱାଡି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ୬ ଜଣ ମହିଳା ଏବଂ ୩୨ ଜଣ ପୁରୁଷ ରକ୍ତଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡୁଙ୍ଗୁରିପାଲି ଥାନା ଅଧିକାରୀ ରୋଜାଲିନି ପଟେଲ ଯୋଗ ଦେଇଥିଲେ। ବରଗଡ଼ ରକ୍ତ ଭାଣ୍ଡରରୁ ସୁବାସ ଚନ୍ଦ୍ର ଭୋଇ, ରାକେଶ ରଣା, କୃଷ୍ଣ ଚନ୍ଦ୍ର ସାହୁ ରକ୍ତ ସଂଗ୍ରହ କରିବା ପାଇଁ ଆସିଥିଲେ। ମାରୱାଡି ଯୁବମଞ୍ଚର ସଭାପତି ପ୍ରଦୀପ ଅଗ୍ରୱାଲ, ସୁନୀଲ ଗୋୟେଲ, ସିଆନ ଅଗ୍ରୱାଲ, ରାକେଶ ଅଗ୍ରୱାଲ, ମହେଶ ଅଗ୍ରୱାଲ, ଯୋଗେଶ ଅଗ୍ରୱାଲ, କୁମାର ଅଗ୍ରୱାଲ, ନିଖିଳ ଅଗ୍ରୱାଲ, ରାମ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ବିଶେଷ ଅଗ୍ରୱାଲ, ସାଉରିୟ ଅଗ୍ରୱାଲ, ଅନିଲ ମିତଲ ପ୍ରମୁଖ ଉପସ୍ଥିତ ଥିଲେ।



## କାର୍‌ରୁ ୨୩ କେଜି ଗଞ୍ଜେଇ ଜବତ

ଡୁଙ୍ଗୁରିପାଲି, ୨୮ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପୁଲିସ ବନ୍ଦପାଲି-ଡୁଙ୍ଗୁରିପାଲି ମୁଖ୍ୟ ରାସ୍ତା କେନାଲ ପାଖରେ ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍‌ରୁ ୨୨କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ କାର୍ ଚାଳକ ବଲାଙ୍ଗୀର ଜିଲ୍ଲା ଆଗଲପୁ ଥାନା ଉଛବାହାଲ ଗ୍ରାମର ମହନ ସାହୁ (୫୬) ଗିରଫ ହୋଇଛି। ଏହି ଘଟଣାକୁ ନେଇ ପୁଲିସ ଏକ ମାମଲା ରୁଜୁ କରିଛି।



## ଚାଲି ଚାଲି ବୃନ୍ଦାବନ ଯାତ୍ରା



ଖଡ଼ିଆଳ, ୨୮ ।୬(ସମିସ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଖଇରା ପଞ୍ଚାୟତର ଦାବ୍ରି ଉପାନ୍ତ ଗ୍ରାମର ଯୁବକ ତେଜେଶ୍ୱର ହଂସ ଚାଲି ଚାଲି ବୃନ୍ଦାବନ ଯାତ୍ରା କରୁଛନ୍ତି। ପ୍ରଥମେ ଭବାନୀପାଟଣା ଠାରେ ମା' ମାଣିକେଶ୍ୱରୀଙ୍କୁ ଦର୍ଶନ କରି ନୂଆପଡ଼ାଠାରୁ ରାୟପୁର ସେଠାରୁ ବୃନ୍ଦାବନ ଯାତ୍ରା କରିବେ। ଏହି ଯୁବକ ୨୦୨୫ ମସିହାରେ ସାଇକଲରେ କେଦାରନାଥ ଯାତ୍ରା କରିଥିବା ବେଳେ ଚଳିତ ବର୍ଷ ଦୁଇ ମାସ ପୂର୍ବେ ପୁରୀକୁ ପଦଯାତ୍ରା କରିଥିଲେ। ବର୍ତ୍ତମାନ ବୃନ୍ଦାବନ ଯାତ୍ରାର ତୃତୀୟ ଦିନରେ ପହଞ୍ଚିଛି। ଚାଲି ଚାଲି ବିଭିନ୍ନ ଧାମକୁ ଗଲେ ଭଲ ଲାଗେ ବୋଲି କହିବା ସହିତ ଭଗବାନଙ୍କ କୃପାରୁ ଯାତ୍ରା ସଫଳ ହେଉଛି ବୋଲି ତେଜେଶ୍ୱର ହଂସ ପ୍ରକାଶ କରିଛନ୍ତି।

## ଅସ୍ତିତ୍ୱ ହରାଉଛି ଶଗଡ଼ିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

ହରଭଙ୍ଗା, ୨୮ ।୬(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଅଞ୍ଚଳର ଶହ ଶହ ଏକର ଚାଷ ଜମିକୁ ପାଣି ଯୋଗାଉଥିବା ଶଗଡ଼ିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆଜି ଅବହେଳା ଓ ରକ୍ଷଣାବେକ୍ଷଣର ଅଭାବରୁ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଖରିଫ ଋତୁ ଆରମ୍ଭ ହେବାକୁ ଥିବା ବେଳେ ପ୍ରକଳ୍ପର ଦୟନୀୟ ସ୍ଥିତି ଚାଷୀଙ୍କ ଚିନ୍ତା ବଢ଼ାଇଛି। ସମୟ ଥାଉ ଥାଉ ପ୍ରକଳ୍ପର ପୁନରୁଦ୍ଧାର କରା ନ ଗଲେ ଚଳିତ ବର୍ଷ ଖରିଫ ଚାଷ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ଚାଷୀ ଆଶଙ୍କା ପ୍ରକାଶ କରିଛନ୍ତି।

**ଖରିଫ ଚାଷ ପାଇଁ ଚିନ୍ତାରେ ଚାଷୀ**

ଶଗଡ଼ିଆ ନାଳ ଉପରେ ନିର୍ମିତ ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ହରଭଙ୍ଗା ଓ ସଂକୁଲୋଇ ପଞ୍ଚାୟତର ହରଭଙ୍ଗା, ବୁକେସିଙ୍ଗା, କୋଡାସିଙ୍ଗା, ପାଣୀଘରା, ବୁଲୁରା, ରାଉତପଡ଼ା, ମଲ୍ଲିକପଡ଼ା, ସୁରୁଣ୍ଡି, ଦିଆଁଘାଟ ଗ୍ରାମ ସହ ଆଖପାଖ ଅଞ୍ଚଳର ଚାଷ ଜମିକୁ ଜଳ ଯୋଗାଇ ଆସୁଥିଲା; କିନ୍ତୁ ଦୀର୍ଘଦିନ ଧରି ପ୍ରକଳ୍ପର ରକ୍ଷଣାବେକ୍ଷଣ ହୋଇ ନ ଥିବାରୁ ଏହା ବର୍ତ୍ତମାନ ଅକାମୀ ହେବାକୁ ବସିଛି। ଜଳାଶୟରେ ବହୁ ପରିମାଣରେ ପଙ୍କ ଜମି ରହିଥିବାରୁ ଜଳଧାରଣ କ୍ଷମତା ଦିନକୁ ଦିନ



କମିବାରେ ଲାଗିଛି। ଅନ୍ୟପଟେ ଶାଖା କେନାଲଗୁଡ଼ିକ ଅନାବନା ଲତାବୁଦାରେ ଭରିଯାଇଥିବା ବେଳେ ବହୁ ସ୍ଥାନରେ କେନାଲ ହୁଡ଼ା ଭାଙ୍ଗି ଯାଇଛି। ଫଳରେ ଜଳ ଚାଷ ଜମିକୁ ପହଞ୍ଚିବା ପରିବର୍ତ୍ତେ ଅନ୍ୟ ସ୍ଥାନକୁ ବହି ଯାଉଛି। ସ୍ଥାନୀୟ ଚାଷୀଙ୍କ କହିବା ଅନୁସାରେ ପ୍ରତିବର୍ଷ ବର୍ଷା ଆରମ୍ଭ ପୂର୍ବରୁ ପ୍ରକଳ୍ପରୁ ପଙ୍କ ଉଦ୍ଧାର, କେନାଲ ସଫେଇ ଓ ଭାଙ୍ଗିଥିବା ସ୍ଥାନର ମରାମତି କରାଯିବା କଥା; କିନ୍ତୁ ବର୍ଷ ବର୍ଷ ଧରି ଏଭଳି କୌଣସି କାର୍ଯ୍ୟ ହୋଇ ନ ଥିବାରୁ ପ୍ରକଳ୍ପଟି ଧୀରେ ଧୀରେ ଅକାମୀ ହୋଇପଡ଼ିଛି। ଏହାର ସିଧାସଳଖ ପ୍ରଭାବ ଚାଷ ଉପରେ ପଡୁଛି। ବର୍ଷା କମ୍ ହେଲେ ଜଳସେଚନର ଅଭାବରୁ ଧାନ ଚାଷ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବା ସହ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ। ଏହି ପ୍ରକଳ୍ପ ଉପରେ ଶହ ଶହ ପରିବାରର ଜୀବିକା ନିର୍ଭର କରୁଛି। ତେଣୁ ବର୍ଷା ଋତୁ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ପଙ୍କ ଉଦ୍ଧାର, ଶାଖା କେନାଲ ସଫେଇ, ଭାଙ୍ଗିଥିବା କେନାଲ ହୁଡ଼ାର ମରାମତି ଏବଂ ସମଗ୍ର ପ୍ରକଳ୍ପର ପୁନରୁଦ୍ଧାର କାମ ଆରମ୍ଭ କରାଯିବା ଆବଶ୍ୟକ। ନଚେତ୍ ଚଳିତ ଖରିଫ ଋତୁରେ ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ ରହିବେ। ଏନେଇ ବୁକେସିଙ୍ଗା ଗ୍ରାମର ଶତାଧିକ ଚାଷୀ ଜଳସମ୍ପଦ ବିଭାଗ ଏବଂ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ସିନାପାଲିରେ ରଥଯାତ୍ରା ପ୍ରସ୍ତୁତି

ସିନାପାଲି, ୨୮ ।୬(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲିଠାରେ ଆଗାମୀ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାପ୍ରଭୁଙ୍କ ସ୍ନାନଯାତ୍ରା, ଅଣସରନୀତି, ନେତ୍ରୋତ୍ସବ, ରଥଯାତ୍ରା, ହେରାପଞ୍ଚମୀ, ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା, ନୀଳାଦ୍ରି ବିଜେ ଆଦି ଉତ୍ସବକୁ ଶୃଙ୍ଖଳାର ସହ ପାଳନ ନେଇ ଆଲୋଚନା ହୋଇଥିଲା। ବିଶେଷକରି ରଥ ଓ ବାହୁଡା ଯାତ୍ରା ସମୟରେ ଟ୍ରାଫିକ୍ ବ୍ୟବସ୍ଥା, ସ୍ୱଚ୍ଛତା, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥାକୁ କମିଟି ତରଫରୁ ଗୁରୁତ୍ୱ ଦିଆଯାଇଛି। ବୈଠକରେ ସେବାୟତମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ ତୁଳସୀରାମ ମେହେର ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭାର ରୂପରେଖ ଉପସ୍ଥାପନ କରିଥିଲେ।

# ବରିଷ୍ଠ ପୂଜନ କାର୍ଯ୍ୟକ୍ରମ



ସମ୍ବଲପୁର, ୨୮।୬(ସମିସ): ଯୁଯୁମୁରା ବ୍ଲକ ବୀରସିଂଗଡ଼ ପଞ୍ଚାୟତରେ ବିଜେପି ପକ୍ଷରୁ ବରିଷ୍ଠ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦଳର ପୁରୁଖା ନେତାମାନେ ଯୁବ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିବା ସହ ସେମାନଙ୍କ ସଂଘର୍ଷର ଅନୁଭୂତି ବଖାଣି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ଆଜିର ଯୁବ କାର୍ଯ୍ୟକର୍ତ୍ତାମାନେ ଆଗେଇ ଆସି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରନ୍ତୁ। ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ଯେପରିକି ଆବାସ ଯୋଜନା, ପେନସନ, ବିଜୁଳି, ପାଣି, ରାସନ କାର୍ଡ ଏବଂ ଗରିବ ପିଲାଙ୍କ ପାଠପଢ଼ା କ୍ଷେତ୍ରରେ ସହଯୋଗ କରି ସାଧାରଣ ଲୋକଙ୍କ ପାଖରେ ସୁବିଧା ପହଞ୍ଚାନ୍ତୁ। ଏଥିପାଇଁ ସରକାର ଓ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଯୁବ କାର୍ଯ୍ୟକର୍ତ୍ତାଙ୍କୁ ଦୃଢ଼ତାର ସହ କାମ କରିବାକୁ ହେବ ବୋଲି ମହାଜନ ଖର୍ସେଲ, ନୀଳମଣି ସେଠ୍, ସୌକି ସେଠ୍, ଲେକ୍କୁ ବୁଡକେ, ବଳଦେବ ବେହେରା, ଅଲେଖ ନାରାୟଣ, ବିଦ୍ୟାଧର ଖର୍ସେଲ, ଜିବର୍ଦ୍ଧନ ବାଗ, ସୁଶୀଲ ମାକର, ଜୟରାମ ରହନା ପ୍ରମୁଖ ବରିଷ୍ଠ ନେତାମାନେ ଅନୁଭୂତି କହିଥିଲେ। ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ ନେତୃତ୍ୱରେ ସଭାରେ ଯୁଯୁମୁରା ମଣ୍ଡଳ ସଭାପତି ମହାଦେବ ପ୍ରଧାନ ସଭାପତିତ୍ୱ କରିଥିଲେ। ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଦଳର ସଂଗଠନ ପାଇଁ ଦୀର୍ଘ ବର୍ଷ ଧରି ତ୍ୟାଗ ଓ ସଂଘର୍ଷ କରିଥିବା ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସଭାରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ଜିନୁ ବିଶ୍ୱାଳ ପରିଚାଳନା କରିଥିବା ବେଳେ ସରୋଜ କର୍ମୀ ଧନ୍ୟବାଦ ଦେଇଥିଲେ।

# ସର୍ଭିସ୍ ରୋଡ୍ ପାଲଟିଛି ଟ୍ରକ୍ ଟର୍ମିନାଲ୍

ସମ୍ବଲପୁର, ୨୮।୬(ସମିସ)

- ରେମେଡରୁ ଧନକଉଡ଼ା ପର୍ଯ୍ୟନ୍ତ ବେଆଇନ ପାର୍କିଂ
- ସବୁ ଦେଖି ସବୁ ଜାଣି ମଧ୍ୟ ପ୍ରଶାସନ ଚୁପ୍
- ଦୁର୍ଘଟଣାପରେ ମଧ୍ୟ ସ୍ଥିତି ସୁଧୁରୁନି

୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ୍ ଏବେ ସାଧାରଣ ଜନତାଙ୍କ ପାଇଁ ମରଣଯନ୍ତା ପାଲଟିଛି। ସମ୍ବଲପୁର ସହରର ଅଇଁଠାପାଲି ଛକଠାରୁ ଆରମ୍ଭ କରି ରେମେଡ ଏବଂ ଧନକଉଡ଼ା ପର୍ଯ୍ୟନ୍ତ ଯାଇଥିବା ସର୍ଭିସ୍ ରୋଡ୍‌ରେ ଦୀର୍ଘ ଦିନ ହେବ ବେଆଇନ ଗାଡି ପାର୍କିଂ ସମସ୍ୟା ଉଗ୍ର ରୂପ ଧାରଣ କରିଛି। ଶହ ଶହ ଭାରୀ ଯାନ ଓ ଟ୍ରକ୍ ରାସ୍ତାର ଦୁଇ ପାର୍ଶ୍ୱ ମାଡ଼ି ବସିଥିଲେ ମଧ୍ୟ ସ୍ଥାନୀୟ ପୁଲିସ କିମ୍ବା ପରିବହନ ବିଭାଗ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନର ଏହି ନିଷ୍କ୍ରିୟତା ଯୋଗୁଁ ସ୍ଥାନୀୟ ବାସିନ୍ଦା ଓ ଦୈନନ୍ଦିନ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସହର ଭିତରକୁ ନଯାଇ ବୁର୍ଲା, ହୀରାକୁଦ କିମ୍ବା କଟକ-ଭୁବନେଶ୍ୱର ଅଭିମୁଖେ ଯାଉଥିବା ବାଇକ୍ ଓ ଛୋଟ ଗାଡିଗୁଡ଼ିକର ସୁରକ୍ଷିତ ଯାତାୟାତ ପାଇଁ ଏହି ସର୍ଭିସ୍ ରୋଡ୍ ନିର୍ମାଣ କରାଯାଇଥିଲା। ମାତ୍ର ବର୍ତ୍ତମାନ ଏହି ଦୁଇ ଲେନ୍ ବିଶିଷ୍ଟ ରାସ୍ତାର ପ୍ରାୟ ଗୋଟିଏ ସମ୍ପୂର୍ଣ୍ଣ ଲେନ୍ ବେଆଇନ ଭାବେ ପାର୍କିଂ କରାଯାଉଥିବା ବଡ଼ ବଡ଼ ଟ୍ରକ୍ ଏବଂ କଣ୍ଟେନର ଦ୍ୱାରା ଅବରୋଧ ହୋଇ ରହୁଛି। ପରିସ୍ଥିତି ଏପରି ହୋଇଛି ଯେ, ପାଦଚଲା ପଥ ଉପରେ ମଧ୍ୟ ଗାଡି ଠିଆ କରାଯାଉଛି। ଏହାଫଳରେ ସାଧାରଣ ଲୋକେ ଜୀବନକୁ ବାଜି ଲଗାଇ ମୁଖ୍ୟ ଜାତୀୟ ରାଜପଥ ଉପରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଅଇଁଠାପାଲିରୁ ରେମେଡ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଅନେକ ବେଆଇନ ଗାଡି ମରାମତି ଗ୍ୟାରେଜ୍ ଗଢ଼ି ଉଠିଛି। ଖରାପ ହେଉଥିବା ଭାରୀ ଯାନଗୁଡ଼ିକୁ ମୁଖ୍ୟ ସର୍ଭିସ୍ ରୋଡ୍ ଉପରେ ହିଁ ଦିନ ଦିନ ଧରି ଠିଆ କରି ମରାମତି କରାଯାଉଛି। ଏହା ସହିତ ଧନକଉଡ଼ା ଅଞ୍ଚଳରେ ଅନେକ ଜେସିବି, ହାଇୱା ଏବଂ ବ୍ୟବସାୟିକ ଗାଡି କୌଣସି ପାର୍କିଂ ଶୁଳ୍କ ନ ଦେଇ ସରକାରୀ ରାସ୍ତାକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭଳି ବ୍ୟବହାର କରୁଛନ୍ତି। ସନ୍ଧ୍ୟା ହେଲେ ଏହି ସମସ୍ୟା ଆହୁରି ଭୟଙ୍କର ରୂପ ନେଉଛି। ଯାତାୟାତ କରୁଥିବା ଟ୍ରକ୍ ଗୁଡ଼ିକ ଧାଡ଼ି ଧାଡ଼ି ହୋଇ ସର୍ଭିସ୍ ରୋଡରେ ଠିଆ ହୋଇଯାନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ସମ୍ବଲପୁର ବିକାଶ କର୍ତ୍ତୃପକ୍ଷ ପକ୍ଷରୁ ସହର ବାହାରେ ଏକ ବୃହତ୍ ଟ୍ରକ୍ ଟର୍ମିନାଲ୍ ନିର୍ମାଣ ପାଇଁ ବହୁ ବର୍ଷ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ପରିବହନ ପ୍ରାଧିକରଣ ତିନୋଟି ଟ୍ରକ୍ ଟର୍ମିନାଲ୍ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ମାତ୍ର ଜମି ଅଧିଗ୍ରହଣ ଓ ପ୍ରଶାସନିକ ସମନ୍ୱୟ ଅଭାବରୁ ଏହି ଯୋଜନା ଏବେ ସୁଦ୍ଧା କେବଳ କାଗଜପତ୍ରରେ ସୀମିତ ରହିଛି। ସହରରେ ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥଳ ନ ଥିବାରୁ ଚାଳକମାନେ ବାଧ୍ୟ ହୋଇ ସର୍ଭିସ୍ ରୋଡ୍‌କୁ ବ୍ୟବହାର କରୁଥିବା କହି ସଫେଇ ଦେଉଛନ୍ତି। ଟ୍ରାଫିକ ପୁଲିସ ଏବଂ ପରିବହନ ବିଭାଗ କେବଳ ହେଲମେଟ୍ ଚେକିଂ ଏବଂ ଛୋଟ ଗାଡି ଚାଳକଙ୍କଠାରୁ ଜରିମାନା ଆଦାୟ କରିବାରେ ବ୍ୟସ୍ତ। ସର୍ଭିସ୍ ରୋଡ୍‌ରେ ଦାଦାଗିରି କରୁଥିବା ଏହି ଟ୍ରକ୍ ମାଫିଆଙ୍କ ଉପରେ କାହାରି ନଜର ନାହିଁ ବୋଲି ଅସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଦୈନନ୍ଦିନ ଯାତ୍ରୀ ପ୍ରଦୀପ ସାହୁ କହିଛନ୍ତି। ପୂର୍ବରୁ ପୁଲିସ କିଛି ଦିନ ପାଇଁ ପାଟ୍ରୋଲିଂ କରି ଜରିମାନା କାଟିଥିଲା; ମାତ୍ର ସେହି ଅଭିଯାନ ମଧ୍ୟ ଏବେ ସମ୍ପୂର୍ଣ୍ଣ ଥଣ୍ଡା ପଡ଼ିଯାଇଛି। ଯଦି ତୁରନ୍ତ ଏହି ବେଆଇନ ପାର୍କିଂ ଉପରେ ରୋକ୍ ନ ଲଗାଯାଏ ତେବେ ଆଗାମୀ ଦିନରେ ଏଠାରେ କୌଣସି ବଡ଼ ଧରଣର ଦୁର୍ଘଟଣା ଘଟିବା ନିଶ୍ଚିତ। ନିୟମିତ ବ୍ୟବଧାନରେ କ୍ରେନ୍ ସାହାଯ୍ୟରେ ବେଆଇନ ଗାଡିଗୁଡ଼ିକୁ ଜବତ କରିବା ଜରୁରୀ ବୋଲି ସାଧାରଣରେ ଦାବି ହୋଇଛି।

## କୁଚିଣ୍ଡାରେ ଡାକ୍ତରଙ୍କ ମନମାନି



କୁଚିଣ୍ଡା, ୨୮।୬(ସମିସ): କୁଚିଣ୍ଡା ଡାକ୍ତରଖାନାରେ ଡାକ୍ତରଙ୍କ ମନମାନି ଦେଖିବାକୁ ମିଳିଛି। କିଣ୍ଡିରା ଗ୍ରାମର ମୁକୁନ୍ଦ ସାହୁଙ୍କ ପୁଅ ଦେବେଶ ସାହୁଙ୍କ ଆଖିରେ ଲୁହାଗୁଣ୍ଡ ପଡ଼ି ଜଳିବା ସହ ଲାଲ ହୋଇଯାଇଥିଲା। ଏଣୁ ସେ ଡା. ରିକି ମାନେକ ସାଙ୍କୁ ଦେଖାଇ ଥିଲେ। ଡାକ୍ତର ଦେଖିବା ପରେ ଦେବେଶଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରି ନିଜ ଘରକୁ ଛୁଟିରେ ପଳାଇ ଯାଇଥିଲେ। ତେବେ ଉକ୍ତ ରୋଗୀକୁ ଦେଖିବା ପାଇଁ ଆଉ ଚକ୍ଷୁ ଡାକ୍ତର ନ ଥିଲେ। ଯନ୍ତ୍ରଣା ସହ୍ୟ କରି ନ ପାରିବାରୁ ଏସ୍‌ଡିଏମଓ ଡା. ସୁବୋଧ ନାୟକଙ୍କ ପାଖରେ ଅଭିଯୋଗ ପହଞ୍ଚିଥିଲା। ଏସ୍‌ଡିଏମଓ ଶ୍ରୀ ନାୟକ ତାଙ୍କ ସମସ୍ୟା ବୁଝିବା ପରେ ବେଡ୍ ନମ୍ବର ୪୧ ଭର୍ତ୍ତି ଥିବା ଦେବେଶଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ପଠାଇଥିଲେ।

## ଲୁଟ୍ ଅଭିଯୋଗରେ ଜଣେ ଗିରଫ

ସମ୍ବଲପୁର, ୨୮।୬(ସମିସ): ହୀରାକୁଦ ପୁଲିସ ଲୁଟ୍ ଅଭିଯୋଗରେ ଜଣକୁ ଗିରଫ କରିଛି। ସେ ହେଉଛି ଅଇଁଠାପାଲି ଥାନା କାଇଁସିରର ସାହିଲ ମିର୍ଦ୍ଧା (୨୧)। ମୁଦିପଡ଼ା ଅଞ୍ଚଳର ଏକ ଦମ୍ପତି ଶନିବାର ବୁଢ଼ାକଟା ଡାଇକ୍ ଆଡେ ଯାଇଥିଲେ। ରାତି ୯ଟା ବେଳେ ୩ ଜଣ ଅଭିଯୁକ୍ତ ସେମାନଙ୍କୁ ଅଟକାଇ ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିଲେ। ଅଭିଯୋଗକାରୀ ଅଟକାଇବାକୁ ଚେଷ୍ଟା କରିବାରୁ ହତ୍ୟା ଧମକ ଦେଇଥିଲେ। ହୀରାକୁଦ ଥାନାରେ ଅଭିଯୋଗ ପରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ତା' ନିକଟରୁ ଏକ ବାଇକ୍ (ଓଡି୧୫ପି୮ ୭୨୪), ଏକ ମୋବାଇଲ ଫୋନ ଓ ୭୭୦ ନଗଦ ଟଙ୍କା ଜବତ ହୋଇଛି।



## ସାତକମାରେ ଫେବ୍ରିକେସନ ଦୋକାନ ପାଇଁ ଅସନ୍ତୋଷ

କୁଚିଣ୍ଡା, ୨୮।୬(ସମିସ): କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ପଞ୍ଚାୟତ ସାତକମାରେ ଏକ ଫେବ୍ରିକେସନ ଦୋକାନ ଗାଁ ଲୋକଙ୍କ ଅସନ୍ତୋଷର କାରଣ ପାଲଟିଛି। ବିକଟାଳ ଶବ୍ଦରେ ଗ୍ରାମବାସୀଙ୍କ ବଞ୍ଚିବା କଷ୍ଟକର ହୋଇ ପଡୁଛି। ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଗ୍ରାମବାସୀଙ୍କ କହିବା ଅନୁସରେ ଏହି ଶବ୍ଦ ପାଇଁ ବହୁ ହୃଦ୍‌ରୋଗୀ ଆଖି ବୁଜୁଛନ୍ତି। ଶିଶୁମାନେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବାଧା ସୃଷ୍ଟି ହେଉଛି। ଏ ନେଇ ଗ୍ରାମବାସୀ ଅନେକ ଥର ଜିଲ୍ଲାପାଳ, ଉପଜିଲ୍ଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବିଦ୍ୟୁତ୍ ବିଭାଗ, କୁଚିଣ୍ଡା ଥାନାରେ ବାରମ୍ବାର ଅଭିଯୋଗ କରିଛନ୍ତି; ହେଲେ ଫଳ ଶୂନ। ଜୟ ପ୍ରକାଶ ଯୁବକ ସଙ୍ଘ ଓ ଯାତ୍ରା ମଣ୍ଡପକୁ କୌଶଳ କରି ସମ୍ପୃକ୍ତ ବ୍ୟକ୍ତି ନିଜ ନାମରେ ପଟ୍ଟା କରି ନେଇଛନ୍ତି। କ୍ଲବ୍ ଘରଟିକୁ ନିଜ ଅକ୍ତିଆରକୁ ନେଇଯାଇ ଗୋଟିଏ ପରିବାରକୁ ମଧ୍ୟ ଗୃହ ବନ୍ଦୀ ଭାବେ ରଖିଛନ୍ତି। ଏନେଇ ଗ୍ରାମବାସୀ ଓ ଗୃହ ବନ୍ଦୀ ପରିବାର ଯେତେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି।

● ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମିତି ଚାଲିଛି ରୋଗୀ ସେବା

# ୨ ଦିନ ଯାଏଁ ବେଡ୍‌ସିଟ୍ ପରିବର୍ତ୍ତନ ହେଉନି



ସମ୍ବଲପୁର, ୨୮। ୬(ସମିସ): ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ଓ ପରିଷ୍କାର-ପରିଚ୍ଛନ୍ନତାକୁ ନେଇ ପୁଣି ଅସନ୍ତୋଷ ଦେଖା ଦେଇଛି। ମୋଦିପଡ଼ା ନିବାସୀ ପ୍ରୀତି ବିଶ୍ୱାଳ (୨୬) ଶନିବାର ସଦର ହସ୍ପିଟାଲରେ କ୍ୟାବିନ୍ ନମ୍ବର୍ ୨ରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାମୀଙ୍କ ଅଭିଯୋଗ ଅନୁସାରେ ରବିବାର ରାତି ୧୦ଟା ସୁଦ୍ଧା ତାଙ୍କ ବେଡ୍‌ସିଟ୍ ପରିବର୍ତ୍ତନ କରାଯାଇ ନ ଥିଲା। ଏହାକୁ ନେଇ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ପରିବାର ପକ୍ଷରୁ କୁହାଯାଇଛି ଯେ, ହସ୍ପିଟାଲରେ ରୋଗୀଙ୍କ ପାଇଁ ମୌଳିକ ସ୍ୱଚ୍ଛତା ବ୍ୟବସ୍ଥା ସୁନିଶ୍ଚିତ କରାଯିବା ଦରକାର। ଯଦି ଏହି ଅଭିଯୋଗ ସତ୍ୟ ହୁଏ ତେବେ ଏହା ସ୍ୱାସ୍ଥ୍ୟସେବା ପରିଚାଳନା ଉପରେ ପ୍ରଶ୍ନ ଉଠାଉଛି। ସମ୍ପୃକ୍ତ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବା ସହ ରୋଗୀଙ୍କୁ ଉନ୍ନତ ଓ ସ୍ୱଚ୍ଛ ପରିବେଶରେ ଚିକିତ୍ସା ସେବା ଯୋଗାଇବାକୁ ସାଧାରଣରେ ଦାବି ହେଉଛି। ତେବେ ବେଡ୍‌ସିଟ୍ ସଂସ୍ଥାର ଟେଣ୍ଡର ଅବଧି ସରିଗଲା ପରେ ମଧ୍ୟ କିପରି କାମ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ରେଢ଼ାଖୋଲ ଓୟୁଜେ ଶାଖାର କର୍ମକର୍ତ୍ତା ଚୟନ



ରେଢ଼ାଖୋଲ, ୨୮।୬(ସମିସ): ସମ୍ବଲପୁର ଜିଲ୍ଲା ରେଢାଖୋଲ ଓୟୁଜେ ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ପ୍ରେସ୍ କ୍ଲବ୍‌ରେ ରବିବାର ଦିନ ଅନୁଷ୍ଠିତ ଏହି ବୈଠକରେ କର୍ମକର୍ତ୍ତା ଚୟନ କରାଯୋଇଛି। ସଂଘର ସମ୍ପାଦକ ସରୋଜ ସାହୁଙ୍କ ଅଧ୍ୟକ୍ଷତା ବୈଠକରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ଓୟୁଜେ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଶରତ ପ୍ରଧାନ ଉପସ୍ଥିତ ଥିଲେ। ରେଢ଼ାଖୋଲ ବ୍ଲକ ଓୟୁଜେ ସଭାପତି ଭାବରେ ସୁଶାନ୍ତ ନାଗ, ସମ୍ପାଦକ ଭାବେ ସରୋଜ ସାହୁ ଓ କୋଷାଧ୍ୟକ୍ଷ ଭାବେ ଅନିଲ ପୃଷ୍ଟିଙ୍କୁ ଦାୟିତ୍ୱ ନିର୍ବାହ କରିବା ପାଇଁ ଚୟନ କରାଯାଇଛି। ବରିଷ୍ଠ ଉପଦେଷ୍ଟା ଜୟନ୍ତ ଖଡିରତ୍ନ, ପ୍ରେସ୍ କ୍ଲବ ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ ବିଶ୍ୱାଳ, କନ୍ଦର୍ପ ବେହେରା, ରଶ୍ମିରଞ୍ଜନ ଖଡିରତ୍ନ, ମମତା ପାତ୍ର, ସୁଧିର ସୁନା, ଗଜାନନ ଭେସରା, ମଦନ ବେହେରା, ଲିଙ୍ଗରାଜ ପ୍ରଧାନ, ସନ୍ତୋଷ ବଘାର ପ୍ରମୁଖ ଉପସ୍ଥିତ ଥିଲେ।

## କୃତଜ୍ଞତା ଜଣାଇଲା ସମ୍ବଲପୁର ମହାନଗର ଶୀତଳ ଷଷ୍ଠୀ ଯାତ୍ରା ସମିତି



ସମ୍ବଲପୁର, ୨୮।୬(ସମିସ): ସମ୍ବଲପୁର ମହାନଗର ଶୀତଳ ଷଷ୍ଠୀ ଯାତ୍ରା ସମିତି ଅଧୀନ ୧୩ଟି ଶୀତଳ ଷଷ୍ଠୀ ଯାତ୍ରା କମିଟି ଦ୍ୱାରା ଏଥର ସୁରୁଖୁରୁରେ ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି। ସମସ୍ତ କମିଟିର ନିଷ୍ଠା, ସମର୍ପଣ ଓ ସମନ୍ୱିତ ପ୍ରୟାସରେ ଏହି ଲୋକପ୍ରିୟ ଲୋକପର୍ବ ଅଭୂତପୂର୍ବ ସଫଳତା ଅର୍ଜନ କରିଛି। ସମ୍ବଲପୁରର ଧାର୍ମିକ, ସାଂସ୍କୃତିକ ଓ ସାହିତ୍ୟିକ ପରମ୍ପରାକୁ ଆହୁରି ଗୌରବାନ୍ୱିତ କରିଛି। ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡା କଲ୍ୟାଣ ମଣ୍ଡପଠାରେ ସମ୍ବଲପୁର ମହାନଗର ଶୀତଳ ଷଷ୍ଠୀ ଯାତ୍ରା ସମିତିର ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଏଥିପାଇଁ ଏକ ଧନ୍ୟବାଦ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ୧୩ଟି କମିଟିର ସଭାପତି, କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତେ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ, ଭ୍ରାତୃତ୍ୱ ଓ ସହଯୋଗର ବାର୍ତ୍ତାକୁ ଆହୁରି ସୁଦୃଢ଼ କରିଥିଲେ। ସଭାପତି ଶ୍ର ପଟେଲ ପ୍ରତ୍ୟେକ କମିଟିର ସଭାପତି ଓ ସଦସ୍ୟଙ୍କୁ ସ୍ୱାଗତ ଜଣାଇ ଚଳିତ ବର୍ଷର ସଫଳ ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଇଥିଲେ। ଏହି ସମାରୋହରେ ପ୍ରଦୀପ ବେହେରା, ନୀଳାମ୍ବର ସିକନ୍ଦର, ଶତ୍ରୁଘ୍ନଲାଲ ସାହା, ବିକ୍ରମାଦିତ୍ୟ ସିଂହଦେଓ, ଜଗଦୀଶ ବିଶ୍ୱାଳ, ବୁଲୁ ବିଶ୍ୱାଳ, ଦେବେନ୍ଦ୍ର ପତି, ରଘୁନାଥ ସାହୁ, ଅରୁଣ ଭୋଇ, ନରେନ୍ଦ୍ର ରାୟଗୁରୁ, ସଚିକାନ୍ତ ମିଶ୍ର, ହୃଷୀକେଶ ମୁଣ୍ଡା ଓ ରବିନ୍ଦର ସିଂହଙ୍କ ସମେତ ସମସ୍ତ କମିଟିର ସଭାପତି ଓ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରେଢ଼ାଖୋଲରେ ୧୩୫୯ ଜଣ ଶିଶୁଙ୍କୁ ଦିଆଗଲା ପୋଲିଓ



ରେଢ଼ାଖୋଲ, ୨୮।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ରବିବାର ୫ ବର୍ଷରୁ କମ୍ ଶିଶୁଙ୍କୁ ପୋଲିଓ ଟିକାକରଣ କରାଯାଇଛି। ୧୩୫୯ ଶିଶୁଙ୍କୁ ପୋଲିଓ ଟିକାକରଣ କରାଯାଇଛି। ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଓ ଏନ୍‌ଏମମାନେ ୧୧ଟି ବୁଥ୍‌ରେ ୧୨୦୫, ଦୁଇଟି ଟ୍ରାଞ୍ଜିଟ୍ ଟିମରେ ୧୩୩ ଏବଂ ମୋବାଇଲ ଟିମ୍‌ରେ ୨୧ ଜଣ ଶିଶୁଙ୍କୁ ଟିକାକରଣ କରିଛନ୍ତି। ଏହି ଟିକାକରଣରୁ ଯେମିତି କୌଣସି ଶିଶୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ସ୍ୱତନ୍ତ୍ର ଟ୍ରାଞ୍ଜିଟ୍ ଓ ମୋବାଇଲ ଟିମ୍ ଗଠନ କରାଯାଇଥିଲା। ବସଷ୍ଟାଣ୍ଡ, ରେଳଷ୍ଟେସନରେ ମଧ୍ୟ ଶିଶୁଙ୍କୁ ଟିକାକରଣ କରାଯାଇଥିଲା। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ଆଦିତ୍ୟ ସୁପକାରଙ୍କ ତତ୍ତ୍ୱାବଧାନରେ ଟିକାକରଣ କରାଯାଇଥିଲା।

## କ୍ୟାନସର ରୋଗୀଙ୍କୁ ପୁରସ୍କାର ରାଶି ବାଣ୍ଟିଲେ ରାମଚନ୍ଦାନୀ



ସମ୍ବଲପୁର, ୨୮।୬(ସମିସ): ଟଙ୍କିଆ କ୍ଲିନିକର ପ୍ରତିଷ୍ଠାତା ଡ. ଶଙ୍କର ରାମଚନ୍ଦାନୀ ଆଉ ଏକ ମହାନ କାମ କରିଛନ୍ତି। ଦେଇଥିବା ପ୍ରତିଶ୍ରୁତି ସେ ପୂରଣ କରିଛନ୍ତି। ପାଇଥିବା ପୁରସ୍କାର ରାଶିକୁ ରୋଗୀଙ୍କ ମଧ୍ୟରେ ସେ ବାଣ୍ଟି ଦେଇଛନ୍ତି। କିଛି ଦିନ ତଳେ ସେ ୫୧ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଏହି ଟଙ୍କା ରୋଗୀଙ୍କ ସେବାରେ ଲାଗିବ ବୋଲି କହିଥିଲେ।

ଏହି କ୍ରମରେ ୫ ଜଣ କ୍ୟାନସର ପୀଡିତାଙ୍କୁ ଏହି ରାଶି ବାଣ୍ଟି ଦେଇଛନ୍ତି। ବରଗଡ଼ର ରମନ ସାହୁ (୫୪), ଘନମାଲର ନନ୍ଦିତା ନାଗ (୬୨), ସୁଆରପାଲିର ବୈଶାଖୁ ଛାପ୍ରା(୬୬), ବେହୁରିଆରର ବିନୋଦିନୀ ଜାଲ(୪୫) ଓ ମହାରାଷ୍ଟ୍ରର କିଶୋର ଗିଦୱାନୀଙ୍କୁ ସେ ଏହି ଟଙ୍କା ପ୍ରଦାନ କରିଛନ୍ତି।

# ସମଲେଶ୍ୱରୀ ପୀଠରେ 'ସାତବହନୀ' ଭଜନ ସନ୍ଧ୍ୟା

ସମ୍ବଲପୁର, ୨୮।୬(ସମିସ)



ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ ସମ୍ବଲପୁର କଳାକାରଙ୍କ ସହଯୋଗରେ ସମଲେଶ୍ୱରୀ ମନ୍ଦିର ପରିସରରେ ମାସିକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ୮ ମାସ ଧରି ପ୍ରତି ମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ଏହି ଭଜନ ସନ୍ଧ୍ୟା ଆୟୋଜନ କରାଯାଉଛି। ଏହିକ୍ରମରେ ରବିବାର ସନ୍ଧ୍ୟାରେ ସାତବହନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଞ୍ଜୟ ବାବୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ସନ୍ତୋଷ ପୃଷେଠ, ଦେବ କୁମାର ଆଜମେରିଆ, ଶ୍ୟାମସୁନ୍ଦର ଧର, ସୁକାନ୍ତ କର, ମୋହିତ ସ୍ୱାଇଁ, ତ୍ରିଲୋଚନ ତ୍ରିପାଠୀ, ରତନ ଶର୍ମା, ସୁଶୀଲ ଦାଶ, ରାଜୁ ମିଶ୍ର, ସୁଶାନ୍ତ ମିଶ୍ର, ଅପର୍ଣ୍ଣା ପାଢ଼ୀ, ଦୀପାଳି ଚୌଧୁରୀ, ନରେଶ ସେଠ ପ୍ରମୁଖ ଉପସ୍ଥିତ ଥିଲେ। 'ଶିରି ସମଲେଇ' କାବ୍ୟକୁ ଆଧାର କରି ସାତବହନୀର ଉପସ୍ଥାପନା କରାଯାଇଥିଲା। ଏଡି ଭଜନ ସନ୍ଧ୍ୟାରେ ଅଞ୍ଚଳର ସାତବହନୀ କୁହାଯାଉଥିବା ଦେବୀ ମା' ସୁରେଶ୍ୱରୀ, ମା' ମାଣିକେଶ୍ୱରୀ, ମା' ଚନ୍ଦ୍ରହାସିନୀ, ମା' ଘଣ୍ଟେଶ୍ୱରୀ, ମା' ମେଟାକାନୀ, ମା' ପାଟଣେଶ୍ୱରୀ ଏବଂ ମା' ସମଲେଶ୍ୱରୀଙ୍କ ଉପରେ ମହିଳା କଳାକାରମାନେ ସ୍ତୁତିଗାନ କରିଥିଲେ। ଗୁରୁ ରଞ୍ଜନ ସାହୁ ପରିକଳ୍ପନା, ସଙ୍ଗୀତ ସଂଯୋଜନା ଓ ପରିଚାଳନା କରିଥିଲେ। ଗୁରୁ ରତନ ପୂଜାରୀଙ୍କ ରଚନାରେ ଗୁରୁ ଶଙ୍କର ପ୍ରଧାନ ଏବଂ ସ୍ୱର୍ଗତ ପ୍ରଭୁଦତ୍ତ ପ୍ରଧାନଙ୍କ ଏଥିରେ ଅବଦାନ ରହିଛି। ଦେବାଶିଷ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୀପାଳି ଚୌଧୁରୀ ଓ ନବୀନ କୁଜୁର ସହଯୋଗ କରିଥିଲେ। ଡ. ଶ୍ୟାମ ସୁନ୍ଦର ଧର, ପ୍ରଫୁଲ୍ଲ ହୋତା ଓ ସଞ୍ଜୟ ବାବୁ ମାର୍ଗଦର୍ଶନ କରିଥିଲେ। ପଦ୍ମିନୀ ଦୋରା, ଚେତନାମୟୀ ବେହେରା, ନୂପୁର ମଲ୍ଲିକ, ସୁମନ ମେହେର, ଅର୍ପିତା ମିଶ୍ର, ସିକ୍କି ବୋହିଦାର ଓ ଅଦ୍ୱୈତା ମିଶ୍ର ସୁମଧୁର ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ, ସିଲୁ ସିଂଦେଓ, ରଞ୍ଜନ ହୋତା, ରଞ୍ଜନ ପଟ୍ଟନାୟକ, ଗୁରୁ କପିଳେନ୍ଦ୍ର ସାହୁ, ଦିବାକର ମହାନନ୍ଦ, ଗୁରୁ ରଞ୍ଜିତ ସାହୁ, ଓଁକାର ବାଗ, ଅନୁରୋଧ ବାଗ ଓ ସୁମିତ ପଧାନ ସହଯୋଗ କରିଥିଲେ। ମାନସୀ ନନ୍ଦ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।

## ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ସମ୍ବଲପୁର, ୨୮।୬(ସମିସ): ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଜୁଲାଇ ୭ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାର ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗ ସ୍ଥାପନା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଏବଂ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ସୁଯୋଗ ଓ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

ଏହି ଅବସରରେ ଯୁବବର୍ଗଙ୍କ ପାଇଁ ଏମଏସଏମଇ, ପିଏମଇଜିପି, ପିଏମଏଫଏମଇ ଆଦି ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉଦ୍ୟୋଗୀମାନଙ୍କୁ ଆବଶ୍ୟକ ମାର୍ଗଦର୍ଶନ ଓ ସୁଯୋଗ ସମ୍ପର୍କରେ ଅବଗତ କରାଯାଉଛି। ପ୍ରଦର୍ଶନୀ ପରିସରରେ ଏମଏସଏମଇ ଉତ୍ପାଦ, ପିଏମଇଜିପି ଓ ପିଏମଏଫଏମଇ ଅଧୀନରେ ପ୍ରସ୍ତୁତ ସାମଗ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦ, ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଉପଲବ୍ଧ ରହିଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଉଦ୍ୟୋଗୀ, କାରିଗର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକ ବଜାର ସୁଯୋଗ ପ୍ରଦାନ କରିବା ସହ ଜିଲ୍ଲାରେ ଉଦ୍ୟମିତା ବିକାଶକୁ ଆହୁରି ସୁଦୃଢ଼ କରିବ।

### ଏମ୍‌ଏସ୍‌ଏମ୍‌ଇ ମେଳା

## ଦ୍ୱିତୀୟ ଦିବସରେ ଉଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମ

**ବରଗଡ଼, ୨୮।୬(ସମିସ):** ଓଡ଼ିଶା ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ବରଗଡ଼ ଜିଲ୍ଲା ଶିଳ୍ପ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବରଗଡ଼ଠାରେ ଜିଲ୍ଲାସ୍ତରୀୟ ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ-୨୦୨୬ ଆୟୋଜିତ ହୋଇଯାଇଛି। ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ମେଳା ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟ ପ୍ରକାଶ ଶତପଥୀ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ବରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟବସାୟୀମାନଙ୍କୁ ଉଦ୍ୟୋଗୀ ହେବାକୁ ଆବଶ୍ୟକତା ଉପରେ ବିଶଦ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶକ ସୁଷମା କରାଳି, ସହକାରୀ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ବେହେରା, ଖରିଆର କଲେଜ ବାଣିଜ୍ୟ ବିଭାଗ ମୁଖ୍ୟ ହରମାନ ସିଂ, ଇଡିପିର ପ୍ରଶିକ୍ଷକ ବାବୁଲା ସ୍ୱାଇଁ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଏଆଇଓ ପ୍ରଭାସ ରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମକୁ ବରଗଡ଼ ଶିଳ୍ପ କେନ୍ଦ୍ରର ଆଇପିଓ ଲିଜିଲମୟୀ ମାଝୀ ସଂଯୋଜନା କରିଥିଲେ। ସ୍ଥାନୀୟ ଅଞ୍ଚଳର ନୂତନ ତଥା ଯୁବ ଉଦ୍ୟୋଗୀମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ଏମଏସଏମଇ କ୍ଷେତ୍ରରେ ଆଗକୁ ବଢ଼ିବାକୁ କାର୍ଯ୍ୟକ୍ରମରେ ମାର୍ଗଦର୍ଶନ କରାଯାଉଛି।



### ଚତୁର୍ଥ ବରଗଡ଼ ଐତିହ୍ୟ ପଦଯାତ୍ରା ସମ୍ପନ୍ନ

## ‘ସଂଗୃହୀତ ତଥ୍ୟ ବରଗଡ଼ ଇତିହାସ ଗବେଷଣାକୁ ନୂଆ ଦିଗ ଦେବ’

**ବରଗଡ଼, ୨୮।୬(ସମିସ)**

ବରଗଡ଼ର ପ୍ରାଚୀନ ଐତିହ୍ୟର ଚିହ୍ନଟ, ସଂରକ୍ଷଣ ଏବଂ ଏହାର ଆଧାରରେ ନୂତନ ଇତିହାସ ରଚନାର ଲକ୍ଷ୍ୟ ନେଇ ବରଗଡ଼ର ବୁଦ୍ଧିଜୀବୀମାନଙ୍କ ମିଳିତ ପ୍ରୟାସରେ ଗତ ୪ ସପ୍ତାହ ଧରି ଆୟୋଜିତ ହେଉଥିବା ‘ବରଗଡ଼ ଐତିହ୍ୟ ପଦଯାତ୍ରା-୨୦୨୬’ର ଚତୁର୍ଥ ପର୍ଯ୍ୟାୟ ରବିବାର ସଫଳତାର ସହ ସମ୍ପନ୍ନ ହୋଇଛି। ବରଗଡ଼ ସାମ୍ବାଦିକ ସଂଘର ସଭାପତି ସୁରେନ୍ଦ୍ର ହୋତାଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରା ରାଣୀବନ୍ଧସ୍ଥିତ ଗୌରୀଶଙ୍କର ମନ୍ଦିରରେ ପୂଜାର୍ଚ୍ଚନାରୁ ଆରମ୍ଭ ହୋଇ ଗଣେଶ ମନ୍ଦିର, ପୁରୁଣା ସେଲଟ୍ୟାକ୍ସ କଲୋନୀସ୍ଥ ମୁକ୍ତେଶ୍ୱର ମନ୍ଦିର ପରିଦର୍ଶନ କରି ଶେଷରେ ଗାନ୍ଧୀ ସ୍ମୃତି ପାଠାଗାରରେ ଉଦ୍‌ଯାପିତ ହୋଇଥିଲା। ଗୌରୀଶଙ୍କର ମନ୍ଦିର ପରିସରରେ ବରିଷ୍ଠ ଆଇନଜୀବୀ ଅଚ୍ୟୁତାନନ୍ଦ ମହାପାତ୍ର ବରଗଡ଼ର ପ୍ରାଚୀନ ଇତିହାସ, ସେଣ୍ଟ୍ରାଲ ପ୍ରୋଭିନ୍ସ ସହିତ ଏହାର ସମ୍ପର୍କ ଓ ଗଡ଼ଜାତ ଅଞ୍ଚଳର ମିଶ୍ରଣର ଆଇନଗତ ପୃଷ୍ଠଭୂମି ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ସୋସିଆଲ କ୍ଲବର ସଭାପତି ଆଇନଜୀବୀ ନିଧୁବନ ବିହାରୀ ପ୍ରସାଦ ପଣ୍ଡା ଗୌରୀଶଙ୍କର ମନ୍ଦିର, ବରଗଡ଼ ଶୀତଳଷଷ୍ଠୀ ଯାତ୍ରାର ଇତିହାସ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ବୋଲ୍‌ବମ ସେବା ସମିତିର ଭୂମିକା ସମ୍ପର୍କରେ ମତ ରଖିଥିଲେ। ମୁକ୍ତେଶ୍ୱର ମନ୍ଦିରରେ ପହଞ୍ଚିବା ପରେ ମୁକ୍ତେଶ୍ୱର ସେବା ସମିତି ପକ୍ଷରୁ ପଦଯାତ୍ରୀମାନଙ୍କୁ ପାରମ୍ପରିକ ଭାବେ ସ୍ୱାଗତ କରାଯାଇଥିଲା। ସମିତିର ମୁଖ୍ୟ ନେପାଳେଶ୍ୱର ନନ୍ଦ ମୁକ୍ତେଶ୍ୱର ଓ ରାଜରାଜେଶ୍ୱରୀ ମନ୍ଦିରର ଇତିହାସ ସହିତ ଶିବ ପଞ୍ଚାକ୍ଷରୀ ମନ୍ତ୍ରର ପ୍ରଚାର ଏବଂ ଭୋଲାନାଥଙ୍କୁ ମାଦକ ଦ୍ରବ୍ୟ ଭୋଗ ଅର୍ପଣ ପ୍ରଥା ବିରୋଧରେ ସେମାନଙ୍କ ସାମାଜିକ ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ଓ ଜଗତ କଲ୍ୟାଣ କାମନାରେ ବିଶେଷ ପୂଜା ଏବଂ ସାମୂହିକ ଆଳତି ଅନୁଷ୍ଠିତ ହୋଇଥିଲା।

ଗାନ୍ଧୀ ସ୍ମୃତି ପାଠାଗାରରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ପାଠାଗାରର ସଭାପତି ଅରୁଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ରବିନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ବିଶିଷ୍ଟ ସାହିତ୍ୟିକ ମନୋରଞ୍ଜନ ସାହୁ ଗାନ୍ଧୀ ସ୍ମୃତି ପାଠାଗାରର ଇତିହାସ, ବରଗଡ଼ ପୁସ୍ତକ ମେଳାର ବିକାଶ ଓ ପାଠାଗାର ପ୍ରକାଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ତ୍ରିଲୋଚନ ପ୍ରଧାନ ବରଗଡ଼ ଐତିହ ପଦଯାତ୍ରାର ଉଦ୍ଦେଶ୍ୟ ଓ ସମସାମୟିକ ପ୍ରାସଙ୍ଗିକତା ବ୍ୟାଖ୍ୟା କରିଥିବାବେଳେ ବିଶିଷ୍ଟ ଗବେଷକ ଡ. ଜଗଦୀଶ ମିଶ୍ର ପୂର୍ବ ପଦଯାତ୍ରାର ଅନୁଭୂତି ବର୍ଣ୍ଣନା କରି କହିଥିଲେ ଯେ, ଏହି ପଦଯାତ୍ରାରେ ସଂଗୃହୀତ ତଥ୍ୟ ବରଗଡ଼ର ଇତିହାସ ଗବେଷଣାକୁ ନୂଆ ଦିଗ ଦେବ। ଏହି ଅବସରରେ ତାଙ୍କ ରଚିତ ବରଗଡ଼ ଇତିହାସ ପୁସ୍ତକକୁ ଗାନ୍ଧୀ ସ୍ମୃତି ପାଠାଗାରକୁ ଅର୍ପଣ କରାଯାଇଥିଲା। ଜୟପ୍ରକାଶ ଶତପଥୀ, ସୁକୁମାର ବାବୁ, ଡ. ରବିନାରାୟଣ ସାହୁ, ଡ. ସତ୍ୟକେତନ ମହାନ୍ତି, ଲିଟୁ ମହାନ୍ତି, ଲଳିତ ମୋହନ ମେହେର, ମନୋଜ ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଆବାହକ ସୁରେନ୍ଦ୍ର ହୋତା ଧନ୍ୟବାଦ ଜ୍ଞାପନ କରି ଆଗାମୀ ଐତିହ ପଦଯାତ୍ରାରେ ଅଧିକରୁ ଅଧିକ ଜ୍ଞାନପିପାସୁଙ୍କୁ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ।



## ଗୋଡ଼ଭାଗାରେ ଚାରା ରୋପଣ କାର୍ଯ୍ୟକ୍ରମ



**ବରଗଡ଼, ୨୮।୬(ସମିସ):** ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ଗଠନର ଲକ୍ଷ୍ୟ ନେଇ ସମ୍ବଲପୁର-ବରଗଡ଼ ଟୋଲୱେ ଲିମିଟେଡ୍ ପକ୍ଷରୁ ଗୋଡଭାଗା ଅଞ୍ଚଳରେ ଏକ ବିଶାଳ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ‘ଏକ ପେଡ୍ ମା କେ ନାମ’ ଅଭିଯାନ ଅଧୀନରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ଅମିତ କୁମାର ଗୁପ୍ତା, କୃଷି ଅଧିକାରୀ ବହ୍ନିଦୂତ୍ୟ ସାହୁ, ସମ୍ବଲପୁର-ବରଗଡ଼ ଟୋଲୱେ ଲିମିଟେଡ୍‌ର ପ୍ରକଳ୍ପ ମୁଖ୍ୟ ଜି. କ୍ରାନ୍ତି କୁମାର, ସଂଯୋଗ ଅଧିକାରୀ ସୁଭାଷ ବାରିକ, ରକ୍ଷଣାବେକ୍ଷଣ ମୁଖ୍ୟ ଉମାକାନ୍ତ ବାରିକ, ପ୍ଲାଜା ପରିଚାଳକ ରମେଶ ବୋରକର, ଏଚ୍‌ଆର୍ ଅଧିକାରୀ ଅକ୍ଷୟ କୁମାର ସାହୁ, ସୁରକ୍ଷା ଅଧିକାରୀ ଖ୍ରୋଦେ କୁମାର ସାହୁଙ୍କ ସହ ଅନ୍ୟାନ୍ୟ କର୍ମଚାରୀ, ଇଞ୍ଜିନିୟର ଓ ପାଟ୍ରୋଲିଂ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ଓ ଅଧିକାରୀମାନେ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଭିଯାନ ଅଧୀନରେ ବହୁ ସଂଖ୍ୟକ ଫଳଦାୟକ ଓ ଛାୟା ପ୍ରଦାନକାରୀ ଚାରା ରୋପଣ କରାଯାଇଥିଲା।

### ପଦ୍ମପୁର ଭେଡେଁରିଆ ଛକ ଟ୍ରାଫିକ ପୁନଃ ଚାଲୁ ଦାବି

## ବେପରୁଆ ଗାଡ଼ି ଚାଳନା ଉପରେ ଲଗାମ୍ ଲାଗୁନି

**ପଦ୍ମପୁର, ୨୮ ।୬ (ସମିସ):** ପଦ୍ମପୁର ସହରର ବ୍ୟସ୍ତବହୁଳ ଭେଡେଁରିଆ ଛକରେ ଦୀର୍ଘ ଦିନ ହେବ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ନିଷ୍କ୍ରିୟ ହୋଇ ପଡ଼ିଛି। ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର୍ ଧରିଛି। ଏହା ସହ ସହରର ଅନ୍ୟତମ ଜନଗହଳିପୂର୍ଣ୍ଣ ସ୍ଥାନ ବଡ଼ବନ୍ଧ ଓ ଆଖପାଖ ଅଞ୍ଚଳରେ ଦ୍ରୁତ ଏବଂ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦିନକୁ ଦିନ ବଢ଼ୁଥିବା ଦୁର୍ଘଟଣା ଉପରେ ରୋକ୍ ଲଗାଇବାକୁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଭେଡେଁରିଆ ଛକ ସହରର ଏକ ମୁଖ୍ୟ ସଂଯୋଗସ୍ଥଳ ହୋଇଥିବାରୁ ଏଠାରେ ଦୈନିକ ହଜାର ହଜାର ଯାନବାହନ ସହିତ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଓ ପଥଚାରୀ ଯାତାୟାତ କରିଥାନ୍ତି; ମାତ୍ର ଏଠାରେ ନିୟମିତ ଟ୍ରାଫିକ ପୁଲିସ ନିୟୋଜିତ ନ ହେବା କାରଣରୁ ପ୍ରତିଦିନ ଅସ୍ୱାଭାବିକ ଟ୍ରାଫିକ ଜାମ୍ ସମସ୍ୟା ସୃଷ୍ଟି ହେଉଛି। ଏହାଫଳରେ ଜରୁରୀକାଳୀନ ସେବା ଯେପରିକି ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ମଧ୍ୟ ଏହି ଜାମ୍‌ରେ ଫସି ରହୁଥିବା ଦେଖିବାକୁ ମିଳୁଛି। ତେଣୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ଟ୍ରାଫିକ ବ୍ୟବସ୍ଥା ଚାଲୁ କରିବାକୁ ସାଧାରଣରେ ଦାବି ହୋଇଛି। ବଡ଼ବନ୍ଧ ଅଞ୍ଚଳରେ ବେପରୁଆ ବାଇକ୍ ଚାଳକଙ୍କ ଆତଙ୍କ ସେହିପରି ସହରର ଅନ୍ୟତମ ବ୍ୟସ୍ତବହୁଳ ରାସ୍ତା ବଡ଼ବନ୍ଧ ଏବଂ ଏହାର ଆଖପାଖ ଗହଳି ସ୍ଥାନଗୁଡ଼ିକରେ କେତେକ ଅମାନିଆ ଓ ଦ୍ରୁତଗାମୀ ବାଇକ୍ ଚାଳକଙ୍କ ଯୋଗୁଁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବିଶେଷ କରି ସଞ୍ଜ ନ ହେଉଣୁ କିଛି ଯୁବକ ଦ୍ରୁତ ଏବଂ ବେପରୁଆ ଭାବେ ଗାଡ଼ି ଚଳାଉଥିବାରୁ ଛୋଟ ପିଲା ଓ ବୃଦ୍ଧବୃଦ୍ଧା ରାସ୍ତା ପାର ହେବା ସମୟରେ ଅତିଷ୍ଠ ହୋଇପଡୁଛନ୍ତି। ଏହି ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ପ୍ରଶାସନ ପକ୍ଷରୁ ସ୍ପିଡ୍ ବ୍ରେକର (ଗତିରୋଧକ) ନିର୍ମାଣ କରିବା ସହ ପୁଲିସ ପକ୍ଷରୁ କଡ଼ା ପାଟ୍ରୋଲିଂ ଓ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରିବା ପାଇଁ ଦାବି କରାଯାଇଛି। ଭେଡେଁରିଆ ଛକରେ ଟ୍ରାଫିକ ସିଗନାଲ ଚାଲୁ ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବେପରୁଆ ଗାଡ଼ି ଚାଳନା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ଗୋପବନ୍ଧୁ ସେବା ସଦନର ନୂତନ କମିଟି ଗଠିତ

**ଗାଇସିଲଟ, ୨୮।୬(ସମିସ):** ବରଗଡ଼ ଜିଲ୍ଲା ଗାଇସିଲଟ ବ୍ଲକର ଜେନକେଡା ସ୍ଥିତ ଗୋପବନ୍ଧୁ ସେବାସଦନର ନୂତନ କମିଟି ଗଠିତ ହୋଇଯାଇଛି। ଏହି ଉଦ୍ଦେଶ୍ୟରେ ଆଗତ ବୈଠକରେ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ସଭାପତି ଭାବରେ କଟାବାହାଲ ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ପ୍ରଧାନ ସଭାପତିତ୍ୱ କରିଥିଲେ। ଆଲୋଚନା କ୍ରମରେ ୩୬ ବର୍ଷର ଏହି ଅନୁଷ୍ଠାନ ଦୃଷ୍ଟିବାଧିତ, ଶ୍ରବଣବାଧିତ ଓ ଅନାଥ ପିଲାଙ୍କ ଆଶ୍ରୟ ସ୍ଥଳି ଓ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ରଖିଛି। ଏହାର ଉନ୍ନତି ନିମନ୍ତେ ସମର୍ପିତ ମନୋଭାବ ପୋଷଣ କରିବା ନିମନ୍ତେ ମତ ପ୍ରକାଶ ପାଇଥିଲା। ସର୍ବ ସମ୍ମତି କ୍ରମେ ଅନାଥ ବିଭାଗରେ ପରିଚାଳନା କମିଟିରେ ଚୈତନ୍ୟ ସାହୁ ସଭାପତି, ନୀଳକଣ୍ଠ ସାହୁ ଉପ ସଭାପତି, ସମ୍ପାଦକ ଭାବରେ ବିପିନ ବିହାରି ସାହୁ, ସହ ସମ୍ପାଦକ ଭାବରେ ଅଲେଖ ଚୈତନ୍ୟ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବରେ ଭାଗିରଥି କନ୍ଧ ମନୋନିତ ହୋଇଥିଲେ। ସଦସ୍ୟ ଭାବରେ ତେଜରାଜ ସାହୁ, ଘନଶ୍ୟାମ ସାହୁ, ବିନାୟକ ପ୍ରସାଦ ଗୁରୁ, ଲୁଚେନ୍ଦ୍ର ସାହୁ, ଗିରିଧାରି ସାହୁ, ସୁବ୍ରତ ସାହୁ, ବିରେନ ପଧାନ, ଫୁଲମତି ସାହୁ, ସରୋଜ ପଟେଲ ଓ ବିଦ୍ୟାଧର ସାହୁ ମନୋନିତ ହୋଇଥିଲେ। ଉଭୟ ବିଭାଗରେ ସମନ୍ୱୟ ନିମନ୍ତେ ଏକ ସମନ୍ୱୟ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବରେ ସରୋଜ ଶ୍ରୀଭୂଷଣ ସାହୁ, ନାରଦ କୁମାର ବରିହା ଉପ ସଭାପତି, ସମ୍ପାଦକ ଭାବରେ ରଞ୍ଜନ କୁମାର ପଣ୍ଡା, ଇନ୍ଦ୍ରମଣି ପଧାନ ସହ ସମ୍ପାଦକ ସଦସ୍ୟ ଭାବରେ ପ୍ରଣୟ କୁମାର ସାହୁ, ଧନେଶ୍ୱର ମେଜେର, ଯୁବରାଜ ପଧାନ, ବୀରେନ୍ଦ୍ର ମହାପାତ୍ର, ଦିବାକର ମେହେର ଓ ସୁରେଶ ଭୋଇ ମନୋନିତ ହୋଇଥିଲେ। ପରିଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

### ■ ପ୍ରସ୍ତାବିତ ରାୟପୁର-ସମ୍ବଲପୁର ନୂତନ ରେଲଲାଇନ ପ୍ରକଳ୍ପ

## ସ୍ୱୀକୃତି ପାଇଁ ଉପ ମୁଖ୍ୟ ଅଭିୟନ୍ତାଙ୍କୁ ଭେଟିଲେ ଛତିଶଗଡ଼ ପ୍ରତିନିଧିମଣ୍ଡଳୀ

**ସୋହେଲା, ୨୮।୬(ସମିସ):** ସମ୍ବଲପୁରରୁ ଛତିଶଗଡ଼ ରାୟପୁର ପର୍ଯ୍ୟନ୍ତ ପ୍ରସ୍ତାବିତ ୨୭୦ କିଲୋମିଟର ନୂତନ ରେଲଲାଇନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଛତିଶଗଡ଼ ମହାସମୁନ୍ଦ ସାଂସଦଙ୍କ ପ୍ରତିନିଧି ମଣ୍ଡଳ ସମ୍ବଲପୁର ପୂର୍ବତଟ ରେଳବାଇ ଉପମୁଖ୍ୟ ଅଭିୟନ୍ତା(ନିର୍ମାଣ)ଙ୍କୁ ସାକ୍ଷାତ କରି ଏହି ପ୍ରକଳ୍ପର ଅନୁମୋଦନ ନେଇ ଆଲୋଚନା କରିଥିଲେ।

ପ୍ରକାଶ ଥାଉ କି, ଓଡ଼ିଶା ଏବଂ ଛତିଶଗଡ଼ ରାଜ୍ୟକୁ ଯୋଡିବା ପାଇଁ ପ୍ରସ୍ତାବିତ ସମ୍ବଲପୁର ରାୟପୁର ୨୭୦ କିଲୋମିଟର ନୂତନ ରେଳ ଲାଇନ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ହୋଇ ବର୍ତ୍ତମାନ ଜୋନାଲ୍ ସ୍ତରରେ ଅନୁମୋଦନ ଅପେକ୍ଷାରେ ରହିଛି। ଏହି ପରିପ୍ରେକ୍ଷୀରେ ଗତ ୨୪ ତାରିଖ ମହାସମୁନ୍ଦ ସାଂସଦ ରୂପକୁମାରୀ ଚୌଧୁରୀଙ୍କ ଦ୍ୱାରା ଅଧିକୃତ ପ୍ରତିନିଧି ସୁନୀଲ କୁମାର ଅଗ୍ରୱାଲ, ତିଳକ ପ୍ରସାଦ ସାହୁ ଏବଂ ବିବେକ କର ପୂର୍ବତଟ ରେଳବାଇ, ସମ୍ବଲପୁରର ଉପ-ମୁଖ୍ୟ ଅଭିୟନ୍ତା ନିର୍ମାଣଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀ ଉକ୍ତ ପ୍ରକଳ୍ପର ଗୁରୁତ୍ୱକୁ ଉଲ୍ଲେଖ କରି, ଏହାକୁ ଶୀଘ୍ର ଜୋନାଲ୍ ସ୍ତରରେ ଅନୁମୋଦନ କରି ରେଳ ବୋର୍ଡକୁ ପ୍ରେରଣ କରିବାକୁ ଅନୁରୋଧ କରିଥିଲେ।



ଏହି ପ୍ରତିନିଧିମଣ୍ଡଳୀ ରେଳ ଅଧିକାରୀମାନଙ୍କ ସମ୍ମୁଖରେ ଏହି ପ୍ରକଳ୍ପର ଆର୍ଥିକ, ସାମାଜିକ ଏବଂ ଆଞ୍ଚଳିକ ଗୁରୁତ୍ୱକୁ ସ୍ପଷ୍ଟ ଭାବେ ଉପସ୍ଥାପନ କରି ଏହି ନୂତନ ରେଲଲାଇନ ନିର୍ମାଣ ଦ୍ୱାରା ଛତିଶଗଡ଼ ରାଜ୍ୟ ରାୟପୁର, ମହାସମୁନ୍ଦ, ସରାଇପାଲି, ବସନା, ପିଥୋରା, ଆରଙ୍ଗ ସହିତ ପଶ୍ଚିମ ଓଡ଼ିଶାର ସମ୍ବଲପୁର ବରଗଡ଼ ଏବଂ ସୋହେଲା ମଧ୍ୟରେ ରେଳ ସଂଯୋଗ ହେବା ସହିତ ଉଭୟ ରାଜ୍ୟ ମଧ୍ୟରେ ବ୍ୟବସାୟ, ଶିଳ୍ପ, ଶିକ୍ଷା, ଚିକିତ୍ସା, ଯାତାୟାତ ଏବଂ ଗମନାଗମନରେ ସହାୟକ ହେବା ସହିତ ଅଞ୍ଚଳର ବିକାଶକୁ ନୂତନ ଦିଗ ଓ ଗତି ମିଳିବ। ରେଳ ଅଧିକାରୀମାନେ ପ୍ରତିନିଧିମଣ୍ଡଳୀର ମତାମତକୁ ଶୁଣି ପ୍ରକଳ୍ପ ସମ୍ପର୍କରେ ସକାରାତ୍ମକ ଆଶ୍ୱାସନା ଦେଇଥିଲେ।

## ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ନୂତନ କମିଟି ଘୋଷିତ

**ବରଗଡ଼, ୨୮।୬(ସମିସ):** ବରଗଡ଼ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ୩୪ ଜଣିଆ ନୂତନ ଜିଲ୍ଲା କମିଟି ଗଠିତ ହୋଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶ ମୋହନ ପାଢ଼ୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଅନୁମୋଦନ ଓ ସୁପାରିଶ କ୍ରମେ କମିଟି ଗଠନ ହୋଇଥିବା ବେଳେ ସଭାପତି ସୁରେନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ କମିଟି ଗଠନ କରାଯାଇ ନାମ ଘୋଷଣା କରାଯାଇଛି। ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାବେ ସୁରେନ୍ଦ୍ର ପାତ୍ର, ଉପସଭାପତି ପ୍ରଦୀପ ପଧାନ, ପ୍ରହଲ୍ଲାଦ ଖମାରୀ, ଅରୁଣ କର୍ମୀ, ନିରଞ୍ଜନ ବେହେରା, ସଖୀ ବରିହା, ଅଚ୍ୟୁତାନନ୍ଦ ବାରିକ, ସାଧାରଣ ସମ୍ପାଦକ ବିରେନ୍ଦ୍ର ବିଶ୍ୱାଳ, ଝସକେତନ ପଧାନ, ସମ୍ପାଦକ ପାରେଶ୍ୱର ସାହୁ, ଦେବେନ୍ଦ୍ର ପାତ୍ର, ମଦନ ମୋହନ ପଟେଲ, କେଦାର ମେହେର, ସରୋଜ ବାରିକ, ହୃଷୀକେଶ ଭୋଇ, କୋଷାଧ୍ୟକ୍ଷ ଅଲୁରୀ ଶୁଭରାଜୁ, ସୋସିଆଲ ମିଡିଆ ସେଲ ସଂଯୋଜକ ତ୍ରିବିକ୍ରମ ଦାସ, ସହ ସୋସିଆଲ ମିଡିଆ ସେଲ ସଂଯୋଜକ ପାଣ୍ଡବ ପଧାନ, ଜିଲ୍ଲା ମିଡିଆ ସେଲ ସଂଯୋଜକ ସୁଶାନ୍ତ ସାହୁ ପ୍ରମୁଖ ମନୋନୀତ ହୋଇଥିବା ବେଳେ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ରବି କର୍ତ୍ତି, ଗୁରୁଦେବ ଦାସ, ଯୋଗେନ୍ଦ୍ର ଭୋଇ, ବିରେନ୍ଦ୍ର ହୋତା, ବିପିନ ସାହୁ, ସୁରୁ ବରିହା, ଜୟ କୁମାର ମେହେର, ରବୀନ୍ଦ୍ର ପଧାନ, ଦୁର୍ଯ୍ୟୋଧନ ସାହୁ, ଅଚ୍ୟୁତ ଦେହେରୀ, ଆନନ୍ଦ ସାହା, ତୁଳସୀ ପଧାନ, ରବୀନ୍ଦ୍ର ବାଗ, ଶିଶୁପାଳ ପଧାନ, ସଂକୀର୍ତ୍ତନ ପଧାନ ମନୋନୀତ ହୋଇଛନ୍ତି।

### ଗୁରୁ ଭଗବାନ ସାହୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

## ବହୁ ପ୍ରତିଭା ସମ୍ମାନିତ, କବିତା ପାଠୋତ୍ସବ

**ବରଗଡ଼, ୨୮।୬(ସମିସ)**

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜୟନ୍ତୀ ମହୋତ୍ସବ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲ୍‌ଠାରେ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସମୟରେ ମନ୍ତ୍ର ପାଠ ଏବଂ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଜୟଶ୍ରୀ ପଣ୍ଡା, ଅତିଥି ପରିଚୟ ପ୍ରଦାନ କରିଥିଲେ ସର୍ଦ୍ଦାର ପ୍ରିତମ ସିଂ। ସଭାପତି ଦଧିବାବନ ଶତପଥୀଙ୍କ ଦ୍ୱାରା ସ୍ୱାଗତ ଭାଷଣ ଏବଂ ତାଙ୍କ ସଭାପତିତ୍ୱରେ, ସମ୍ପାଦକ ତୁଳସୀ ଚରଣ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଗଠନ ସମ୍ପାଦକ ପ୍ରଦୀପ ଦେବତାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସମ୍ମାନିତ ଅତିଥି ପୌରପାଳିକା ଅଧ୍ୟକ୍ଷା କଳ୍ପନା ମାଝୀ ଏବଂ ମୁଖ୍ୟବକ୍ତା ଭାବେ କବି ତଥା ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ହୋତା ଗୁରୁ ଭଗବାନ ସାହୁଙ୍କ ସାରା ଜୀବନ ତ୍ୟାଗ ଅବଦାନ ଏବଂ ବଳିଦାନ ଉପରେ ଆଲୋକପାତ କରିଥିଲେ। ପରାମର୍ଶଦାତା ଯୁଗଳ ପ୍ରସାଦ ସିଂ ସ୍ମୃତି କମିଟିର ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ଆନ୍ତର୍ଜାତିୟ ସଞ୍ଚାର ଗାୟକ ବାହାକ



ଅଲେଖ ସାହୁ ଓ ଦଣ୍ଡନୃତ୍ୟ ଗୁରୁ ବିଶ୍ୱମ୍ବର ଷାଣ୍ଡ (ଟିହା)ଙ୍କୁ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ଭବାନିଶ ଭୋଇ ଓ ରଞ୍ଜନ କୁମାର ପଣ୍ଡା, ଗୁରୁ ଭଗବାନ ସାହୁଙ୍କ ସ୍ମୃତି ରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା ଇବ୍ ସାହିତ୍ୟ ପରିବାର ସୁନ୍ଦରଗଡ଼, ସୁବର୍ଣ୍ଣ ସ୍ମୃତି ସଂସଦ ଜମନକିରା, ଗୁରୁ ଭଜମନ ଦାସ କଳା ପରିଷଦ କୁଟାସିଂହା ବଲାଙ୍ଗିର, ମାଁ ଚରଦେଇ ଲୋକ ମହୋତ୍ସବ କମିଟି ବିନିକା, ଗୁରୁ ଭଗବାନ ସାହୁ କଳା ନିକେତନ ବଲାଙ୍ଗିର, ଜନ କଲ୍ୟାଣ କୁଳିତା ସମାଜ ଅତାବିରା ସଚେତନ ହେମା ଢୋଲବନ୍ଧ ପଦ୍ମପୁର, ଆମର୍ ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନ ପଦ୍ମପୁରକୁ ସମ୍ମାନିତ କରାଯାଇଥିଲା। ଗୁରୁ ଭଗବାନ ସାହୁଙ୍କ ପ୍ରଚାର ପ୍ରସାର କରିଆସୁଥିବା ସାମ୍ବାଦିକ ସୁନିଲ ମିଶ୍ର ବଲାଙ୍ଗିର, ନିରଞ୍ଜନ ତ୍ରିପାଠୀ ପାଇକମାଲ ବ୍ଲକ, ସୁଦୀପ୍ତ ଷଡ଼ଙ୍ଗୀ, ସକାଳ ଖବରକାଗଜ ଜିଲ୍ଲା ପ୍ରତିନିଧି ସରୋଜ ଷଡ଼ଙ୍ଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କବୟିତ୍ରୀ ଜିବେଶ୍ୱରୀ ପଟେଲଙ୍କ କବିତା ପୁସ୍ତକ ‘ଅକ୍ଷର’ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭା ପ୍ରାରମ୍ଭରେ ଦଧିବାବନ ଶତପଥୀ ଓ ନିସାର ଅହମଦ ନିସାର ସଙ୍ଗୀତ ପରିବେଷଣ କରିଥିଲେ। କୁନି ଝିଅ ଅଦ୍ୱିକା ପଟ୍ଟନାୟକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ ସୁଶାନ୍ତ ମିଶ୍ର।

ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁ ଭଗବାନ ସାହୁଙ୍କ ଉପରେ ରାଜ୍ୟସ୍ତରୀୟ କବିତା ଆସର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଯୋଗଦେଇଥିଲେ ଭାଗବତ ପଧାନ, ଉତ୍ପନ୍ନ କୁମାର ଭୋଇ, ଭବନିଶ ଭୋଇ, କମଳ ଲୋଚନ ପଣ୍ଡା, ଅମୂଲ୍ୟ ବେହେରା, ବିପ୍ର ଚରଣ ସାହୁ, ଭିକାରୀ ଚରଣ ପ୍ରଧାନ, ଡ଼. ସଙ୍ଗୀତା ପଣ୍ଡା ଏବଂ ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କବି କବୟିତ୍ରୀମାନେ କବିତା ପାଠ କରିଥିଲେ। କବୟିତ୍ରୀ ସୁଷମା ପଟେଲ, ନିତମ୍ବିନୀ କର, ଉଦ୍ଧବ ବାରିକ, ଟିକେଲାଲ ରାଉତ ସମେତ ଅନେକ କବି କବୟିତ୍ରୀ କବିତା ପାଠ କରିଥିଲେ,। ସମସ୍ତଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡଃ ସଙ୍ଗୀତା ଷଡ଼ଙ୍ଗୀ।

## ସଂସ୍କାର ଭାରତୀ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଥମ ସମିତି ଗଠନ



**ବରଗଡ଼, ୨୮।୬(ସମିସ):** ଉତ୍କଳ ପଶ୍ଚିମ ପ୍ରାନ୍ତ ତରଫରୁ ବରଗଡ଼ ଜିଲ୍ଲାସ୍ତରୀୟ ଏକ ସାଧାରଣ ସଭା ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ଠାରେ ଆଜି ସକାଳ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍କାର ଭାରତୀର ପଶ୍ଚିମ ପ୍ରାନ୍ତୀୟ କର୍ମକର୍ତ୍ତାମାନେ ଯୋଗଦାନ କରି ଜିଲ୍ଲା ସମିତିକୁ ଅନୁମୋଦନ କରିଥିଲେ। ଏହି କମିଟିରେ ୬ଟି ବ୍ଲକରୁ ବିଭିନ୍ନ କଳା କ୍ଷେତ୍ରରେ ନୈପୁଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ।

କମିଟି ଗଠନରେ ଯେଉଁମାନେ ମନୋନୀତ ହେଲେ ସେମାନେ ହେଲେ ଜିଲ୍ଲା ସଭାପତି ସର୍ବଶ୍ରୀ ନବକିଶୋର ମହଉମ, ସାଧାରଣ ସମ୍ପାଦକ ଧର୍ମରାଜ ପ୍ରଧାନ, ବିଭାଗୀୟ ସଭାପତି ମଞ୍ଚ କଳାରେ ଅଶୋକ କୁମାର ବେହେରା, ଦୃଶ୍ୟ କଳାରେ ଦୁଃଖୀସେବକ ସାହୁ, ଲୋକକଳାରେ ଶଙ୍କର ପଟ୍ଟନାୟକ, ଐତିହ୍ୟ କଳାରେ ପର୍ଶୁରାମ ପାତ୍ର, ସାହିତ୍ୟରେ ଡ. ଶେଷାନ ବିଶି, ବିଭାଗୀୟ ସମ୍ପାଦକ ଭାବେ ମଞ୍ଚ କଳାରେ ପଞ୍ଚାନନ ବିର୍ତ୍ତିଆ, ଦୃଶ୍ୟ କଳାରେ ବିନୋଦ ସାହୁ, ଲୋକକଳାରେ ସୁଗ୍ରୀବ ବିଶି, ସାହିତ୍ୟରେ ତେଜରୁ ବାରିକ, କଳା ସଂଯୋଜକ ଭାବରେ ମଞ୍ଚ କଳା ପାଇଁ କେତନ ବଘାର, ଦୃଶ୍ୟ କଳା ପାଇଁ ଚନ୍ଦ୍ରଶେଖର ରାଉତ, ଲୋକକଳା ପାଇଁ ସମୀର ମେହେର, ସାହିତ୍ୟ ପାଇଁ ଉମେଶ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ଚନ୍ଦ୍ରକାନ୍ତ ସାହୁ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ପଶ୍ଚିମ ପ୍ରାନ୍ତୀୟ ଅଧ୍ୟକ୍ଷ ହରେକୃଷ୍ଣ ଭୋଇ, ପ୍ରାନ୍ତ ସାଧାରଣ ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ନେଗୀ, ଲୋକକଳା ସଂଯୋଜକ ରଞ୍ଜନ ସାହୁ, ଦୃଶ୍ୟ କଳା ସଂଯୋଜକ ପଞ୍ଚାନନ ବାରିକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପରବର୍ତ୍ତୀ ସମୟରେ ସଭ୍ୟ ସଂଗ୍ରହ ଓ ନଗର ସମିତି ଗଠନ ନିମନ୍ତେ ଜିଲ୍ଲା ସମିତିକୁ ପ୍ରାନ୍ତୀୟ ସମିତି ଦାୟିତ୍ୱ ପ୍ରଦାନ କରିଥିଲେ। ଏହାକୁ ଧର୍ମରାଜ ପ୍ରଧାନ ସଂଯୋଜନା କରିଥିବା ବେଳେ ନବକିଶୋର ମହଉମ ଧନ୍ୟବାଦ ଅର୍ପଣ କରିଥିଲେ।